
ଉତ୍କଳ ପ୍ରସଙ୍ଗ

Licence No. C.R.N.P. 5—Licensed to post without Pre-payment . No.O-05/92




ସୂଚନା ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ 'ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ପ୍ରଦର୍ଶନୀକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ବୁଲି ଦେଖୁଛନ୍ତି (୯/୮)।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୯୨ ସ୍ୱାଧୀନତା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି (୧୫/୮)।

AT ORISSA GOVERNMENT PRESS, CUTTACK-10



ଭାରତ ଛାଡ଼ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଐତିହାସିକ ସ୍ୱରାଜ୍ୟ ଆଶ୍ରମଠାରେ ଜାତୀୟ ପତାକା ଉତ୍ତୋଳନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।



ରେଢ଼ାଖୋଲ ମହାବିଦ୍ୟାଳୟ ପରିସର ମଧ୍ୟରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ସନ୍ଥକବି ଭୀମଭୋଇଙ୍କ ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରୁଛନ୍ତି । ଏହି ଉତ୍ସବରେ ପେନ୍‌ସନ୍ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ପାଟ୍ଟଶାଣୀ ଓ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ମହାନନ୍ଦ ଯୋଗଦାନ କରିଛନ୍ତି ।

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୩ୟ ସଂଖ୍ୟା ଆଶ୍ୱିନ ୧୯୧୪ ଶକାବ୍ଦ ଅକ୍ଟୋବର ୧୯୯୨

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ କାଳୀ କୁମାର ରଥ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାଢ଼ୀ**

ପ୍ରଚ୍ଛଦପଟ : ଆଶିଷ କୁମାର ପାଣ୍ଡେ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ଖବର ସମ୍ପର୍କିତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ। ଏହା ବ୍ୟତୀତ ଅନେକ ବିଶିଷ୍ଟ ଚିନ୍ତାଶୀଳ ଆଲୋଚନା ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ। ସେଗୁଡ଼ିକ ବିଷୟବସ୍ତୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ବିଚାରଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ।

# ସୂଚୀ


ଶକ୍ତିର ସାର୍ଥକତା • ଶ୍ରୀ ଅଚ୍ୟୁତାନନ୍ଦ କର ୧
ଶକ୍ତିମୟୀ ଦୁର୍ଗାଙ୍କ ଦ୍ୱାଦଶ ଯାତ୍ରା • ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ୪
ଶବ୍ଦ ବ୍ରହ୍ମମୟୀ ଦେବୀ ଓ ତନ୍ତ୍ର ଶାସ୍ତ୍ରରେ କଳାତତ୍ତ୍ୱ • ଶ୍ରୀ ଉପେନ୍ଦ୍ରନାଥ ହୋତା ୬
ଓଡ଼ିଶାରେ ଶକ୍ତି ପୂଜା • ସୁପ୍ରିୟା ମଲିକ୍ ୮
ମହାଶକ୍ତି ଦୁର୍ଗା • ଅଧ୍ୟାପକ ବିକ୍ରମ କେଶରୀ ବର୍ମା ୧୦
କବି ଦୃଷ୍ଟିରେ ଶ୍ରୀଗୁଣ୍ଡିଚା ଯାତ୍ରାକାଳୀନ ଜଗନ୍ନାଥଙ୍କ ରୂପ ଶୋଭା • ଡଃ ଉମେଶ ଚନ୍ଦ୍ର ଡିମ୍ବରା ୧୧
ଅଭିପ୍ସା • ଡଃ ବୀଣାପାଣି ସିଂହ ୧୪
ବିଜ୍ଞାନ କ୍ଷେତ୍ରରେ ବାସ୍ତବ ଶକ୍ତିର ଭୂମିକା • ପଣ୍ଡିତ ରମାକାନ୍ତ କର ୧୫
ରୋଗ ନିରାକରଣରେ ମହାପ୍ରସାଦ ସେବନ • ଇଂ ଲକ୍ଷ୍ମୀନାରାୟଣ ରାଉତରାୟ ୧୬
ଓଡ଼ିଶାରେ ଗ୍ରାମ୍ୟ ଉନ୍ନୟନ .. ୨୦
ଚାଷୀର ସେବାରେ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର • ଡଃ ନିମାଇଁ ଚରଣ ମିଶ୍ର ୨୨
ଘୁମୁସର–ଉଦୟଗିରି
କୃଷି ଉତ୍ପାଦନ ବୃଦ୍ଧିରେ ଗୋ–ପାଳନର ଭୂମିକା • ଶ୍ରୀ ଗୋକୁଳ ଚନ୍ଦ୍ର ପତି ୨୪
ପ୍ରଗତି ପଥେ ବଲାଙ୍ଗୀର ଜିଲ୍ଲା .. ୨୬
ପ୍ରଗତିର ସ୍ରୋତରେ ଓଡ଼ିଶାର ନାରୀ • ସାବିତ୍ରୀ ପାଢ଼ୀ ୨୯
ପ୍ରଗତି ପଥେ କୋରାପୁଟ ଜିଲ୍ଲା .. ୩୧
ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ ଏକ ସମୀକ୍ଷା • ଶ୍ରୀ ସୁଧାକର କର ୩୬
• ଶ୍ରୀ ଚନ୍ଦ୍ରଶେଖର କର
ସାକ୍ଷରତା ପରବର୍ତ୍ତୀ ଶିକ୍ଷା କାର୍ଯ୍ୟକ୍ରମ • ରବୀନ୍ଦ୍ର କୁମାର ଜେନା ୩୯
ନିଚେଇ ଭାବୁଛି ଆଜି • ବାବାଜୀ ଚରଣ ସ୍ୱାଇଁ ୪୧
ସମ୍ବାଦ ପରିକ୍ରମା .. ୪୨
ନୂଆଖାଇ • ଅବନୀ ଚନ୍ଦ୍ର ଦାସ ୪୮
ଗାନ୍ଧିଜୀଙ୍କ ଦୃଷ୍ଟିରେ ନୈତିକ ସଭ୍ୟତା • ଡଃ ପି: ଶଙ୍କର ନାରାୟଣ ପାତ୍ର ୫୦
ମଧୁବାବୁ ଓ ଓଡ଼ିଆର ସ୍ୱାଭିମାନ • ଅଜିତ କୁମାର ତ୍ରିପାଠୀ ୫୨
ଓଡ଼ିଆ ଗଣ ସାହିତ୍ୟ ଓ କବି ବୈଷ୍ଣବ ପାଣି • ଶ୍ରୀମତୀ ପୁଷ୍ପଲତା ଦାସ ୫୪
ସମାଜ ସୁଧାରକ ପଣ୍ଡିତ ଗୋଦାବରୀଶ • ଡଃ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ୫୬
ପାଠକଙ୍କ କଲମରୁ .. ୫୯

# ସମ୍ପାଦକୀୟ

## ମଙ୍ଗଳମୟୀ ଦୁର୍ଗା

ମହିଷାସୁରଙ୍କୁ ବଧ କରିବା ପାଇଁ ଦେବତାଗଣ ବିଫଳ ହେବା ପରେ ସର୍ବଶକ୍ତିମୟୀ ଦୁର୍ଗା ନିଜେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ମହିଷାସୁରଙ୍କୁ ବଧ କରିଥିଲେ । ସେଥିପାଇଁ ଦୁର୍ଗାଙ୍କ ଅନ୍ୟ ନାମ ମହିଷ ମର୍ଦ୍ଦିନୀ । ତ୍ରେତୟା ଯୁଗରେ ଭଗବାନ ରାମଚନ୍ଦ୍ର ମଧ୍ୟ ଦଶାନନ ରାବଣଙ୍କୁ ବଧ କରିବା ପାଇଁ ଦଶଭୂଜା ଦୁର୍ଗାଙ୍କୁ ପୂଜା ଆରାଧନା କରି ବିଜୟ ଲାଭ କରିଥିଲେ । ଏଥି ପାଇଁ ଏହି ଦଶହରା ଉତ୍ସବକୁ ବିଜୟା ଦଶମୀ ବୋଲି କହିଥାଉ । ଦ୍ୱାପର ଯୁଗରେ ପାପାଚାରୀ କୌରବ କୁଳକୁ ଯୁଦ୍ଧରେ ବିନାଶ କରିବା ପାଇଁ ଅର୍ଜୁନ ମଧ୍ୟ ଦୁର୍ଗାଙ୍କୁ ଆରାଧନା କରିଥିଲେ । ଏଭଳି ବିଭିନ୍ନ ଅସାଧ୍ୟ ଏବଂ ଦୁଃସାଧ୍ୟ କାର୍ଯ୍ୟ ସାଧନ କରି ସାଧୁ, ସନ୍ଥମାନଙ୍କୁ ଦୁଷ୍କୃତମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ ଭଗବାନ ଭିନ୍ନ ଭିନ୍ନ ରୂପରେ ଅବତୀର୍ଣ୍ଣ ହୋଇ ଧର୍ମ ରକ୍ଷା କରିଛନ୍ତି । ସେଥିପାଇଁ ଗୀତାରେ କୁହାଯାଇଛି—


"ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ"

ମହିଷାସୁର, ରାବଣେଶ୍ୱର, କଂସ ଇତ୍ୟାଦିଙ୍କ ଭଳି ଅସୁର ବର୍ତ୍ତମାନ ଯୁଗରେ ଜନ୍ମ ନେଉଥିଲେ ମା' ଦୁର୍ଗା ନିଶ୍ଚିତ ଭାବେ ମହିଷମର୍ଦ୍ଦିନୀ ରୂପରେ ପୁଣି ଥରେ ଆବିର୍ଭାବ ହୁଅନ୍ତେ । କିନ୍ତୁ ବର୍ତ୍ତମାନ ଯୁଗରେ ସେ ସବୁର ଆବଶ୍ୟକତା ନଥିବାରୁ କେବଳ ଧର୍ମରକ୍ଷା ନିମନ୍ତେ ବିଭିନ୍ନ ସ୍ଥାନରେ, ବିଭିନ୍ନ ନାମରେ, ବିଭିନ୍ନ ରୂପରେ ପୂଜା ପାଉଛନ୍ତି । ପୁରୀରେ ବିମଳା, ଝଙ୍କଡ଼ରେ ଶାରଳା, କାକଟପୁରରେ ମଙ୍ଗଳା, ଢେଙ୍କାନାଳରେ ହିଙ୍ଗୁଳା, ବାଙ୍କୀରେ ଚର୍ଚ୍ଚିକା, ଯାଜପୁରରେ ବିରଜା, କଟକରେ କଟକ ଚଣ୍ଡୀ, କୋଣାର୍କରେ ରାମଚଣ୍ଡୀ, ବାଣପୁରରେ ଭଗବତୀ, ଗଞ୍ଜାମ ମନ୍ତ୍ରୀଡିରେ ଭୈରବୀ, ଫୁଲବାଣୀ ବଲସକୁମ୍ପାରେ ବରାଳ ଦେବୀ, ଭଞ୍ଜନଗର କୁଲାଡ଼ରେ ବ୍ୟାଘ୍ର ଦେବୀ, ସମ୍ବଲପୁରରେ ସମଲେଶ୍ୱରୀ, ଭୁବନେଶ୍ୱରରେ ଭୁବନେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ଭବାନୀପାଟଣାରେ ମାଣିକେଶ୍ୱରୀ, ମୟୂରଭଞ୍ଜ ଖିଚିଂରେ କିଚକେଶ୍ୱରୀ, ରାୟଗଡ଼ାରେ ମାଝିଗୌରୀ, କେନ୍ଦୁଝର ଘଟଗାଁରେ ତାରିଣୀ, ପୁରୁଷୋତ୍ତମପୁରରେ ତରାତାରିଣୀ, ଭଦ୍ରକରେ ଭଦ୍ରକାଳୀ, ଭୁଷଣ୍ଡପୁରରେ ଉଗ୍ରତାରା, ସୁନ୍ଦରଗଡ଼ରେ ସମଲାଇ ଇତ୍ୟାଦି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପୂଜା ପାଉଛନ୍ତି ।


ବଳଦେବ ରଥ ଦେବୀଙ୍କ ଆଶୀର୍ବାଦ ଲାଭ କରି କବିସୂର୍ଯ୍ୟ ହୋଇ ପାରିଛନ୍ତି । ଝଙ୍କଡ଼ ଶାରଳାଙ୍କ ଆଶୀର୍ବାଦରୁ ଶୂଦ୍ରମୁନି ଶାରଳା ଦାସ ମହାଭାରତ ରଚନା କରି ଅମର ହୋଇ ପାରିଛନ୍ତି । ଏଭଳି ଅନେକ ଦୃଷ୍ଟାନ୍ତ ରହିଛି । ଦୁଷ୍ଟ ଅସୁରମାନଙ୍କୁ ସଂହାର କରିଥିବା ମା' ଦୁର୍ଗା ବର୍ତ୍ତମାନ ଯୁଗରେ ମଙ୍ଗଳମୟୀ ହୋଇ ଅନେକଙ୍କୁ ଦିବ୍ୟ ଜ୍ଞାନର ଆଲୋକ ଦେଇ ସାଧାରଣ ମଣିଷକୁ ଅସାଧାରଣ କରିଛନ୍ତି । କବିସୂର୍ଯ୍ୟ ଓ ଶାରଳା ଦାସଙ୍କ ଭଳି ଅନେକ ଦୃଷ୍ଟାନ୍ତ ରହିଥିଲେ ହେଁ ସବୁ ତଥ୍ୟ ହୁଏତ ବିସ୍ତୃତ ଭାବେ ଲୋକ ଲୋଚନକୁ ଆସିପାରି ନାହିଁ । ଏହି ସମସ୍ତ ଦେବୀ କୃପା ସମ୍ଭବ ହୋଇ ପାରିଛି କେବଳ ନିଷ୍କପଟ ଭକ୍ତି ଦ୍ୱାରା । ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନେ କଦାପି ଫକୀର ଆଶ୍ରୟ ନେଇ ନଥିଲେ କିମ୍ବା ଆଡ଼ମ୍ବରପୂର୍ଣ୍ଣ ମେଢ଼ ସଜ୍ଜା ଓ ମେଲୋଡ଼ିକୁ ମାଧ୍ୟମ ରୂପେ ବ୍ୟବହାର କରି ନଥିଲେ । ଏକମାତ୍ର ମୂଳ ମନ୍ତ୍ର ଥିଲା ନିଷ୍କପଟ ଭକ୍ତି । ସେଥି ପାଇଁ ସଂସ୍କୃତରେ କୁହାଯାଇଛି—

"ନ ଦେବୋ ବିଦ୍ୟତେ କାଷ୍ଠେ ନ ପାଷାଣେ ନ ମୃଣ୍ମୟେ
ଭାବେ ତିଷ୍ଠନ୍ତି ଦେବତା ତସ୍ମାତ୍ ଭାବ ହି କାରଣମ୍" ।


ଅତଏବ ଆଡ଼ମ୍ବରପୂର୍ଣ୍ଣ ମେଢ଼ ସଜ୍ଜା, ବର୍ଣ୍ଣାଢ୍ୟ ଆଲୋକମାଳା ଓ ପାଶ୍ଚାତ୍ୟ ବାଦ୍ୟରେ ମେଲୋଡ଼ି ପରିବେଷଣରେ ଅଯଥା ଅର୍ଥର ଅପବ୍ୟୟକୁ ବନ୍ଦକରି ଶୁଦ୍ଧ ପୂତ ଚିତ୍ତରେ ନିର୍ମଳ ହୃଦୟରେ ନିଷ୍ଠାର ସହ ଭକ୍ତିପୂର୍ଣ୍ଣ ଭାବରେ ଦେବୀଙ୍କୁ ଆରାଧନା କରି ସମସ୍ତଙ୍କର ମଙ୍ଗଳକାମନା କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେଉ । ମଙ୍ଗଳମୟୀ ଦୁର୍ଗା ଏଥି ପାଇଁ ଆମକୁ ଶକ୍ତି ଓ ଜ୍ଞାନାଲୋକ ବିକୀରଣ କରନ୍ତୁ – ଏହି କାମନା କରି ସର୍ବଶକ୍ତିମୟୀ ଦୁର୍ଗାଙ୍କ ସମର୍ପଣରେ ପ୍ରତିଷ୍ଠିତ ଲେଖକମାନଙ୍କ ଲେଖନୀରୁ କେତୋଟି ପ୍ରବନ୍ଧ ପାଠକ ପାଠିକାଙ୍କ ନିକଟରେ ଅର୍ପଣ କରୁଛୁ । ଉତ୍କଳ ପ୍ରସଙ୍ଗର ଏହି ପୂଜା ବିଶେଷାଙ୍କଟି ଉତ୍କଳ ପ୍ରସଙ୍ଗର ସଶ୍ରଦ୍ଧ ପାଠକ ପାଠିକାମାନଙ୍କ ପାଇଁ ପୂଜା ଉପହାର ହୋଇ ଦିବ୍ୟଜ୍ଞାନର ସନ୍ଧାନ ଦେଉ, ଏହା ହିଁ କାମନା ।



ମହାତ୍ମା ଗାନ୍ଧୀ
Mahatma Gandhi




ଲାଲ ବାହାଦୁର ଶାସ୍ତ୍ରୀ
Lal Bahadur Shastri



ପଣ୍ଡିତ ଗୋଦାବରୀଶ ମିଶ୍ର

Pandit Godavarish Mishra



ଗଣକବି ବୈଷ୍ଣବ ପାଣି

Ganakabi Baishnaba Pani

# ଶକ୍ତିର ସାର୍ଥକତା

**● ପଣ୍ଡିତ ଶ୍ରୀ ଅଚ୍ୟୁତାନନ୍ଦ କର**

ପ୍ରକୃତି-ପୁରୁଷ, ସ୍ଥୂଳ-ସୂକ୍ଷ୍ମ, ନିର୍ଗୁଣ-ସଗୁଣ, ବ୍ରହ୍ମ-ଜୀବ, ବାସ୍ତବ ଓ ମାୟା, ଜଡ଼-ଚେତନ, ଶୂନ୍ୟ-ପୂର୍ଣ୍ଣ, ସାକାର-ନିରାକାର, ନର-ନାରୀ, ଦ୍ୱୈତ-ଅଦ୍ୱୈତ ଇତ୍ୟାଦି ଭିନ୍ନ ପ୍ରକାର ଜାଗତିକ ବିକାଶକୁ ଅବଲୋକନ କଲେ ବିସ୍ମୟାଭିଭୂତ ହେବାକୁ ହୋଇଥାଏ । ତେଣୁ ଏ ବିଶ୍ୱବ୍ରହ୍ମାଣ୍ଡ ଏକ ବିସ୍ମୟ-ବିଶ୍ୱବ୍ରହ୍ମାଣ୍ଡର ଅଲୌକିକ କ୍ରିୟା କଳାପ ହେଉଛି ମହାବିସ୍ମୟର ପଞ୍ଚଚିହ୍ନ । ଏହି ବୁଦ୍ଧ୍ୟାତୀତ ମହାବିସ୍ମୟର ଘଟଣାବଳୀକୁ ଲୀଳା କୁହାଯାଏ । କାହାର ଲୀଳା ଇଏ ; ଏ ଲୀଳା କିପରି ସଙ୍ଘଟିତ ହେଉଛି ସେ ବିଷୟରେ ଯେତେ ଆଲୋଚନା ପର୍ଯ୍ୟାଲୋଚନା କଲେ ମଧ୍ୟ ତାହାର ଆଦିଅନ୍ତ ନିର୍ଦ୍ଧାରଣ ସହଜସାଧ୍ୟ ନୁହେଁ ତେଣୁ ବିଭିନ୍ନ ଦୃଶ୍ୟପଟ୍ଟ ବା ଲୀଳା ମଧ୍ୟରୁ ନିଜ ଜୀବନର ଆନନ୍ଦମୟ ତତ୍ତ୍ୱ ସନ୍ଧାନିବା ପାଇଁ ମାନବ ବହୁ କାଳରୁ ଚେଷ୍ଟା ଚଳାଇ ଆସିଛି ; କିନ୍ତୁ ଆନନ୍ଦର ସ୍ୱରୂପ କଣ ? କେଉଁ ରସତତ୍ତ୍ୱକୁ ରସାଣିତ କରିବା ପାଇଁ ଏ ଆନନ୍ଦର ସନ୍ଧାନ ?

ମୂଳତଃ ଲୀଳା ହିଁ ହେଉଛି ଏହି ଆନନ୍ଦମୟ ତତ୍ତ୍ୱ ବହନକାରୀ ଏକ ମହାପ୍ରବାହ । କେହି କେହି କହନ୍ତି 'ପ୍ରକୃତି' ଦ୍ୱାରା ଏପରି ଲୀଳା ସଙ୍ଘଟିତ ହେଉଛି ଓ ଅନ୍ୟ କେହି କେହି କହନ୍ତି 'ପୁରୁଷ' ଦ୍ୱାରା ଏ ଲୀଳା ପ୍ରକଟିତ ହେଉଅଛି ଉଭୟମତକୁ ଯଦି ଗ୍ରହଣ କରିନିଆଯାଏ ତା'ହେଲେ ପ୍ରକୃତି ଓ ପୁରୁଷ ଏହି ଉଭୟର ସଂଯୋଗରେ ଲୀଳାର ଉନ୍ମେଷ ଘଟିଥାଏ ।

ପ୍ରକୃତି ହେଉଛି ଶକ୍ତି ଓ ପୁରୁଷ ହେଉଛି ଏହି ଶକ୍ତିର ବାହକ ବା ଶକ୍ତିକୁ କ୍ରିୟାଶୀଳ କରାଇବା ଏକ ମାଧ୍ୟମ ବା ଏକ ପରିପ୍ରକାଶ । ଯେପରି ବିଦ୍ୟୁତ୍ ପ୍ରବାହକୁ ଧାତବତାର ମାଧ୍ୟମରେ କ୍ରିୟାଶୀଳ କରାଯାଇ ନାନାପ୍ରକାର ବୈଦ୍ୟୁତିକ-କୁହୁକର ଜାଲ ସୃଷ୍ଟି କରାଯାଇଥାଏ, ଠିକ୍ ସେହିପରି ପ୍ରକୃତି ଓ ପୁରୁଷର କୁହୁକ-ଖେଳ ହେଉଛି ଏ ବିଶ୍ୱ ବ୍ରହ୍ମାଣ୍ଡ ।

ଉଦାହରଣତଃ ବିଦ୍ୟୁତ୍ ପ୍ରବାହ ଏକ ଶକ୍ତି ଏବଂ ଧାତବତାର ସେହି ଶକ୍ତିର ବାହକ ; ଅର୍ଥାତ୍ ବିଦ୍ୟୁତ୍ ପ୍ରବାହ ହେଉଛି 'ପ୍ରକୃତି' ଏବଂ ଧାତବତାର ହେଉଛି 'ପୁରୁଷ' । ତେଣୁ ଶକ୍ତି ହେଉଛି ସୂକ୍ଷ୍ମ ଓ ବାହକ ହେଉଛି ସ୍ଥୂଳ । ଶକ୍ତି ହେଉଛି ପ୍ରକୃତି ; ବାହକ ହେଉଛି ପୁରୁଷ । ଶକ୍ତି ହେଉଛି ନିର୍ଗୁଣ ; ବାହକ ହେଉଛି ସଗୁଣ । ଶକ୍ତି ହେଉଛି ବ୍ରହ୍ମ ; ବାହକ ହେଉଛି ଜୀବ । ଶକ୍ତି ହେଉଛି ବାସ୍ତବ ; ବାହକ ହେଉଛି ମାୟା । ଶକ୍ତି ହେଉଛି ଚେତନ ; ବାହକ ହେଉଛି ଜଡ଼ । ଶକ୍ତି ହେଉଛି ଶୂନ୍ୟ ; ବାହକ ହେଉଛି ପୂର୍ଣ୍ଣ । ଶକ୍ତି ହେଉଛି ନିରାକାର ; ବାହକ ହେଉଛି ସାକାର । ଶକ୍ତି ହେଉଛି ନାରୀ ; ବାହକ ହେଉଛି ନର । ଶକ୍ତି ହେଉଛି ଅଦ୍ୱୈତ ; ବାହକ ହେଉଛି ଦ୍ୱୈତ ।

ପ୍ରକୃତି-ପୁରୁଷର ଏତାଦୃଶ୍ୟର ରହସ୍ୟମୟ ଖେଳକୁ ଦାର୍ଶନିକଗଣ ନିଜ ନିଜ ମତ ନେଇ 'ବହୁବହୁ' ବୋଲି ଚିତ୍ରଣ କରାଯାଇଛି । କେହି କେହି ପୁରୁଷକୁ ପ୍ରାଧାନ୍ୟ ଦେଇଛନ୍ତି ଓ ଅନ୍ୟ କେହି କେହି ଶକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି । ତେଣୁ ବିଶ୍ୱବ୍ରହ୍ମାଣ୍ଡର ପରମ ରହସ୍ୟ ଦୁଇ ଭାଗରେ ବିଭକ୍ତ ହୋଇଅଛି । ଏକ ଦିଗରେ ଲକ୍ଷ୍ମୀ, କାଳୀ, ସରସ୍ୱତୀ, ଦୁର୍ଗା, ସାବିତ୍ରୀ ଇତ୍ୟାଦି ଶକ୍ତିମୟୀ ମହାତତ୍ତ୍ୱ ଓ ଅପର ଦିଗରେ ବ୍ରହ୍ମା, ବିଷ୍ଣୁ, ଶିବ, ରାମ, କୃଷ୍ଣ ଇତ୍ୟାଦି ପୁରୁଷଧର୍ମୀ ମହାତତ୍ତ୍ୱ ।

ଚଣ୍ଡୀ ପୁରାଣରେ ଉଲ୍ଲେଖ ରହିଛି ଯେ ସବୁ ଦେବତାମାନଙ୍କର ଶକ୍ତି ଏକାକାର ହୋଇ ମହାଶକ୍ତିରେ ପରିଣତ ହୋଇଥିଲେ । ସେ ଶକ୍ତି ଅରୂପାରୁ ସ୍ୱରୂପା ହୋଇ ଉଠିଲେ...... ଗୁଣହୀନାରୁ ଅନନ୍ତଗୁଣମୟୀ ହେଲେ ; ଏବଂ ଆକାରହୀନ ମହାଶୂନ୍ୟ ମଧ୍ୟରୁ ସାକାରମୟୀ ହୋଇ ଅଦ୍ଭୁତ ରୂପରେ ଉଭାହେଲେ । ଅର୍ଥାତ୍ ଦେବୀ ହେଉଛନ୍ତି ସବୁ ଦେବତାମାନଙ୍କର ଶକ୍ତି । ଅପରନ୍ତୁ, ଦେବତାମାନଙ୍କଠାରେ ଯେଉଁ ଯେଉଁ ଶକ୍ତି ରହିଛନ୍ତି ସେହି ସେହି ଶକ୍ତିଙ୍କର ସାକାର ସ୍ୱରୂପା ହେଉଛନ୍ତି ଦେବୀ ଏବଂ ଦେବୀଙ୍କର ଅରୂପା ଆଧାର ତତ୍ତ୍ୱ ହେଉଛନ୍ତି ଦେବଶକ୍ତି ।

ଉଦାହରଣ ସ୍ୱରୂପ ସାଧାରଣ ଧାତବ ତାରରେ ଯେଉଁ ଶକ୍ତି ରହିଛି ସେ ଶକ୍ତି ହେଉଛି ଅଚଳା ଶକ୍ତି ; କିନ୍ତୁ ସେହି ଧାତବ ତାରରେ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହେଲେ, ଅଚଳା ଶକ୍ତି ସଚଳା ହୋଇ ଉଠନ୍ତି । ବ୍ରହ୍ମାଙ୍କର ସଚଳା ଶକ୍ତି ହେଉଛନ୍ତି ଦେବୀ । ମାନବୀୟ ଶରୀରର ସଚଳା ଶକ୍ତି ହେଉଛନ୍ତି ଆଦ୍ୟା । ତେଣୁ ଦେବୀ ଆଦ୍ୟ ସ୍ୱରୂପିଣୀ । ନର ହୁଅନ୍ତୁ ବା ନାରୀ ହୁଅନ୍ତୁ ପ୍ରତ୍ୟେକଙ୍କଠାରେ ଆଦ୍ୟ ସ୍ୱରୂପିଣୀ ଏହି ମହାଶକ୍ତି ବିଦ୍ୟମାନ । ଏହି କାରଣରୁ

ଶ୍ରୀମଦ୍ ଭାଗବତ ମହାପୁରାଣ ମତ ଅନୁଯାୟୀ ନର ଓ ନାରୀ ସମସ୍ତେ ସେହି ଏକ ଶକ୍ତିମୟୀ ଗୋପୀ ଓ ଶ୍ରୀକୃଷ୍ଣ ହେଉଛନ୍ତି ଏହି ଶକ୍ତିର କର୍ଣ୍ଣଧାର । ଯେଉଁଭଳି ସେ ନଗ୍ନସ୍ତି ନରନାରୀ ରୂପୀ ଗୋପୀ, ସେହିଭଳି ରାସକ୍ରୀଡ଼ା କରନ୍ତି ।

ଗୀତାରେ ଏହି ଶକ୍ତି ହେଉଛନ୍ତି ଗୀତା–ପୁରୁଷ ଶ୍ରୀକୃଷ୍ଣ; ଶ୍ରୀମଦ୍ ଭାଗବତରେ ସେ ହେଉଛନ୍ତି ରାସେରାସେଶ୍ୱର ବଂଶୀଧାରୀ, ରାମାୟଣରେ ସେ ହେଉଛନ୍ତି ତ୍ୟାଗୀ ତପସ୍ୱୀ ଶ୍ରୀରାମଚନ୍ଦ୍ର; ଚଣ୍ଡୀପୁରାଣରେ ସେ ହେଉଛନ୍ତି ମହାମାୟୀ, ବିଷ୍ଣୁପୁରାଣରେ ସେ ହେଉଛନ୍ତି ବିଷ୍ଣୁ; ଶିବପୁରାଣରେ ସେ ହେଉଛନ୍ତି ଶିବ । ସେ ଦେବୀ ହୋଇପାରନ୍ତି; . ଦେବତା ମଧ୍ୟ ହୋଇପାରନ୍ତି । ନର ହୋଇପାରନ୍ତି; ନାରୀ ହୋଇପାରନ୍ତି । ସେ ଧାତବ ତାର ରୂପ ଗ୍ରହଣ କରି ପୁନଶ୍ଚ ସେହି ଧାତବ ତାରକୁ ସଚଳ କରିବା ନିମନ୍ତେ ବିଦ୍ୟୁତ୍ ଶକ୍ତି ବି ହୋଇପାରନ୍ତି । ସବୁର ମୌଳିକ ତତ୍ତ୍ୱ ହେଉଛନ୍ତି ଏକମାତ୍ର ସେହି । ଅଦ୍ୱୈତବାଦୀଙ୍କର ଦୃଷ୍ଟି ଏହି ଏକ ତତ୍ତ୍ୱ ଉପରେ ହିଁ ନିକ୍ଷିପ୍ତ ହୋଇ ରହିଥାଏ; କିନ୍ତୁ ଏହି ଶକ୍ତି ଯେ ବିଦ୍ୟୁତ୍ ଓ ଏହି ଶକ୍ତି ଯେ ଧାତବ ତାର । ଏପରି ହେଲେ ମଧ୍ୟ ବିଦ୍ୟୁତ୍ ଶକ୍ତି ସହିତ ଧାତବ ତାର ତୁଳନୀୟ ନୁହେଁ । ଏପରି ଭିନ୍ନ ବିଶ୍ୱର ଧାରାରୁ ଅଦ୍ୱୈତ ଦ୍ୱୈତରେ ପରିଣତ ହୋଇଯାଏ ଓ ଦ୍ୱୈତବାଦୀଙ୍କ ମନରେ ଈଶ୍ୱର ଓ ଜୀବ ସମ୍ପର୍କରେ ସମ୍ପୂର୍ଣ୍ଣ ଅଲଗା ଅଲଗା ଧାରଣା ସମ୍ଭବ ହୋଇଥାଏ । ଏଠାରେ ଜୀବ ସେବକ ହୋଇଯାଏ; ଈଶ୍ୱର ସେବ୍ୟ ହୋଇଥାନ୍ତି ।

ଉପରୋକ୍ତ ଗଭୀର ତତ୍ତ୍ୱର ସାରାଂଶ ହେଲା ଆଦ୍ୟାଶକ୍ତି ମହାମାୟୀ ହେଉଛନ୍ତି ଶାନ୍ତା, କାନ୍ତା, କମନୀୟ; ପୁନଶ୍ଚ ଭୀମା, ଭୈରବୀ, ସଂହାରକାରିଣୀ ଭୟଙ୍କରା ମଧ୍ୟ । ଚଣ୍ଡୀପୁରାଣରେ ତାଙ୍କର ସ୍ୱରୂପ ହେଲା.........

ଅହମାନନ୍ଦାନାନ ନ୍ଦୌ ଅହଂ ବିଜ୍ଞାନା ବିଜ୍ଞାନେ
ଅହଂ ବ୍ରହ୍ମାବ୍ରହ୍ମଣୀ ବେଦିତବ୍ୟେ
ଅହଂ ପଞ୍ଚଭୂତନ୍ୟ ପଞ୍ଚଭୂତାନି, ଅହମଖିଳଂ ଜଗତ୍ ।

ଅର୍ଥାତ୍–ଦେବୀ କହୁଛନ୍ତି.......

ମୁଁ ଆନନ୍ଦ ଓ ଆନନ୍ଦରୂପା ଅଟେ । ମୁଁ ବିଜ୍ଞାନ ଓ ଅବିଜ୍ଞାନାରୂପା ମଧ୍ୟ । ଏକଥା ଜାଣିବା ଉଚିତ୍ ଯେ ମୁଁ ବ୍ରହ୍ମ ଓ ଅବ୍ରହ୍ମ ମଧ୍ୟ । ପ୍ରକାଶ ଓ ଅପ୍ରକାଶ ମହାଭୂତ ମୁଁ ଅଟେ; ଏବଂ ଏ ସାରା ଦୃଶ୍ୟମାନ୍ ଜଗତ୍ ହେଉଛି ମୁଁ ।

ଭକ୍ତିର ନିର୍ମଳ ଚକ୍ଷୁରେ ଶରତଋତୁ ପରି ସାରା ଜଗତ୍ ଯେତେବେଳେ କମନୀୟ ରୂପ ଧାରଣ କରନ୍ତି, ସେତେବେଳେ ମାଆ ଜଗଜ୍ଜନନୀ ଜଗଦମ୍ବା ନିରାକାର ମହାଶୂନ୍ୟ ମଧ୍ୟରୁ ପରିପୂର୍ଣ୍ଣା ଆକାରମୟୀ ଜ୍ୟୋତି ଧାରଣ କରି ଭକ୍ତ–ଜନ–ମନକୁ ନିର୍ଭୟ କରାଇ ରାକ୍ଷସୀ ଶକ୍ତି ବିମର୍ଦ୍ଦିନୀ ରୂପରେ ଶାନ୍ତି କାମ୍ୟ ଜନମାନସରେ ଆନନ୍ଦର ଉତ୍ସବମୟୀ–ସ୍ରୋତ ପ୍ରବାହିତ କରାଇଥାନ୍ତି । ସନ୍ତାନବତ୍ସଳା ମାଆଙ୍କର ଶୁଭାଗମନ କେବଳ ମଙ୍ଗଳ ପାଇଁ ହିଁ ସମ୍ଭବ ହୋଇଥାଏ । ମଙ୍ଗଳର ବିବିଧ ବାଦ୍ୟବାଜଣା ଦ୍ୱାରା ମାଆଙ୍କର ଆବାହନ କରାଯାଏ ।

ପୂଜା ମଣ୍ଡପରେ ମାତୃ–ପୂଜାର ବା ଶକ୍ତି ପୂଜାର ବିଧାନ ଦ୍ୱାରା ସାରା ସମାଜର ଓ ସମାଜର ସକଳ ପ୍ରାଣୀର ଶକ୍ତି–ସମ୍ପଦ କିପରି ଜାଗରିତ ହେବ ସେଥିପାଇଁ କେଉଁ ଅନାଦି କାଳରୁ ଏପରି ଉତ୍ସବ ଯେ ପ୍ରଚଳିତ ହୋଇଆସିଛି ତାହାର କାଳ ନିର୍ଦ୍ଧାରଣ ସହଜସାଧ୍ୟ ନୁହେଁ । କାଳାତୀତ ବା କାଳଜୟୀ ହେଉଛନ୍ତି ମହାକାଳୀ; ଧନସମ୍ପଦ ପ୍ରଦାୟିନୀ ହେଉଛନ୍ତି ମହାଲକ୍ଷ୍ମୀ; ବୁଦ୍ଧି, ଜ୍ଞାନ, ବିଦ୍ୟା, ମେଧା ସମୃଦ୍ଧି କାରିଣୀ ହେଉଛନ୍ତି ମହାସରସ୍ୱତୀ । ବିପଦ ହାରିଣୀ ଦୁର୍ଗ–ରକ୍ଷାକାରିଣୀ ହେଉଛନ୍ତି ମାଆ ଦୁର୍ଗା । ଏ ସକଳ ସ୍ୱରୂପର ମୂଳତତ୍ତ୍ୱ ହେଉଛି ମହାମାୟୀ ମହାଶକ୍ତି ।

ନିଜର ମନୋବାଞ୍ଛା ପରିପୂର୍ଣ୍ଣ କରିବା ନିମନ୍ତେ ଧର୍ମପ୍ରାଣ ଋଷି ମୁନିମାନେ ନାନାସ୍ତବ–ସ୍ତୋତ୍ର ର ବିଧିବିଧାନ ଅନୁଯାୟୀ ଦେବୀ ପୂଜନର ବ୍ୟବସ୍ଥା କରିଯାଇଛନ୍ତି । ଦେବୀ ପୂଜନକାଳରେ ପୂଜା ମଣ୍ଡପ ନିକଟରେ ସମଗ୍ର ମାନବ ଜାତି ଏକତାର ମହାମନ୍ତ୍ର–ଜ୍ୟୋତିରେ ରଞ୍ଜିତ ହୋଇଥାନ୍ତି....... ଜାତୀୟ ସଂହତିର ବାର୍ତ୍ତା ପୂଜା ମଣ୍ଡପର ଆନନ୍ଦମୟ ପରିବେଶରେ ହିଁ ସଙ୍ଘଟିତ ହୋଇଥାଏ ।

ମାଆ...... ସମସ୍ତଙ୍କର ମାଆ ସିଏ । ଅଭୟଦାୟିନୀ ମୁଦ୍ରାରେ ସମସ୍ତଙ୍କ ପାଇଁ ତାଙ୍କର ନିର୍ଭର ପ୍ରତିଶ୍ରୁତି ରହିଛି । ସଂସାରର ହିତ ପାଇଁ, ଅନିଷ୍ଟ ଶକ୍ତିକୁ ପ୍ରତିହତ କରିବା ନିମନ୍ତେ ତାଙ୍କଠାରେ ଅସୁରନ୍ତ ଶକ୍ତି ସାମର୍ଥ୍ୟ ରହିଛି । ଜାତି–ଧର୍ମ–ବର୍ଣ୍ଣ–ଛୋଟବଡ଼ ସବୁ ଭେଦା ଭେଦର ଊର୍ଦ୍ଧ୍ୱରେ ତାଙ୍କ ମହିମାର ଜ୍ୟୋତି ଅହରହ ଏ ସଂସାରକୁ ଜ୍ୟୋତିଷ୍ମାନ କରୁଅଛି; ଆଲୋକିତ କରୁଅଛି ।

ଆମ ଦେଶରେ ଦେବୀ ପୂଜାର ବହୁଳ ପ୍ରଚଳନ ଥିଲେ ମଧ୍ୟ ଆଶ୍ୱିନ ମାସର ଦଶହରା ପର୍ବର ବିଶେଷତ୍ୱ ରହିଛି । ଆଶ୍ୱିନ ଶୁକ୍ଳ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଖୁବ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ମହାମାୟୀ ଦୁର୍ଗାଦେବୀ ପୂଜନ ରୀତି ଅନୁଷ୍ଠିତ ହୋଇଥାଏ । ବର୍ତ୍ତମାନ ପରିପ୍ରେକ୍ଷୀରେ ଦୁର୍ଗାଦେବୀ ପୂଜନ ଦୁଇଭାଗରେ ବିଭକ୍ତ ହୋଇଅଛି । ପ୍ରଥମ ପ୍ରକାର ପୂଜନ ହେଉଛି ଆନୁଷ୍ଠାନିକ ବ୍ୟକ୍ତିଗତ ପୂଜା ଓ ଦ୍ୱିତୀୟ ପ୍ରକାରର ହେଉଛି ସାର୍ବଜନୀନ ପୂଜା ।

ଆନୁଷ୍ଠାନିକ ବ୍ୟକ୍ତିଗତ ପୂଜାରେ ପ୍ରାୟତଃ ସର୍ବସାଧାରଣଙ୍କର କୌଣସି ଭୂମିକା ନଥାଏ । ଏ ପୂଜାରେ ନୈଷ୍ଠିକତା ଯେତେ ପରିମାଣରେ ପରିଲକ୍ଷିତ ହୁଏ, ଏହାର ବ୍ୟାପକତା ସେତେ ପରିମାଣରେ ପରିଲକ୍ଷିତ ହୋଇନଥାଏ । ବ୍ୟକ୍ତିଗତ ସୁଖ ଶାନ୍ତି ପାଇଁ କିମ୍ବା ହୋଇଆସୁଥିବା ପ୍ରଚଳିତ ଧାରାକୁ ଉଜ୍ଜୀବିତ କରି ରଖି ନିଜ ବଂଶମର୍ଯ୍ୟାଦାକୁ ସ୍ମରଣ କରିବା ନିମନ୍ତେ ବ୍ୟକ୍ତିଗତ ପୂଜା ଅନୁଷ୍ଠିତ ହୋଇଥାଏ । କୌଣସି କୌଣସି ବ୍ୟକ୍ତିବିଶେଷଙ୍କ ଗୃହରେ ତାଙ୍କ ନିଜ ଆର୍ଥିକ ସମ୍ବଳକୁ ଭିତ୍ତିକରି ଏ ସେଉଁ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୁଏ, ଏଥିରେ ସହଯୋଗ କରିବା ନିମନ୍ତେ ବେଳେବେଳେ ବନ୍ଧୁବାନ୍ଧବ ଓ ଜ୍ଞାତିପରିଜନଙ୍କର ସମାବେଶ ଘଟିଥାଏ; ଅଧିକନ୍ତୁ ପଡ଼ୋଶୀମାନେ ମଧ୍ୟ ଏଥିରେ ସହଯୋଗ କରିଥିବାର ଲକ୍ଷ୍ୟ କରାଯାଏ; କିନ୍ତୁ ସାର୍ବଜନୀନ ପୂଜାରେ ଏକ ବ୍ୟାପକତା ଦୃଷ୍ଟିଗୋଚର ହୋଇଥାଏ । ସର୍ବସାଧାରଣଙ୍କ ଅର୍ଥରେ

ସାର୍ବଜନୀନ ପୂଜାର ବ୍ୟବସ୍ଥା ହୋଇଥାଏ । ଯାହାର ଯେଉଁଳି ଓ ଯେଉଁ ମତେ ଭକ୍ତିର ସହିତ ଯିଏ ଯାହା ଦିଅନ୍ତି ତାହାକୁ ନେଇ ସମସ୍ତଙ୍କ ମଙ୍ଗଳ ପାଇଁ ସାର୍ବଜନୀନ ପୂଜାର ବ୍ୟବସ୍ଥା କରାଯାଇଥାଏ । ଏ ପ୍ରକାର ପୂଜା ଏକ ମହାମିଳନର ପ୍ରତୀକରୂପ ପୂଜା । ଏ ପ୍ରକାର ପୂଜାରେ ସମସ୍ତଙ୍କର ଅନାବିଳ ଶ୍ରଦ୍ଧାର ପ୍ରଶାନ୍ତ ଭାବ ପ୍ରତିବିମ୍ବିତ ହୋଇ ଏକ ବିରାଟ ଚେତନାମୟ ପରିବେଶ ସୃଷ୍ଟି କରିଥାଏ । ଏପରି ଏକ ସାର୍ବଜନୀନ ଆନ୍ତରିକ ଭକ୍ତି-ବୋଧ ଚିନ୍ତାକୁ ଏବେ ଖଣ୍ଡିତ କରୁଛି ପୂଜା-ଉଦ୍ୟୋକ୍ତାମାନଙ୍କର ବାଧ୍ୟବାଧକତାର ଯେଉଁ ଭୟଙ୍କର ଦୈନନ୍ଦିନ ବ୍ୟବସ୍ଥା ଦୃଷ୍ଟି ଗୋଚର ହେଉଛି ।

ମାଆଙ୍କର ପୂଜାର୍ଚ୍ଚନା ପାଇଁ ମାତୃଭକ୍ତିର ସ୍ୱେଚ୍ଛାକୃତ ଦାନ ଓ ଜବରଦସ୍ତ ଚାନ୍ଦା ଆଦାୟର ଆତଙ୍କିତ ବ୍ୟବସ୍ଥା....... ଏ ଦୁଇଟି ଏକ ସ୍ଥାନରେ । ଜବରଦସ୍ତ ବ୍ୟବସ୍ଥା ଦ୍ୱାରା ସାମାଜିକ ସୁସ୍ଥ ଚିନ୍ତାଧାରା ଖଣ୍ଡିତ ହୋଇ; ଏହି ଖଣ୍ଡିତ ବ୍ୟବସ୍ଥା ମଧ୍ୟରୁ ଏକ ସାମାଜିକ ଶୂନ୍ୟ ଓ ପରିବେଶ ଓ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୁଏ । ଜଗନ୍ମାତା ମାଆର ପୂଜାରୁ ଯେଉଁ ଶକ୍ତି ଆମେ ଆହରଣ କରି ନୂଆ ମାର୍ଗ ସନ୍ଧାନୀବାର ଲକ୍ଷ୍ୟରେ ଥାଉଁ, ସେ ଶକ୍ତି ଅପଶକ୍ତିର ରୂପ ଗ୍ରହଣ କରେ । ପ୍ରକାରାନ୍ତରେ ଆପଣା ଛାଏଁ ଆମ ଭିତରେ ମହିଷାସୁର ଜାଗ୍ରତି ଘଟେ । ଦେବୀଙ୍କ ମଣ୍ଡପ ସମ୍ମୁଖରେ ଆସୁରୀଶକ୍ତି ଉଲଗ୍ନ ନୃତ୍ୟ ରଚନା କରେ । ସାମାଜିକ ବ୍ୟବସ୍ଥା ଜର୍ଜର ହୋଇଉଠେ । ଜନଜୀବନ ବିପର୍ଯ୍ୟସ୍ତ ହୋଇଯାଏ । ପୂଜାପର୍ବରେ ମିଷ୍ଟତା ଦୁଷ୍ଟମାନଙ୍କର ବଜ୍ର ଗର୍ଜନରେ ବିଭୀଷିକାର ରୂପରେ ସମାଜକୁ ଅସ୍ଥିର କରିଦିଏ । ଏହାଦ୍ୱାରା ଦେବୀର ପୂଜା ରାକ୍ଷସର ପାର୍ବଣରେ ପରିଣତ ହୋଇଥାଏ ଓ ଚାନ୍ଦା ଆଦାୟ ଏକ ଜୀବନ ନିର୍ବାହ ଧନ୍ଦା ଭାବରେ କେତେକଙ୍କର ମଉଜ୍ ମଜଲିସ୍ ପାଇଁ ଉଦ୍ଦିଷ୍ଟ ହେବାର ଲକ୍ଷ୍ୟ କରାଯାଏ ।

ସାମାଜିକ ସ୍ଥିତିର ସୁରକ୍ଷା ପାଇଁ, ନୀତିର ସୁରକ୍ଷା ପାଇଁ, ପରିବେଶର ନିର୍ମଳତ୍ୱ ବା ସ୍ୱଚ୍ଛତ୍ୱର ବିକାଶକୁ ଲକ୍ଷ୍ୟରଖି, ପରିବେଶର ବିନାଶ ଲୀଳାକୁ ପ୍ରତିହତ କରିବା ନିମନ୍ତେ ଜାତି, ଧର୍ମ, ବର୍ଣ୍ଣ ଭେଦର ଘୃଣ୍ୟ ସୀମା ସରହଦରୁ ମୁକ୍ତ ହେବା ପାଇଁ, ସ୍ନେହ-ପ୍ରୀତି-ମୈତ୍ରୀ ତଥା ସଂହତିର ମମତ୍ୱବୋଧ ଜାଗରଣ ପାଇଁ ଯେଉଁ ସାମର୍ଥ୍ୟ ଆବଶ୍ୟକ ସେ ସାମର୍ଥ୍ୟର ପ୍ରକୃତ ସ୍ୱରୂପ ହେଉଛି ମହାମାୟାଙ୍କର ମହାଶକ୍ତି । ଏ ସାର୍ଥକତା ଯଦି ଦଶହରା ଉତ୍ସବ' ଦ୍ୱାରା ପ୍ରମାଣିତ ନହେଲା, ତେବେ ଅତ୍ୟନ୍ତ ଆବେଗର ସହିତ ଅନୁଭବ କରିବାକୁ ହେବ ଯେ ମହିଷାସୁରର ସାମର୍ଥ୍ୟ କବଳରୁ ଆମେ କେହି ଉଦ୍ଧାର ପାଇନାହୁଁ ବା ଗୋଟିଏ ମହିଷାସୁର ବିଭିନ୍ନ ବେଶରେ, ବିଭିନ୍ନ ରୂପରେ କୋଟିଏ ହୋଇ ସାମାଜିକ ରମଣୀୟ ସ୍ଥିତିକୁ ବର୍ତ୍ତମାନ ବି ବାଧାହୀନ ଭାବେ ଦଳଚଇ କରିବାରେ ଲାଗିଛି ।

ସମସ୍ତ ସମାଜ ବା ବିଶ୍ୱବ୍ରହ୍ମାଣ୍ଡ ହେଉଛି ମାତୃ ଶକ୍ତିଙ୍କର ସଗୁଣ ସାକାର ସତ୍ତା ; ଏବଂ ସମସ୍ତ ସମାଜର ବା ବିଶ୍ୱବ୍ରହ୍ମାଣ୍ଡର ପାରିବେଶିକ ସୁରକ୍ଷା-ସାମର୍ଥ୍ୟ ହେଉଛି ମାତୃ ଶକ୍ତିଙ୍କର ଅଦୃଶ୍ୟ ନିର୍ଗୁଣ ନିରାକାର। ଦୈବିକ, ଦୈହିକ, ଭୌତିକ ଶକ୍ତି, ଆମଠାରେ ସେହି ସେହି ଅଦୃଶ୍ୟ ଶକ୍ତିର ସ୍ଫୁରଣ ଘଟିଛି......ଘଟୁଥିବା ପ୍ରବାହିତ ହେଉଛି କେବଳ ନିଜ ସ୍ୱାର୍ଥ ପାଇଁ ନୁହେଁ...... ମାତୃ ଶକ୍ତିଙ୍କର ସଗୁଣ ସାକାର ସ୍ୱରୂପ ଏହି ସମାଜର ସୁରକ୍ଷା ପାଇଁ ମଧ୍ୟ ।

ଆଜି ଦୁର୍ଗାପୂଜା ଅବସରରେ ଆମର ଚିନ୍ତା ଓ ଚେତନା ନିର୍ମଳ ହେଉ । ଆମ ଶରୀରରେ ସ୍ଫୁରିତ ହେଉଥିବା ମାତୃ ଶକ୍ତିର ସଦ୍‌ବିନିଯୋଗ ହେଉ...... ସକଳ ବିନ୍ଦୁରେ ମାତୃ ସ୍ୱରୂପକୁ ଦର୍ଶନ କରି ଆମ ନେତ୍ର ପବିତ୍ର ହେଉ ଏବଂ ସକଳ ବିନ୍ଦୁର ସୁରକ୍ଷା ପାଇଁ ଆମେ ଏକ ଶୃଙ୍ଖଳ-ସମାଜ ଗଠନରେ ବ୍ରତୀ ହେଉ...... ତଥା ଆମର ସମାଜ କଲ୍ୟାଣକାରୀ ସିଦ୍ଧାନ୍ତ, ଶପଥରେ ରୂପାନ୍ତରିତ ହେଉ ଏବଂ ତାହା କାର୍ଯ୍ୟରେ ପ୍ରତିଫଳିତ ହେଉ । ଆମମାନଙ୍କର ସିଦ୍ଧାନ୍ତ, ଶପଥ ଓ କାର୍ଯ୍ୟ ଏହି ତିନିଧାରା ମାଆ ଯୋଗମାୟାଙ୍କର କାଳୀ, ଲକ୍ଷ୍ମୀ, ସରସ୍ୱତୀ ତ୍ରୟୀ-ବିଗ୍ରହ-ଶକ୍ତିପରି ଶକ୍ତି ରୂପ ହୋଇ ଜୀବନର ମଙ୍ଗଳମୟ ସ୍ରୋତକୁ 'ସର୍ବଜନ ହିତାୟ' ବ୍ରତରେ ଉଚ୍ଛଳ କରାଉ...... ଏହାହିଁ ଦଶହରା ପର୍ବର ଆଭିମୁଖ୍ୟ ହେଉ ଓ ମାଆଙ୍କ ମଣ୍ଡପରେ ସକଳଜନ ଏକ କଣ୍ଠରେ ଏହି ପ୍ରାର୍ଥନାରେ ବ୍ରତୀ ହୁଅନ୍ତୁ । ତା'ହେଲେ ପୂଜାପାର୍ବଣ ସାର୍ଥକ ହେଲାବୋଲି ବିଚାର କରିବା ।

---

ସମ୍ପାଦକ,
'ଦୁର୍ମୁଖ', କଟକ-୯ ।



ଭୁବନେଶ୍ୱର ସମବାୟ ବ୍ୟାଙ୍କଠାରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ଼ ଦ୍ୱାରା ଆୟୋଜିତ "ପରିବେଶ ଶିକ୍ଷା ଏବଂ ଜାଗ୍ରତି" ଶୀର୍ଷକ ଏକ ଆଲୋଚନା ଚକ୍ରରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର, ତାଙ୍କ ନିର୍ଦ୍ଦେଶକ ଶ୍ରୀ ବିମଳେନ୍ଦୁ ମହାନ୍ତି ।

# ଶକ୍ତିମୟୀ ଦୁର୍ଗାଙ୍କ ଦ୍ୱାଦଶ ଯାତ୍ରା

● ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ

ସନାତନ ଧର୍ମ ହିଁ ଭାରତୀୟ ସଂସ୍କୃତିର ମୂଳ ଭିତ୍ତି । ସନାତନ ଧର୍ମ, ହିନ୍ଦୁ ଧର୍ମ ନାମରେ ଅଭିହିତ । ବୈଷ୍ଣବ, ଶୈବ, ଶାକ୍ତ, ସୌର, ଜୈନ ଓ ବୌଦ୍ଧ ଧର୍ମ ପ୍ରଭୃତି ହିନ୍ଦୁ ଧର୍ମର ବିଭିନ୍ନ ଶାଖା ରୂପେ ପରିଚିତ । ହିନ୍ଦୁ ଧର୍ମରେ ଅନେକ ଦେବାଦେବୀଙ୍କ ଉପାସନା ଯୁଗଯୁଗ ଧରି ପ୍ରଚଳିତ ଥିବାର ଦେଖାଯାଏ । ତନ୍ମଧ୍ୟରେ ଗଣେଶ, ବିଷ୍ଣୁ, ଶିବ, ଭାସ୍କର ଓ ଦୁର୍ଗାଙ୍କ ଉପାସନାକୁ ନେଇ ପଞ୍ଚୋପାସନା ପଦ୍ଧତି ପ୍ରାଧାନ୍ୟ ଲାଭ କରିଛି । ପଞ୍ଚୋପାସନା ମଧ୍ୟରେ ଶକ୍ତିର ଉପାସନାର ପ୍ରାଧାନ୍ୟ ସର୍ବ ବିଦିତ ।

ମନୁଷ୍ୟର କଳ୍ପନାରେ ପ୍ରଥମେ ଦେବୀ-ଚେତନା ଓ ମାତୃ ଚେତନା ସ୍ଥାନ ପାଇବା କଥା ପୃଥିବୀର ପୁରାଣମାନଙ୍କରେ ଦେଖିବାକୁ ମିଳିଥାଏ । ଦେବୀ ହେଉଛନ୍ତି ପୃଥିବୀର ଆଦ୍ୟାଶକ୍ତି । ସେ ଏକାଧାରରେ ବିଶ୍ୱପ୍ରସବିନୀ ଓ ବିଶ୍ୱ ସଂହାରିଣୀ । ଭାରତୀୟ ଦର୍ଶନରେ ତାଙ୍କୁ କେତେବେଳେ ନୃମୁଣ୍ଡମାଳିନୀ ଧ୍ୱଂସରତା କାଳୀ ରୂପରେ, କେତେବେଳେ ଅସୁରମର୍ଦ୍ଦିନୀ, ଦୁର୍ଗତି ନାଶିନୀ ଦୁର୍ଗା ରୂପରେ, କେତେବେଳେ ବିଶ୍ୱ ଜନୟିତ୍ରୀ ଚିର ଯୌବନା ଗୌରୀ ରୂପରେ, କେତେବେଳେ ପୁଣି ବିଶ୍ୱ ଶାସନରତା ବିଶ୍ୱ ମୋହିନୀ ଭୁବନେଶ୍ୱରୀ ରୂପରେ ତ କେତେବେଳେ ପ୍ରୀତି ଓ ସମ୍ପଦର ପ୍ରତିମା ମା' ଲକ୍ଷ୍ମୀ ରୂପରେ ଆରାଧନା କରାଯାଇଛି । ସେ ଆଦ୍ୟାଶକ୍ତି । ସୃଷ୍ଟି, ସ୍ଥିତି ଓ ପ୍ରଳୟ ରୂପିଣୀ ।

ତନ୍ତ୍ରଶାସ୍ତ୍ରାନୁଯାୟୀ ସମଗ୍ର ଭାରତବର୍ଷକୁ ଚାରୋଟି ପୀଠରେ ବିଭକ୍ତ କରାଯାଇଛି । ଉଡ୍ଡୀୟାନ, ଶ୍ରୀହଟ୍ଟ, ପୂର୍ଣ୍ଣକୋଟି ଓ କାମାକ୍ଷା, ଏହି ଚତୁଷ୍ପୀଠ ମଧ୍ୟରେ ଉଡ୍ଡୀୟାନ ବା ଓଡ଼ିଶାକୁ ପ୍ରଥମ ଶକ୍ତିପୀଠ ଭାବେ ଅଭିହିତ କରାଯାଇଛି । ଶାକ୍ତ ତାନ୍ତ୍ରିକମାନଙ୍କ ମତାନୁଯାୟୀ ପୁରୁଷୋତ୍ତମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ବିମଳା ବା ବିରଜାଙ୍କୁ ଶୀର୍ଷ ସ୍ଥାନୀୟା ବୋଲି ଅଭିହିତ କରାଯାଇଛି ।

ବେଦର ବ୍ରହ୍ମପୁରୁଷ ଦଶଅବତାର ରୂପେ ପରିକଳ୍ପିତ ହେବାପରି ତନ୍ତ୍ର-ଶାସ୍ତ୍ରରେ ଶକ୍ତିଙ୍କୁ ମଧ୍ୟ "ଦଶ ମହାବିଦ୍ୟା" ରୂପେ ପରିକଳ୍ପନା କରାଯାଇଛି । ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁଙ୍କର ବାରମାସର ଦ୍ୱାଦଶ ଯାତ୍ରା ଭଳି ସମଗ୍ର ଓଡ଼ିଶାରେ ବାରମାସରେ ଦେବୀଙ୍କ ଦ୍ୱାଦଶ ଯାତ୍ରା ମଧ୍ୟ ପାଳନ କରାଯାଏ । ଆଦ୍ୟ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା "ଅକ୍ଷୟ ତୃତୀୟା" ନାମରେ ସୁବିଦିତ । ଏହି ଦିନ କୃଷୀ ଧରିତ୍ରୀ ମାତା ତଥା ମହାଲକ୍ଷ୍ମୀଙ୍କୁ ପୂଜାକରି ଶୁଭ କାର୍ଯ୍ୟ "ମୁଠି ଅନୁକୂଳ" କରେ । ଏହି ଦିନ ପ୍ରତ୍ୟେକ ଓଡ଼ିଶାବାସୀ ନିଜର ଶୁଭକାର୍ଯ୍ୟ କରିଥାନ୍ତି ।

ଦେବୀ ପୁରାଣରେ ମଧ୍ୟ ବର୍ଣ୍ଣିତ :-

"ତୃତୀୟାୟାନ୍ତୁ ବୈଶାଖେ ରୋହିଣ୍ୟାଂଖ୍ୟେ ପ୍ରପୂଜୟେତେ ।
ଉଦକୁମ୍ଭ ପ୍ରଦାନେନ ବ୍ରହ୍ମଲୋକ ମହୀୟତେ ।"

ଅର୍ଥାତ୍-ବୈଶାଖ ମାସ ଶୁକ୍ଳ ତୃତୀୟା ରୋହିଣୀନକ୍ଷତ୍ର ଯୁକ୍ତ ହୋଇଥିଲେ, ସେ ଦିନ ଦେବୀଙ୍କୁ ଜଳପୂର୍ଣ୍ଣ କୁମ୍ଭ ପ୍ରଦାନ କରି ପୂଜା କଲେ, ପୂଜକ ବ୍ରହ୍ମଲୋକରେ ମଧ୍ୟ ପ୍ରସିଦ୍ଧି ଲାଭ କରେ ।

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ଶିବ-ପାର୍ବତୀଙ୍କ ବିବାହୋତ୍ସବ ପାଳିତ ହୁଏ । ଏହାର ପର ଦିବସଟି ଶୀତଳଷଷ୍ଠୀ ନାମରେ ପରିଚିତ । ଜ୍ୟେଷ୍ଠ ମାସରେ ଦେବୀ ରୁକ୍ମିଣୀଙ୍କ ବିବାହୋତ୍ସବ ମଧ୍ୟ ପାଳିତ ହୋଇଥାଏ । ଦେବୀ ପୁରାଣାନୁଯାୟୀ ଜ୍ୟେଷ୍ଠ ମାସରେ ମୂଳାନକ୍ଷତ୍ର ଯୁକ୍ତ ସମୟରେ ଦେବୀଙ୍କୁ ଉପାସନା କଲେ ସର୍ବକାମନା ସିଦ୍ଧ ହୁଏ । ଶୁକ୍ଳ ଦଶମୀ ଦିନ "ଗଙ୍ଗା ଦଶହରା ସ୍ନାନ" ପାଳନ କରାଯାଏ । ଏହି ଦିନ ଗଙ୍ଗା ଦେବୀ ମର୍ତ୍ତ୍ୟକୁ ଆସିଥିଲେ ।

ଆଷାଢ଼ ମାସରେ କୌଣସି ନିର୍ଦ୍ଦିଷ୍ଟ ଶକ୍ତି ପର୍ବ ନଥିଲେ ହିଁ ଏହି ମାସରେ ଦେବୀଙ୍କୁ ପୂଜାର୍ଚ୍ଚନା କଲେ ସର୍ବ କାର୍ଯ୍ୟ ସିଦ୍ଧି ହୁଏ । ଦେବୀ ପୁରାଣରେ ବର୍ଣ୍ଣିତ-

"ଆଷାଢ଼େ ମାସି ଦେବୀ ମାଷୋଣ୍ଣେ ପ୍ରପୂଜୟେତେ
ସର୍ବାନ୍ କାମାନ ବାମୋତି ଦେବୀ ଲୋକଞ୍ଚ ଗଚ୍ଛତି ।"

* କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ବସୁମତୀ ସ୍ନାନ ଅର୍ଥାତ୍ ମହାଲକ୍ଷ୍ମୀଙ୍କ ଧରା ସ୍ନାନ ହୁଏ । ଏହି ଦିନ ଶ୍ରୀରାମଚଣ୍ଡୀଙ୍କ ଅନୁଗ୍ରହରେ କେତେକ ଅଞ୍ଚଳରେ ଦେବୀଙ୍କଠାରେ ପୂଜା ଉପାସନା ଓ ଯାତ୍ରା ଅନୁଷ୍ଠିତ ହୁଏ । କୃଷ୍ଣ ପକ୍ଷ ଏକାଦଶୀ "କାମିକା ଯୋଗିନୀ ଏକାଦଶୀ" ନାମରେ ପ୍ରସିଦ୍ଧ ।

ଶ୍ରାବଣ ମାସ ଶୁକ୍ଳପକ୍ଷ ପଞ୍ଚମୀ ଦିନ "ଜାଗ୍ରତ୍ ଗୌରୀ" ପୂଜା କରାଯାଏ । ଏହାକୁ "ଜାଗୁଳେଇ ପୂଜା" ବୋଲି ମଧ୍ୟ କହିଥାନ୍ତି । ଏହି ପୂଜା ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ବିଶେଷ ରୂପେ ପାଳିତ ହୋଇଥାଏ ।

ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ "ରକ୍ଷା ପଞ୍ଚମୀ" ବା "ରେଖା ପଞ୍ଚମୀ" ନାମରେ ପ୍ରସିଦ୍ଧ । ଏହି ଦିନ କେବଳ ବ୍ରାହ୍ମଣୀମାନେ ନିଜ ଗୃହ ଓ ପରିବାରକୁ ରକ୍ଷା କରିବା ପାଇଁ ଗଣପତି ମହାଦେବ ଓ ଭୈରବଙ୍କର ଚିହ୍ନ ଅଙ୍କନ କରି ପୂଜାର୍ଚ୍ଚନା ସହ ରକ୍ଷାବିଧାନ କାର୍ଯ୍ୟ କରନ୍ତି । ଏହିମାସ ଶୁକ୍ଳପକ୍ଷ ତୃତୀୟାରେ "ଗୌରୀ ବ୍ରତ" ପାଳନ କରାଯିବା ସହ ଶୁକ୍ଳପକ୍ଷ ଷଷ୍ଠୀଓଷା କୁହାଯାଏ । ଏହି ଦିନ ମାଁମାନେ ସନ୍ତାନସନ୍ତତିଙ୍କ ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରି ଷଷ୍ଠୀ ଦେବୀଙ୍କୁ ପୂଜାର୍ଚ୍ଚନା ସହ ସନ୍ତାନମାନଙ୍କୁ ବନ୍ଦାପନା କରି ସୁସ୍ୱାଦ ଖାଦ୍ୟ ପ୍ରଦାନ କରନ୍ତି । ସପ୍ତମୀ ଦିନକୁ ଲଳିତା ସପ୍ତମୀ କୁହାଯାଏ । ଦେବୀ ପୁରାଣାନୁଯାୟୀ ଏହି ଦିନ ଶିବ ଓ ଦୁର୍ଗାଙ୍କ ପ୍ରତିମା ପୂଜା କଲେ ସଂସାରରେ କିଛି ଅଲଭ୍ୟ ରହେ ନାହିଁ ବୋଲି ଉଲ୍ଲେଖ ରହିଛି । ଏହି ମାସ ଶୁକ୍ଳପକ୍ଷ ଅଷ୍ଟମୀକୁ ରାଧାଷ୍ଟମୀ ବା ଦୁର୍ଗା ଶୟନାଷ୍ଟମୀ ବୋଲି କୁହାଯାଏ । ଏହି ଦିନ ମଧ୍ୟ ଶକ୍ତିମୟୀ ଦୁର୍ଗାଙ୍କୁ ପୂଜା କରିବାର ବିଧାନ ରହିଛି ।

ଦୁର୍ଗାଶୟନାଷ୍ଟମୀଠାରୁ ପନ୍ଦର ଦିନ ପର୍ଯ୍ୟନ୍ତ ଦେବୀ ଶୟନ କରନ୍ତି ଏବଂ ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀଦିନ ଜାଗ୍ରତ ହୁଅନ୍ତି । ଏହି ଦିନ ହିଁ ଶକ୍ତିରୂପିଣୀ ମା' ଦୁର୍ଗାଙ୍କର ଷୋଡ଼ଶ ପୂଜା ପାଇଁ ସହସ୍ର କୁମ୍ଭ ଅଭିଷେକ କରାଯାଏ । ଦେବୀମାନେ ଭିନ୍ନ ଭିନ୍ନ ବେଶ ଧାରଣ କରନ୍ତି । ଷୋଳ ଦିନ ପୂଜା ମଧ୍ୟରେ ବିମଳା ଦେବୀଙ୍କୁ ଏଗାର ପ୍ରକାର ବେଶ କରାଯାଇଥାଏ । ଏହା "ଦଶହରା" ନାମେ ଖ୍ୟାତ । ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀକୁ "ବିଜୟା ଦଶମୀ" ବା "ଦଶହରା" କୁହାଯାଏ । ଏହି ଦିବସରେ ଆଦ୍ୟାଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କ ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କ ଯୁଦ୍ଧ ଆଶ୍ୱିନ ମାସ କୃଷ୍ଣାଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଚାଲିଥିଲା । ଶୁକ୍ଳ ଦଶମୀରେ ସବୁ ପ୍ରକାର ଶୁଭ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଏହା "ଶୁଭଙ୍କରା ଦଶମୀ" ନାମେ ଖ୍ୟାତି ଲାଭ କରିଛି । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର ଷୋଡ଼ଧନ୍ୱିତା ଶକ୍ତି ଗୋସାମଣିଙ୍କଠାରେ ମେଳଣ ହୁଏ । ତେଣୁ ଏହାକୁ "ଗୋସାଣୀ ଯାତ" ଏବଂ ଏହି ତିଥିକୁ "ଗୋସାଣୀ ଏକାଦଶୀ" କୁହାଯାଏ । ଆଶ୍ୱିନ ମାସ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ରୂପେ ପରିଚିତ । ଏହି ଦିନ ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଏ ।

ଶାକ୍ତ ପର୍ବ ମଧ୍ୟରେ ଆଶ୍ୱିନ ମାସ ଶାରଦୀୟ ପୂଜା ପରେ କାର୍ତ୍ତିକ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ୟାମ ପୂଜା ସ୍ଥାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅମାବାସ୍ୟା ଦିନ କାଳୀପୂଜା କରାଯାଇ ରାତ୍ରରେ ଦୀପଦାନ ପାଳିତ ହୁଏ । ଉକ୍ତ ଶ୍ୟାମା ପୂଜାରେ ଦେବୀଙ୍କୁ ବଳି ପ୍ରଥା ମଧ୍ୟ ସମର୍ପଣ କରିବାର ବ୍ୟବସ୍ଥା ରହିଛି । ଶୁକ୍ଳ ପକ୍ଷ ନବମୀ ଦିନ ଜଗଦ୍ଧାତ୍ରୀ ପୂଜା କରାଯାଏ । ଏହା ଜଗଦ୍ଧାତ୍ରୀ ପାର୍ବତୀଙ୍କର ପୂଜା ଦିବସ ଅଟେ । ଏହି ଅଁଳା ନବମୀ ଦିନ ରାଧାଙ୍କ ପାଦ ଦର୍ଶନ ମଧ୍ୟ କରାଯାଏ ।

ମାର୍ଗଶୀର ମାସରେ ଅନୁଷ୍ଠିତ ମହାଲକ୍ଷ୍ମୀଙ୍କ ପୂଜା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ଘରେ ଘରେ ମାର୍ଗଶିର ମାସ ଗୁରୁବାର ଦିନ ମାଣବସା ପାଳନ କରାଯାଏ ।

ପୌଷ ମାସ ପୂର୍ଣ୍ଣିମାରେ ଦେବୀଙ୍କର ପୁଷ୍ୟାଭିଷେକ କରାଯାଏ । ଦେବୀ ପୁରାଣରେ ବର୍ଣ୍ଣିତ–

"ପୁଷ୍ୟେ ପୁଷ୍ୟାଭିଷେକନ୍ତୁ କର୍ତ୍ତବ୍ୟ ପୁଜଯେନ୍ମହାମ ।"

ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ କାଳୀକା ପୀଠମାନଙ୍କରେ "ରଟନ୍ତି କାଳୀକା ପୂଜା" କରାଯାଏ । ଅମାବାସ୍ୟା ଦିନ ଦେବୀ ବିରଜାଙ୍କ ଉତ୍ସୋବ ପାଳିତ ହୁଏ । ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା ମହା ଆଡ଼ମ୍ବରରେ ପାଳିତ ହୋଇଥାଏ । ଏହି ମାସରେ ଦେବୀ ମଙ୍ଗଳାଙ୍କର ପୂଜା କରିବା ବିଧି ରହିଛି ।

ଫାଲଗୁନ ମାସରେ କୌଣସି ନିର୍ଦ୍ଦିଷ୍ଟ ଶାକ୍ତ ପର୍ବ ନଥିଲେ ମଧ୍ୟ ଦେବୀ ଚଣ୍ଡିକା ଓ ମହାଲକ୍ଷ୍ମୀଙ୍କ ସୁଦଶା ବ୍ରତ ପାଳନର ବିଧାନ ରହିଛି ।

ଆଶ୍ୱିନ ଓ କାର୍ତ୍ତିକ ମାସ ଭଳି ଚୈତ୍ର ମାସରେ ମଧ୍ୟ ଶକ୍ତି ପୂଜାର ବୈଶିଷ୍ଟ୍ୟ ରହିଛି । ଶୁକ୍ଳ ପକ୍ଷ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ମା' ଦୁର୍ଗାଙ୍କର ପୂଜୋତ୍ସବ ପାଳନ କରାଯାଏ । ଏହାକୁ "ନବ ପତ୍ରିକା ବାସନ୍ତି ପୂଜା" କୁହାଯାଏ । ଶସ୍ୟଶ୍ୟାମଳା ଧରିତ୍ରୀ ରାଣୀର ବସନ୍ତ ପ୍ରାପ୍ତିରେ ଉତ୍ଫୁଲ୍ଲ ହୋଇ ଜନ–ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ । ଦେବୀ ପୁରାଣରେ ଚୈତ୍ର ମାସରେ ଚିତ୍ରକ୍ଷଣାଙ୍କ ପୂଜା କରାଯିବା ବିଧି ରହିଛି –

"ଚୈତ୍ରାଂ ଚିତ୍ରକ୍ଷଣାଂ ପୂଜା କୃତ୍ୱା ଦୃଷ୍ଟା ଫଳଂ ଲଭେତ୍ ।"

ଚୈତ୍ର ମାସର ଦୁଇଟି ମଙ୍ଗଳବାର ପ୍ରତ୍ୟେକ ଦେବୀ ପୀଠରେ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଏ ।

ବହୁ ଆଲୋଚକ ଓ ଗବେଷକମାନଙ୍କ ମତାନୁଯାୟୀ ଶାକ୍ତ ସଂସ୍କୃତର ଦ୍ୱାଦଶ ଯାତ୍ରା ପ୍ରଚଳନକୁ ଅନୁକରଣ କରି ପରବର୍ତ୍ତୀ କାଳରେ ବୈଷ୍ଣବମାନେ ବୈଷ୍ଣବ ପୀଠରେ ମଧ୍ୟ ଦ୍ୱାଦଶ ଯାତ୍ରାର ପ୍ରଚଳନ କରିଥିଲେ । କିନ୍ତୁ ବୈଷ୍ଣବ ମତରେ ପ୍ରାଧାନ୍ୟ ଯୋଗୁଁ ଶାକ୍ତ ସଂସ୍କୃତିର ଦ୍ୱାଦଶ ଯାତ୍ରା ସମାଜରେ ଲୋକପ୍ରିୟ ହୋଇପାରିନଥିଲା । କିନ୍ତୁ ଓଡ଼ିଶା, ଶାକ୍ତ ସଂସ୍କୃତିର କେନ୍ଦ୍ରସ୍ଥଳୀ ଥିବାରୁ ଏଠାରେ ଶାକ୍ତ ମତାନୁଯାୟୀ "ଦ୍ୱାଦଶ ଯାତ୍ରା" ଅଦ୍ୟାପି ମଧ୍ୟ ବିଧି ବିଧାନ ସହ ପାଳିତ ହେଉଛି ।

ଗ୍ରା:/ପୋ: କେଲୁଆ, ପଞ୍ଚାଲେଜ୍,
ଜି: ଗଞ୍ଜାମ–୭୬୧୧୧୯ ।

# ଶବ୍ଦବ୍ରହ୍ମମୟୀ ଦେବୀ ଓ ତନ୍ତ୍ର ଶାସ୍ତ୍ରରେ କଳା ତତ୍ତ୍ୱ

● ଶ୍ରୀ ଉପେନ୍ଦ୍ର ନାଥ ହୋତା

ତନ୍ତ୍ର ଶାସ୍ତ୍ରମାନଙ୍କରେ କଳାର ସ୍ୱରୂପ ଓ ସଂଖ୍ୟା ସମ୍ବନ୍ଧରେ ବିଶେଷ ରୂପେ ଆଲୋଚନା କରାଯାଇଛି । ଏ କ୍ଷୁଦ୍ର ପ୍ରବନ୍ଧରେ ତନ୍ମଧ୍ୟରୁ କିଞ୍ଚିତ ଆଭାସ ଦିଆଗଲା । ମାଧବାଚାର୍ଯ୍ୟଙ୍କ ପ୍ରଣୀତ 'ଶଙ୍କର ଦିଗ୍‌ବିଜୟ'ରେ କଳା ସମ୍ବନ୍ଧରେ ଆଲୋଚନା କରାଯାଇ କଳାର ସଙ୍କେତମାନ ଦିଆଯାଇଛି । ସେହି ଗ୍ରନ୍ଥର ପ୍ରାଚୀନ ବ୍ୟାଖ୍ୟାକାର ଧନପତି ସୁରୀ ଏହି କଳା ସମ୍ବନ୍ଧରେ କେତେକ ବିଷୟ ମଧ୍ୟ ବ୍ୟାଖ୍ୟା କରି ବୁଝାଇ ଅଛନ୍ତି । କେତେକ ପ୍ରାମାଣିକ ତନ୍ତ୍ରଶାସ୍ତ୍ର ଓ ଏହି ବ୍ୟାଖ୍ୟାକାରଙ୍କ ଆଲୋଚନାର ସାର ତଥ୍ୟ ଏଥିରେ ପ୍ରକାଶ କରାଗଲା ।

ଶଙ୍କରାଚାର୍ଯ୍ୟ ତାଙ୍କ ଦିଗ୍‌ବିଜୟ କାଳରେ ମୁକାମ୍ବିକାଙ୍କ ମନ୍ଦିରକୁ ଯିବା ଓ ଭଗବତୀଙ୍କ ସ୍ତୁତି କରିବା ପ୍ରସଙ୍ଗ ଏହି ଗ୍ରନ୍ଥର ଦ୍ୱାଦଶ ସର୍ଗରେ ବର୍ଣ୍ଣନା କରାଯାଇଛି । ସେଥିରେ ଭଗବତୀଙ୍କ ସ୍ତୁତିରେ ନିମ୍ନଲିଖିତ ରଚନା ଦେଖିବାକୁ ମିଳେ । ତାହାର ଅର୍ଥ ପ୍ରାଞ୍ଜଳ ଭାବରେ ବୁଝାଇବା ପାଇଁ ତନ୍ତ୍ର ଶାସ୍ତ୍ରର କେତେକ ବିଷୟ ଏଠାରେ ଉପସ୍ଥାପନା କରାଯାଇଛି । ଏଥିରୁ ପାଠକଗଣ କଳା ତତ୍ତ୍ୱ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଆହରଣ କରିପାରିବେ । ଉକ୍ତ ରଚନାଟି ଏହି ପ୍ରକାର ଯଥା :—

"ଅଷ୍ଟୋତ୍ତରତ୍ରିଂଶତି ଯାଃ କଳାସ୍ତା—
  ସ୍ୱର୍ଦ୍ଧ୍ୟାଃ କଳାଃ ପଞ୍ଚ ନିବୃତ୍ତିମୁଖ୍ୟାଃ ।
ତାସାମୁପର୍ଯ୍ୟମ୍ବ ତବାଙ୍ଘ୍ରିଂ ପଦ୍ମଂ
  ବିଦ୍ୟୋତମାନଂ ବିବୁଧା ଭଜନ୍ତେ ॥
(୧୨/୩୧)

ତନ୍ତ୍ର ଶାସ୍ତ୍ର ଅନୁସାରେ ତିନିଟି ରତ୍ନ ହେଉଛି ଶିବ, ଶକ୍ତି ଓ ବିନ୍ଦୁ । ଏହି ତିନି ତତ୍ତ୍ୱରେ ସମସ୍ତ ତତ୍ତ୍ୱ ଅଧିଷ୍ଠିତ । ଏହା ଉପାଦାନ ରୂପେ ମଧ୍ୟ ପ୍ରକାଶିତ । ଶିବ ଶୁଦ୍ଧ ଜଗତର କର୍ତ୍ତା, ଶକ୍ତି କରଣ ଓ ବିନ୍ଦୁ ଉପାଦାନ । ପଞ୍ଚରାତ୍ର ଆଗମରେ ବିଶୁଦ୍ଧ ସତ୍ତ୍ୱ ଅର୍ଥରେ ଯେଉଁ ତତ୍ତ୍ୱ ବିଦ୍ୟମାନ, ବିନ୍ଦୁ ହେଉଛି ତାହାର ଦ୍ୟୋତକ । ଏହାଙ୍କ ନାମ ମହାମାୟା । ଏହି ବିନ୍ଦୁ ହିଁ ଶବ୍ଦବ୍ରହ୍ମ, କୁଣ୍ଡଳିନୀ, ବିଦ୍ୟାଶକ୍ତି ତଥା ବ୍ୟୋମ — ଏହି ବିଚିତ୍ର ଭୁବନ । ଭୋଗ ତଥା ଭୋଗ୍ୟ ରୂପରେ ପରିଣତ ହୋଇ ଶୁଦ୍ଧ ଜଗତ ସୃଷ୍ଟି କରନ୍ତି । ଯେତେବେଳେ ଆଧାର ଉପରେ ଏହି ବିନ୍ଦୁର ସ୍ଫୁରଣ ହୁଏ, ସେତେବେଳେ ସେଥିରୁ କଳାର ଉଦୟ ହୁଏ । କଳା ଶବ୍ଦର ଅର୍ଥ ହେଉଛି ଅବୟବ, ଖଣ୍ଡ, ଭାଗ ବା ଅଂଶ । ତେଣୁ କଳାଗୁଡ଼ିକ ଭିନ୍ନ ଭିନ୍ନ ଅବୟବ । ଏଥିରେ ସୃଷ୍ଟି କାଳରେ ବୈନ୍ଦବ ଉପାଦାନ ଶକ୍ତିଙ୍କ ଆଘାତରେ ନିଜକୁ ବିଭାଜିତ ବା ବିଭକ୍ତ କରେ । ସୃଷ୍ଟି କାଳରେ ମୂଳାପ୍ରକୃତି ଅଂଶରୂପିଣୀ, କଳାରୂପିଣୀ ଓ କଳାଂଶ ରୂପିଣୀ ଏହି ପ୍ରକାର ଭିନ୍ନ ଭିନ୍ନ ଅଭିବ୍ୟକ୍ତ ରୂପଗୁଡ଼ିକୁ ଧାରଣ କରନ୍ତି । ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ, ଅଂଶରୂପିଣୀ ପୁଷ୍ଟି, ତୁଷ୍ଟି ଓ ଅନ୍ୟାନ୍ୟ ଦେବୀ କଳାରୂପିଣୀ । ଜଗତର ସମସ୍ତ ନାରୀ କଳାଂଶ ରୂପିଣୀ ଯେଉଁମାନେ କି ମହାମାୟାଙ୍କର ସାକ୍ଷାତ ଅଭିବ୍ୟକ୍ତି ଓ ପ୍ରତ୍ୟେକ ମନୁଷ୍ୟର ଶ୍ରଦ୍ଧାର ପାତ୍ର । ଏଥିପାଇଁ ଦୁର୍ଗା ସପ୍ତଶତୀ ୧୧/୬ ଶ୍ଳୋକରେ କୁହାଯାଇଛି — "ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ" ଏହି କଳାଗୁଡ଼ିକର ଉତ୍ପତ୍ତି ବର୍ଣ୍ଣ ମଧ୍ୟରୁ ହୋଇଛି । ତେଣୁ ବର୍ଣ୍ଣ ବିଷୟକ ଆଲୋଚନା ଏଠାରେ କରାଗଲା ।

ମୂଳାଧାର ସ୍ଥିତ ଶବ୍ଦ ବ୍ରହ୍ମମୟୀ ବିନ୍ଦୁ କୁଣ୍ଡଳିନୀ ଶକ୍ତି ହିଁ ବର୍ଣ୍ଣମାଳାର ସୃଷ୍ଟି କରିଅଛନ୍ତି । ଏହାର ବିସ୍ତୃତ ବିବରଣୀ ତନ୍ତ୍ରଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ । ମୁଖ୍ୟତଃ ଶାରଦା ତିଳକ ପ୍ରଥମ ପଟଳର ଶ୍ଳୋକ ୧୦୮—୧୧୩ ଓ ଦ୍ୱିତୀୟ ପଟଳ ଏବଂ ମାତୃକା ଚକ୍ର ବିବେକରେ ଏହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ମାତୃକା ଭେଦ ତନ୍ତ୍ର ମଧ୍ୟ ଅନ୍ୟ ଏକ ପ୍ରାମାଣିକ ଗ୍ରନ୍ଥ । କୁଣ୍ଡଳିନୀ ଶକ୍ତି ହିଁ ବର୍ଣ୍ଣମାଳାର ସୃଷ୍ଟି । ଗୂଢ଼ାର୍ଥ ଦୀପିକାକାରଙ୍କ ବର୍ଣ୍ଣନା ଅନୁସାରେ ଶକ୍ତି ମୂଳ କାରଣରୁ ଶବ୍ଦର ଉନ୍ମୁଖ ହେବା ଅବସ୍ଥାର ନାମାନ୍ତର ମାତ୍ର। ଯଥା—"ଶକ୍ତିର୍ନାମ ମୂଳ କାରଣସ୍ୟ ଶବ୍ଦସ୍ୟୋନ୍ମୁଖୀଭବନ-ବସ୍ଥେତି ।" ଏହି ଶକ୍ତିରୁ ହିଁ ଧ୍ୱନିର ଉଦୟ ହୁଏ । ଧ୍ୱନିରୁ ନାଦ, ନାଦରୁ ନିରୋଧିକାର, ତହିଁରୁ ଅର୍ଦ୍ଧଚନ୍ଦ୍ରର, ତହିଁରୁ ବିନ୍ଦୁର ଓ ସେହି ବିନ୍ଦୁରୁ ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ ରୂପକ ଚତୁର୍ବିଧ ବାକ୍‌ର ଉତ୍ପତ୍ତି ହୁଏ । ପରା ବାକ୍‌ର ଉଦୟର ସ୍ଥାନ ମୂଳାଧାର ଚକ୍ର। ତା' ଉପରକୁ ସ୍ୱାଧିଷ୍ଠାନ ଚକ୍ରରେ ଥିବା ଶକ୍ତିକୁ ପଶ୍ୟନ୍ତୀ ବୋଲି କୁହାଯାଏ, ହୃଦୟରେ ତାଙ୍କୁ ମଧ୍ୟମା ଓ ମୁଖଠାରୁ କଣ୍ଠ—ତାଳୁ ଆଦି ସ୍ଥାନର ଆଶ୍ରୟ ନେଇ ଅଭିବ୍ୟକ୍ତ ହେଉଥିବା ବାଣୀକୁ ବୈଖରୀ କୁହାଯାଏ । ଯଥାଃ—

"ସ୍ୱାଚ୍ଛେଚ୍ଛାଶକ୍ତିଘାତେନ ପ୍ରାଣବାୟୁ ସ୍ୱରୂପତଃ ।
ମୂଳାଧାରେ ସମୁତ୍ପନ୍ନଃ ପରାଖ୍ୟୋ ନାଦ ଉତ୍ତମଃ ॥

ସ ଏବୋର୍ଦ୍ଧ୍ୱଂତସ୍ମା ନୀତଃ ସ୍ୱାଧିଷ୍ଠାନେ ବିକସିତଃ ।
ପଶ୍ୟନ୍ତ୍ୟାଖ୍ୟାମବାପ୍ନୋତି ତଦୈବୋର୍ଦ୍ଧ୍ୱଂ ଶନୈଃ
ଶନୈଃ ॥
ଅନାହତେ ବୁଦ୍ଧିତତ୍ତ୍ୱସମେତୋ ମଧ୍ୟମାଭିଧଃ ।
ତଥା ତସ୍ୟୋର୍ଦ୍ଧ୍ୱଂ ନୁନ୍ନଃ ସନ୍ ବିଶୁଦ୍ଧୌ କଣ୍ଠଦେଶତଃ ॥
ବୈଖର୍ଯ୍ୟାଖ୍ୟସ୍ତତଃ କଣ୍ଠଶୀର୍ଷତାଲ୍ୱୋଷ୍ଠଦନ୍ତଗଃ ।
ଜିହ୍ୱାମୂଳାଗ୍ରପୃଷ୍ଠସ୍ଥସ୍ତଥା ନାସାଗ୍ରତଃ କ୍ରମାତ୍ ॥
କଣ୍ଠତାଲ୍ୱୋଷ୍ଠକଣ୍ଠୋଷ୍ଠୌ ଦନ୍ତୋଷ୍ଠୌ ଦ୍ୱୟତସ୍ତଥା ।
ସମୁତ୍ପନ୍ନାନ୍ୟକ୍ଷରାଣି କ୍ରମାଦାଦିକ୍ଷକାବଧି ॥
ଆଦିକ୍ଷାନ୍ତରତେତ୍ୟେଷାମକ୍ଷରତ୍ୱ ମୁଦୀରିତମ୍ ॥

(ରାଘବଭଟ୍ଟଙ୍କ ଶାରଦାତିଳକ ଟୀକା, ପୃଃ ୬୦)

ବର୍ଣ୍ଣ ସାଧାରଣତଃ ତିନି ପ୍ରକାର ଯଥା—(୧) ସୌମ୍ୟ, ଏହା ଚନ୍ଦ୍ରଙ୍କ ସମ୍ବନ୍ଧୀୟ, (୨) ସୌର, ଏହା ସୂର୍ଯ୍ୟଙ୍କ ସମ୍ବନ୍ଧୀୟ, (୩) ଆଗ୍ନେୟ, ଏହା ଅଗ୍ନିଙ୍କ ସମ୍ବନ୍ଧୀୟ। ସ୍ୱର ବର୍ଣ୍ଣ ଚନ୍ଦ୍ର ସମ୍ବନ୍ଧୀୟ ଓ ଏହାର ସଂଖ୍ୟା ୧୬, ଯଥା—ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ୡ, ଏ, ଐ, ଓ, ଔ, ଅଂ, ଅଃ । ପ୍ରପଞ୍ଚ ସାର ତୃତୀୟ ପଟଳର ୪ରୁ ୭ ଶ୍ଳୋକ ଅନୁସାରେ ଏହି ସ୍ୱର ମଧ୍ୟରେ ହ୍ରସ୍ୱ ଅ, ଇ, ଉ ଓ ବିନ୍ଦୁ (ଅନୁସାର) ପୁଂଲିଙ୍ଗ । ଦୀର୍ଘସ୍ୱର ଆ, ଈ, ଊ, ଓ ବିସର୍ଗ ସ୍ତ୍ରୀଲିଙ୍ଗ ଏବଂ ଋ, ୠ, ଌ, ୡ, ନପୁଂସକ । ହ୍ରସ୍ୱ ସ୍ୱରର ସ୍ଥିତି ପିଙ୍ଗଳା ନାଡ଼ିରେ, ଦୀର୍ଘ ସ୍ୱରର ସ୍ଥିତି ଇଡ଼ା ନାଡ଼ିରେ।

"ପିଙ୍ଗଳାୟାଂ ସ୍ଥିତା ହ୍ରସ୍ୱା ଇଡ଼ାୟାଂ ସଂଗତାଃ ପରେ ।
ସୁଷୁମ୍ନାମଧ୍ୟଗା ଜ୍ଞେୟାଶ୍ଚତ୍ୱାରୋ ଽସ୍ୟେ ନପୁଂସକାଃ ॥

(ସାରଦା ତିଳକ ୨/୭)

ସ୍ପର୍ଶ ବ୍ୟଞ୍ଜନବର୍ଣ୍ଣଗୁଡ଼ିକୁ ସୌରବର୍ଣ୍ଣ କୁହାଯାଏ । କ'କାରଠାରୁ ଆରମ୍ଭ କରି ମ'କାର ପର୍ଯ୍ୟନ୍ତ ପଚିଶ ବର୍ଣ୍ଣ ସେହି ସେହି ସ୍ଥାନକୁ ସ୍ପର୍ଶ କରି ଉତ୍ପନ୍ନ ହୁଅନ୍ତି । ତେଣୁ ସେ ସବୁକୁ ସ୍ପର୍ଶ କୁହାଯାଏ । ବ୍ୟାପକ ବର୍ଣ୍ଣକୁ ଆଗ୍ନେୟ ବର୍ଣ୍ଣ କୁହାଯାଏ । ଏହା ଦଶଟି, ଯଥା–ଯ, ର, ଲ, ବ, ଶ, ଷ, ସ, ହ, କ୍ଷ ଓ ଳ । ଏହି ତିନି ପ୍ରକାର ବର୍ଣ୍ଣରୁ ୩୮ କଳାର ଉତ୍ପତ୍ତି । ସ୍ୱରରୁ ସୌମ୍ୟ ବା ଚନ୍ଦ୍ର କଳା ୧୬, ସ୍ପର୍ଶ ଯୁଗ୍ମରୁ ସୂର୍ଯ୍ୟକଳା ୧୨ ଓ ଯ'କାରାଦି ବ୍ୟାପକ ବର୍ଣ୍ଣରୁ ଅଗ୍ନିକଳା ୧୦ର ଉଦୟ ହୋଇଥାଏ । ଯଥା:—

"ତତ୍ତ୍ରିଭେଦସମୁଦ୍ଭୂତା ଅଷ୍ଟାତ୍ରିଂଶତ୍ କଳା ମତାଃ ।
ସ୍ୱରୈଃ ସୌମ୍ୟାଃ ସ୍ପର୍ଶଯୁଗ୍ମୈଃ ସୌରା ଯାଦ୍ୟାଶ୍ଚ
ବହ୍ନିଜାଃ ॥
ଷୋଡ଼ଶ ଦ୍ୱାଦଶ ଦଶ ସଂଖ୍ୟାଃ ସ୍ୟୁଃ କ୍ରମଶଃ
କଳାଃ ॥

(ପ୍ରପଞ୍ଚ ସାରଃ, ୩ୟ ପଟଳ)

ଚନ୍ଦ୍ରକଳା ଷୋଡ଼ଶ ଓ ଏହାର ଜନ୍ମ ପୃଥକ୍ ପୃଥକ୍ ଷୋଡ଼ଶ ସ୍ୱରରୁ ହୁଏ । ସେହିପରି ଅଗ୍ନି ଦଶକଳା ଦଶ ବ୍ୟାପକ ବର୍ଣ୍ଣରୁ ପୃଥକ୍ ପୃଥକ୍ ଉତ୍ପନ୍ନ ହୁଏ । ପରନ୍ତୁ ସୌର କଳାଗୁଡ଼ିକର ଉଦୟ ଏକ ଏକ ସ୍ପର୍ଶବର୍ଣ୍ଣରୁ ହୁଏନାହିଁ । ଏହା ଦୁଇଟି ସ୍ପର୍ଶକୁ ମିଳାଇ ହୋଇଥାଏ । ଏହା ଏକ ବିସ୍ମୟ ସାପେକ୍ଷ ବିଷୟ । ରବି ସ୍ୱୟଂ ଅଗ୍ନି–ସୋମାତ୍ମକ । ଏହା ଶିବଶକ୍ତିଙ୍କ ସାମରସ୍ୟ । ସାମ୍ୟାବସ୍ଥାରେ ଅଗ୍ନି ଓ ଚନ୍ଦ୍ର ରହନ୍ତି । କ୍ଷୋଭ ହେବା ମାତ୍ରେ ସୂର୍ଯ୍ୟ ଆଉ ଏକ ଅଗ୍ନି ରୂପରେ ପରିଣତ ହୁଅନ୍ତି ଓ ଅପର ଦିଗରେ ଚନ୍ଦ୍ରରେ ମଧ୍ୟ ପରିଣତ ହୁଅନ୍ତି । 'ଯୋଗିନୀ ହୃଦୟ ତନ୍ତ୍ର' ଦୀପିକାରେ (ପୃଃ ୧୦ରେ) ଅମୃତାନନ୍ଦ ନାଥ ଏହି କଥା ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି । ଯଥା:—"ଅଗ୍ନିସୋମାତ୍ମକଃ କାମାଖ୍ୟୋ ରବିଃ ଶିବଶକ୍ତି ସାମରସ୍ୟବାଚ୍ୟୋ ଜାତଃ । ତଦୁକ୍ତଂ ଚିଦ୍‌ଗଗନ ଚନ୍ଦ୍ରିକାୟାମ୍, ଯଥା:—

"ଭୋକ୍ତୃଭୋଗମୟଗୋବିମର୍ଶନାଦ
ଦେବି ମାଂ ବିନ୍ଦୁଦଧୌ ଦ୍ରୁତାଂ ଦଶାମ୍ ।
ଅର୍ପୟନ୍ନନଳସୋମମିଶ୍ରଣଂ
ତଦ୍‌ବିମର୍ଶ ଇହ ଭାନୁଲକ୍ଷଣମ୍ ॥"

ଅର୍ଥାତ୍ ସୌରୀ କଳାଗୁଡ଼ିକରେ ପ୍ରାୟଃ ଆଗ୍ନେୟୀ ଓ ଶୁଚିଚନ୍ଦ୍ରୀ ଉଭୟ କଳାର ଶ୍ରୁତି ମିଶ୍ରଣ ହୋଇଥାଏ । ଦୁଇଟିର ସ୍ପର୍ଶ ଯୋଗୁଁ ତଥା ମିଳନ ଯୋଗୁଁ ଏକ ଏକ ସୂର୍ଯ୍ୟ କଳାର ଉଦୟ ହେବା ଯୁକ୍ତିଯୁକ୍ତ ଓ ସିଦ୍ଧାନ୍ତ ତଥ୍ୟ । ମ'କାର ସ୍ୱୟଂ ରବି ରୂପ । "ତଦନ୍ତ୍ୟସ୍ତାତ୍ମା ରବିଃ ସ୍ମୃତଃ," (ପ୍ରପଞ୍ଚସାର ୩/୮) ତେଣୁ ମ'କାରକୁ ବାଦ୍ ଦେଲେ ଚବିଶି ସ୍ପର୍ଶରେ ଦ୍ୱାଦଶକଳା ଉତ୍ପନ୍ନ ହୋଇଥାଏ । ତେଣୁ ଏହି ଦ୍ୱାଦଶ କଳାରେ ଦ୍ୱାଦଶ ଆଦିତ୍ୟ ହେବା ସ୍ୱତଃସିଦ୍ଧ । କ୍ରମାନ୍ୱୟରେ ସ୍ପର୍ଶର ଯୋଗ କରାଯାଏ ନାହିଁ । ଗୋଟିଏ ଅକ୍ଷରର ଆରମ୍ଭ ଓ ଅନ୍ୟ ଅକ୍ଷରର ଅନ୍ତକୁ ଏଥିରେ ନିଆଯାଇ ଦ୍ୱାଦଶ ସୌରକଳା ଉତ୍ପନ୍ନ ହୁଏ । ଉପରୋକ୍ତ ୩୮ କଳା ସମ୍ବନ୍ଧରେ "ପ୍ରପଞ୍ଚସାର" ଗ୍ରନ୍ଥର ୩/୧୪–୨୦ ପଟଳ ଓ "ଶାରଦା ତିଳକ ଗ୍ରନ୍ଥର ୨/୧୩–୧୬ ପଟଳରେ ଯେପରି ବର୍ଣ୍ଣନା କରାଯାଇଛି, ତାହା ନିମ୍ନରେ ଦିଆଗଲା :—

(୧) କାମଦାୟିନୀ ୧୬ ଚନ୍ଦ୍ରକଳା, ଯଥା–ଅଁ=ଅମୃତା, ଆଁ=ମାନଦା, ଇଁ=ପୂଷା, ଈଁ=ତୁଷ୍ଟି, ଉଁ=ପୁଷ୍ଟି, ଊଁ=ରତି, ଋଁ=ଧୃତି, ୠଁ=ଶଶିନୀ, ଌଁ=ଚନ୍ଦ୍ରିକା, ୡଁ=କାନ୍ତି, ଏଁ=ଜ୍ୟୋତ୍ସ୍ନା, ଐଂ=ଶ୍ରୀ, ଓଂ=ପ୍ରୀତି, ଔଂ=ଅଙ୍ଗଦା, ଅଂ=ପୂର୍ଣ୍ଣା ଏବଂ ଅଃ =ପୂର୍ଣ୍ଣାମୃତା । ଏହି ଷୋଡ଼ଶ ଦେବୀ ହିଁ କାମଦାୟିନୀ ୧୬ ଚନ୍ଦ୍ରକଳା ଅଟନ୍ତି ।

(୨) ବସୁଦା ୧୨ ସୌରୀ କଳା, ଯଥା–କଂଭଂ=ତପିନୀ, ଖଂବଂ=ତାପିନୀ, ଗଂଫଂ=ଧୂମ୍ରା, ଘଂପଂ=ମରୀଚି, ଙଂନଂ=ଜ୍ୱାଳିନୀ, ଚଂଧଂ=ରୁଚି, ଛଂଦଂ=ସୁଷୁମ୍ନା, ଜଂଥଂ=ଭୋଗଦା, ଝଂତଂ=ବିଶ୍ୱା, ଞଂଣଂ=ବୋଧିନୀ, ଟଂଢଂ=ଧାରିଣୀ ଓ ଠଂଡଂ=କ୍ଷମା । ଏହି ଦ୍ୱାଦଶ ଦେବୀ ହିଁ ଦ୍ୱାଦଶ ସୌରୀ କଳା–ଶକ୍ତି ଅଟନ୍ତି ।

(୩) ଧର୍ମପ୍ରଦା ୧୦ ଆଗ୍ନେୟୀ କଳା, ଯଥା–ଯଂ=ଧୂମ୍ରାର୍ଚ୍ଚି, ରଂ=ଉଷ୍ମା, ଲଂ=ଜ୍ୱଳିନୀ, ବଂ=ଜ୍ୱାଳିନୀ, ଶଂ=ବିସ୍ଫୁଲିଙ୍ଗିନୀ, ଷଂ=ସୁଶ୍ରୀ, ସଂ=ସୁରୂପା, ହଂ=କପିଳା, ଳଂ=ହବ୍ୟବହା ଓ କ୍ଷଂ=କବ୍ୟବହା । ଏହି ଦଶ ଦେବୀ ହିଁ ଦଶ ଆଗ୍ନେୟ କଳା । ଶ୍ରୀ ବିଦ୍ୟାର୍ଣ୍ଣବ ତନ୍ତ୍ର ୨ୟ ଭାଗର ୮୯୪ ପୃଷ୍ଠାରେ ଏହି କଳାଗୁଡ଼ିକର ନାମ ଓ ରୂପ ଠିକ୍ ଏହିଭଳି ଉଲ୍ଲେଖ କରାଯାଇଛି । 'ମାଧବ' ପୁକାସିକା ଦେବୀଙ୍କର ଯେଉଁ ସ୍ତୁତି ଲେଖିଛନ୍ତି, ତାହା ଶ୍ରୀ ବିଦ୍ୟା ସମ୍ପ୍ରଦାୟରୁ ହିଁ ମିଳେ । "ଶ୍ରୀ ବିଦ୍ୟାର୍ଣ୍ଣବ ତନ୍ତ୍ର"ରେ ତାହାର ଉପଲବ୍ଧି ହେବାର ପ୍ରତ୍ୟକ୍ଷ ପ୍ରମାଣ ରହିଛି । ତେଣୁ ଏହି ଶ୍ଳୋକରୁ ସ୍ପଷ୍ଟ ଜଣାପଡ଼େ ଯେ, ପ୍ରାଚୀନ ପରମ୍ପରା ଅନୁସାରେ ଶଙ୍କରାଚାର୍ଯ୍ୟ "ଶ୍ରୀ ବିଦ୍ୟା" ସମ୍ପ୍ରଦାୟର ପ୍ରଧାନ ସାଧକ ଥିଲେ । ଏ ବିଷୟରେ ଅନ୍ୟାନ୍ୟ ପ୍ରମାଣ ରହିଥିବାର ଅନୁମାନ କରାଯାଏ । ତାହା ଗବେଷଣା ସାପେକ୍ଷ । ଉପରୋକ୍ତ ସଂକ୍ଷିପ୍ତ ତଥ୍ୟ ହିଁ ତନ୍ତ୍ର ଶାସ୍ତ୍ର ଅନୁସାରେ କଳା ତତ୍ତ୍ୱ ।

---

ସମ୍ପାଦକ, ବିଶ୍ୱ ସଂସ୍କୃତ ପ୍ରତିଷ୍ଠାନମ୍ ଓ
ବିଶ୍ୱ ଓଡ଼ିଆ ପରିଷଦ, କ୍ୱାର୍ଟର୍ସ ନଂ–IV-3 /4,
ୟୁନିଟ୍–I, ଭୁବନେଶ୍ୱର–୯ ।

# ଓଡ଼ିଶାରେ ଶକ୍ତି ପୂଜା

● ସୁପ୍ରିୟା ମଲିକ୍

ପ୍ରାଚୀନ କାଳରୁ ବିଭିନ୍ନ ଧର୍ମ, ଦର୍ଶନ ଓ ମତବାଦର ସମନ୍ୱିତ ପରମ୍ପରାକୁ ନେଇ ଓଡ଼ିଶାର ସଂସ୍କୃତି ପରିପୁଷ୍ଟ ହୋଇ ଆସୁଛି । ଆର୍ଯ୍ୟମାନଙ୍କ ପୂର୍ବରୁ ଏଠାରେ ବାସ କରୁଥିବା ଆଦିମ ଅଧିବାସୀମାନଙ୍କର ଆରାଧ୍ୟ ଦେବତା "ଶ୍ରୀଜଗନ୍ନାଥ" ଓଡ଼ିଶାର ଜାତୀୟ ଦେବତା ଭାବରେ ପୂଜିତ ଓ ସର୍ବଜନ ବିଦିତ । ଜଗନ୍ନାଥ ସଂସ୍କୃତିରେ, ବ୍ରାହ୍ମଣ୍ୟ, ଶୈବ, ଶାକ୍ତ, ବୈଷ୍ଣବ ଓ ବୌଦ୍ଧ ଆଦି ବିଭିନ୍ନ ଧର୍ମଧାରାର ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୁଏ । ଏହି ସବୁ ଭିନ୍ନ ଭିନ୍ନ ଧର୍ମ ଓ ମତବାଦମାନଙ୍କ ମଧ୍ୟରୁ ଶାକ୍ତଧର୍ମ, ଓଡ଼ିଶାର ଜନଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ଆସିଛି । "ଶକ୍ତି"ର ଉପାସକମାନେ ଶାକ୍ତ ରୂପେ ଅଭିହିତ ହୋଇଥାନ୍ତି । କିନ୍ତୁ ଓଡ଼ିଶାରେ ଯେ କେବଳ ମନ୍ଦିରରେ ଶକ୍ତିପୂଜା କରାଯାଏ ତାହା ନୁହେଁ; ପୁରପଲ୍ଲୀରେ ଓ ଅନେକ ଓଡ଼ିଆ ପରିବାରରେ ବିଭିନ୍ନ ରୂପରେ ଦେବୀ ପୂଜାର ପ୍ରଚଳନ ଦେଖିବାକୁ ମିଳେ । ଗ୍ରାମମାନଙ୍କରେ ଗ୍ରାମଦେବତୀ ରୂପରେ, ଗୃହରେ ମୁଖ୍ୟ ଦେବତୀ ବା ଗୃହର ରକ୍ଷାକର୍ତ୍ତ୍ରୀ ଭାବରେ ଦେବୀଙ୍କୁ ପୂଜା କରାଯାଇଥାଏ । ଏପରିକି ଶ୍ମଶାନରେ ମଧ୍ୟ ଦେବୀ ପୂଜା କରାଯାଏ । ଶକ୍ତିଙ୍କୁ ଭଗବାନ୍ ଶିବଙ୍କର ପତ୍ନୀ ରୂପେ କଳ୍ପନା କରାଯାଇଛି । ମଙ୍ଗଳା, ପାର୍ବତୀ, ଚଣ୍ଡୀ, ବିମଳା, ଦୁର୍ଗା, ଚର୍ଚ୍ଚିକା, ବାରାହୀ, କାଳୀ, ତାରିଣୀ, ବିରଜା ଓ ଭୁବନେଶ୍ୱରୀ ଆଦି ବହୁବିଧ ନାମରେ ଦେବୀ ପୀଠମାନ ପ୍ରତିଷ୍ଠା କରାଯାଇ ଶକ୍ତି ପୂଜା କରାଯାଉଛି । ଓଡ଼ିଶାରେ ଶକ୍ତି ପୂଜାର ବହୁଳ ପ୍ରସାର ଦ୍ୱାରା ଏହାକୁ "ଉତ୍କଳ ଶାକ୍ତ ମଣ୍ଡଳ" ନାମରେ ମଧ୍ୟ ଅଭିହିତ କରାଯାଇଛି ।

ପ୍ରତ୍ନତାତ୍ତ୍ୱିକ ଅନୁଶୀଳନ ଦ୍ୱାରା ଏହା ଅନୁମାନ କରାଯାଏ ଯେ ଖ୍ରୀ:ପୂ: ଦ୍ୱିତୀୟ ବା ତୃତୀୟ ଶତାବ୍ଦୀ ବେଳକୁ ଓଡ଼ିଶାରେ ଶାକ୍ତ ପରମ୍ପରାର ଅଭ୍ୟୁଦୟ ଘଟିଥିଲା । ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀର ଆଦିବାସୀ ମୂର୍ତ୍ତି କଳାରେ ନାଗୁଣୀ ଓ ଯକ୍ଷିଣୀ ଆଦି ଉପଦେବୀମାନଙ୍କର ମୂର୍ତ୍ତି ଖୋଦିତ ହୋଇଥିବାର ଦେଖାଯାଏ । ଏହି ସବୁ ଦେବୀମାନଙ୍କର କ୍ରୋଧ ଉପଶମ ଉଦ୍ଦେଶ୍ୟରେ ପ୍ରଥମେ ଦେବୀପୂଜା ପ୍ରଚଳନ କରାଯାଇଥିବା ଅନୁମିତ ହୁଏ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ଅନେକ ଆଦିବାସୀ ଦେବଦେବୀଙ୍କୁ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ଦେବତା ରୂପେ ପୂଜା କରାଗଲା । ଏଣୁ ତାନ୍ତ୍ରିକ ଶକ୍ତିବାଦର ଅଭ୍ୟୁତ୍ଥାନ ଘଟିଲା । ଭୌମକାର ବଂଶର ରାଜତ୍ୱ ସମୟରେ (୭୩୬-୯୪୮ ଖ୍ରୀ:ଅ:) ତାନ୍ତ୍ରିକ ଶକ୍ତିବାଦ ରାଜ ପୃଷ୍ଠପୋଷକତା ଲାଭ କରିବାର ଅନେକ୍ ଶୈବ ଓ ଶାକ୍ତ ମନ୍ଦିର ନିର୍ମାଣ କରାଗଲା । ଏହି ସମୟରେ ବଲାଙ୍ଗୀରର ରାଣୀପୁର ଝରିଆଲ୍ ଓ ଭୁବନେଶ୍ୱରରେ ଅନେକ ମନ୍ଦିର ମୁଣ୍ଡ ଟେକି ଉଠିଥିଲା । ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ରୂପରେ ଶକ୍ତି ପୂଜାର ପରମ୍ପରା, ଗୁପ୍ତଯୁଗ (ଚତୁର୍ଥ କିମ୍ବା ପଞ୍ଚମ ଶତାବ୍ଦୀ)ରୁ ଆରମ୍ଭ ହୋଇଥିଲା । ଏହି ପରମ୍ପରାର ପ୍ରାଚୀନତମ ଉଦାହରଣ ହେଉଛି କଟକ ଜିଲ୍ଲାର ଯାଜପୁରର ଶ୍ରୀବିରଜା କ୍ଷେତ୍ର । ଏହି ମନ୍ଦିରରେ ଦୁଇ ହାତ ଥିବା ଦେବୀ ଦୁର୍ଗାଙ୍କୁ ପୂଜା କରାଯାଏ । ଗୁପ୍ତଯୁଗରୁ ଆରମ୍ଭ ହୋଇଥିବା "ଦେବୀ ପୂଜା", ଭୌମକାର ବଂଶର ରାଜତ୍ୱ ସମୟରେ ବିଶେଷ ଉତ୍କର୍ଷତା ଲାଭ କରିଥିଲା । ଏବେଯାଏ ମଧ୍ୟ ଶ୍ରୀବିରଜା କ୍ଷେତ୍ରର ମାହାତ୍ମ୍ୟ ସର୍ବଜନ ବିଦିତ ।

ଓଡ଼ିଶାର ଅଜସ୍ର ଶକ୍ତିପୀଠମାନଙ୍କ ମଧ୍ୟରୁ ଶେଷ ଆଠଟି କ୍ଷେତ୍ର ଅଷ୍ଟକୀଳା ଭାବରେ ପରିଚିତ । ସେଗୁଡ଼ିକ ହେଲା କଟକ ଜିଲ୍ଲାର ବିରଜାକ୍ଷେତ୍ର ଯାଜପୁର, ଚିତ୍ରୋତ୍ପଳା କୂଳର ଶାରଳା ମନ୍ଦିର, ବଡ଼ମ୍ବାର ଭଟ୍ଟାରିକା, ପୁରୀ ଜିଲ୍ଲାର ମଙ୍ଗଳା, ହରଚଣ୍ଡୀ ଓ ଭଗବତୀ, କେନ୍ଦୁଝର ଜିଲ୍ଲାର ତାରିଣୀ ଏବଂ ସମ୍ବଲପୁରର ମହାନଦୀ କୂଳର ଚର୍ଚ୍ଚିକା । ଏହି ସବୁ କ୍ଷେତ୍ରରେ ତନ୍ତ୍ରୋକ୍ତ ପ୍ରଥାନୁଯାୟୀ ଦେବୀପୂଜା ସମ୍ପନ୍ନ ହେଉଥିବାରୁ ଏଠାରେ ପଶୁବଳି ପ୍ରଚଳିତ ରହିଛି । ଯାଜପୁରର ବିରଜା ମନ୍ଦିରରେ ସମସ୍ତ ପୂଜା ଅନୁଷ୍ଠାନ "ଶକ୍ତିପଲ୍ଲବ" ନାମକ ସ୍ୱତନ୍ତ୍ର ତନ୍ତ୍ର ଶାସ୍ତ୍ରାନୁସାରେ ଅନୁଷ୍ଠିତ ହୁଏ । ସେହି ଅନୁସାରେ 'ଦୁର୍ଗାପୂଜା' ସମୟରେ ମହାଷ୍ଟମୀରେ ଦେବୀଙ୍କର ଉଗ୍ରଚଣ୍ଡୀ ପୂଜା, ହୋମ ଓ ମହାନବମୀରେ ଲାଖବିନ୍ଧା ପରେ ମହାନବମୀ ନିଶାରେ ମହିଷବଳି ପ୍ରଦାନ କରାଯାଏ । ବଡ଼ମ୍ବା ଭଟ୍ଟାରିକା ପୀଠରେ ମଧ୍ୟ ବିଭିନ୍ନ ସମୟରେ ପଶୁବଳି ଦିଆଯାଉଥିଲା; କିନ୍ତୁ ୧୯୭୭ରୁ ଏହି ମନ୍ଦିରର ବଳି ପ୍ରଥାକୁ ସଙ୍କୁଚିତ କରି ମାତ୍ର ଦୁଇଟି ରଖାଯାଇଛି । ପୁରୀ ଶ୍ରୀମନ୍ଦିରସ୍ଥ ବିମଳା ପୀଠରେ ଶରତ୍‌କାଳୀନ ଷୋଡ଼ଶ ପୂଜାରେ ପଶୁ ବଳି ପ୍ରଦାନ କରାଯିବାର ବିଧି ରହିଛି । ଏହି ପୀଠ ପୁରୀର ବିଭିନ୍ନ ମଠ, ପୁରୀ ରାଜା, ଜୟୀ ରାଜଗୁରୁଙ୍କ ବଂଶ ଓ ଜମିଦାର ଖୁଣ୍ଟିଆ ବଂଶ, ପଶୁ ଯୋଗାଇଥାଆନ୍ତି । ଏହିପରି

ଭାବରେ ଅନ୍ୟାନ୍ୟ ଶକ୍ତି ପୀଠମାନଙ୍କରେ ଏବେଯାଏ ପଶୁବଳି ପ୍ରଥା ଅବ୍ୟାହତ ରହିଛି ।

ଶାକ୍ତ ସାଧକମାନେ ତନ୍ତ୍ର ଶାସ୍ତ୍ର ଅନୁଯାୟୀ ବିଭିନ୍ନ ପୂଜା, ହୋମ ଓ ବଳିଦାନର ବ୍ୟବସ୍ଥା ଦ୍ୱାରା ଦେବୀ ପୂଜା କରିଥାନ୍ତି । ତନ୍ତ୍ରରେ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ ଉପଚାରରେ ପଞ୍ଚ 'ମ'କାର ପୂଜାକୁ ଶ୍ରେଷ୍ଠ ମହତ୍ତ୍ୱ ଦିଆଯାଇଥାଏ । ଏଣୁ ତନ୍ତ୍ର ଶାସ୍ତ୍ର ପ୍ରମାଣିତ କରେ ଯେ ଜୀବନ ବଳୀ ବିନା ଦେବୀଙ୍କୁ ତୁଷ୍ଟ କରିବା ଅସମ୍ଭବ ଏବଂ ସାଧନା ଅସମ୍ପୂର୍ଣ୍ଣ ରହେ । ସମସ୍ତ ତନ୍ତ୍ର ଶାସ୍ତ୍ରର ସାରାଂଶ ଶ୍ରୀଶ୍ରୀଚଣ୍ଡୀ ଗ୍ରନ୍ଥରେ ନିହିତ ରହିଛି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଏହି ଗ୍ରନ୍ଥରେ ଲିଖିତ ଅଛି, "ଦେବୀ କହିଥିଲେ-ଉତ୍ତମ ପଶୁ, ପୁଷ୍ପ, ଅର୍ଘ୍ୟ, ଧୂପ, ଦୀପ, ଗନ୍ଧ, ହୋମ, ପଞ୍ଚାମୃତାଦି ବିଭିନ୍ନ ଅଭିଷେକ ଦ୍ରବ୍ୟ ଅନ୍ୟାନ୍ୟ ଉପହାର ପ୍ରଦାନ, ବ୍ରାହ୍ମଣ ଭୋଜନାଦିରେ ଦିବାରାତ୍ର ଗୋଟିଏ ବର୍ଷ ପୂଜା କଲେ ଯେପରି ସେ ପ୍ରୀତ ହୁଅନ୍ତି ।" 'କାଳିକା ପୁରାଣ'ରେ ଦେବୀଙ୍କଠାରେ ବଳି ବିଧାନର ବ୍ୟବସ୍ଥା ରହିଛି । ନାନାବିଧ ପକ୍ଷୀ, କଚ୍ଛପ, ମତ୍ସ୍ୟ, ଛାଗ, ମହିଷ, ମୃଗ, ଶାର୍ଦ୍ଦୁଳର ଉଲ୍ଲେଖ ରହିବା ସଙ୍ଗେ ସଙ୍ଗେ ସାଧକ ନିଜ ଶରୀରର ରକ୍ତ ବଳି ରୂପେ ଦେବୀଙ୍କୁ ଅର୍ପଣ କରିପାରିବ ବୋଲି ଉଲ୍ଲେଖ ଅଛି । ବୃହନ୍ନଳୀ ତନ୍ତ୍ରରେ ଲିଖିତ ଅଛି ଯେ, ଛାଗ ଓ ମହିଷ ମାଂସ, ଅନ୍ନ, ମତ୍ସ୍ୟ, ପ୍ରଚୁର ଅନ୍ନ, ପିଠାଆଦି ଉତ୍ତମ ଦ୍ରବ୍ୟ ଦେବୀଙ୍କୁ ବଳି ରୂପେ ଅର୍ପଣ କରାଯାଏ । ଗାୟତ୍ରୀ ତନ୍ତ୍ରରେ ମହାବଳିର ନିର୍ଦ୍ଦେଶ ରହିଛି । ଯଦି ଦୁଇଟି କୃଷ୍ଣ ଛାଗ ଓ ଦୁଇଟି ମହିଷ ବଳି ଦିଆଯାଏ ତେବେ ଏହାକୁ ମହାବଳି କୁହାଯାଏ । ଗାୟତ୍ରୀ ତନ୍ତ୍ର, ବୃହନ୍ନଳୀ ତନ୍ତ୍ର ଓ କୁଳଚୂଡ଼ାମଣି ତନ୍ତ୍ର ଆଦି ଅନ୍ୟାନ୍ୟ ବହୁ ଶାସ୍ତ୍ରରେ ବଳି ପ୍ରଥାର ଯଥାର୍ଥତା ପ୍ରମାଣିତ ହୋଇଛି ।

ପଶୁ ବଳି ପ୍ରଥା ଯେ କେବଳ ତନ୍ତ୍ର ଶାସ୍ତ୍ର ଦ୍ୱାରା ଅନୁମୋଦିତ ତାହା ନୁହେଁ । ବେଦ, ମହାଭାରତ, ରାମାୟଣ ଆଦି ହିନ୍ଦୁ ଧର୍ମର ବିଶିଷ୍ଟ ଧର୍ମଗ୍ରନ୍ଥଗୁଡ଼ିକରେ ମଧ୍ୟ ପଶୁବଳିର ଉଲ୍ଲେଖ ରହିଛି । ବୈଦିକ ଯୁଗରେ ଯଦିଓ ଦେବୀ ପୂଜାର ମହତ୍ତ୍ୱ ନଥିଲା ତଥାପି ଇନ୍ଦ୍ର, ବିଷ୍ଣୁ, ବରୁଣ, ରୁଦ୍ର ଓ ସୋମ ଆଦି ଦେବତାଙ୍କ ନିକଟରେ ଜୀବ ବଳି ପ୍ରଦାନ କରାଯାଉଥିଲା । ବେଦରେ ଅଶ୍ୱମେଧ, ଗୋ-ମେଧ, ନରମେଧ ଆଦି ପାଞ୍ଚ ପ୍ରକାର ଯଜ୍ଞ ସମ୍ବନ୍ଧରେ ବର୍ଣ୍ଣନା ରହିଛି । ରାମାୟଣର ଅଯୋଧ୍ୟା କାଣ୍ଡରେ ଦେବୀ ସୀତା ଗଙ୍ଗା ଓ ଯମୁନା ନଦୀ ପାରି ହେବା ସମୟରେ ମଦ୍ୟ ଓ ମାଂସ ପ୍ରଦାନ କରିବା ନିମିତ୍ତ ମାନସିକ କରିଥିଲେ । ଶ୍ରୀରାମଚନ୍ଦ୍ର ଦୁର୍ଗାଙ୍କୁ ପୂଜା କରି ନିଜର ଚକ୍ଷୁକୁ ଦେବୀଙ୍କୁ ବଳି ଦେବା ପାଇଁ ଉଦ୍ୟତ ହେଉଥିଲେ । ରାବଣ ଶିବଙ୍କ ଆରାଧନାରେ ନିଜର ନିଜର ଦଶ ମୁଣ୍ଡବଳି ଦେବାକୁ ସ୍ଥିର କରିଥିଲେ । ଏହା ବ୍ୟତୀତ 'ମହାଭାରତ'ରେ ବେଦବ୍ୟାସ 'ହରିବଂଶ'ର ଆର୍ଯ୍ୟସ୍ତବରେ ନାରଦଙ୍କ ଦ୍ୱାରା କୁହାଇଛନ୍ତି ଯେ, "ଦେବୀ ବଳିପ୍ରିୟା । ସେ ମଦ୍ୟ ଓ ମାଂସ ଦ୍ୱାରା ତୁଷ୍ଟ ହୁଅନ୍ତି ।" ମହାଭାରତ ବନପର୍ବର ୨୦୭ ଅଧ୍ୟାୟରେ ଯଜ୍ଞରେ ପଶୁବଧର ଯଥାର୍ଥତା ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଛି । ଗୀତାରେ ମଧ୍ୟ ଶ୍ରୀକୃଷ୍ଣ କହିଛନ୍ତି, ଯଜ୍ଞ ଦାନ ଓ ତପ ଆଚରଣ ଏହି ତିନୋଟି ହେଉଛି ପରାର୍ଥ କର୍ମ । ବଳିଦାନ ହେଉଛି ଯଜ୍ଞ ବା ଦେବ ପୂଜା । ଯେପରି ଶ୍ରୋତ୍ରିୟ ବ୍ରାହ୍ମଣମାନେ ଯଜ୍ଞରେ ପଶୁବଳି ଦେଇ ସ୍ୱର୍ଗଲାଭ କରନ୍ତି, ସେହିପରି ଯୁଦ୍ଧକ୍ଷେତ୍ରରେ ଜଣେ ରାଜା ବା କ୍ଷତ୍ରିୟ ଶତ୍ରୁ ସହିତ ଯୁଦ୍ଧ କରି ମୃତ୍ୟୁ ବରଣ କଲେ ସ୍ୱର୍ଗ ଲୋକ ପ୍ରାପ୍ତି ହୁଏ ।

ବୈଦିକ ଯୁଗରେ ଆର୍ଯ୍ୟ ଦୃଷ୍ଟିରେ ଦେବତାର ରୂପ ଥିଲା ମଣିଷର ରୂପ ପରି । ସେ ନିଜର ପ୍ରିୟ ଖାଦ୍ୟ ଦେବତାଙ୍କୁ ଅର୍ପଣ କରୁଥିଲା । ସେହି ସମୟରେ କୃଷିର ମହତ୍ତ୍ୱ ଉପଲବ୍ଧ ହୋଇ ନଥିବାରୁ ଏବଂ ଆର୍ଯ୍ୟମାନେ ମାଂସପ୍ରିୟ ଥିବାରୁ ସେମାନେ ଦେବତାଙ୍କୁ ପଶୁବଳି ଅର୍ପଣ କରି ସେହି ମାଂସ ଭକ୍ଷଣ କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କୁସଂସ୍କାର ବଶତଃ ନରମେଧ ଅନୁଷ୍ଠିତ ହେଲା । ଇତିହାସରେ ଉଲ୍ଲେଖ ଅଛି ହଳଦୀ ବଣରେ ନରବଳି ଦିଆଯାଉଥିଲା । ବୈଦିକ ଯୁଗର ଶେଷଭାଗ ଆଡ଼କୁ ଯଜ୍ଞ ଓ ବଳିପ୍ରଥା ଅତ୍ୟନ୍ତ ଜଟିଳ ହୋଇପଡ଼ିଲା । ସେହି ସମୟକୁ କୃଷିକୁ ଜୀବିକା ରୂପେ ଗ୍ରହଣ କରାଯାଇଥିବାରୁ ବହୁଳ ପଶୁବଳି ଦ୍ୱାରା ଲୋକମାନେ କ୍ଷତିଗ୍ରସ୍ତ ହେଲେ । ସମାଜର ଦୁଇଟି ଗୋଷ୍ଠୀ, କ୍ଷତ୍ରିୟ ଓ ବ୍ରାହ୍ମଣ, ଯଜ୍ଞ ଓ ପଶୁବଳି ନିମିତ୍ତ ଅନ୍ୟ ଶ୍ରେଣୀଗୁଡ଼ିକୁ ଶୋଷଣ କରିବାକୁ ଲାଗିଲେ । ଏଣୁ ଅହିଂସା, କରୁଣା, ସତ୍ୟଉପରେ ପ୍ରତିଷ୍ଠିତ ବୌଦ୍ଧଧର୍ମର ଅଭ୍ୟୁଦୟ ଘଟିଲା ଏବଂ ଏହା ବଳିପ୍ରଥାକୁ ଘୋର ବିରୋଧ କଲା । ଏହାଦ୍ୱାରା ହିନ୍ଦୁ ଧର୍ମରେ ମଧ୍ୟ ସଂସ୍କାର ସଙ୍ଗଠିତ ହେଲା ଓ ଅହିଂସା ଏହାର ମୂଳମନ୍ତ୍ର ରୂପେ ପ୍ରସ୍ତୁତିତ ହେଲା । କିନ୍ତୁ ପରବର୍ତ୍ତୀ ସମୟରେ ବୌଦ୍ଧଭିକ୍ଷୁଗଣଙ୍କ ସାଂସାରିକ ସୁଖ ସମ୍ଭୋଗ ଲାଳସାରୁ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟିହେଲା, ତାହା ଫଳରେ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ ଆଦି ପଞ୍ଚ 'ମ'କାର ଉପଚାର ଆରମ୍ଭ ହେଲା । ଓଡ଼ିଶାର ଶକ୍ତିପୀଠମାନଙ୍କରେ ଏହି ତନ୍ତ୍ରୋକ୍ତ ପଞ୍ଚ 'ମ'କାର ସାଧନାରେ ପୂଜା ଆରାଧନା କରାଯାଇ ବଳିପ୍ରଥାକୁ ବଳବତ୍ତର ରଖାଗଲା । ଅବଶ୍ୟ ସରକାରଙ୍କର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦେବୀ ମନ୍ଦିରମାନଙ୍କରେ ବଳିପ୍ରଥାକୁ ସଙ୍କୁଚିତ କରାଯାଇ ପାରିଛି, କିନ୍ତୁ ଏଯାଏ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ହୋଇ ପାରିନାହିଁ ।

ପବିତ୍ର ଧର୍ମପୀଠରେ କଲ୍ୟାଣମୟୀ ଜଗଜ୍ଜନନୀ ଦେବୀଙ୍କ ସମ୍ମୁଖରେ ନିରିହ ପଶୁମାନଙ୍କୁ ହତ୍ୟାକରିବା ଅତ୍ୟନ୍ତ ଅଶୋଭନୀୟ ଓ ଭୟଙ୍କର ବୋଧହୁଏ । ମାତାଙ୍କ ପକ୍ଷରେ ରକ୍ତ ପାନ କରି ତୁଷ୍ଟ ହେବା କେଉଁରୂପେ ଯୁକ୍ତି ସଙ୍ଗତ ତାହା ବୁଝି ହୁଏନାହିଁ । ଏହା ଯେ ମଣିଷର ହିଂସ୍ରତା, ସ୍ୱାର୍ଥପରତା ଓ ହତ୍ୟା କରିବାର ଜଘନ୍ୟ ପ୍ରବୃତ୍ତିର ପ୍ରତିଫଳନ ଏଥିରେ ସନ୍ଦେହ ନାହିଁ । ଦେବୀଙ୍କ ନିକଟରେ କୌଣସି ନିରିହ ଦୁର୍ବଳ ପଶୁକୁ ହତ୍ୟା ନକରି, ମଣିଷ ଯଦି ନିଜର ପାଶବିକ ଗୁଣଗୁଡ଼ିକୁ ବିନାଶ କରି ବଳି ପ୍ରଦାନ କରନ୍ତା, ତେବେ ପ୍ରେମ, ଶ୍ରଦ୍ଧା ଓ ଭକ୍ତିର ଆରାଧନାରେ ଦେବୀ ପୂଜା ସଫଳ ହୋଇ ପାରନ୍ତା ଏବଂ ମଣିଷର ଆତ୍ମିକ ଉନ୍ନତି ସାଧିତ ହୋଇ ପାରନ୍ତା ।

# ମହାଶକ୍ତି ଦୁର୍ଗା

● ଅଧ୍ୟାପକ ବିକ୍ରମ କେଶରୀ ବର୍ମା

ଅତ୍ୟାଚାର ବିରୁଦ୍ଧରେ ଜାଳିବାକୁ ବିପ୍ଳବର
ମହା ଅଗ୍ନି ଶିଖା
କୋଟି କୋଟି ଦଳିତ ଆଶାର
ସମନ୍ୱିତ ପ୍ରକାଶ ହିଁ
ମହା ଶକ୍ତି ଦୁର୍ଗା ।

ଶକ୍ତି ରୂପେ ଅତ୍ୟାଚାର କରେ ଯେ ଦମନ
ମାଆ ରୂପେ ଦଳିତଙ୍କୁ କରେ ସ୍ନେହ ଦାନ
ସେହି ଦୁର୍ଗା ମହାକାଳୀ
ପୁନଶ୍ଚ ସେ ବିଶ୍ୱର ଜନନୀ
ଯୁଗେ ଯୁଗେ ଲୋଡ଼ା ତାଙ୍କ ଆବିର୍ଭାବ
ପାପିଷ୍ଠଙ୍କ ଅତ୍ୟାଚାରେ
ଅତିଷ୍ଠା ହୋଇଲେ ଅବନୀ ।

ମହିଷା, ରାବଣ, କଂସ,
ଷ୍ଟାଲିନ୍, ହିଟ୍‌ଲର୍
ନାମ ସିନା ଅଲଗା ଅଲଗା,
ସେମାନଙ୍କ ଏକା ଅତ୍ୟାଚାର ।

ମଣିଷର ରକତରେ ହୋରି ଖେଳୁଥାଏ ଯିଏ
ଯୋଉ ମୁଖା ପିନ୍ଧିଥାଉ ଅତ୍ୟାଚାରୀ ସିଏ ।

ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ବିହନ ନିଗମ,
ସାଆନ୍ତରାପୁର, ଭୁବନେଶ୍ୱର–୭୫୧୦୦୭

# କବି ଦୃଷ୍ଟିରେ ଶ୍ରୀଗୁଣ୍ଡିଚା ଯାତ୍ରାକାଳୀନ ଜଗନ୍ନାଥଙ୍କ ରୂପ ଶୋଭା

● ଡକ୍ଟର ଉମେଶ ଚନ୍ଦ୍ର ମିଶ୍ର

ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାତ୍ରା ଉତ୍ସବ ମଧ୍ୟରେ ଶ୍ରୀଗୁଣ୍ଡିଚା ପ୍ରଧାନ ଏବଂ ସାର୍ବୋତ୍ତମ । ଅନ୍ୟାନ୍ୟ ଉତ୍ସବଠାରୁ ଏହାର ବିଶେଷତ୍ୱ ଏହି ଯେ ସ୍ୱୟଂ ଦେବାଧିରାଜ ଜଗନ୍ନାଥ ଭଗ୍ନୀ ଓ ଜ୍ୟେଷ୍ଠ ଭ୍ରାତାଙ୍କ ସହ ଶ୍ରୀମନ୍ଦିର ପରିତ୍ୟାଗ କରି ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ସେଠାରେ ସେ ନଅ ଦିନ ଅବସ୍ଥାନ କରନ୍ତି । ଏହା ପ୍ରଭୁଙ୍କର ସ୍ୱୟଂ ଲୀଳା । ପତିତମାନଙ୍କୁ ଦର୍ଶନ ଦେଇ ସେମାନଙ୍କୁ ପବିତ୍ର ତଥା କୃତାର୍ଥ କରନ୍ତି । ଅନ୍ୟାନ୍ୟ ଯାତ୍ରା ଉତ୍ସବରେ ତାହାଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ପ୍ରତିନିଧିତ୍ୱ କରୁଥିବା ବେଳେ ଉପରୋକ୍ତ ରଥ ଉତ୍ସବରେ ପ୍ରଭୁ ସ୍ୱୟଂ ବିରାଜମାନ କରିଥାନ୍ତି । ମନ୍ଦିର ପ୍ରବେଶ ସୁଯୋଗରୁ ବଞ୍ଚିତ ଜନ ସାଧାରଣଙ୍କୁ ପ୍ରଭୁ ସ୍ନାନ ଯାତ୍ରାରେ ସ୍ନାନ ମଣ୍ଡପରେ ଦର୍ଶନ ଦେଇଥାନ୍ତି ଓ ଶ୍ରୀଗୁଣ୍ଡିଚାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେମାନଙ୍କୁ ଅବାଧ ଦର୍ଶନ ସହିତ ସ୍ପର୍ଶ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିଥାନ୍ତି । ଦେବ ବିଗ୍ରହ ଏହିପରି ଭାବରେ ମନ୍ଦିର ବାହାରକୁ ଆସି ସମସ୍ତଙ୍କୁ ଦର୍ଶନ ଓ ସ୍ପର୍ଶାଧିକାର ଦେବାର ବିଧି ଅଭିନବ । ଶ୍ରୀଜଗନ୍ନାଥଙ୍କ ସେବାୟତମାନେ ପ୍ରଭୁଙ୍କ ଶ୍ରୀମନ୍ଦିରରୁ ପହଣ୍ଡି ବିଜେ କରାଇ ନବ ଦିନ ଘୋଷ ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥାରୂଢ଼ କରାଇଥାନ୍ତି । ମନ୍ଦିର ମଧ୍ୟରୁ ସିଂହଦ୍ୱାରଠାରେ ନବନିର୍ମିତ ସୁସଜ୍ଜିତ ତିନିରଥ ଉପରକୁ ଜଗନ୍ନାଥଙ୍କୁ ଯେପରି ଧୀରେ ଧୀରେ ଝୁଲାଇ ଝୁଲାଇ ନିଆଯାଏ, ତାହାକୁ ପହଣ୍ଡି କୁହାଯାଇଥାଏ । ଏହି ଦୃଶ୍ୟ ଭକ୍ତ ମନରେ ଏକ ଅପୂର୍ବ ଦିବ୍ୟ ଭାବ ସଞ୍ଚାର କରିଥାଏ । ଘଣ୍ଟ ଘଣ୍ଟା, ଶଙ୍ଖ, ଭେରୀ, ତୂରୀ, କାହାଳୀର ଧ୍ୱନି ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମୁଣ୍ଡରେ ଟାହିଆ ଶୋଳରେ ନିର୍ମିତ ବିରାଟକାୟ ଚିତ୍ର ବିଚିତ୍ର ମୁକୁଟ ସଦୃଶ ଝୁଲାଇ ସେବକମାନଙ୍କ ଦ୍ୱାରା ଯେପରି ପହଣ୍ଡି ବିଜେ କରାଇଥାନ୍ତି, ତା'ର ଶୋଭା ପ୍ରକୃତରେ ଅପୂର୍ବ, ଅତୁଳନୀୟ ଓ ଅବିସ୍ମରଣୀୟ ।

କବି ଦୀନକୃଷ୍ଣଙ୍କର "କହ କହ ଆହେ ସଙ୍ଗାତ" ଚଉତିଶାରେ ପ୍ରଭୁଙ୍କର ପହଣ୍ଡିକାଳୀନ ଶୋଭା ବର୍ଣ୍ଣନା ଅତ୍ୟନ୍ତ ହୃଦ୍ୟ ହୋଇଅଛି । ଏହା ବର୍ଣ୍ଣନା କରିବାକୁ ଯାଇ କବି କହିଛନ୍ତି ଯେ ନୀଳଗିରି ଶିଖରରୁ ମଉଆଳା ସିଂହଭଳି ସେ ଖସି ଆସୁଥିବେ । ଭକ୍ତଙ୍କର ଚିନ୍ତା ରୂପକ ଚକୋରକୁ ଚନ୍ଦ୍ର ପରି ଆହ୍ଲାଦ ପ୍ରଦାନ କରି ଭକ୍ତ ପଦ୍ମ ବନରେ ଗଜ ସଦୃଶ ପ୍ରଭୁ ରଥରେ ଆବିର୍ଭୂତ ହେବେ । ପହଣ୍ଡି ସମୟରେ ବହୁ ଛତ୍ର ଓ ଚାମରର ସମାବେଶ ଓ ସଜ୍ଜନା ଯୋଗୁଁ ତାହା କ୍ଷୀର ସମୁଦ୍ର ଉଚ୍ଛୁଳିଲା ପ୍ରାୟ ପ୍ରତୀୟମାନ ହେଉଥିବ । ଜନସମୁଦ୍ର ରୂପକ ଯମୁନାର ଗାଢ଼ ନୀଳଜଳ ମଧ୍ୟରେ ପଦ୍ମ ପ୍ରକାଶିତ ହେଲା ପରି ପ୍ରଭୁଙ୍କ ପଦ୍ମ ନେତ୍ର ପ୍ରକାଶିତ ହେଉଥିବା ନିବିଡ଼ ଅନ୍ଧକାର ମଧ୍ୟରେ କେବଳ ଅନ୍ଧକାର ଦୃଶ୍ୟମାନ ହେଲା ଭଳି ଅଗଣିତ ଜନସାଧାରଣଙ୍କ ଦୃଷ୍ଟି ସେହି କୃଷ୍ଣ ଚକାନୟନରେ ହିଁ ନିବଦ୍ଧ ରହିଥିବା ତ୍ରିପୁରାସୁରକୁ ମାରିବା ବେଳେ ମହାଦେବ ଯେଉଁ ଭଳି ରଥରେ ବିଜେ କରିଥାନ୍ତି, ସେହିପରି ତାଳଧ୍ୱଜ ରଥରେ ବଳଦେବ ବିଜୟ କରି ଶୋଭା ପାଉଥିବେ ଏବଂ ସୂର୍ଯ୍ୟ କିରଣ ସହିତ ବିଜୁଳିର ବର୍ଣ୍ଣ ମିଳିତ ହେଲା ପରି ସୁଦର୍ଶନଙ୍କ ସହ ସୁଭଦ୍ରା ପଦ୍ମଧ୍ୱଜ ରଥରେ ବିଜୟ କରିବେ । ଶେଷରେ ଯାହାଙ୍କ ଦର୍ଶନ ଅତ୍ୟନ୍ତ ଦୁର୍ଲଭ, ସେହି ପରମେଶ୍ୱର ସିଂହପରି ସିଂହଦ୍ୱାରଠାରେ ବିଜେ ହୋଇ ଦୁଃଖୀ ଲୋକଙ୍କ ଦୁଃଖ ହରଣ କରିବେ । ଫଗୁଣ ମାସରେ ଫଗୁ ଖେଳିଲା ପରି କନ୍ଦର୍ପ ସଦୃଶ ଫୁଲ, ଛତ୍ର, ଚାମର, ଆଲଟ, ପଙ୍ଖା ପ୍ରଭୃତି ଧାରଣ କରି ଜନସମାବେଶ ମଧ୍ୟରେ ଶ୍ରୀଜଗନ୍ନାଥ ନନ୍ଦିଘୋଷ ରଥରେ ବିଜୟ କରିବେ । ଭକ୍ତମାନଙ୍କ ଉପରେ ଭାର ଦେଇ ଭଙ୍ଗିମା ଠାଣିରେ ଆସୁଥିବା ସେ ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର । ମେରୁ ପର୍ବତକୁ ସୂର୍ଯ୍ୟ ପରିକ୍ରମା କଲା ସଦୃଶ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ବୁଲାଇ ରଥ ବଇଠି ଉପରେ ଉପବେଶନ କରାଯାଉଥିବ । ପୀତ ବସ୍ତ୍ର ପରିଧାନ ପୂର୍ବକ ରଙ୍ଗ ଅଧରରେ ମନ୍ଦ ମନ୍ଦ ହସ ହସି ପଦ୍ମ ଲୋଚନ ରଥରେ ବିଜେ କରିଥିବେ । ଏହି ଦୃଶ୍ୟ ଦେଖିବାକୁ ତ୍ରିଭୁବନର ଲୋକେ ଖୁନ୍ଦି ବସିଥିବେ ।

କବି ସାଲବେଗ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମୟରେ ଶୋଭାକୁ ବର୍ଣ୍ଣନା କରିବାକୁ ଯାଇ ଏହାକୁ ମତ୍ତଗଜ ଗତି ସହିତ ତାଙ୍କର ତୁଳନା କରିଛନ୍ତି । ଦୀର୍ଘ "ଅଣସର ଘରେ ଥିଲ ଆଜ" କବିତାରେ ତୁଳନା କରିଛନ୍ତି । ଦୀର୍ଘ ପନ୍ଦର ଦିନ ଅଣସର ଗୃହରେ ରହିଲା ପରେ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ଶ୍ରୀମନ୍ଦିରରୁ ବାହାରି ତ୍ରିଭଙ୍ଗୀ ଠାଣିରେ ସେ ଚତୁର୍ଦ୍ଦିଗକୁ ଚାହୁଁଛନ୍ତି । ଜନସମୁଦ୍ର ମଧ୍ୟରେ ନିଜର ମହାବାହୁକୁ ହଲାଇ ସତେ ଯେପରି ସେ ପାପୀମାନଙ୍କୁ ଠେଲି ଦେଉଛନ୍ତି । ଅଧରରେ ମୃଦୁମନ୍ଦ ହସ ସତେ ଯେପରି ତିନିପୁରକୁ ଯାଚି ଦେଉଛନ୍ତି । ତାହାଙ୍କର "କାଳିଆଧନ, ତୋ ଲାଗି ଯାଉ ଏ ଜୀବନ" କବିତାରେ

ଶ୍ରୀଗୁଣ୍ଡିଚା ସମୟରେ ରଥ ଉପରେ ବସିଥିବା ଶ୍ରୀଜଗନ୍ନାଥଙ୍କୁ କଳ୍ପନା କରିଛନ୍ତି । ଏହା ଷୋଳ ସହସ୍ର ଗୋପାଳଙ୍କ ମଧ୍ୟରେ ନଟବର ନାଗରଙ୍କ ରାସକ୍ରୀଡ଼ାର କଥା କବିଙ୍କୁ ସ୍ମରଣ କରାଇ ଦେଇଛି । ଏହି ଭଜନରେ ପ୍ରଭୁ ଝିନ ବସ୍ତ୍ର ପରିଧାନ କରିଥିଲେ ହେଁ ତାହାଙ୍କ ଶ୍ରୀଅଙ୍ଗରୁ ଶ୍ରମ ଝାଳ ପଡୁଥିବ ବୋଲି କବି ବର୍ଣ୍ଣନା କରିଅଛନ୍ତି । ପୁନଶ୍ଚ କବି ଲେଖିଛନ୍ତି ଯେ ଜଗନ୍ନାଥ ରଥରେ ବସିବା ସମୟରେ ହରିବୋଲ ଧ୍ୱନି ସର୍ବତ୍ର ଉଚ୍ଚାରିତ ହେଉଅଛି । ତାହାଙ୍କ କଟି ଡମରୁର ମଧ୍ୟ ଭଳି, ଗ୍ରୀଳି (ପହଣ୍ଡି) ମତ୍ତ ଗଜ ସଦୃଶ ଏବଂ ଗ୍ରହାଣୀ ସିଂହ ସଦୃଶ । ଚତୁଃପାର୍ଶ୍ୱରେ ଉପସ୍ଥିତ ବାଦ୍ୟକାରମାନେ ଗୋପାଳ ବାଳକ ଭଳି ଦେଖାଯାଉଅଛନ୍ତି ।

କବି ଗୌରଚରଣ ଅଧିକାରୀ ବହୁ ଭଜନରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଓ ପହଣ୍ଡି କାଳୀନ ବିଷୟକୁ ଅତ୍ୟନ୍ତ ବାସ୍ତବ ଓ ଜୀବନ୍ତ ଭାବେ ବର୍ଣ୍ଣନା କରିଛନ୍ତି । ତାଙ୍କର ଗୋଟିଏ କବିତାର ବର୍ଣ୍ଣନା ଏହିପରି– ପ୍ରଭୁ ପତିତ ଉଦ୍ଧାର କରିବା ପାଇଁ ବର୍ଷକରେ ଥରେ ରଥରେ ବିଜେ ହୋଇଅଛନ୍ତି । ଚଉଦ ବ୍ରହ୍ମାଣ୍ଡର ସମସ୍ତ ଦେବ–ଦେବୀ ସ୍ୱର୍ଗେ ରହିଛନ୍ତି ଏହି ଦେବାଧି ଦେବଙ୍କ ଲୀଳା ଦର୍ଶନ ପାଇଁ । ଆଗରେ ଗଜପତି ଉଭା ହୋଇ ସ୍ୱର୍ଣ୍ଣ ସମାର୍ଜନୀରେ ପହଣ୍ଡି ବିଜେ ସ୍ଥାନକୁ ସମାର୍ଜନା କରୁଅଛନ୍ତି । ଛତିଶା ନିଯୋଗ ସମସ୍ତ ସେବାରେ ଖଟୁଛନ୍ତି । ଆକାଶମାର୍ଗରୁ ଇନ୍ଦ୍ରାଦି ଦେବତାମାନେ ସତେ ଅବା ପୁଷ୍ପବୃଷ୍ଟି କରୁଅଛନ୍ତି । ତାଳଧ୍ୱଜ ରଥରେ ଭାଇ ବଳରାମ ଓ ଦେବୀଦଳନ ରଥରେ ଭଉଣୀ ସୁଭଦ୍ରା ବିଜେ କରି ଅତ୍ୟନ୍ତ ସୁନ୍ଦର ଦିଶୁଛନ୍ତି ।ମୁଣ୍ଡ ହଲାଇ, ଟାହିଆ ଦୋହଲାଇ ଏବଂ ସ୍ଥାନେ ସ୍ଥାନେ ରହି ରହି ପ୍ରଭୁ ଜଗନ୍ନାଥ ପଛରେ ପହଣ୍ଡି ବିଜେ କରୁଛନ୍ତି । ସେବକମାନଙ୍କ ଶରୀରରୁ ଶ୍ରମ ଜନିତ ଝାଳ ନିଗିଡ଼ି ପଡୁଛି । ପ୍ରଭୁଙ୍କର ଶ୍ରୀଅଙ୍ଗକୁ ଝିଙ୍କାଝିଙ୍କି କରୁଥିବାରୁ ତାହା ଅତ୍ୟନ୍ତ କଷ୍ଟ ଦାୟକ ହେଉଥିବ ବୋଲି କବି ସମ୍ବେଦନଶୀଳ ଭାବେ ବର୍ଣ୍ଣନା କରିଛନ୍ତି । ଏତଦ୍ ବ୍ୟତୀତ ଶ୍ରୀଜଗନ୍ନାଥଙ୍କ ଶ୍ରୀଛାମୁରେ ଖୋଳ, କରତାଳ, ମର୍ଦ୍ଦଳ, ମହୁରୀ ଓ ଘଣ୍ଟ ଘଣ୍ଟାରେ ଧ୍ୱନି ମଧ୍ୟରେ ଦେବଦାସୀର ନୃତ୍ୟ ଅନୁଷ୍ଠିତ ହେଉଛି ବୋଲି କବି ବର୍ଣ୍ଣନା କରିଅଛନ୍ତି (ଅଧୁନା ଏହି ନୀତି ଅନୁଷ୍ଠିତ ହେଉନାହିଁ) । ଏହି ଦୃଶ୍ୟ ଦେଖି ଭକ୍ତମାନଙ୍କ ନୟନରୁ ଆନନ୍ଦାଶ୍ରୁ ବହି ପଡୁଛି । ଏ ସମ୍ପର୍କରେ କବି ତର୍କଣା କରି ଲେଖିଛନ୍ତି ଯେ ଦ୍ୱାପର ଯୁଗରେ ଗୋପୀ, ଗୋପାଳ, ଗୋ–ବତ୍ସା ଲୀଳା ଶ୍ରୀକୃଷ୍ଣଙ୍କର ମନେ ପଡ଼ିବାରୁ ସେ ଲକ୍ଷ୍ମୀଙ୍କୁ ନବଦିନ ପାଇଁ ପ୍ରବୋଧନା ଦେଇ ସତେଅବା ଏହି ଜଗତବାସୀ ରୂପକ ଗୋ–ବତ୍ସାଙ୍କ ସହିତ ଏଠାରେ ଲୀଳା କରିବାକୁ ବୃନ୍ଦାବନ ରୂପକ ଗୁଣ୍ଡିଚା ମନ୍ଦିରକୁ ବିଜେ କରୁଛନ୍ତି । କବି ଆଶା କରିଛନ୍ତି ଯେ ପୂର୍ଣ୍ଣଚନ୍ଦ୍ର ଉଦିତ ହେଲେ ଜଗତକୁ ଅନ୍ଧକାର ଦୂର ହୋଇଗଲା ପରି ନୀଳଗିରିର ପୂର୍ଣ୍ଣଚନ୍ଦ୍ର ଶ୍ରୀଜଗନ୍ନାଥଙ୍କ "ପହଣ୍ଡି ବିଜେ" ଯୋଗୁଁ ଜଗତବାସୀଙ୍କ ହୃଦୟରୁ ପାପ ରୂପକ ଅନ୍ଧକାର ଦୂର ହୋଇଯିବ ।ଏଣୁ ଭକ୍ତମାନଙ୍କୁ ଅପଲକ ଦୃଷ୍ଟିରେ ଏହି ଲୀଳା ଅବଲୋକନ କରିବାକୁ କବି ପରାମର୍ଶ ଦେଇଛନ୍ତି ।

କବି ମାଗୁଣି ପଟ୍ଟନାୟକ ତାହାଙ୍କ ରଚିତ "ହାତୀ ଆସନ୍ତି ମୋ ଅଚଳ ମହାମେରୁ" ଭଜନରେ ଶ୍ରୀଜଗନ୍ନାଥଙ୍କୁ ହାତୀ ସହିତ ତୁଳନା କରି ପହଣ୍ଡି ସମୟରେ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିଛନ୍ତି । ଏହି ମହାମେରୁ ସମ ହାତୀ ଶ୍ରୀନୀଳକନ୍ଦରରୁ ଭକ୍ତି ଭାବରେ ବଶ ହୋଇ ବାହାରି ଆସିଛନ୍ତି । ପାଦ ତଳକୁ ଲମ୍ବି ଥିବା ମାଳାମାନ ତାଙ୍କର ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଅଛି । ଚନ୍ଦ୍ର, ସୂର୍ଯ୍ୟ ସମ ତାହାଙ୍କ ନୟନ ଯୁଗଳକୁ ଭକ୍ତମାନେ ଦର୍ଶନ କରି ମୁକ୍ତି ଲାଭ କରୁଛନ୍ତି । ଦଇତାମାନେ ଶ୍ରୀନୀଳଗିରି ମଧ୍ୟରୁ ତାଙ୍କୁ ଆସ୍ତେ ଆସ୍ତେ ଚଲାଇ ଆଣୁଛନ୍ତି । ତାହାଙ୍କ ଗଳାରେ ହାର, କଟିରେ କିଙ୍କିଣୀ ଶୋଭା ପାଉଛି । ଚରଣ କମଳର ନୂପୁରର ରୁଣୁଝୁଣୁ ଶବ୍ଦରେ ଚତୁର୍ଦ୍ଦିଗ ନିକ୍ୱଣିତ ହେଉଅଛି । ଏହା ସହିତ ମୃଦଙ୍ଗ ପ୍ରଭୃତି ବାଦ୍ୟମାନଙ୍କ ଧ୍ୱନିରେ ଚତୁର୍ଦ୍ଦିଗ ମୁଖର ହୋଇଉଠିଛି । ଦଇତାପତିମାନେ ମେଳ ହୋଇ ପାଟଡ଼ୋର ସାହାଯ୍ୟରେ ପ୍ରଭୁ ବାନ୍ଧି ଧରିଛନ୍ତି । ଆଗରେ ପାଟ ଛତା ଓ ଚାମର ଦୋଳା ଗ୍ଲୁଲିଛି । ଭକ୍ତମାନଙ୍କର ମଣିମା ମଣିମା ଡାକରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠୁଛି । ପୁନଶ୍ଚ "ପ୍ରାଣ ସଙ୍ଗୀତରେ" କବିତାରେ କବି ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନି ରଥରେ ତ୍ରିଦେବତାଙ୍କ ବିଜୟକାଳୀନ ଶୋଭାର ବର୍ଣ୍ଣନା କରିଅଛନ୍ତି । ତାହାଙ୍କ ବର୍ଣ୍ଣନାରୁ ଯାଇ ଚାହିଁ ଖୁଲାଇ, ଛାତିକୁ ଫୁଲାଇ ଦେବାଧିରାଜ ନନ୍ଦିଘୋଷରେ ବିଜେ କରି ଶ୍ରୀଗୁଣ୍ଡିଚା ମନ୍ଦିର ରୂପକ ଗୋକୁଳ ନଗରକୁ ଯିବାକୁ ପ୍ରସ୍ତୁତ ହୋଇଛନ୍ତି । ତାହାଙ୍କ ତ୍ରୈଲୋକ୍ୟ ବିମୋହନକାରୀ ସୁନ୍ଦର ରୂପର ଉପମା ଦେବାକୁ କବି ତିନି ଲୋକରେ କୌଣସି ବସ୍ତୁ ପାଇନାହାଁନ୍ତି । ଫରଫର ଉଡୁଥିବା ତିନି ରଥର ପତାକାରେ ତିନି ଦେବ ବିରାଜମାନ କରିଛନ୍ତି । ଡାହାଣ ପାଖରେ ତାଳଧ୍ୱଜ ରଥରେ ବଳଦେବ, ବାମ ପାଖରେ ନନ୍ଦିଘୋଷରେ ପ୍ରଭୁ କଳା ବଦନ ଶ୍ରୀଜଗନ୍ନାଥ ଓ ମଧ୍ୟଭାଗରେ ଥିବା ଦର୍ପ ଦଳନ ରଥରେ ଭଗ୍ନୀ ସୁଭଦ୍ରା ବିରାଜମାନ । ପ୍ରଭୁଙ୍କର ଜକ ଜକ କଳା ଚେହେରା ଇନ୍ଦ୍ରନୀଳମଣିର ଦ୍ୟୁତିକୁ ତୁଚ୍ଛ କରୁଅଛି । ରଙ୍ଗ ଅଧର ବନ୍ଧୁଲି ଫୁଲର ଶୋଭାକୁ ଅତିକ୍ରମ କରୁଅଛି । ଚଉଦ ଭୁବନର ଶୋଭା ସତେ ଯେପରି ଏଠାରେ ପୁଞ୍ଜୀଭୂତ ହୋଇଅଛି । ପୁନଶ୍ଚ ଏହି ଦୃଶ୍ୟକୁ ସମୁଦ୍ର ମନ୍ଥନର ଦୃଶ୍ୟ ସହିତ କବି ତୁଳନା କରିଛନ୍ତି । ରଥର ଦଉଡ଼ିକୁ ବାସୁକୀ ସର୍ପ ଏବଂ ଉପସ୍ଥିତ ଜନତାଙ୍କୁ ଦେବତା ବୋଲି ସେ ମନେ କରିଛନ୍ତି । ରଥଚକର କଟକଟ ଶବ୍ଦ ସହିତ ଘଣ୍ଟାର ଟିଣି ଟିଣି ଓ ମର୍ଦ୍ଦଳର ଦ୍ରୁମଦ୍ରୁମ ଶବ୍ଦ ପରିବେଶକୁ ମୁଖରିତ କରିଅଛି ।

କବି ଶ୍ୟାମସୁନ୍ଦର ତାଙ୍କର "ସଜନୀ ଗ୍ଲଲ ଦେଖିବା" ଭଜନରେ ପହଣ୍ଡି ସମୟର ଦୃଶ୍ୟକୁ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରଭୁଙ୍କର ସୁରଙ୍ଗ ଅଧରର ଶୋଭା, ନୀଳ ମେଘରେ ପଦ୍ମରାଗ ନିର୍ମିତ ନୌକା ସଦୃଶ । ପୀତ ବସ୍ତ୍ର ପରିଧାନ କରି ମସ୍ତକରେ ପୁଷ୍ପର ଝରା ଲଗାଇ ସେ ଅତି ସୁନ୍ଦର ଦେଖାଯାଉଛନ୍ତି । ଭାଲରେ ସେ ପରିଧାନ କରିଥିବା ରହର ଟିକା ଗଗନରେ ଉଦିତ ହେଉଥିବା ସୂର୍ଯ୍ୟଭଳି ଦେଖାଯାଉଛି । ତାହାଙ୍କ ଶିର ଉପରେ ଶ୍ୱେତ ଛତ୍ର, ଆଦ୍ରେଣି ଦୁଇ ପାଖକୁ ବିଞ୍ଚଣା ଓ ଚାମର ପଡୁଛି । ଆଗରେ ଭକ୍ତମାନଙ୍କ ଉଦଣ୍ଡ ନୃତ୍ୟ ଓ ନାନା ବାଦ୍ୟଧ୍ୱନି ଏକ ଅପୂର୍ବ ପରିବେଶ ସୃଷ୍ଟି କରୁଛି । ଭାଇ ଭଗ୍ନୀଙ୍କ ସହିତ ଟହଳା ଡୋଳା ଢଳି ଢଳି ତେରଛା ଗ୍ରହାଣୀରେ ସ୍ୱର୍ଗୀ ସ୍ୱର୍ଗୀ ଚାଲି ଦାଣ୍ଡରେ ଗ୍ଲଲନ୍ତି । ଏହି ଦୃଶ୍ୟକୁ ଜପୀ, ତପୀ, ସାଧୁ ସନ୍ଥମାନେ ଦର୍ଶନ କରି ନିଜ ନିଜର ଗୁହାରୀ ଜଣାଇଥାନ୍ତି ।

କବି ବିଶ୍ୱନାଥ ଖୁଣ୍ଟିଆ ତାଙ୍କ "ଶ୍ରୀନୀଳଗିରି ଶିଖରେ" ଗ୍ରନ୍ଥରେ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ବର୍ଣ୍ଣନା କରିଥିଲେ ହେଁ ଶ୍ରୀଗୁଣ୍ଡିଚା ସମୟରେ ଶ୍ରୀଜଗନ୍ନାଥଙ୍କ ରୂପ ବିଭବକୁ ସରସ ଭାବେ ବର୍ଣ୍ଣନା କରିବାକୁ ଭୁଲି ନାହାଁନ୍ତି । ନନ୍ଦିଘୋଷ ରଥରେ ବିଜୟ ସମୟରେ ପ୍ରଭୁଙ୍କ ଶୋଭା କବି ଲେଖନୀରେ ଚିତାକର୍ଷକ ହୋଇଛି । କର୍ଣ୍ଣରେ ତାହାଙ୍କର ରତ୍ନକୁଣ୍ଡଳ, ଶିରରେ ମୁକୁଟ, ଚୌରଚୂଳ, କଣ୍ଠରେ କଣ୍ଠିମାଳ, ହୃଦୟରେ ବ୍ୟାଘ୍ର ନଖ ସହିତ ପଦ୍ମ ଫୁଲର ମାଳ ପାଦତଳ ପର୍ଯ୍ୟନ୍ତ ଲମ୍ବମାନ ହୋଇରହିଛି । ଏହି ନନ୍ଦିଘୋଷ ବାହୁଡ଼ା ବିଜୟ ସମୟରେ ଦକ୍ଷିଣ ଦିଗକୁ ମୁହଁ କରିଥିବାରୁ ପ୍ରଭୁଙ୍କର ଶୋଭା ସୌନ୍ଦର୍ଯ୍ୟ ଦର୍ଶନ କରିବାକୁ ବିଭୀଷଣ ମୁହଁ ବୁଲି ରହିଥାନ୍ତି ।

ଏହିପରି ଶ୍ରୀଜଗନ୍ନାଥଙ୍କ ଶୋଭା ଓ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗର ବହୁ କବି ଯେପରି ଭାବରେ ଉଚ୍ଛ୍ୱସିତ ହୋଇଛନ୍ତି ତା'ର ପଟାନ୍ତର ନାହିଁ । ଅବଶ୍ୟ ଏହି କବିମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଭକ୍ତ କବି । ବର୍ଣ୍ଣନାରେ ସୌନ୍ଦର୍ଯ୍ୟ ବୋଧ ଅପେକ୍ଷା ଭକ୍ତି ଭାବର ଅନୁଭୂତି ଅଧିକ ପ୍ରକାଶିତ ହୋଇଅଛି । ବିଶ୍ୱର ସକଳ ସୌନ୍ଦର୍ଯ୍ୟର ମୂଳ ଉତ୍ସ ବୋଲି ଯାହାକୁ ଅନୁଭବ କରିଛନ୍ତି, ସେହି ଅକ୍ଷୟ ପୁରୁଷଙ୍କୁ ଅକ୍ଷର ମଧ୍ୟରେ ପ୍ରକାଶ କରିବା ପାଇଁ ସେମାନଙ୍କର ମନର ବ୍ୟାକୁଳତା ଏହି କବିତାମାନଙ୍କରେ ପ୍ରକାଶ କରିଛନ୍ତି । ଜଗନ୍ନାଥଙ୍କ ପ୍ରତ୍ୟେକ ବେଶର ପରିପାଟୀ, ବିଭିନ୍ନ ଉତ୍ସବାନୁଷ୍ଠାନରେ ତାଙ୍କର ଅନିନ୍ଦ୍ୟ ସୁନ୍ଦର ରୂପଶ୍ରୀ ଭାରତ ବର୍ଷର କୋଟି କୋଟି ଭକ୍ତଙ୍କୁ ଯୁଗ ଯୁଗ ଧରି ପ୍ରଭାବିତ କରିଆସିଅଛି । ଜଗନ୍ନାଥଙ୍କ ସେ ଶୋଭା ଯିଏ ଥରେ ଦେଖିଛି, ସେ ତାକୁ ବାରମ୍ବାର ଦେଖିବା ପାଇଁ ନିଜ ଭିତରେ ଆକୁଳତା ଅନୁଭବ କରିଛି । ମଧ୍ୟ ଯୁଗର ଓଡ଼ିଆ କବିତା ଯେପରି ହୋଇ ଉଠିଛି ସେହି ଆକୁଳତାର ଅକ୍ଷର ବ୍ରହ୍ମ ।

**ସହାୟକ ଗ୍ରନ୍ଥ :**

(୧) ଶ୍ରୀ ନୀଳମଣି ମିଶ୍ର (ସମ୍ପାଦିତ) ଓଡ଼ିଆ ଭଜନ, ୧ମ ଭାଗ ।
(୨) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ।
(୩) ମୁରାରି ମୋହନ ଜେନା (ସଙ୍କଳିତ) କବିକଣ୍ଠେ ଶ୍ରୀଜଗନ୍ନାଥ ।
(୪) ପଣ୍ଡିତ ନୀଳମଣି ମିଶ୍ର (ସଙ୍କଳିତ) ଭକ୍ତକବି ସାଲବେଗ ଜୀବନୀ ଓ ଭଜନାବଳୀ ।

---

ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ,
ପୁରୀ ।



କୋରାପୁଟ ଜିଲ୍ଲା ଗୁଡାରି ଏନ୍. ଏ. ସି.ର ପାଇକ ସାହି ପ୍ରାଥମିକ ବିଦ୍ୟାଳୟର ନବ ନିର୍ମିତ ଗୃହକୁ ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାତ୍ର ଉଦ୍‌ଘାଟନ କରୁଛନ୍ତି ।

# ଅଭିପ୍ସା

● ଡଃ ବୀଣାପାଣି ସିଂହ

ଠାକୁରେ..............
    ଏଇ ମୋ' ସମ୍ମୁଖରେ
ତମ ନନ୍ଦିଘୋଷ ରଥ..............
ମୁଁ ତମ ରଥ ଦେଖୁଛି
ଦେଖି ଦେଖି ବିଭୋର ହେଉଛି
ପୀତ, ଲାଲବର୍ଣ୍ଣର ପାଟ କନାରେ ସଜ୍ଜିତ
ତମ ରଥ ମୋ' ମନରେ ଭରି ଦେଉଛି
ଅପୂର୍ବ ଶିହରଣ..............
ଅସଂଖ୍ୟ ରୋମାଞ୍ଚ..............
        ପାଖରେ ବସିଥିବା ସ୍ତ୍ରୀଲୋକ ଜଣକ ପଚାରୁଛନ୍ତି
        ତୁମ ରଥର ଉଚ୍ଚତା କେତେ
        ତମ ରଥର ଚକ କେତୋଟି
        ତମ ରଥର ସାରଥୀ କିଏ
ଜଗନ୍ନାଥ..............
ମୁଁ କିନ୍ତୁ ସଠିକ୍ ଭାବେ
ତମ କଥା କିଛି ଜାଣିନି
ଗୀତା, ଭାଗବତ ଜମା ପଢ଼ିନି
ଲୋକେ ଜାଣିବାକୁ ମୁଁ ପାଠୋଇ
ହେଲେ ମୁଁ କେତେ ସୁନ୍ଦର ଭାବରେ ମୁଣି
କେହି ନଜାଣିଲେ ବି ତମେତ ଜାଣିଛ
        ମହାବାହୁ..............
        ମତେ ପିଲାଙ୍କଠୁ ଆହୁରି ସରଳ କରିଦିଅ
        କରିଦିଅ ମତେ ଦୁବଘାସ..............
        ଘାସ ଫୁଲ ଅବା ତୁଠ ପଥର
        ସବୁ ଦିନ ମୁଁ ବାମନ ହେଉଥାଏ
        ଏମିତି ବାମନ ହେଉ
        ଦୁବଘାସ ହେଉ
        ତୁଠ ଅବା ପଥର ହେଉ
        ଖୁନ୍ଦିଥାଏ ତମକୁ
        ଭଜୁଥାଏ ତମକୁ ଜପୁଥାଏ ତମକୁ..............

---

'ବିଜୁ କରୁଣା' ମହାନଦୀ ବିହାର,
କଟକ-୪

# ବିଜ୍ଞାନ କ୍ଷେତ୍ରରେ
# ବାସ୍ତବ ଶକ୍ତିର ଭୂମିକା

● ପଣ୍ଡିତ ରମାକାନ୍ତ କର

ଭାରତୀୟ ସଂସ୍କୃତି ଓ ପରମ୍ପରା ଯୁଗେ ଯୁଗେ ପୃଥିବୀକୁ ବିଶ୍ୱଦର୍ଶନ ଓ ସହଶିକ୍ଷା ପ୍ରଦାନ କରି ଆସୁଛି ଓ ଆସୁଥିବ ମଧ୍ୟ। ଦିନ ଥିଲା, ଆଧ୍ୟାତ୍ମ ବିଜ୍ଞାନ ବା ବେଦ ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇ ସତ୍ୟ ସନ୍ଧାନ ପାଇଁ ଶିକ୍ଷାର୍ଥୀମାନେ ଭାରତ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟୟନ ଏପରି କରୁଥିଲେ। ଆମର ନାଳନ୍ଦା ବିଶ୍ୱବିଦ୍ୟାଳୟର ଧ୍ୱଂସାବଶେଷରୁ ପ୍ରମାଣ ମିଳେ।

ବର୍ତ୍ତମାନ ବିଜ୍ଞାନ କ୍ଷେତ୍ରରେ ପାରମ୍ପରିକ ଶକ୍ତିର ଭୂମିକା କିଛି କମ୍ ନୁହେଁ। ଆଧୁନିକ ବିଜ୍ଞାନର ଆଧୁନିକତା, ଆକର୍ଷଣ, ଅଗ୍ରଗତି, ସୁବଚକ୍ୟ, ମହାକାଶକୁ ପକ୍ଷୀ ଭଳି ଉଡ଼ିଯିବାର ପରିକଳ୍ପନା, ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ପାରଦର୍ଶିତାକୁ ଦେଖିଲେ ଆମେ ବିସ୍ମିତ ହେଉ। ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ଆଧୁନିକ ବିଜ୍ଞାନ ସହିତ ଓତଃପ୍ରୋତ ଭାବେ ଜଡ଼ିତ। ଏମାନେ ବିଜ୍ଞାନକୁ ନିଜ ହାତମୁଠାରେ ଅକ୍ତିଆର କରିଛନ୍ତି।

'ବିଜ୍ଞାନ' ଶବ୍ଦଟି ଅପେକ୍ଷାକୃତ ନୂଆ ହୋଇପାରେ, କିନ୍ତୁ ବିଜ୍ଞାନର ମୂଳବୀଜ ହିଁ ବେଦରେ ଥିଲା ବେଦକୁ ମଧ୍ୟ ବିଜ୍ଞାନ କୁହାଯାଏ। ଏହି ଭାରତୀୟ ବେଦ ବିଜ୍ଞାନର ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ପୃଥିବୀର ଆଧୁନିକ ବିଜ୍ଞାନ ଅନୁରୂପ ତତ୍ତ୍ୱର ଆଧାରିତ ହୋଇ ସର୍ବଜନ ଆଦୃତ ହୋଇଛି। ବେଦ ମୁଖ୍ୟତଃ ଆଧ୍ୟାତ୍ମିକ ବିଜ୍ଞାନ। ଆଧୁନିକ ବିଜ୍ଞାନ କହିଲେ କେବଳ ବସ୍ତୁ ବିଜ୍ଞାନକୁ ବୁଝାଏ। ବେଦ ବିଜ୍ଞାନ ହେଉଛି ଆଧୁନିକ ସମାଜର ମୂଳଭିତ୍ତି, କିନ୍ତୁ ଆଧୁନିକ ବିଜ୍ଞାନ ଏହି ମୂଳ ଭିତ୍ତି ଉପରେ ସୁବଚକ୍ୟ ସୌଧ ନିର୍ମାଣରେ କୁଶଳୀ।

ପ୍ରାଚୀନ କାଳରେ ଭାରତରେ ବେଦର ପ୍ରସାର ଘଟିଥିଲା। ଏହାକୁ ବିଜ୍ଞାନଙ୍କରର ବିଦ୍ୟା ବୋଲି ମନେ କରାଯାଉଥିଲା। ଅବଶ୍ୟ ବେଦ ଓ ବିଜ୍ଞାନ ଏକାର୍ଥବୋଧକ। "ବିଦ୍" ଧାତୁରୁ "ଅଚ୍" ପ୍ରତ୍ୟୟ ହୋଇ ବେଦ ଓ 'ବି' ଉପସର୍ଗ 'ଜ୍ଞା' ଧାତୁରୁ 'ଲ୍ୟୁଟ୍' ପ୍ରତ୍ୟୟ ହୋଇ ବିଜ୍ଞାନ' ଶବ୍ଦ ଦୁଇଟି ସିଦ୍ଧ ହୋଇଛି। ଏହି ଦୁଇଟି ଧାତୁ ଅର୍ଥାତ୍ ବିଦ୍ ଓ ଜ୍ଞା ଜାଣିବା ଅର୍ଥକୁ ବୁଝାଏ। ଆଧୁନିକ ବିଜ୍ଞାନ ହିଁ ଆଧ୍ୟାତ୍ମିକ ବିଜ୍ଞାନ ଉପରେ ଆଧାରିତ। ସମୟ ଥିଲା, ଯେତେବେଳେ ସମାଜରେ ମାନବ ଆଧ୍ୟାତ୍ମିକ ବିଜ୍ଞାନ ଉପରେ ଗୁରୁତ୍ୱ ଦେଉଥିଲା, କିନ୍ତୁ ଆଜି ସେହି ସମୟ ଗଡ଼ିଗଲା ଯାଇ ଆସିଛି। ଜଡ଼ ବିଜ୍ଞାନ ଗବେଷଣାର ସମୟ ଆସିଛି। ଆଧୁନିକ ବିଜ୍ଞାନ କେବଳ ଉପରେ ଝୁବଚକ୍ୟରେ ଭାସୁଛି ଓ ବାହ୍ୟିକ ଆଡ଼ମ୍ବର ଦେଖାଇ ମାନବ ମନରେ ଆଶ୍ଚର୍ଯ୍ୟ ଓ ସୁଖ ସୃଷ୍ଟି କରିପାରୁଛି। ସେ ଯାହା ସମାଜରେ ଚମତ୍କାରିତା ପ୍ରଦର୍ଶନ କରୁଛି, ସବୁରି ମୂଳରେ ରହିଛି ଆଧ୍ୟାତ୍ମିକ ବିଜ୍ଞାନର ସର୍ବନିମ୍ନ ଶକ୍ତିର କରାମତି। ଶକ୍ତି ବିନା ଆଧୁନିକ ବିଜ୍ଞାନର ସ୍ଥିତି ଅସମ୍ଭବ। ଆଧ୍ୟାତ୍ମିକ ବିଜ୍ଞାନ ପ୍ରତ୍ୟକ୍ଷ ଭାବରେ ପ୍ରାକୃତିକ ଶକ୍ତି ଉପରେ ନିର୍ଭରଶୀଳ ଓ ପ୍ରକୃତିକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରେ, କିନ୍ତୁ ଆଧୁନିକ ବିଜ୍ଞାନ ପ୍ରାକୃତିକ ଶକ୍ତିରୁ ଜାତ ସାଧାରଣ ଶକ୍ତି ବା କୃତ୍ରିମ ଶକ୍ତିକୁ ନଷ୍ଟ କରି ବସେ।

ଶକ୍ତି କହିଲେ ଏହା ଅର୍ଥ ବିଶାଳ। 'ଶକ୍' ଧାତୁରୁ 'କ୍ତିନ୍' ପ୍ରତ୍ୟୟ ଯୁକ୍ତ ହୋଇ 'ଶକ୍ତି' ଶବ୍ଦ ସିଦ୍ଧ ହୋଇଛି। 'ଶକ୍' ଅର୍ଥ ସମର୍ଥ ଓ କ୍ତିନ୍' ପ୍ରତ୍ୟୟ ଭାବାର୍ଥରେ ସଂଯୁକ୍ତ, ଅତଏବ ଶକ୍ତିର ଶାସ୍ତ୍ରୀୟ ଅର୍ଥ ହେଉଛି ସାମର୍ଥ୍ୟର ଭାବ। ଆଧ୍ୟାତ୍ମିକତା ଦୃଷ୍ଟିରୁ ଏହି ଶକ୍ତିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇ ପାରେ।

| ଅତି ପ୍ରାକୃତିକ ଶକ୍ତି | ପ୍ରାକୃତିକ ଶକ୍ତି | ସାଧାରଣ ଶକ୍ତି |
|---|---|---|
| (ଦୁର୍ଗାଶକ୍ତି) | Natural Power | General Energy |

The Supreme Power

ଆଧ୍ୟାତ୍ମିକ ବିଜ୍ଞାନ ଏହି ଅତି ପ୍ରାକୃତିକ ଶକ୍ତି ବା ପରମାତ୍ମା ଶକ୍ତି ଉପରେ ଗବେଷଣା କରୁଥିବା ସ୍ଥଳେ ଆଧୁନିକ ବିଜ୍ଞାନକେବଳ ସାଧାରଣ ଶକ୍ତି ବା ଜଡ଼ ଶକ୍ତି ଉପରେ ଗବେଷଣା କରେ। ଯଦି ସାଧାରଣ ଶକ୍ତି ଦ୍ୱାରା ମାନବ ଏତେ ବଡ଼ ସାଧନା କରି ସମାଜକୁ ଚମତ୍କାରିତା ଦେଖାଇ ପାରୁଛି, ତେବେ ତା'ଠାରୁ ବଡ଼ ଶକ୍ତି ପ୍ରାକୃତିକ ଶକ୍ତି ଓ ତା'ଠାରୁ ବଡ଼ ଅତି ପ୍ରାକୃତିକ ଶକ୍ତିକୁ ସାଧନ କରି ପ୍ରାଚୀନ କାଳରେ ମାନବ କି ଅସାଧ୍ୟ ସାଧନ କରିପାରୁନଥିବ? ଯେତେବେଳେ ଅସମ୍ଭବକୁ ସମ୍ଭବ କରିବା ଓ ଅଘଟଣକୁ ଘଟଣ କରିବା ଅତି ସମ୍ଭବ ହୋଇପାରିଥିଲା। ଏଣୁ ଏପରି ଶକ୍ତିକୁ ଦୁର୍ଗା ଶକ୍ତି ଅଷ୍ଟଭୁଜା, ଦଶଭୁଜାଦି ଭାବରେ ପରିକଳ୍ପନା କରାଯାଇ ନିରାକାର ଶକ୍ତିକୁ ସାକାରରେ ପୂଜା କରାଯାଇ ପାରମ୍ପରିକ ବିଧିରେ ଦୁର୍ଗାପୂଜା ପାଳିତ ହୋଇଆସୁଛି।

ଅତି ପ୍ରାକୃତିକ ଶକ୍ତି ହିଁ ସଂସାରର ସମସ୍ତ ଶକ୍ତିର ଜନନୀ ହୋଇଥିବାରୁ ତାଙ୍କୁ ନାରୀ ରୂପରେ ବା ମାତୃ ରୂପରେ ପୂଜା କରାଯାଉଛି । ଏହି ଅତିପ୍ରାକୃତିକ ଶକ୍ତି ପ୍ରାକୃତିକ ଶକ୍ତି ବା ପଞ୍ଚମହାଭୂତ ଶକ୍ତିକୁ ସୃଷ୍ଟିକରେ ଓ ନିୟନ୍ତ୍ରଣ କରେ । ପଞ୍ଚମହାଭୂତ ଶକ୍ତି କହିଲେ କ୍ଷିତ୍ (ମାଟି), ଆପ୍ (ଜଳ), ତେଜ (ଅଗ୍ନି ବା ସୂର୍ଯ୍ୟ), ବାୟୁ (ପବନ), ବ୍ୟୋମ (ଆକାଶ) ଏହି ପଞ୍ଚ ଶକ୍ତିକୁ ବୁଝାଏ । ଜଗତ ଜନନୀ ଦୁର୍ଗାଶକ୍ତି ବା ଅତିପ୍ରାକୃତିକ ଶକ୍ତିର ଅପାର କରୁଣାରୁ ଏହି ପଞ୍ଚମହାଭୂତ ଶକ୍ତିର ବିକାଶ ସମ୍ଭବ ହୋଇପାରୁଛି ।

(୧) କ୍ଷିତ୍–ଧରଣୀ ସୃଷ୍ଟିକର୍ତ୍ତ୍ରୀ–ଏହା ସୃଜନ ଓ ପାଳନକାରୀ ଶକ୍ତି (Creative Energy)

(୨) ଆପ୍–ଜଳ ସୃଷ୍ଟିକର୍ତ୍ତ୍ରୀ– ଏହା ପରିପ୍ରକାଶ ଶକ୍ତି (Energy of Expression)

(୩) ତେଜ–ଅଗ୍ନି ସୃଷ୍ଟିକର୍ତ୍ତ୍ରୀ–ଏହା ବିନାଶକାରୀ ଶକ୍ତି (Destructive Energy)

(୪) ବାୟୁ–ପବନ ସୃଷ୍ଟିକର୍ତ୍ତ୍ରୀ–ଏହା କୁଣ୍ଡଳିନୀ ଶକ୍ତି Serpentine Power)

(୫) ଆକାଶ ବର୍ଣ୍ଣ ସୃଷ୍ଟିକର୍ତ୍ତ୍ରୀ–ଏହା ପାଳନକାରୀ ଶକ୍ତି (Preservative Engery)

ଏହି ପଞ୍ଚମହାଭୂତ ଶକ୍ତିକୁ ଯଥାକ୍ରମେ ବିଷ୍ଣୁ, ଗଣେଶ, ବରୁଣ, ସୂର୍ଯ୍ୟ(ଭାସ୍କର), ଅମ୍ବିକା ଓ ଶିବ ବୋଲି କଳ୍ପନା କରି ପ୍ରାଚୀନ କାଳରେ ପଞ୍ଚଦେବତା ଭାବରେ ପ୍ରକୃତି ଉପାସନା କରୁଥିଲେ ଯଥା :–

"ଗଣେଶ ନାରାୟଣେ ରୁଦ୍ର ଅମ୍ବିକେ ଭାସ୍କରେ ତଥା,
ଭିନ୍ନାଭିନ୍ନଂ ନ କର୍ତ୍ତବ୍ୟଂ ପଞ୍ଚଦେବୋ ନମୋସ୍ତୁତେ ।"

ଏହି ପଞ୍ଚଦେବତା ହିଁ ପଞ୍ଚ ପ୍ରକୃତି ଭାବରେ ଉପାସିତ । ଆଧୁନିକ ଯୁଗରେ ମାନବ ପଞ୍ଚ ପ୍ରକୃତି ଭୁଲି ଏହି ପ୍ରକୃତିରୁ ସୃଷ୍ଟ ସାଧାରଣ ଶକ୍ତିର ଚମତ୍କାରିତାରେ ଚକିତ ହୋଇଯାଉଛି ଓ କୃତିମତାକୁ ନିଜର ଆତ୍ମୀୟ କରି ନେଉଛି । ଏବେ ବିଜ୍ଞାନର ଯେଉଁ ଚମତ୍କାରିତା ଦେଖୁଛନ୍ତି, ସେ ସବୁ ସାଧାରଣ ଶକ୍ତିର ଚମତ୍କାରିତା । ଏହି ସାଧାରଣ ଶକ୍ତିର କରାମତି ଦେଖି ଆମ୍ଭେମାନେ ଏହି ସୃଜନକାରୀ ଶକ୍ତିର ଚମତ୍କାରିତା ଉପଲବ୍ଧି କରିପାରୁ ନାହୁଁ, କାରଣ ଏ ସାମର୍ଥ୍ୟ ଆମର ନାହିଁ । ସାଧାରଣ ଶକ୍ତି କହିଲେ ଗତିଜ ଶକ୍ତି Kinetic Energy), ସ୍ଥିତିଜ ଶକ୍ତି (Potential Energy), ବୈଦ୍ୟୁତିକ ଶକ୍ତି (Electrical Energy), ଚୁମ୍ବକୀୟ ଶକ୍ତି (Magnetic Energy), ଶବ୍ଦ ଶକ୍ତି (Sound Energy), ଅଣୁପରମାଣୁ ଶକ୍ତି (Atomic Energy) ଇତ୍ୟାଦି ଶକ୍ତିକୁ ବୁଝାଏ । ଏହି ଶକ୍ତିଗୁଡ଼ିକ ପ୍ରାକୃତିକ ଶକ୍ତିବିନା କାର୍ଯ୍ୟ କରି ପାରନ୍ତି ନାହିଁ କିମ୍ବା ସୃଷ୍ଟି ହୋଇ ପାରନ୍ତି ନାହିଁ । ଉଦାହରଣ ସ୍ୱରୂପ, ଜଳବିନା ବିଦ୍ୟୁତ୍ ଶକ୍ତି ଅସମ୍ଭବ । ବାୟୁବିନା ଶବ୍ଦ ଶକ୍ତିର ସଞ୍ଚାର ଅସମ୍ଭବ । ଏହିପରି ଭାବରେ ସାଧାରଣ ଶକ୍ତିଗୁଡ଼ିକ ପ୍ରାକୃତିକ ଶକ୍ତି ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ । ପ୍ରାକୃତିକ ଶକ୍ତିର କୋପରେ ସାଧାରଣ ଶକ୍ତିଗୁଡ଼ିକ ମୁହୂର୍ତ୍ତ ମଧ୍ୟରେ ଧ୍ୱଂସ ହୋଇଯାନ୍ତି । ସାଧାରଣ ଶକ୍ତିଗୁଡ଼ିକ ପ୍ରାକୃତିକ ଶକ୍ତିଦ୍ୱାରା ନିୟନ୍ତ୍ରିତ ବୋଲି କହିବା ଅଯୌକ୍ତିକ ହୋଇନପାରେ ।

ଶକ୍ତିର ରୂପ ଦେଖାଯାଇପାରେ କିନ୍ତୁ କାର୍ଯ୍ୟ ସୂକ୍ଷ୍ମ । ତେଣୁ ଅନୁଭୂତି ମାଧ୍ୟମରେ ଜଣାଯାଏ ।

ବହୁ ଗବେଷଣା ଫଳରେ ଆଧୁନିକ ବିଜ୍ଞାନ ପ୍ରାଚୀନ ବିଜ୍ଞାନର ବହୁ ସିଦ୍ଧାନ୍ତକୁ ସ୍ୱୀକାର କରୁଛି । ପୂର୍ବରେ ଯେଉଁ ପର୍ବପର୍ବାଣୀ ଥିଲା, ତାହା ମାନବର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଓ ଋତୁ ଅନୁସାରେ ରଖା ଯାଇଥିଲା । ଏଣୁ ଆମେ ପର୍ବପର୍ବାଣୀଗୁଡ଼ିକୁ ବିଧିବଦ୍ଧ ଭାବରେ ପାଳନ କରିବା ଉଚିତ୍ । ପୂର୍ବରୁ ସକାଳୁ ଉଠି ଲୋକେ ସ୍ନାନ ସାରି ଦେବଦର୍ଶନ ପରେ ତୁଳସୀ ଓ ବେଲ ପତ୍ର ଇତ୍ୟାଦି ସେବନ କରୁଥିଲେ । ତାହାକୁ ମଧ୍ୟ ଆଜିକାଲିର ବୈଜ୍ଞାନିକମାନେ ନାନାପ୍ରକାର ବୈଜ୍ଞାନିକ କାରଣମାନ ଦର୍ଶାଇ ଉଚିତ୍ ବୋଲି ସ୍ୱୀକାର କଲେଣି ଓ ଏହା ଦ୍ୱାରା ଛାତିରୋଗ ଗଳାରୋଗ, କଫଦୋଷ ଦୂର ହୁଏ ବୋଲି ମତ ଦେଲେଣି ।

ପ୍ରାଚୀନ ମତରେ ପୁନର୍ଜନ୍ମ ତତ୍ତ୍ୱ ଆଧୁନିକ ବିଜ୍ଞାନ ବିଶ୍ୱାସ କଲାଣି । କାନପୁରର ଝିଅ ବେଥୁର ଗ୍ରାମରେ ଜନ୍ମ ହୋଇ ଯେଉଁ ପୂର୍ବ ଜନ୍ମ ବୃତ୍ତାନ୍ତ ବ୍ୟକ୍ତ କରୁଛି ତାହାର ପ୍ରମାଣ ଅକାଟ୍ୟ ରାଶି ପୁନର୍ଜନ୍ମକୁ ଡଃ ଏସ୍‌ଃ ରାମଚନ୍ଦ୍ରନ୍ ପ୍ରମୁଖ ବୈଜ୍ଞାନିକମାନେ ସ୍ୱୀକାର କଲେଣି । ପ୍ରାଚୀନ ପରମ୍ପରା ସତ୍ୟ ଓ ବିଜ୍ଞାନ ସମ୍ମତ ବୋଲି ଜାଣିସୁଦ୍ଧା କେତେକ ନାସ୍ତିକବାଦୀ ବାହ୍ୟ ରୂପ ଓ ଆଡ଼ମ୍ବର ବା ବାବାପଣିଆ ଦେଖି ସେମାନଙ୍କ ଇଂରାଜୀ ଭାଷାରେ ମୁଗ୍ଧ ହୋଇ ଗୌରିକ ବେଶରେ ଅଭିଭୂତ ହୋଇ ପ୍ରାଚୀନ ବିଜ୍ଞାନ ସାଧକଙ୍କ ଗୁରୁତ୍ୱ ଉପଲବ୍ଧି କରୁନାହାନ୍ତି ।

ତ୍ରିଶକ୍ତି ଅର୍ଥାତ୍ ଅତି ପ୍ରାକୃତିକ, ପ୍ରାକୃତିକ ଓ ସାଧାରଣ ହିଁ ଯଥାକ୍ରମେ ସତ୍ତ୍ୱ, ରଜ ଓ ତମ ଗୁଣରେ ତ୍ରିବିଧ । ଏଣୁ ଅତି ପ୍ରାକୃତିକ ଶକ୍ତି ହିଁ ସାତ୍ତ୍ୱିକୀ, ପ୍ରାକୃତିକ ଶକ୍ତି ହିଁ ରାଜସୀ ଓ ସାଧାରଣ ଶକ୍ତି ହିଁ ତାମସୀ । ଏହି ଦୃଷ୍ଟିରୁ ବିଚାର କଲେ ଦୁର୍ଗା ସାତ୍ତ୍ୱିକୀ, ଲକ୍ଷ୍ମୀ ରାଜସୀ ଓ କାଳୀ ତାମସୀ ଏଣୁ ସଂସାରର ବ୍ୟକ୍ତିମାନେ ସତ୍ତ୍ୱ, ରଜ ଓ ତମ ଗୁଣର ଅଧିକାରୀ ହୋଇ ନିଜ ଗୁଣର ଦେବୀଙ୍କୁ ଆରାଧନା କରନ୍ତି ।

ଏଣୁ ଶକ୍ତିର ସାତ୍ତ୍ୱିକ ରୂପକୁ ଧ୍ୟାନ କରି ମାନବ ସାତ୍ତ୍ୱିକ ଗୁଣରେ ପ୍ରଭାବିତ ହୋଇ ଯଦି ସାତ୍ତ୍ୱିକ ପରିବେଷ୍ଟନୀ ସୃଷ୍ଟି କରିପାରେ ତେବେ ସମାଜରେ ସାତ୍ତ୍ୱିକତା ଯୋଗୁଁ ଜ୍ଞାନ ନିଷ୍ଠା ଓ କର୍ମନିଷ୍ଠା ଆପେ ଆପେ ବୃଦ୍ଧି ପାଇବ । ପଶୁବଳୀ ପରି ଘୃଣ୍ୟ ପ୍ରଥା ନାରୀ ନିର୍ଯ୍ୟାତନା ପରି କଳୁଷ ଦୂର ହୋଇ ପାରିବ ।

---

ଗୁଡ଼ିଆ ସାହି,
ପୋଃଅଃ/ଜିଲ୍ଲା–ପୁରୀ–୭୫୨୦୦୧ ।

# ରୋଗ ନିରାକରଣରେ ମହାପ୍ରସାଦ ସେବନ

● ଶ୍ରୀ ଲକ୍ଷ୍ମୀନାରାୟଣ ରାଉତରାୟ

ଆବହମାନ କାଳରୁ ରୋଗ ବିରୁଦ୍ଧରେ ମନୁଷ୍ୟ ଅହରହ ସଂଗ୍ରାମ କରିଆସିଛି । ରୋଗର କାରଣ ଓ ନିରାକରଣ ସମ୍ପର୍କରେ ନାନାପ୍ରକାର ତଥ୍ୟ ଆବିଷ୍କାର ହୋଇପାରିଲାଣି । ତଥାପି ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ରୋଗ ନାଁ ମନୁଷ୍ୟଠାରୁ ଦୂରେଇ ଯାଇଛି ନାଁ ମନୁଷ୍ୟ ରୋଗଠାରୁ ଦୂରେଇ ରହି ପାରିଛି । ଅଧିକନ୍ତୁ ନୂତନ ନୂତନ ରୋଗ ସୃଷ୍ଟି ହୋଇ ଡାକ୍ତରମାନଙ୍କୁ ବିବ୍ରତ କରିସାରିଲାଣି । ଗବେଷଣା ପରେ ଗବେଷଣା ଚାଲିଛି ଓ ଚାଲିବ ମଧ୍ୟ । କିନ୍ତୁ ରୋଗକୁ ସମୂଳେ ଉତ୍ପାଟନ କରିବା ଏକରକମ ଦୁରୂହ ବ୍ୟାପାର ଭଳି ମନେ ହୁଏ । ଜନ ସମଷ୍ଟିଙ୍କର ରୋଗ ବିଷୟରେ କିମ୍ଭୁତ କିମାକାର ଧାରଣା ସୃଷ୍ଟି ହୋଇଛି, କାରଣ ନୂତନ ନୂତନ ଦୁର୍ଜ୍ଞେୟ ରୋଗ ସଗର୍ବେ ମୁଣ୍ଡ ଟେକି ମାନବ ସମାଜର ପ୍ରଭୂତ କ୍ଷୟ କ୍ଷତି ଘଟାଇଛନ୍ତି । ପ୍ରକୃତ ପକ୍ଷରେ ଭାବିବାକୁ ଗଲେ ରୋଗକୁ ଏତେଦୂର ଭୟ କରିବାର କୌଣସି କାରଣ ନାହିଁ । ମନୁଷ୍ୟର ମନବଳ ବଡ଼ ବିଚିତ୍ର । ଏହାର ନିଜର କିଛି ଅସ୍ତିତ୍ୱ ନାହିଁ । ଏହା ପ୍ରକୃତ ପକ୍ଷରେ ଭୌତିକ ପଦାର୍ଥରୁ ହିଁ ସୃଷ୍ଟି । କାରଣ ଖାଦ୍ୟରୁ ମନର ସୃଷ୍ଟି ହୋଇଥାଏ । ମନରୁ ବୁଦ୍ଧି ଓ ବୁଦ୍ଧିରୁ ଅହଂକାର । ଅହଂକାର ମନୁଷ୍ୟକୁ ଈଶ୍ୱରଙ୍କଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖେ । ଅହଂକାରରୁ ହିଁ ସମସ୍ତ ତାମସୀକ ଗୁଣର ଉତ୍ପତ୍ତି । ଏହି ତାମସୀକ ଗୁଣଗୁଡ଼ିକ ରୂପ, ରସ, ଗନ୍ଧ ଓ ସ୍ପର୍ଶର ଆସ୍ୱାଦନ ପାଇଁ ବୁଦ୍ଧିକୁ ଧ୍ୱଂସ ମୁଖକୁ ଟାଣି ନିଅନ୍ତି । ମନୁଷ୍ୟର ବୁଦ୍ଧି ଧ୍ୱଂସାଭିମୁଖୀ ହେଲେ ମନୁଷ୍ୟ ଗର୍ହଣୀୟ କୁକର୍ମରେ ଲିପ୍ତ ହେବାଦ୍ୱାରା ଆତ୍ମଶକ୍ତି ଦୁର୍ବଳ ହୋଇପଡ଼େ । ଦୁର୍ବଳ ଆତ୍ମଶକ୍ତି ରୋଗ ବିରୁଦ୍ଧରେ ସଂଗ୍ରାମ କରିପାରେ ନାହିଁ । ଫଳରେ ମନୁଷ୍ୟ ରୋଗାକ୍ରାନ୍ତ ହୋଇ ପଡ଼େ । ରୋଗାକ୍ରାନ୍ତ ମନୁଷ୍ୟ ଜୀବନକୁ ପ୍ରକୃତରେ ଉପଭୋଗ କରିନପାରି ବିବଶ ଓ ମ୍ରିୟମାଣ ହୋଇପଡ଼େ । ଜୀବନ ନିରୁତ୍ସାହ ହେଲେ ଦୈନନ୍ଦିନ କର୍ମରେ ପ୍ରଭୂତ ବାଧାପଡ଼ି ଦୁଃଖ ଓ ହତାଶାର ଅଭିବୃଦ୍ଧି ହେବା ସ୍ୱାଭାବିକ । ଉପରୋକ୍ତ କାରଣରୁ ନିରୋଗ ଶରୀର ଧାରଣ କରିବା ମନୁଷ୍ୟର ଏକାନ୍ତ ଅପରିହାର୍ଯ୍ୟ ।

ନିରୋଗ ଶରୀର ଧାରଣ କରିବା, କହିବା ଯେତେ ସହଜ କାର୍ଯ୍ୟତଃ ଏହା ଅତ୍ୟନ୍ତ କଷ୍ଟକର ବ୍ୟାପାର । କାରଣ ପ୍ରତ୍ୟେକ ମନୁଷ୍ୟର ମନ କେମିତିନା କେମିତି ହେଲେ ବିକାରଗ୍ରସ୍ତ । ରୋଗ ସୃଷ୍ଟି ବିକାର ମନର ପ୍ରତିଚ୍ଛବି ସ୍ୱରୂପ । ଅର୍ଥାତ୍ ମନ ବିକାର ହେଲେ ଏହାର କୁଫଳ ଭୌତିକ ଶରୀର ଉପରେ ପ୍ରଭାବ ପକାଇ ରୋଗ ସୃଷ୍ଟି କରିଥାଏ । ଏହି କାରଣରୁ ମନକୁ ନିର୍ମଳ ରଖିବା ଏକାନ୍ତ ବିଧେୟ । ମନ ଓ ହୃଦୟ ନିର୍ମଳ ହେଲେ ଭୌତିକ ଶରୀର ଉପରେ ଏହାର ସୁଫଳ ଅବଶ୍ୟମ୍ଭାବୀ । ସୁସ୍ଥ ମନ ସୁସ୍ଥ ଶରୀର ଗଠନରେ ଏକାନ୍ତ ଅପରିହାର୍ଯ୍ୟ । ସୁସ୍ଥ ମନର ସୃଷ୍ଟି ପାଇଁ ସାତ୍ତ୍ୱିକ ଖାଦ୍ୟର ଆବଶ୍ୟକତା ରହିଛି । ସାତ୍ତ୍ୱିକ ଖାଦ୍ୟ ସାତ୍ତ୍ୱିକ ଗୁଣର ଅଭିବୃଦ୍ଧି ଘଟାଇଥାଏ । ସାତ୍ତ୍ୱିକ ଗୁଣର ଅଧିକାରୀ ହେଲେ ରୋଗ ପ୍ରତିରୋଧକ ଶକ୍ତିର ଅଭିବୃଦ୍ଧି ଘଟିଥାଏ ।

ହୋମିଓପାଥି ଔଷଧର ଆବିଷ୍କାରକ ମହାତ୍ମା ହାନିମେନ ମନୁଷ୍ୟ ଶରୀରର ଯନ୍ତ୍ରାଂଶ କିପରି ମନୁଷ୍ୟର ଆତ୍ମବଳ ଦ୍ୱାରା ପ୍ରଭାବିତ ତଥା ନିୟନ୍ତ୍ରିତ ହୋଇଥାଏ ତାହାର ବର୍ଣ୍ଣନା ତାଙ୍କ "ORGANON OF MEDICINE" Article ୯ମ ଓ ୧୦ମ ସୂତ୍ରରେ ଲିପିବଦ୍ଧ କରିଛନ୍ତି ।

ନବମ ସୂତ୍ର:— In the healthy condition of man. the Spiritual Vital force (Autocracy), the dynamis that animates the material body (organison) rules with unbounded sway, and retains all the parts of the organison in admirable harmonious vital operation, as regards both sensations and functions, so, that our indwelling reason gifted mind can freely employ this living, healthy instrument for the higher purposes of our existence.

ରୋଗ ପ୍ରତିରୋଧକ ଶକ୍ତି ରୋଗ ବିରୁଦ୍ଧରେ ସଂଗ୍ରାମ ପାଇଁ ମନୁଷ୍ୟ ଶରୀରରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରହିବା ଅତ୍ୟନ୍ତ ଜରୁରୀ। ସାତ୍ତ୍ୱିକ ଖାଦ୍ୟ ମଧ୍ୟରେ ଶ୍ରୀମହାପ୍ରସାଦ ସର୍ବୋତ୍ତମ ଅଟେ। ମହାପ୍ରସାଦ ସେବନ କଲେ ନିର୍ମଳ ଭକ୍ତିର ଉଦ୍ରେକ ହୋଇଥାଏ। ନିର୍ମଳ ଭକ୍ତିରୁ ଜ୍ଞାନର ଉତ୍ପତ୍ତି ହୋଇ ମନୁଷ୍ୟକୁ ମୁକ୍ତି ପଥର ସନ୍ଧାନ ଦେଇଥାଏ। ଶ୍ରୀମହାପ୍ରସାଦର ମହାତ୍ମ୍ୟ ବିଷୟରେ ଭକ୍ତକବି ଶ୍ରୀ ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣିତ ଅଛି।

"ଇନ୍ଦ୍ରଦ୍ୟୁମନ ରାଜା ଆଗେ
ବଶିଷ୍ଠ କହନ୍ତି ସରାଗେ
ବିଷ୍ଣୁ ନିର୍ମାଲ୍ୟ ପାନେ ପାପ
କ୍ଷୟ ହୁଅଇ ଥାହେ ନୃପ
ନିର୍ମଳ ଭକ୍ତି ହୁଏ ତା'ର
ପାପାଦି ହୋଇଯାଏ ଦୂର
ଭକ୍ତିରୁ ଜ୍ଞାନ ହୁଏ ଜାତ
ଜ୍ଞାନରୁ ପ୍ରାପ୍ତି ମୁକ୍ତି ପଥ।"

ପୁନଶ୍ଚ– ଯେ ଜଗନ୍ନାଥଙ୍କ ମୂରତି
ହୃଦପଦ୍ମରେ ଭାବୁଥାନ୍ତି
ମୁଖରେ ନାମକୁ ଉଚ୍ଚାରି
ନୈବେଦ୍ୟ ଗର୍ଭରେ ସଂହରି
ନିର୍ମାଲ୍ୟ ପାଦୋଦକ ଆଣି
ମସ୍ତକେ ବହିଥାନ୍ତି ପୁଣି
ନାହିଁଟି ତାହାର ବିନାଶ
ଜାଣ ସେ ମୋହର ସଦୃଶ।
ପାତକ ଯେ ଅତି ପାତକ
ପୁଣି ଯେତୁ ମହାପାତକେ
ଏ ସର୍ବ ବିନାଶ ହୁଅଇ
ଯେ ଜଗନ୍ନାଥ ଅନ୍ନ ଖାଇ।

### ବୈଜ୍ଞାନିକ ଭିତ୍ତିକୋଣ :

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ପୁରୁଷ ଓ ପ୍ରକୃତି ଉଭୟଙ୍କ ସର୍ବଶ୍ରେଷ୍ଠ ଲୀଳାକ୍ଷେତ୍ର। ଏହି କ୍ଷେତ୍ରରେ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ବ୍ରହ୍ମ ବା ସଗୁଣ ବ୍ରହ୍ମ। ଶ୍ରୀମନ୍ଦିରରେ ପ୍ରକୃତିର୍ ନିୟନ୍ତ୍ରଣ କାରିଣୀ ମା' ବିମଳା ବିରାଜମାନ ଅଛନ୍ତି। ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ନୈବେଦ୍ୟ ଅର୍ପଣ କରାଯାଇ ତା'ପରେ ସେହି ପ୍ରସାଦକୁ ମା' ବିମଳାଙ୍କୁ ଅର୍ପଣ କରାଯାଇଥାଏ। ପ୍ରସାଦ ମା' ବିମଳାଙ୍କୁ ଅର୍ପିତ ହେଲାପରେ ତାହା ମହାପ୍ରସାଦରେ ପରିଣତ ହୁଏ। ତେଣୁ ମହାପ୍ରସାଦରେ ପ୍ରକୃତି ଓ ପୁରୁଷ ଉଭୟଙ୍କର ଯଥାକ୍ରମେ ପରା ଓ ଅପରାଶକ୍ତି ନିହିତ ରହିଥାଏ। ପରାଶକ୍ତି ସାତ୍ତ୍ୱିକ ଗୁଣକୁ ଅଭିବୃଦ୍ଧି କରିବାରେ ପରମ ସହାୟକ ହୁଏ। ଏହି ଶକ୍ତି ମନୁଷ୍ୟ ଶରୀରର ଆନନ୍ଦମୟ କୋଷକୁ ଉଜ୍ଜିବିତ କରିଥାଏ। ଏହି କାରଣରୁ ମହାପ୍ରସାଦ ସେବନରେ ଅନ୍ତରାତ୍ମାରେ ଏ ପ୍ରକାର ପ୍ରଚ୍ଛନ୍ନ ଶାନ୍ତିର ଆଭାସ ମିଳିଥାଏ। ସେହିପରି ଅପରାଶକ୍ତି ମନୁଷ୍ୟର ଭୌତିକ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରାଣଶକ୍ତି ପ୍ରଦାନ କରେ। ଏହି ପ୍ରାଣଶକ୍ତି ହିଁ ମନୁଷ୍ୟ ଶରୀରର ପ୍ରାଣମୟ କୋଷକୁ ଶକ୍ତିମନ୍ତ କରି ତୋଳିବା ଦ୍ୱାରା ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ ଓ ସମସ୍ତ ଯନ୍ତ୍ରାଂଶକୁ ସୁନ୍ଦର ଭାବେ ପରିଚାଳନା କରିଥାଏ। ସଂକ୍ଷେପରେ କହିବାକୁ ଗଲେ ମହାପ୍ରସାଦ ସେବନରେ ମନୁଷ୍ୟ ଶରୀରର ଅନ୍ନମୟ କୋଷ ପ୍ରାଣମୟ କୋଷ ଓ ଆନନ୍ଦମୟ କୋଷରୁ ଏକ ସଙ୍ଗେ ଅଭିବୃଦ୍ଧି ଘଟିଥାଏ। ଉପରୋକ୍ତ ତିନିକୋଷର ଅଭିବୃଦ୍ଧି ଘଟିଲେ ମନୁଷ୍ୟର ମନ ସୁନିୟନ୍ତ୍ରିତ ହେବା ଅବଶ୍ୟମ୍ଭାବୀ। ଅର୍ଥାତ୍ ମନୋମୟ କୋଷର ଅଧିକାଂଶ ଭାଗ ବିଜ୍ଞାନମୟ କୋଷକୁ ସଞ୍ଚାଳିତ ହେବା ଦ୍ୱାରା ମନୁଷ୍ୟର ବୁଦ୍ଧି ଓ ବିବେକ ଉତ୍ତରୋତ୍ତର ଉନ୍ନତି ଘଟିଥାଏ। ବିଜ୍ଞାନମୟ କୋଷ ହିଁ ଅପରପକ୍ଷେ ମନୁଷ୍ୟକୁ ଅସତ୍ କର୍ମରୁ ବିରତ କରିବାରେ ପରମ ସହାୟକ ହୁଏ।

ଶ୍ରୀଜଗନ୍ନାଥଙ୍କ ଚରିତାମୃତରେ ଭକ୍ତକବି ଶ୍ରୀ ଦିବାକର ଦାସ ମହାପ୍ରସାଦର ଗୁଣାବଳୀ ସପକ୍ଷେ ଏହିପରି ବର୍ଣ୍ଣନା କରିଛନ୍ତି।

"ମନରେ ଅର୍ଜିଥିବା ପାପ
ଆଘ୍ରାଣ କଲେ ହୁଏ ଲୋପ
ଦୃଷ୍ଟି ମାର୍ଗରେ ଅର୍ଜିଥିଲେ
ଦେଖିଲାକ୍ଷଣି ଯାଏ ଗଲେ
ଆସ୍ୱାଦ କଲା ମାତ୍ରକରେ
କରିବା ପାପକୁ ସଂହାରେ
ପ୍ରସାଦ ବୋଲି ଯେ ଶୁଣଇ
ତତ୍କାଳ ପାପ କ୍ଷୟ ଯାଇ
ସ୍ପର୍ଶ କଲା ମାତ୍ରେ ନୃପ
ମିଥ୍ୟା ଦୁଷ୍କୃତ ହୁଏ ଲୋପ
ଶରୀର ଯେତେ ପାପ ଥାଇ
ଅଙ୍ଗେ ଲେପିଲେ ଦୂର ହୋଇ
ଅସଂଖ୍ୟ ପ୍ରସାଦ ମହିମା
କହି ଅଛନ୍ତି ବେଦ ବ୍ରହ୍ମା।

ଏହି ପରି ଭାବରେ ମହାପ୍ରସାଦ ସେବନରେ ମନୁଷ୍ୟ ଶରୀରର ପଞ୍ଚକୋଷର ଉତ୍ତୋରୋତ୍ତର ଅଭିବୃଦ୍ଧି ହେବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପର୍ଯ୍ୟାପ୍ତ ପରିମାଣରେ ମନୁଷ୍ୟର ଶରୀରରେ ମହଜୁଦ୍ ରହେ। ଏହି ରୋଗ ପ୍ରତିରୋଧକ ଶକ୍ତିହିଁ ରୋଗ ବିରୁଦ୍ଧରେ ସଂଗ୍ରାମ କରିବାରେ ସମ୍ପୂର୍ଣ୍ଣରୂପେ ସଫଳ କାମ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

### ରୋଗ ନିରାକରଣ ପାଇଁ ଶ୍ରୀମହାପ୍ରସାଦ ସେବନର ବିଧି :

ସମସ୍ତ ପ୍ରକାର ନୂତନ ଓ ପୁରାତନ ରୋଗର ଉପଶମ ପାଇଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରସାଦ ସେବନ ସର୍ବୋତ୍ତମ ଅଟେ। କାରଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ ଅନନ୍ତ।

ଅତିବଡ଼ୀ ଜଗନ୍ନାଥ ଦାସ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା କରିଛନ୍ତି ।

ଯେ ନାନା ତୀର୍ଥେ ଜପକରେ
ଅୟୁତ ବର୍ଷ ପର୍ଯ୍ୟାନ୍ତରେ
ଏଥିରେ ମାସମାତ୍ର ରହି
ସେ ସର୍ବ ତପ ଫଳ ପାଇ
ସମସ୍ତ ତୀର୍ଥ ମାନଙ୍କରେ
ଯେ ସ୍ନାନ ଦାନ ବ୍ରତ କରେ
ତହୁଁ ଯେ ଫଳ ଲଭେ ନର
ସେ ସର୍ବ ଲଭେ ଏ କ୍ଷେତ୍ରର
ବ୍ରହ୍ମ ଜ୍ଞାନରେ ଯେଉଁ ଫଳ
ବ୍ରତ ନିୟମ ସର୍ବ କାଳ
ଏ କ୍ଷେତ୍ରେ ବାସ କଲେ ଜନ
ସେ ଫଳ ଲଭେ ଅନୁ ଦିନ ।
ପୁଣ୍ୟ-ଦେହ ତେଜନ୍ତି ଯେବା ଯାଇ
ପୁରୁଷୋତ୍ତମ ⁻କ୍ଷେତ୍ରେ ରହି
କଳ୍ପ ବୃକ୍ଷର ଛାୟାରେ ବା
ତାଂ ମୁକ୍ତି କଥା କି କହିବା
ବଟ ସାଗରର ମଧ୍ୟରେ
ଯେ ପୁଣି ପ୍ରାଣ ତ୍ୟାଗ କରେ
ସେ ଯେ ଦୁର୍ଲଭ ମୋକ୍ଷ ପଦ
ପାଆନ୍ତି ଏହା ନିର୍ବିବାଦ ।
ପୁଣ୍ୟ-କୃମି କୀଟ ପତଙ୍ଗ ପ୍ରାଣୀ
ସମ୍ଭୂତ ଯେ ତିର୍ଯ୍ୟକ ଯୋନି
ଏ କ୍ଷେତ୍ରେ ପ୍ରାଣ ବିସର୍ଜିଲେ
ପରମ ପଦ ପାଇ ଭଲେ ।

ରୋଗୀମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥାପନ କରି ପ୍ରତିଦିନ ପ୍ରାତଃକାଳରେ ସ୍ନାନାଦି ସାରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ବୃନ୍ଦାବତୀ (ତୁଳସୀ)ଙ୍କୁ ଭକ୍ତି ପୂତ ମନରେ ପ୍ରଣାମ କରି ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପଦୋଦକ ତୁଳସୀ ଓ ନିର୍ମାଲ୍ୟ ସେବନ ବିଧେୟ । ତତ୍ପରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ନିତ୍ୟ ନୈମିତ୍ତିକ ସ୍ନାନାଦି ସମୟେ ଉପସ୍ଥିତ ରହି ପଦୋଦକ ଗ୍ରହଣ କରିବା ଉଚିତ୍ । ଏହାପରେ ଗୃହକୁ ଆସି ଯଥାଶକ୍ତି ଶ୍ରୀଜଗନ୍ନାଥଙ୍କ ଭଜନ କୀର୍ତ୍ତନ କରିବା ବିଧେୟ । ମଧ୍ୟାହ୍ନରେ ମହାପ୍ରସାଦ ଉଠିଲାପରେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ସେବନ କରିବା ଉଚିତ୍ । ମନ୍ତ୍ର ଉଚ୍ଚାରଣ ପୂର୍ବକ ମହାପ୍ରସାଦ ସେବନ ବିଧେୟ ।

**ପ୍ରସାଦ ଗ୍ରହଣ ମନ୍ତ୍ରଃ**

ଅନ୍ନଂ ବ୍ୟଞ୍ଜନ ସ୍ୟୁକ୍ତଂଚ ତୁଳସୀଦଳ ମିଶ୍ରିତମ୍
ବିଷ୍ଣୁସ୍ମରଣ ମାତ୍ରେଣ ସଦ୍ୟୋ ନିର୍ମାଲ୍ୟ ଭକ୍ଷଣମ୍
ଅନ୍ନଂବ୍ରହ୍ମରସୋ ବିଷ୍ଣୁର୍ଭୋକ୍ତା ଦେବୋ ଜନାର୍ଦ୍ଦନଃ
ଏବଚ୍ଛିନ୍ତାୟନା ତ୍ୱଂକ୍ତା ଅନ୍ନଦୋଷୋ ନ ବିଦ୍ୟତେ ।

ଆମର ହିନ୍ଦୁ ଶାସ୍ତ୍ରରେ ଅନ୍ନକୁ ଔଷଧ ରୂପେ ଗ୍ରହଣ କରାଯାଇଛି । ଭକ୍ତକବି ଦିବାକର ଦାସ ଲେଖିଲେ–

ଧାତୁଙ୍କ ମଧ୍ୟରେ କାଞ୍ଚନ
ଦାନରେ ଦକ୍ଷିଣା ପ୍ରଧାନ
ଔଷଧ ମଧ୍ୟେ ଯଥା ଅନ୍ନ
ଧନ ମଧ୍ୟରେ ଯଥା ଧାନ୍ୟ ।

ରୋଗୀମାନେ ଦିନକୁ ଥରେ ମାତ୍ର ରୋଗ ଉପଶମ ହେବା ପର୍ଯ୍ୟନ୍ତ ମହାପ୍ରସାଦ ସେବନ କରିବା ଉଚିତ୍ । ଅତି ପୁରାତନ ରୋଗର ଉପଶମ ପାଇଁ ଏକବର୍ଷ ପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥାପନ କରି ଉପରୋକ୍ତମତେ ଶୁଦ୍ଧପୂତ ଚିତ୍ତରେ ଦିନକୁ ଥରେ ମାତ୍ର ମହାପ୍ରସାଦ ସେବନ କରିବା ଉଚିତ୍ । ରଥ ଦ୍ୱିତୀୟାଦିନ ଏହି କାର୍ଯ୍ୟ ଆରମ୍ଭ କଲେ ନିଶ୍ଚିତ ଭାବେ ଶୁଭଫଳ ପ୍ରାପ୍ତି ହେବ । ଏଥିରେ ସନ୍ଦେହର ଅବକାଶ ନାହିଁ । ଉପରୋକ୍ତ କଥାର ପ୍ରତିପାଦନ ପାଇଁ ଅତିବଡ଼ି ଜଗନ୍ନାଥ ଦାସ ଲେଖିଥିଲେ–

କ୍ଷେତ୍ରୋତ୍ତମେ ଶ୍ରୀପୁରୁଷୋତ୍ତମାଖ୍ୟେ
ସ୍ୱେଚ୍ଛାଶନଂ ଦେବି ମହାହବିଷ୍ୟମ୍
ଯୋଗୋତ୍ର ନିଦ୍ରା ବଚନଂ ପ୍ରସ୍ତୁତଃ
ସ୍ତୁତଃ ପ୍ରଳାପଃ ଶୟନଂ ପ୍ରଣାମଃ

ଭକ୍ତକବି ଦିବାକର ଦାସ ବାଖ୍ୟା କରି କହିଲେ–

ଏ ଯେଉଁ ପୁରୁଷୋତ୍ତମ
କ୍ଷେତ୍ର ରାଜାଧି ରାଜା ନାମ
ସ୍ୱେଚ୍ଛା ଭୋଜନ କଲେ ତହିଁ
ମହା ହବିଷ୍ୟ ଫଳ ପାଇ
ଯେ ନିଦ୍ରାକରେ ସର୍ବକାଳ
ଯୋଗ ସାଧନ କଲାଫଳ
ତହିଁ ଯେ ବଚନ ପ୍ରସ୍ତର
ପ୍ରଭୁଙ୍କ ମହିମା ବିସ୍ତର
ଯେ ତହିଁ ପ୍ରଳାପ ଭଜତି
ସେ ସବୁ ପ୍ରଭୁଙ୍କର ସ୍ତୁତି
ଶୟନ ପ୍ରଣାମ ସନ୍ତତ
ପ୍ରସିଦ୍ଧ ପୁରାଣ ଭଜତ ।

ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଏହିପରି । ଏହି ହେତୁରୁ ରୋଗ ନିରାକରଣ ପାଇଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମହାପ୍ରସାଦ ସେବନ ଏକ ଅଲୌକିକ ମହୌଷଧି ଭଳି କାମ କରିବ ଏଥିରେ ଦ୍ୱୈତ ମତ ନାହିଁ ।

ଓଁ ଶ୍ରୀଜଗନ୍ନାଥ ଶରଣମ୍

---

*ଅନୁଗୁଳ ଜିଲ୍ଲା ।*

# ଓଡ଼ିଶାରେ ଗ୍ରାମ୍ୟ ଉନ୍ନୟନ

ବର୍ତ୍ତମାନର ରାଜ୍ୟ ସରକାର ଗ୍ରାମାଞ୍ଚଳ ଉନ୍ନତି ପ୍ରତି ସର୍ବାଧିକ ପ୍ରାଧାନ୍ୟ ଦେଇ କ୍ଷମତାର ବିକେନ୍ଦ୍ରୀକରଣ ଓ ପଲ୍ଲୀପ୍ରଗତି ପାଇଁ ସ୍ୱତନ୍ତ୍ର ଅର୍ଥବ୍ୟବସ୍ଥା କରିଛନ୍ତି । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ, ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ , ରାସ୍ତାଘାଟ ନିର୍ମାଣ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଏ ସବୁ କାର୍ଯ୍ୟ ହେଉଅଛି ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାଠାରୁ କୃଷି ଉତ୍ପାଦନ ଓ ଏଥିଲାଗି ଆବଶ୍ୟକୀୟ ସାହାଯ୍ୟ ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆ ଯାଇଛି । ଓଡ଼ିଶାରେ ଜଳସେଚନର ବିସ୍ତୃତ ସୁବିଧା ରହିଛି । ଭାରତର ବହୁ ରାଜ୍ୟଠାରୁ ଓଡ଼ିଶାର ଜଳସମ୍ପଦ ଯଥେଷ୍ଟ ଅଧିକ । କିନ୍ତୁ ସେହି ଜଳସମ୍ପଦକୁ ପୁରାପୁରି ବିନିଯୋଗ କରାଯାଉନାହିଁ । ବିଶେଷ କରି ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବ୍ୟବସ୍ଥା ନ କଲେ ମରୁଡ଼ି ପରିସ୍ଥିତିର ମୁକାବିଲା କରାଯାଇ ପାରିବ ନାହିଁ । ଆମ ରାଜ୍ୟର ଭୂମିତଳ ଜଳ ସମ୍ପଦର ମଧ୍ୟ ସମ୍ପୂର୍ଣ୍ଣ ବିନିଯୋଗ ହେଲେ କୃଷି ଉତ୍ପାଦନ ଯଥେଷ୍ଟ ବଢ଼ିବ ।

ବିଂଶ ଶତାବ୍ଦୀର ଶେଷ ଦଶକରେ ରାଜ୍ୟ ସରକାର ଏ ସବୁ କଥା ବିଚାରକୁ ନେଇ ଗ୍ରାମ୍ୟ ଉନ୍ନୟନ ନୀତି ସ୍ଥିର କରିଛନ୍ତି । ପୂର୍ବରୁ ଯେଉଁ ଜଳସେଚନ ପ୍ରକଳ୍ପଗୁଡ଼ିକ ନିର୍ମାଣ ହୋଇଥିଲା ତନ୍ମଧ୍ୟରୁ କେତେକ ଅକାମୀ ହୋଇଯାଇଛି । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ୧୯୯୦ ମସିହା ମାର୍ଚ୍ଚ ମାସରୁ ୧୯୯୨ ମସିହା ସେପ୍ଟେମ୍ବର ସୁଦ୍ଧା ୫୦୦୦ ହେକ୍ଟର ଜମିରେ ଖରିଫ୍ ଋତୁରେ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଆଉ ଅଧିକ ୫୦୦୦ ହେକ୍ଟର ଜମିରେ ଖରିଫ୍ ଋତୁରେ ଜଳସେଚନ ପାଇଁ କାର୍ଯ୍ୟ ଚାଲିଛି । କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ ଓ କେନ୍ଦୁଝର ପ୍ରଭୃତି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ କ୍ଷୁଦ୍ରଜଳସେଚନ ପ୍ରକଳ୍ପଗୁଡ଼ିକ ନିର୍ମାଣ କରାଯାଉଛି । ଏ ସବୁ ଅଞ୍ଚଳରେ ୨୦ କୋଟି ଟଙ୍କା ବ୍ୟୟରେ ୧୯୯୩ ମାର୍ଚ୍ଚ ମାସ ସୁଦ୍ଧା ୨୯୦୦ ହେକ୍ଟର ଜମିରେ ଖରିଫ୍ ଋତୁରେ ଜଳସେଚନ ବ୍ୟବସ୍ଥା କରିବାର ଲକ୍ଷ୍ୟ ରହିଛି । ଗତ ଦୁଇ ବର୍ଷ ମଧ୍ୟରେ ରବି ଋତୁରେ ପ୍ରାୟ ୪୦୦ ହେକ୍ଟର ଅଧିକ ଜମିରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରାଯାଇଛି । ଆଗାମୀ ମାର୍ଚ୍ଚମାସ ସୁଦ୍ଧା ଅଧିକ ୩୦୦୦ ହେକ୍ଟର ଜମିରେ ରବି ଜଳସେଚନ ହୋଇପାରିବ ।

୧୯୯୦ ମସିହା ମାର୍ଚ୍ଚ ମାସଠାରୁ ଅକାମୀ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକ ପୁନରୁଦ୍ଧାର ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ୨୩୧ଟି ଅକାମୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ପୁନରୁଦ୍ଧାର କରାଯାଉଛି । ଗାଇଡ଼୍‌ପୁର ଆଦିବାସୀ ଲୋକଟିଏ ନିଜର ୧ ହେକ୍ଟର ଜମିରେ କିପରି ବର୍ଷ ଦିନରେ ଧାନ ଚାଷ କରିବ ଓ ଚିର ମରୁଡ଼ି ପ୍ରପୀଡ଼ିତ କଳାହାଣ୍ଡି ଜିଲ୍ଲାର ସାଧାରଣ କୃଷକଟିଏ ରବି ଋତୁରେ ଉଚ୍ଚ ପିଆଜ ଚାଷ ପାଇଁ କିପରି ପାଣି ପାଇପାରିବ ସେଥିପାଇଁ କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନର ଏକ ସମନ୍ୱିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଇତି ମଧ୍ୟରେ ୟୁରୋପୀୟ ଇକୋନୋମିକ୍ କମିଟିର ଏକ ବିଶେଷଜ୍ଞ ଦଳ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଓଡ଼ିଶା ପରିଦର୍ଶନ କରି ୩୧ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣରେ ୨୯ କୋଟି ଟଙ୍କା ସାହାଯ୍ୟ କରିବେ ବୋଲି ଆପାତତଃ ସ୍ଥିର କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପୁରୀ, ଗଞ୍ଜାମ, ଓ ଫୁଲବାଣୀ ଜିଲ୍ଲାର ୭ଟି ପ୍ରକଳ୍ପ ନିର୍ମାଣ କରାଯିବ ।

## ଉଠାଜଳସେଚନ :

ରାଜ୍ୟ ଉଠା ଜଳସେଚନ କର୍ପୋରେସନ୍ ଜରିଆରେ ଆଲୋଚ୍ୟ ସମୟ ମଧ୍ୟରେ ୧୫୦୦ରୁ ଅଧିକ ପଏଣ୍ଟ ବସାଇ ଖରିଫ୍ ଓ ରବି ଋତୁରେ ପ୍ରାୟ ୨୦ ହଜାର ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯାଉଛି । ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ଆଉ ୫୦୦ ପଏଣ୍ଟ ବସାଯିବା ପାଇଁ କାର୍ଯ୍ୟ ଚାଲୁରହିଛି । ଏତଦ୍ ବ୍ୟତୀତ କଟକ, ପୁରୀ ଏବଂ ବାଲେଶ୍ୱର ଜିଲ୍ଲାରେ ଜର୍ମାନ ସରକାରଙ୍କ ସହାୟତାରେ ୭୨ କୋଟି ଟଙ୍କା ବ୍ୟୟରେ ୭୧୦ଟି ଉଠା ଜଳସେଚନ ପଏଣ୍ଟ ବସାଯିବାର କାର୍ଯ୍ୟକ୍ରମ ରହିଛି ।

## ଗ୍ରାମ୍ୟ ରାସ୍ତା :

ଗାଁ ଗହଳି ବିଶେଷ କରି ପାର୍ବତ୍ୟ ଅଞ୍ଚଳରେ ଗମନାଗମନର ଅଧିକ ସୁବିଧା ଯୋଗାଇ ଦେବା ଏକାନ୍ତ ଅପରିହାର୍ଯ୍ୟ । ଗ୍ରାମ

ଯୋଜନା ବିଭାଗ ଦ୍ୱାରା ୧୯୯୦-୯୧ ଓ ୧୯୯୧-୯୨ ଦୁଇ ବର୍ଷରେ ୩୪·୧୫ କୋଟି ଟଙ୍କା ବ୍ୟୟରେ ୧୯ଟି ସେତୁ ନିର୍ମାଣ ହୋଇଛି । ୨୨୫ କିଲୋମିଟର ଗ୍ରାମାଞ୍ଚଳ ରାସ୍ତା ପିଚୁ ହୋଇଛି ଓ ୯୦୨ କିଲୋମିଟର ପକ୍କା କରାଯାଇଛି । ଚଳିତ ବର୍ଷ ଏହିସବୁ କାର୍ଯ୍ୟ କରିବା ପାଇଁ ୪୭·୫ କୋଟି ଟଙ୍କା ମଞ୍ଜୁର ହୋଇଛି ଓ କାର୍ଯ୍ୟ ସବୁ ଚାଲୁ ରହିଛି । ଗତ ଦୁଇ ବର୍ଷରେ ଦୁର୍ଗମ ଅଞ୍ଚଳରେ ପ୍ରାୟ ୨୦୦ ଗ୍ରାମକୁ ସବୁଦିନିଆ ଭଲ ରାସ୍ତା ତିଆରି କରାଯାଇ ପାରିଛି । ଏଣିକି ସେସବୁ ଅଞ୍ଚଳର ଲୋକମାନେ ରାଜ୍ୟର ଅନ୍ୟ ଅଞ୍ଚଳକୁ ସୁବିଧାରେ ଯାତାୟତ କରିପାରିବେ ।

## ପାନୀୟ ଜଳ :

ଗାଁ ଗହଳିର ସବୁ ଶ୍ରେଣୀର ଲୋକ ଯଥେଷ୍ଟ ବିଶୁଦ୍ଧ ପାନୀୟଜଳ ପାଇବା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି । ପାନୀୟ ଜଳ ସମ୍ପର୍କୀୟ ଜାତୀୟ ବୈଷୟିକ ମିଶନ୍ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ଆମ ରାଜ୍ୟରେ କାର୍ଯ୍ୟ ଆରମ୍ଭ କରିଛନ୍ତି । କୋରାପୁଟ, ମୟୂରଭଞ୍ଜ, ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାର କେତେକ ଅଞ୍ଚଳରେ ଏହି ମିଶନ ପକ୍ଷରୁ କାର୍ଯ୍ୟ ଚାଲିଛି । କଟକ, ପୁରୀ, ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ସବୁଦିନେ ପାଣି ଲୁଣିଆ ବା ଖାରିଆ ହୋଇଥାଏ । ସେ ଅଞ୍ଚଳରେ ପିଇବା ଉପଯୋଗୀ ମଧୁର ପାଣି ଯୋଗାଇବା ପାଇଁ ଡାନିଡ଼ା ପ୍ରକଳ୍ପ ପକ୍ଷରୁ ୪୦୦୦ରୁ ଅଧିକ ନଳକୂପ ବସାଯାଇଛି ଓ ୩ଟି ସ୍ଥାନରେ ପାଣିଟାଙ୍କି କରି ପାଇପ୍ ଦ୍ୱାରା ଜଳଯୋଗାଣ କରାଯାଉଛି । ଏହା ଫଳରେ ୧୭୦୦ରୁ ଅଧିକ ଗ୍ରାମରେ ଜଳକଷ୍ଟ ଦୂର ହୋଇପାରିଛି ।

## ଗ୍ରାମ ପରିମଳ :

ଗ୍ରାମମାନଙ୍କରେ ପରିମଳ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେତେ ବର୍ଷ ତଳେ ଲୋକମାନେ ଧାରଣା କରିପାରୁ ନଥିଲେ ଯେ ପାଇଖାନାରୁ ବାହାରୁଥିବା ଜୈବିକ ବାଷ୍ପ ଇନ୍ଧନ ରୂପେ ବ୍ୟବହାର କରାଯାଇ ପାରିବ । କିନ୍ତୁ ଏହା ସତ୍ୟ ଯେ ଗୋବର ଗ୍ୟାସ୍ ପରି ଏହି ଗ୍ୟାସ୍ ଜାଳେଣି ରୂପେ ବ୍ୟବହାର ହୋଇପାରିବ । ଲୋକମାନଙ୍କୁ ଏ ସମ୍ପର୍କରେ ଶିକ୍ଷା ଦେବାପାଇଁ ଗଞ୍ଜାମ ଜିଲ୍ଲାର ୨୭ଟି ଗ୍ରାମରେ ସାମୂହିକ ପାଇଖାନା ନିର୍ମାଣ କରାଯାଇଛି । ଗ୍ରାମର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ୫ ଜଣ ବା ୧୦ ଜଣ ଏକ ସମୟରେ ବ୍ୟବହାର କରିବା ଭଳି ପାଇଖାନା ନିର୍ମାଣ କରାଯାଇ ତା'ସହ ଜୈବିକ ଗ୍ୟାସ୍ ଜାଳେଣି ପ୍ରକଳ୍ପକୁ ସଂଯୋଗ କରାଯାଇଛି । ଏହି ପ୍ରକଳ୍ପରେ ପ୍ରାରମ୍ଭିକ ଭାବରେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟ କରାଯାଇଛି ।

ରାଜ୍ୟ ସରକାରଙ୍କ ବଜେଟ୍ ଅଟକଳରେ କ୍ରମାଗତ ଭାବରେ ଗାଁ ଗହଳିରେ ଉପର ଲିଖିତ କାର୍ଯ୍ୟକ୍ରମ ପାଇଁ ଅଧିକରୁ ଅଧିକ ଅର୍ଥ ବିନିଯୋଗ ହୋଇଛି ଓ ତାହାର ସୁଫଳ ମଧ୍ୟ ଲୋକମାନେ ପାଇପାରିଛନ୍ତି । ଅନୁନ୍ନତ ବାଲିଗୁଡ଼ା ସବ୍‌ଡିଭିଜନ୍‌ଠାରୁ ଆରମ୍ଭ କରି ଉନ୍ନତ କଟକ ସଦର ସବ୍‌ଡିଭିଜନ୍ ପର୍ଯ୍ୟନ୍ତ ସବୁ ଆଡ଼େ ଗାଁ ଗହଳି ଲୋକଙ୍କର ସାମୂହିକ ବିକାଶ ହେଉଛି । ଲୋକମାନଙ୍କ ମଧ୍ୟରେ ଜାଗରଣ ଆସିଛି । ସେମାନେ ବିକାଶ ସହ ନିଜକୁ ସାମିଲ୍ କରିବା ସଙ୍ଗେ ସଙ୍ଗେ ଅଧିକ ସୁବିଧା ସୁଯୋଗ ଆଶା କରୁଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଭାଷାରେ "ଉତ୍କଳ ଜନନୀ" ତୁମକୁ ଯଥେଷ୍ଟ ସୁଯୋଗ ଦେଇଛି । ତୁମେ ନିଜ ନିଜ ଗାଁରେ ଯଦି କିଛି ଭଲକାମ କରିବ ତେବେ ତାହା "ଉତ୍କଳ ଜନନୀ"ଙ୍କର ପ୍ରକୃତ ସେବା ହେବ ।" ପ୍ରକୃତରେ ଆମ ରାଜ୍ୟବାସୀଙ୍କ ପାଇଁ ଚଳିତ ଶତାବ୍ଦୀର ଶେଷ ଦଶକରେ ଏହାହିଁ ଆହ୍ୱାନ ।



କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି । ମନ୍ତ୍ରୀ ଶ୍ରୀ ସାବିରାମ ମାଝୀ, ଶ୍ରୀ କିଶୋର ଚନ୍ଦ୍ର ସିଂହଦେଓ ଓ ରାଜ୍ୟ ସଭା ସଦସ୍ୟା ଶ୍ରୀମତୀ ମୀରା ଦାସ ଏହି ଉତ୍ସବରେ ଉପସ୍ଥିତ ଅଛନ୍ତି ।

# ଚାଷୀର ସେବାରେ ଆଞ୍ଚଳିକ
# କୃଷି ଗବେଷଣା କେନ୍ଦ୍ର ଘୁମୁସର-ଉଦୟଗିରି

● ଡଃ ନିମାଇଁ ଚରଣ ମିଶ୍ର

ଭୌଗୋଳିକ ଦୃଷ୍ଟିକୋଣରୁ ଆମ ରାଜ୍ୟ ଓଡ଼ିଶାକୁ ୧୦ ଗୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି । ସେଥି ମଧ୍ୟରୁ ଉତ୍ତର- ପୂର୍ବଘାଟ ପାର୍ବତ୍ୟାଞ୍ଚଳ ଅନ୍ୟତମ । ଆୟତନରେ ଏହା ୧୮,୬୪୪ ବର୍ଗ କିଲୋମିଟର ଏବଂ ରାଜ୍ୟର ଶତକଡା ୧୮ ଭାଗ ଅଟେ । ଏହି ଅଞ୍ଚଳର ଶତକଡା ୫୭ ଭାଗ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ଏହାର ଶତକଡା ୨୬ ଭାଗ ଅର୍ଥାତ୍ ୨୩ ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ ସମ୍ପାଦିତ ହୁଏ । ଏହାର ଅଧିକାଂଶ ଅଞ୍ଚଳ ଡାଲୁ ଏବଂ ହାରାହାରି ଉଚ୍ଚତା ୩୦୦ ରୁ ୮୦୦ ମିଟର । ମହାନଦୀ, ବଂଶଧାରା ଏବଂ ଋଷିକୁଲ୍ୟା ନଦୀଗୁଡ଼ିକର ଜଳଛାୟା ଅଞ୍ଚଳକୁ ନେଇ ଗଠିତ ଏହି ମୃତ୍ତିକା ବାଦାମି ବର୍ଣ୍ଣୁଆ, ସାମାନ୍ୟ ଅମ୍ଳ ଓ ମଧ୍ୟମ କିସମର ଉର୍ବର ଅଟେ । ବାର୍ଷିକ ବୃଷ୍ଟିପାତ ୧,୫୯୭ ମିଲିମିଟର ହୋଇଥିଲେ ମଧ୍ୟ ଅଧିକାଂଶ ଅଞ୍ଚଳରେ ବର୍ଷାର ଅନିୟମିତତା ଅନୁଭୂତ ହୁଏ । ବର୍ଷାଋତୁରେ ୧ ଲକ୍ଷ ୩୧ ହଜାର ଓ ରବି ଋତୁରେ ୪୦ ହଜାର ହେକ୍ଟର ଜଳସେଚିତ ହୁଏ ।

ଜାତୀୟ କୃଷି ଗବେଷଣା ପ୍ରକଳ୍ପର ସହାୟତାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏକ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ଏହି ପାର୍ବତ୍ୟାଞ୍ଚଳର କୃଷିଭିତ୍ତିକ ଗବେଷଣାର ଆବଶ୍ୟକତା ପୂରଣ ପାଇଁ ଫୁଲବାଣୀ ଜିଲ୍ଲାର ଘୁମୁସର - ଉଦୟଗିରିଠାରେ ୧୯୮୩ ମସିହା ଅକ୍ଟୋବର ୧୨ ତାରିଖଠାରୁ କାର୍ଯ୍ୟ କରି ଆସୁଅଛି । ଏହା ଫୁଲବାଣୀ, ଅାସ୍କା, ପାରଳାଖେମୁଣ୍ଡି ଏବଂ ରାୟଗଡା କୃଷିଜିଲ୍ଲା ଅଧୀନରେ ଥିବା ୪୨ ଗୋଟି ବ୍ଲକର ଫସଲ ଯୋଜନାଠାରୁ ଆରମ୍ଭ କରି ମୃତ୍ତିକା ସଂରକ୍ଷଣ, ପୋଡୁଚାଷ, ପଶୁପାଳନ ଇତ୍ୟାଦି ମୁଖ୍ୟ ବିଷୟ ପ୍ରତି ଧ୍ୟାନ ଦେଇଅଛି । ଗବେଷଣା କେନ୍ଦ୍ରରେ କ୍ଷେତ୍ରବିଜ୍ଞାନ, ଉଦ୍ଭିଦ ପ୍ରଜନନ ଓ ଆନୁବଂଶିକ ବିଜ୍ଞାନ, ମୃତ୍ତିକା ବିଜ୍ଞାନ, କୀଟ ବିଜ୍ଞାନ, ନିଦାନ ବିଜ୍ଞାନ, ଅର୍ଥନୀତି, ସମ୍ପ୍ରସାରଣ, ମୃତ୍ତିକା ଓ ଜଳ ସଂରକ୍ଷଣ ଇଞ୍ଜିନିଅରିଂ, ବନ ବିଜ୍ଞାନ ଓ ପ୍ରାଣୀ ସୃଷ୍ଟି ତଥା ପଶୁପାଳନ ଉପରେ ଗବେଷଣା କରାଯାଉଅଛି ।

ମୃତ୍ତିକା, ଜଳସେଚନ, ବାର୍ଷିକ ବୃଷ୍ଟିପାତ, ଉଚ୍ଚତା ଓ ଫସଲ ଭେଦରେ ଉତ୍ତର-ପୂର୍ବ ଘାଟ ପାର୍ବତ୍ୟାଞ୍ଚଳକୁ ୭ ଗୋଟି ଉପାଞ୍ଚଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଉପାଞ୍ଚଳର କୃଷି ଆବଶ୍ୟକତା ପୂରଣ ପାଇଁ ଘୁମୁସର- ଉଦୟଗିରିଠାରେ ୩ ଗୋଟି କୃଷି ଫାର୍ମ ହାତକୁ ନିଆଯାଇ ମୋଟ୍ ୧୧୦ ହେକ୍ଟର ଜମିରେ ପରୀକ୍ଷା ନିରୀକ୍ଷା ଚାଲୁଅଛି ।

ଏହି ଆଦିବାସୀ ବହୁଳ ମାଳାଞ୍ଚଳର ଧାନ ଏକ ମୁଖ୍ୟ ଫସଲ ହୋଇଥିଲେ ମଧ୍ୟ ବର୍ଷାଉପରେ ନିର୍ଭର କରି ମକା, ମାଣ୍ଡିଆ, କୁଲଥି ଆଦି କ୍ଷୁଦ୍ରସଶ୍ୟ, ସୋରିଷ, ଚିନାବାଦାମ ଅଳସୀ ଓ ରାଶି ଆଦି ତୈଳବୀଜ, ହରଡ, ବୁଟ, ମୁଗ ଓ ବିରି ଆଦି ଡାଲିଫସଲ, ହଳଦୀ, ଅଦା ଓ ଲଙ୍କା ଆଦି ମସଲା, ଆମ୍ବ, ପଣସ, ପିଜୁଳି ଆଦି ଫଳ ଓ ବିଭିନ୍ନ ପନିପରିବା ଚାଷ କରାଯାଏ । ସୋରିଷ, ଅଳସୀ, ଫେସି, ଚିନାବାଦାମ, ଆଖୁ ଓ ଲଙ୍କାର ଅମଳ ଜାତୀୟ ସୀମାରେଖାର ଉର୍ଦ୍ଧ୍ୱରେ ଥିବାବେଳେ, ଅନ୍ୟାନ୍ୟ ଫସଲର ଅମଳ କମ୍ ହୋଇଥାଏ । ହଳଦୀ ଆଦିବାସୀମାନଙ୍କର ପ୍ରଧାନ ଅର୍ଥକାରୀ ଫସଲ ହୋଇଥିଲେହେଁ, ଋଣ ସୂତ୍ରରେ ଚାଷ କରୁଥିବାରୁ, ଉତ୍ପାଦିତ ହଳଦୀର ଲାଭଖୋର ବ୍ୟବସାୟୀଙ୍କ ହାବୁଡ଼ରେ ପଡ଼ି ନିଜର ଅର୍ଥନୈତିକ ଉନ୍ନତି କରିବା ଆଦିବାସୀଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ଏଥିସହିତ ଫସଲରେ ରୋଗ ଓ ପୋକ ଆକ୍ରମଣ ଓ ରବିଋତୁରେ ଚରାବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ଅଧିକ ଉତ୍ପାଦନରେ ପ୍ରତିବନ୍ଧକ ସୃଷ୍ଟି କରେ । ଆଦିବାସୀବହୁଳ ଅଞ୍ଚଳରେ ପୋଡୁଚାଷ ଆଜିମଧ୍ୟ ଦୃଷ୍ଟିଗୋଚର ହୁଏ । ଏତଦ୍‌ବ୍ୟତୀତ ଅର୍ଥାଭାବ, ଶିକ୍ଷାକ୍ଷେତ୍ରରେ ଅନଗ୍ରସରତା ଓ ଅସ୍ୱାସ୍ଥ୍ୟକର ପରିବେଶ ଏ ଅଞ୍ଚଳର ପ୍ରଗତିରେ ବାଧା ସୃଷ୍ଟି କରିଥାଏ ।

ସମସ୍ୟା ବହୁଳ ଏହି ମାଳାଞ୍ଚଳର ଆବଶ୍ୟକତାକୁ ଆଖିଆଗରେ ରଖି ଅବିରତ ଗବେଷଣା ଫଳରେ ଆଞ୍ଚଳିକ କୃଷିଗବେଷଣା କେନ୍ଦ୍ର, ଘୁମୁସର-ଉଦୟଗିରି ଅନେକଗୁଡ଼ିଏ ଉପାଦେୟ ତଥ୍ୟ ଚାଷୀମାନଙ୍କୁ ପରିବେଷଣ କରିବାରେ ସକ୍ଷମ ହୋଇଛି । ସେଥିମଧ୍ୟରୁ କେତୋଟିର ଉଦାହରଣ ପ୍ରଦତ୍ତ କରାଗଲା । ଫସଲ ପର୍ଯ୍ୟାୟ ମଧ୍ୟରେ ଅଣଜଳସେଚିତ ଉଚ୍ଚ ଜମିରେ ସହଳକିସମ ଧାନ, ଚିନାବାଦାମ, କୁଲଥି ଓ ମକା ଅମଳ ପରେ ଫେସି, ସୋରିଷ ଓ ଅଳସୀ ଚାଷ ଏବଂ ମଧ୍ୟମ କିସମ ଜଳସେଚିତ ଜମିରେ ଧାନ ପରେ ବରିଗୁମଟରେ ଓ ଟାପରେ ବରଗୁଡ଼ି ଚାଷରୁ ସର୍ବାଧିକ ଲାଭ ମିଳିପାରିବ । ଲାଭଜନକ

...ନ୍ତି ଫସଲମଧ୍ୟରେ ହରଡ଼ ମଧ୍ୟରେ ଚିନାବାଦାମ, ଧାନ କିମ୍ବା ...ଗୁ ଚପା ମଧ୍ୟରେ ଚିନାବାଦାମ ଏବଂ ଗଛଆଳୁ ମଧ୍ୟରେ ଭେଣ୍ଡି ...ଷ ପଦ୍ଧତି ସର୍ବୋତ୍କୃଷ୍ଟ ଅଟେ ।

ଅଜଳସେଚିତ ଜମିରେ ୩ ମାସିଆ ଏମ୍–୨୭ , ...ଟି–୩୦୩ ଓ ଟି–୯ କିସମ ରାଇସୋରିଷକୁ ଅକ୍ଟୋବର ୨ୟ ...ପ୍ତାହ ସୁଦ୍ଧା ଏବଂ ଜଳସେଚିତ ଜମିରେ ୪ ମାସିଆ ପୁଷାବୋଲ୍ଡ୍ କିସମ ସୋରିଷକୁ ନଭେମ୍ବର ୨ୟ ସପ୍ତାହ ସୁଦ୍ଧା ବୁଣି ହେକ୍ଟର ପ୍ରତି ଯଥାକ୍ରମେ ୩୦: ୧୫: ୧୫: ଓ ୬୦: ୩୦: ୩୦: କେଜି ଯବକ୍ଷାର ଜାନ, ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରି ଜଉପୋକ ନିୟନ୍ତ୍ରଣ ନିମିତ୍ତ ମିଥାଇଲ–ଡେମେଟନ୍ ସିଞ୍ଚନ କଲେ ସର୍ବାଧିକ ଅମଳ ଯଥାକ୍ରମେ ୭ରୁ ୮ ଓ ୯ରୁ ୧୦ କୁଇଣ୍ଟାଲ ମିଳିପାରିବ ।

ଆଦିବାସୀ ବହୁଳ ଅଞ୍ଚଳରେ ଏଚ୍–୨୩୦୪ ଓ ଏଚ୍–୧୬୮୭ କିସମ ଗଛଆଳୁ ଚାଷ କରି ହେକ୍ଟର ପିଛା ୯୦ କୁଇଣ୍ଟାଲ ଅମଳ ମିଳିପାରିବ ।

ଅଣ ଜଳସେଚିତ ଉଚ୍ଚ ଜମିରେ ବାଲୁଙ୍ଗୀ କିସମ କଳିଙ୍ଗ–୩ କିସମ ଧାନ, ନିଳାଚଳ କିସମ ମାଣ୍ଡିଆ, ଡ଼ିଣ୍ଡୋର–୨୧ କିସମ କୁଟି, କେ.ଇ–୩୪ କିସମ ସୁଆଁ ଏବଂ ଡ଼ିଆରା କିସମ ମକାଚାଷ ଲାଭଜନକ ଅଟେ । ମଧ୍ୟମ କିସମ ଜମିରେ କାହାଳିଆ ପୋକ ପାଲଗୁନା, ଶକ୍ତି, ସିଆ–୬୧୭ କିସମ ଧାନ ତଥା ଯଜାତି ଓ ଆର.ଆର–୩୬ କିସମ ଧାନ ଚାଷ କରାଯିବା ଉଚିତ୍ ।

ନିପାଣିଆ ଜମିରେ ଉ ଲିକା ଓ ଜଳସେଚିତ ଜମିରେ ସାଗରିକା କିସମ ଗହମକୁ ନଭେମ୍ବର ପ୍ରଥମ ପକ୍ଷରେ ବୁଣିଲେ ହେକ୍ଟର ପ୍ରତି ହାରାହାରି ୩୦ କୁଇଣ୍ଟାଲ ଅମଳ ମିଳିବ । ବର୍ଷାଦିନେ ଉପାସ–୧୨୦ କିସମ ହରଡ଼କୁ ଜୁନ ୧୫ ସୁଦ୍ଧା ବୁଣି ଛୁଇଁବିନ୍ଧା ପୋକ ଆକ୍ରମଣରୁ ରକ୍ଷା ପାଇଁ ଏଣ୍ଡୋସଲ୍‌ଫାନ ଫସଲରେ ସିଞ୍ଚନ କଲେ ସର୍ବାଧିକ ଲାଭମିଳେ । ସେହି ଭଳି ଚିନାବାଦାମରୁ ଅଧିକ ଲାଭ ପାଇଁ ବିଦ୍ୟାନ ଓ ଫୁଲେପ୍ରଗତି ଜାତୀୟ ବିହନକୁ ବିଶୋଧନକରି, ଆବଶ୍ୟକ ଖତ ସାର ପ୍ରୟୋଗ ପୂର୍ବକ ପତ୍ର ଉକୁଣ୍ଡ଼ୁ ଓ ଜୀବାଣୁଜନିତ ଅସୁଖ ନିରୋଧକ ହିସାବରେ ଡେସିସ୍ ପ୍ରୟୋଗ କରିବାକୁ ପଡ଼ିବ । ଅଳସୀ–୧ କିସମ ଅଳସୀ ଓ ସି–୭ କିସମ ରାଶିକୁ ଯଥାକ୍ରମେ ୪୦: ୧୫: ୧୫: କିଲୋ ଏବଂ ୩୦: ୨୦: ୧୦: କିଲୋ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରି ଅଗଷ୍ଟ ୨ୟ ସପ୍ତାହ ସୁଦ୍ଧା ବୁଣିଲେ ପ୍ରଚୁର ଅମଳ ହୋଇଥାଏ ।

ପନିପରିବାମଧ୍ୟରେ ବିଟି–୨ ଓ ଟି–୩୫ କିସମ ଟମାଟୋ, ପୁଷା ସଫେଦ୍ କିସମ କନ୍ଦମୂଳ, ବିବି–୧ କିସମ ବାଇଗଣ, ବିଓ–୧, ବୈଶାଳୀବଧୂ ଓ ପୁଷା ସାୱନି କିସମ ଭେଣ୍ଡି, ସେପ୍ଟେମ୍ବର ଓ ପ୍ରାଇଡ୍ ଅଫ ଇଣ୍ଡିଆ କିସମ ବନ୍ଧାକୋବି, ଭିପି ୬୯୦୬, କିସମ ବରିଗୁମଟର ଉକ୍ତ ଅଞ୍ଚଳ ନିମିତ୍ତ ଉପଯୁକ୍ତ ବୋଲି ଜଣା ପଡ଼ିଛି । ସେହିଭଳି ପିଟିଏସ୍–୯ ଓ ୨୫ କିସମ ହଳଦୀ, ରିଓ–ଡ଼ି–ଜନାଇରେ ଓ ଥୁଙ୍ଗପୁରୀ କିସମ ଅଦା, ବମ୍ବାଇ ସିଲେକ୍ସନ୍ କିସମ ପିଆଜ, ବି.ଆର ରେଡ୍ ଓ ସିନ୍ଦୁର କିସମ ଲଙ୍କା ଏ ଅଞ୍ଚଳ ନିମିତ୍ତ ସୁପାରିଶ୍ କରାଯାଇଅଛି ।

ସୁପର ଫସଫେଟ୍ ବଦଳରେ ଶାଳଗଛ ମୂଳ ମାଟିରୁ ମିଳୁଥିବା ମାଇକୋରାଇଜା ଶୈବାଳକୁ ରକଫସଫେଟ୍ ସହ ମିଶାଇ ସୋରିଷ ଆଦି ଫସଲରେ ପ୍ରୟୋଗ, କାଗଜ କଳ ମଇଳା ବ୍ୟବହାର କରି ମାଟିର ଅମ୍ଳତ୍ୱଦୂରୀକରଣ ଏବଂ ଶାଳପତ୍ର ବଦଳରେ ଆମ ପଣସ ଆଦି ଗଛର ପତ୍ର ଦ୍ୱାରା ହଳଦୀ କିଆରୀରେ ପ୍ରୟୋଗ କରି ଅଧିକ ଉତ୍ପାଦନ କରିବା ଆଦି ତଥ୍ୟ ଏହି ଗବେଷଣା କେନ୍ଦ୍ରର ଅବଦାନ ଅଟେ ।

ଉପରୋକ୍ତ ଗବେଷଣାର ଫଳାଫଳକୁ ପ୍ରତିଯୋଜନକ୍ଷମ ଗବେଷଣା କେନ୍ଦ୍ର, ଫୁଲବାଣୀ ଓ ଚାଷୀ ଜମିରେ ପରୀକ୍ଷା କରାଯିବା ପରେ ରାଜ୍ୟ କୃଷିବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଜରିଆରେ ସମଗ୍ର ଅଞ୍ଚଳ କୃଷିକ୍ଷେତ୍ରରେ ପ୍ରତିଫଳନ କରାଯାଉଅଛି । ଗବେଷଣା ବ୍ୟତୀତ ବିଭିନ୍ନ ଆନୁଷଙ୍ଗିକ ସରକାରୀ ଓ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଏବଂ କୃଷକମାନଙ୍କୁ କୃଷି ସମ୍ବନ୍ଧୀୟ ତାଲିମ୍ ଦେବା ଏହାର ଅନ୍ୟତମ ଗୁରୁଦାୟିତ୍ୱ ଅଟେ ।

ଏହିଭଳି ଗବେଷଣାଗାରରୁ କୃଷିକ୍ଷେତ୍ର ଏବଂ କୃଷି କ୍ଷେତ୍ରରୁ ଗବେଷଣାଗାରକୁ ନିରବଚ୍ଛିନ୍ନ ଭାବରେ ତଥ୍ୟର ଆଦାନ ପ୍ରଦାନ ଫଳରେ ଓଡ଼ିଶାର ଉତ୍ତର–ପୂର୍ବଘାଟ ପାର୍ବତ୍ୟାଞ୍ଚଳ ଖୁବ୍ ଶିଘ୍ର କୃଷିକ୍ଷେତ୍ରରେ ଅଗ୍ରଗାମୀ ହେବା ନିଃସନ୍ଦେହ ଅଟେ ।

---

ବରିଷ୍ଠ ବୈଜ୍ଞାନିକ, ଜୀଟଡ୍ରେ,
ସୁନ୍ଦରର–ଉଦୟଗିରି ।



# କୃଷି ଉତ୍ପାଦନ ବୃଦ୍ଧିରେ ଗୋ-ପାଳନର ଭୂମିକା

**● ଶ୍ରୀ ଗୋକୁଳ ଚନ୍ଦ୍ର ପତି**

ଆମ ଦେଶରେ କୃଷି ସହ ଗୋପାଳନର ସମ୍ପର୍କ ଯୁଗେ ଯୁଗେ ଅଙ୍ଗାଙ୍ଗୀଭାବେ ଜଡ଼ିତ । କୃଷକର ପ୍ରଧାନ ଆୟୁଧ ତା'ର ବଳଦ ହଳକ । ଭଲ ବଳଦ ହଳିଏ ଥିଲେ କୃଷକର ଆନନ୍ଦର ସୀମା ନଥାଏ । କାର୍ଯ୍ୟକ୍ଷମ ଓ ଶକ୍ତିଶାଳୀ ବଳଦ କୃଷକର ଏକ ଅମୂଲ୍ୟ ସମ୍ପଦ । ବଳଦ ନଥିଲେ ଠିକ୍ ସମୟରେ ଚାଷକାର୍ଯ୍ୟ କରିବା କୃଷକ ପକ୍ଷରେ ସମ୍ଭବ ହୁଏ ନାହିଁ । ଠିକ୍ ସମୟରେ ଚାଷ ବେଉଷଣ ଇତ୍ୟାଦି କାର୍ଯ୍ୟକରାନଗଲେ କୃଷି ଉତ୍ପାଦନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥାଏ । ତେଣୁ ଚାଷ କାର୍ଯ୍ୟ ଶିକ୍ଷାକରିବା ଦିନଠାରୁ ମନୁଷ୍ୟ ଗୋରୁଗାଈ ମଧ୍ୟ ପାଳନ କରିଛି ।

ଯୁଗଯୁଗ ଧରି ଚାଷୀଭାଇ ବଳଦଟିଏ ପାଇବା ପାଇଁ ଘରେ ଗାଈ ରଖି ପାଳନ କରି ଆସୁଛନ୍ତି । ଗାଈଠାରୁ ଦୁଗ୍ଧ ଉତ୍ପାଦନ କରିବା ଅପେକ୍ଷା ଚାଷପାଇଁ ବ୍ୟବହାର କରାଯାଇଥିବା ବଳଦ ଉତ୍ପାଦନ କରାଇବା ଆଜିମଧ୍ୟ ଅନେକ ଚାଷୀଭାଇଙ୍କର ପ୍ରଧାନ ଲକ୍ଷ୍ୟ । ସେଥିପାଇଁ ଗାଈ ଗୋମାତା ଭାବରେ ଘରେ ଘରେ ପୂଜା ପାଇ ଆସୁଛନ୍ତି । ନିଜର ଗାଈଠାରୁ ଏକ ଉତ୍କୃଷ୍ଟ ଧରଣର ଅଧିକ କାର୍ଯ୍ୟକ୍ଷମ ବଳଦ ଉତ୍ପାଦନ କରିବା ପାଇଁ ଚାଷୀଭାଇମାନେ ଯତ୍ନବାନ୍ ହେବା ଉଚିତ ।

ଦେଖାଯାଏ ଯେ ଆମ ରାଜ୍ୟରେ ବଳଦର କାର୍ଯ୍ୟଦକ୍ଷତା ଧୀରେ ଧୀରେ କମିଯାଉଛି । ଏହାର ପ୍ରଧାନ କାରଣ ହେଉଛି ଯେ, ନିକୃଷ୍ଟ ଧରଣର ପ୍ରଜନନ ପ୍ରଣାଳୀ । ସାଧାରଣତଃ ଭଲ ଅଣ୍ଡିରା ବାଛୁରୀଗୁଡ଼ିକୁ ପ୍ରଜନନ ପାଇଁ ବ୍ୟବହାର ନକରି ବଳଦ କରି ଦିଆଯାଇଥାଏ । ଖରାପ ଅନୁପଯୁକ୍ତ ବାଛୁରୀଟିକୁ ଷଣ୍ଢ କରି ଛାଡ଼ି ଦିଆଯାଏ । ଏହି ଷଣ୍ଢଟି ଭଲ ବାଛୁରୀରୁ ହେଉଥିବା ଷଣ୍ଢଠାରୁ ନିକୃଷ୍ଟ ଧରଣର ହୋଇଥାଏ । ତେଣୁ ଏହି ଷଣ୍ଢକୁ ପ୍ରଜନନ ପାଇଁ ବ୍ୟବହାର କରାଗଲେ ବାଛୁରୀଗୁଡ଼ିକ ଅପେକ୍ଷାକୃତ ନିକୃଷ୍ଟଧରଣର ହେବେ । ଏହି ପ୍ରକ୍ରିୟା ବହୁଦିନ ଧରି ଚାଲିଆସୁଥିବାରୁ, ଆମ ବଳଦଗୁଡ଼ିକର କାର୍ଯ୍ୟ କ୍ଷମତା ସନ୍ତୋଷଜନକ ହୋଇନଥାଏ । ତେଣୁ ବୁଲା ଷଣ୍ଢଙ୍କ ଦ୍ୱାରା ଗାଈମାନଙ୍କର ପ୍ରଜନନ କରାଇବା ଗୋରୁଗାଈ ଓ ଚାଷୀମାନଙ୍କ ପାଇଁ ହାନିକାରକ । ଏହି ପ୍ରକ୍ରିୟାକୁ ପ୍ରତ୍ୟେକ ଗାଁ ଗହଳିରେ ବନ୍ଦ କରାଯିବା ଏକାନ୍ତ ଆବଶ୍ୟକ । ଏଥିପାଇଁ ଚାଷୀଭାଇ ମାନେ ନିଜନିଜ ମଧ୍ୟରେ ଓ ପଶୁପାଳନ ବିଭାଗ ମଧ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରୁଛି ।

ଉତ୍କୃଷ୍ଟ ଧରଣର ବଳଦ ପାଇଁ ପଶୁପାଳନ ବିଭାଗ ତରଫରୁ ହରିୟାନା ଷଣ୍ଢର ସୁକ୍ର (ସିମେନ୍) କୃତ୍ରିମ ପ୍ରଜନନ ପାଇଁ ଯୋଗାଇ ଦିଆଯାଇଥାଏ । ଯେଉଁଠାରେ କୃତ୍ରିମ ପ୍ରଜନନର ସୁବିଧା ନାହିଁ, ସେଠାରେ ଉନ୍ନତ ଧରଣର ଷଣ୍ଢ ଉତ୍କଳ ଗୋ-ମଙ୍ଗଳ ସମିତି ଦ୍ୱାରା ଯୋଗାଇ ଦିଆଯାଇଥାଏ । ଓମ୍‌ଫେଡ୍ ତରଫରୁ ମଧ୍ୟ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ମାନଙ୍କ ମାଧ୍ୟମରେ ଉନ୍ନତ ଧରଣର ଷଣ୍ଢ ଦିଆଯିବାର ବ୍ୟବସ୍ଥା ଅଛି । ଯେଉଁଠାରେ ଏ ସବୁର ସୁବିଧା ନାହିଁ, ସେଠାରେ ସବୁଠୁ ଭଲଗାଈର ଭଲ ଅଣ୍ଡିରା ବାଛୁରୀଟିକୁ ଷଣ୍ଢଭାବେ ଲାଳନ ପାଳନ ସାମୂହିକ ଭାବେ କରି ଏହାକୁ ପ୍ରଜନନ ପାଇଁ ବ୍ୟବହାର କରିବା ଉଚିତ୍ ।

ବୁଲାଷଣ୍ଢ ଦ୍ୱାରା ପ୍ରଜନନ କରାଗଲେ ଆହୁରି ଏକ ବଡ଼ କ୍ଷତି ହୋଇଥାଏ । ତାହା ହେଲା ଯେ, ବିଭିନ୍ନ ରୋଗର ଗନ୍ତାଘର ହେଲା ଏହି ବୁଲାଷଣ୍ଢ । ପ୍ରଜନନ ମାଧ୍ୟମରେ ଏହା ସମସ୍ତ ଗୋରୁଗାଈଙ୍କୁ ବ୍ୟାପିଯାଇ ଗୋ-ସମ୍ପଦର ଅବନତି ଘଟାଇଥାଏ । ତେଣୁ ଗ୍ରାମରେ ଯେଉଁ ଷଣ୍ଢଟି ଦ୍ୱାରା ପ୍ରଜନନ କରାଯିବ, ଗ୍ରାମର ଚାଷୀଭାଇମାନେ କିମ୍ବା ସମବାୟ ସମିତି ଜରିଆରେ ଏହାର ଉପଯୁକ୍ତ ଯତ୍ନ ଓ ରୋଗ ପ୍ରତିଷେଧକ ବ୍ୟବସ୍ଥା କରାଯିବା ଆବଶ୍ୟକ । ଅବଶ୍ୟ କୃତ୍ରିମ ପ୍ରଜନନର ସୁବିଧା ଥିଲେ, ଆଉ କୌଣସି ଷଣ୍ଢ ନରଖି ପ୍ରଜନନ ସୁବିଧାର ପୂର୍ଣ୍ଣ ଉପଯୋଗ କରିବା ଉଚିତ । ମୋଟ ଉପରେ ଏକ ଉତ୍କୃଷ୍ଟ ଓ ବୈଜ୍ଞାନିକ ପଦ୍ଧତିର ପ୍ରଜନନ ପ୍ରଣାଳୀ ଅନୁସୃତ କରାନଗଲେ ଆମ ସମ୍ପଦର ପୂର୍ଣ୍ଣାଙ୍ଗ ବିକାଶ ଆଦୌ ସମ୍ଭବପର ହେବନାହିଁ ।

ବଳଦର କାର୍ଯ୍ୟଦକ୍ଷତା ବଢ଼ାଯାଇ ପାରିଲେ ଅଳ୍ପସଂଖ୍ୟକ ବଳଦରେ ଚାଷ କାର୍ଯ୍ୟ ଭଲଭାବେ କରାଯାଇ ପାରିବ । ଏହି ଅଳ୍ପ ସଂଖ୍ୟକ ବଳଦ ଓ ଗାଈପାଳନ କରାଗଲେ ପ୍ରତ୍ୟେକ ଗୋରୁ ଗାଈ ପାଇଁ ଖାଦ୍ୟ ପରିମାଣ ବଢ଼ିଯିବ ସେମାନଙ୍କର ଯତ୍ନ ଭଲଭାବେ ନିଆଯାଇ ପାରିବ । ସାଧାରଣତଃ ଆମ ରାଜ୍ୟରେ ଗୋଟିଏ ଗାଈ ପ୍ରାୟ ଅଢ଼େଇ/ତିନିବର୍ଷରେ ଗୋଟିଏ ବାଛୁରୀ ଜନ୍ମ କରିଥାଏ । ଯଦି ଗାଈଟିକୁ ଖାଦ୍ୟଦେଇ ତାହାର ଯତ୍ନ ନିଆଯାଏ, ତାହେଲେ ପ୍ରାୟ ଦୁଇବର୍ଷରେ ଗୋଟିଏ ବାଛୁରୀ ଜନ୍ମ କରିଥାଏ ।

...ଉପଯୁକ୍ତ ଯତ୍ନ ଓ ଖାଦ୍ୟ ଦିଆଗଲେ ଅଳ୍ପ ସଂଖ୍ୟକ ଗାଈରୁ ...ଶ୍ରେଷ୍ଠ ବଳଦ ଉତ୍ପାଦନ କରାଯାଇପାରିବ । ଅଳ୍ପସଂଖ୍ୟକ ଗାଈ ...ସେମାନଙ୍କର ଭଲ ଭାବରେ ଆହୁରି ଯତ୍ନ ନେବାକୁ କୃଷୀ ଭାଇମାନଙ୍କୁ କଷ୍ଟ ହେବ ନାହିଁ । ତେଣୁ ଗାଈ ଓ ବଳଦଗୁଡ଼ିକର ଉପଯୁକ୍ତ ଯତ୍ନ ଓ ରୋଗ ପ୍ରତିଷେଧକ ବ୍ୟବସ୍ଥା କରିବା ନିହାତି ଦରକାର ।

ତେଣୁ ଉତ୍କୃଷ୍ଟ ଧରଣର ବଳଦ ଉତ୍ପାଦନ ସହିତ କୃଷି ଉତ୍ପାଦନ ଅନେକ ପରିମାଣରେ ନିର୍ଭର କରିଥାଏ । ଯେ ପର୍ଯ୍ୟନ୍ତ କୃଷି କ୍ଷେତ୍ରରେ ଅତ୍ୟଧିକ ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ବ୍ୟବହାର ହୋଇପାରୁ ନାହିଁ, ସେ ପର୍ଯ୍ୟନ୍ତ ଗୋ-ପାଳନ ଉପରେ ହିଁ ଆମକୁ ନିର୍ଭର କରିବାକୁ ପଡ଼ିବ । ତେଣୁ ଗୋ-ପାଳନ ପ୍ରତି ଯତ୍ନବାନ ହେଲେ ଗୋ-ସମ୍ପଦ ଓ ବଳଦଶକ୍ତିର ବିକାଶ ହେବା ସଙ୍ଗେ ସଙ୍ଗେ ଏହା କୃଷି ଉତ୍ପାଦନ କରାଇବାରେ ସହାୟକ ହୋଇପାରିବ ।

ବଳଦ ଛଡ଼ା ଗୋରୁ ଗାଈମାନଙ୍କର ଗୋବର କୃଷକ ପାଇଁ ଏକ ପ୍ରଧାନ ଜୈବିକ ସାର ଓ ଶକ୍ତିର ଉତ୍ସ । ଗୋବର ଗ୍ୟାସ ଉତ୍ପାଦନ କରାଯାଇ ଜଳସେଚନ ପାଇଁ ବ୍ୟବହାର କରାଯାଇ ପାରୁଛି । ଏଥିରୁ ଉତ୍ପାଦିତ ଜୈବିକ ସାର ପାଇଁ ଅପରିହାର୍ଯ୍ୟ । ଜୈବିକସାର ନଦେଇ କେବଳ ରାସାୟନିକ ସାର ଦେଇ ଚାଷିଲେ ...ନ୍ତୁ ଆଶାନୁରୂପ ଉତ୍ପାଦନ ମିଳିଥାଏ ।

ଗୋଟିଏ ଗୋରୁଠାରୁ ବର୍ଷକୁ ପ୍ରାୟ ୫ ଟନ ଗୋବର ମିଳିଥାଏ । ଗୋବର ଗ୍ୟାସକୁ ଓ ଗୋବରକୁ ଜାଳେଣି ରୂପେ ମଧ୍ୟ ବ୍ୟବହାର କରାଯାଏ ।

ଏହାଛଡ଼ା ଗୋରୁଗାଈଙ୍କର ମୂତ୍ର ମଧ୍ୟ ଏକ ଉତ୍କୃଷ୍ଟ ଜୈବିକସାର ସେମାନଙ୍କ ଗୁହାଳ ଏପରି ଭାବରେ ତିଆରି କରାଯିବା ଦରକାର ଗୋବର ଓ ମୂତ୍ର ଗଡ଼ିଯାଇ ଦୂରରେ ଥିବା ଖାତରେ ପଡ଼ିବ । ପ୍ରତିଦିନ ଗୁହାଳକୁ ଧୋଇଲେ ଗୁହାଳଧୁଆ ପାଣି ମଧ୍ୟ ସେହି ଖାତରେ ସଂଗୃହୀତ ହୋଇପାରିବ ।

ମୃତ ଗୋରୁଗାଈଙ୍କର ହାଡ଼ରୁ (Bone meal) ପ୍ରସ୍ତୁତ କରାଯାଇ ପାରିବ । ନିକଟ ଭବିଷ୍ୟତରେ ଭାରତ ସରକାରଙ୍କ ତରଫରୁ ପଶୁପାଳନ ବିଭାଗରେ ଗୋଟିଏ ହାଡ଼ଗୁଣ୍ଡ କାରଖାନା ପ୍ରତିଷ୍ଠିତ ହେବାର ପରିକଳ୍ପନା ରହିଛି । ଏହାକୁ ମଧ୍ୟ ଜମିରେ ବ୍ୟବହାର କରି ଉତ୍ପାଦନ କ୍ଷମତା ବଢ଼ାଯାଇ ପାରିବ ।

ଗାଈ ଓ ବଳଦଙ୍କ ଖାଦ୍ୟ ପ୍ରତି କୃଷୀଭାଇମାନେ ବିଶେଷ ଦୃଷ୍ଟି ଦେବା ଦରକାର । ନିଜ ଜମିର କିଛି ଅଂଶରେ କିମ୍ବା ଘର ବାଡ଼ିର କିଛି ଅଂଶରେ ହାଇବ୍ରିଡ୍, ନେପିୟର, ଗିନି, ହାଟିଆ, ଷ୍ଟାଇଲୋ ପ୍ରଭୃତି ସବୁଦିନିଆ ଘାସଚାଷ କରିବା ଦରକାର । ଗୋଟିଏ ଗାଈ ବା ବଳଦକୁ ଦିନକୁ ୩୦ ରୁ ୩୫ କିଲୋ ଘାସ ଖୁଆଇଲେ ଅନ୍ୟ ଦାନା ଦେବାକୁ ପଡ଼େ ନାହିଁ ଓ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହେ ।

ଶସ୍ୟର ଉପଜାତ ଦ୍ରବ୍ୟ ଅର୍ଥାତ୍ ନଡ଼ା, କୁଣ୍ଡା, ତୁଷ, ଆଖୁ ମାଣ୍ଡିଆ, ଯଅ, ମକା ପ୍ରଭୃତିର କାଣ୍ଡ ଏପରିକି ବିରି, ମୁଗ ପ୍ରଭୃତି ଗଛର କାଣ୍ଡ ଓ ଚୋପା ଗାଈ ବଳଦମାନଙ୍କର ଖାଦ୍ୟ ଭାବେ ବ୍ୟବହୃତ ହୋଇଥାଏ । ପରୀକ୍ଷାରୁ ଜଣାଯାଇଛି ଯେ, ନଡ଼ାର କୌଣସି ଖାଦ୍ୟ ଗୁଣ ନାହିଁ । ତେଣୁ ଏହା କୌଣସି ପୁଷ୍ଟିସାର ନ ଯୋଗାଇ ସେହିପରି ଗୋବର ଆକାରରେ ବାହାରିଯାଏ । କିନ୍ତୁ ଏହାକୁ ୟୁରିଆ ଦ୍ୱାରା ଉପସ୍କର କରାଗଲେ ଏହାର ଖାଦ୍ୟଗୁଣ ଯଥେଷ୍ଟ ବଢ଼ିଯାଇଥାଏ । ଏହି ପଦ୍ଧତିର ବହୁଳ ପ୍ରସାର କରିବା ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି ।

ବଳଦ, ଗାଈ ପ୍ରଭୃତିର ଯତ୍ନ, ପରିପାଳନ, ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ଓ ଉତ୍କୃଷ୍ଟ ପ୍ରଣାଳୀରେ ପ୍ରଜନନ କୃଷୀଭାଇମାନଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ପଶୁପାଳନ ବିଭାଗ ତରଫରୁ ଏ ସମ୍ପର୍କରେ କୃଷୀଭାଇମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି ଓ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାଦ୍ୱାରା ଗୋ-ସମ୍ପଦର ବିକାଶ ଘଟିବା ସଙ୍ଗେ ସଙ୍ଗେ ପରୋକ୍ଷ ଭାବରେ କୃଷି ଉତ୍ପାଦନ ବୃଦ୍ଧିପାଇବ ଏବଂ ରାଜ୍ୟରେ ଶ୍ୱେତ ଓ ସବୁଜ ବିପ୍ଳବକୁ ସଫଳତାର ସହ ଆଗେଇ ନିଆଯାଇ ପାରିବ ।

ସୁତରାଂ ଗୋ-ଜାତିର ଉନ୍ନତି ଓ ବିକାଶ ପ୍ରତି ଦୃଷ୍ଟିଦେଲେ କୃଷି ଉତ୍ପାଦନ ବୃଦ୍ଧି ପାଇବ, ସେଥିରେ ସନ୍ଦେହ ନାହିଁ ।

ନିର୍ଦ୍ଦେଶକ, ପଶୁପାଳନ ବିଭାଗ ।



ରବୀନ୍ଦ୍ର ମଣ୍ଡପଠାରେ ନଗର ପାଳିକା ଅବସର ବିନୋଦନ କ୍ଲବ୍ ଦ୍ୱାରା ଆୟୋଜିତ ଏକ ସାଂସ୍କୃତିକ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି । ଭୁବନେଶ୍ୱର ନଗରପାଳ ଶ୍ରୀମତୀ କିଶୋରବାଳା ମହାରାଜ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।

# ପ୍ରଗତି ପଥେ ବଲାଙ୍ଗୀର ଜିଲ୍ଲା

ଓଡ଼ିଶାର ପଶ୍ଚିମାଞ୍ଚଳରେ ଅବସ୍ଥିତ ବଲାଙ୍ଗୀର ଜିଲ୍ଲାର ପରିସୀମା ହେଉଛି ୨୦°୯' ଓ ୨୧°୧୧' ଉତ୍ତର ଅକ୍ଷାଂଶ ମଧ୍ୟରେ ଓ ୮୨°୪୧' ଓ ୮୪°୧୬' ପୂର୍ବ ଦ୍ରାଘିମା ମଧ୍ୟରେ । ଉତ୍ତର ପଶ୍ଚିମାଞ୍ଚଳରେ ଗନ୍ଧମାର୍ଦ୍ଦନ ପର୍ବତ ଓ ଉତ୍ତର ପୂର୍ବାଞ୍ଚଳରେ ମହାନଦୀ ଦ୍ୱାରା ବଲାଙ୍ଗୀର ଜିଲ୍ଲା ପରିବେଷ୍ଟିତ । ଏହାର ଉତ୍ତର ଭାଗରେ ସମ୍ବଲପୁର ଜିଲ୍ଲା, ପୂର୍ବ ଭାଗରେ ଫୁଲବାଣୀ ଜିଲ୍ଲା ଓ ଦକ୍ଷିଣ ତଥା ପଶ୍ଚିମ ଭାଗରେ କଳାହାଣ୍ଡି ଜିଲ୍ଲା ଅବସ୍ଥିତ ।

ବଲାଙ୍ଗୀର ଜିଲ୍ଲାର ଆୟତନ ହେଉଛି ୮,୯୧୩ ବର୍ଗ କିଲୋମିଟର । ଏହାର ସମୁଦାୟ ଜନସଂଖ୍ୟା ହେଉଛି ୧୭,୦୩,୭୬୫ । ଏହି ଜିଲ୍ଲାରେ ପୁରୁଷ ସଂଖ୍ୟା ୮,୬୦,୨୬୪ ଏବଂ ସ୍ତ୍ରୀ ସଂଖ୍ୟା ୮,୪୩,୫୦୧ ।

୧୯୪୯ ମସିହା ନଭେମ୍ବର ମାସ ପହିଲା ଦିନ ପୂର୍ବତନ ଗଡ଼ଜାତ ରାଜ୍ୟ ପାଟଣା ଓ ସୋନପୁର ଏକତ୍ରିତ ହୋଇ ବଲାଙ୍ଗୀର ଜିଲ୍ଲା ଗଠିତ ହୋଇଥିଲା । ଜିଲ୍ଲାର ଶତକଡ଼ା ୧୬ ଭାଗ ହେଉଛି ଜଙ୍ଗଲାଞ୍ଚଳ । କାଠ, ଜାଳେଣି କାଠ ଓ କେନ୍ଦୁପତ୍ର ହେଉଛି ପ୍ରଧାନ ଜଙ୍ଗଲ ଜାତ ଦ୍ରବ୍ୟ । ଏହି ଜିଲ୍ଲାରେ ବକ୍ସାଇଟ୍, ମାଇକା, ଗ୍ରାଫାଇଟ୍, ମାଙ୍ଗାନିଜ୍ ଓ ଗାଲିନା ପ୍ରଭୃତି ଖଣିଜ ସମ୍ପଦ ମହଜୁଦ୍ ଅଛି । ଜିଲ୍ଲାର ଉତ୍ତର ପଶ୍ଚିମାଞ୍ଚଳକୁ ଘେରି ରହିଥିବା ଗନ୍ଧମାର୍ଦ୍ଦନ ପର୍ବତମାଳାର ଉଚ୍ଚତମ ପର୍ବତ ହେଉଛି ଗନ୍ଧମାର୍ଦ୍ଦନ ପର୍ବତ । ଏହାର ଉଚ୍ଚତା ୩,୨୯୬ ଫୁଟ । ମହାନଦୀ ଓ ଏହାର ଦୁଇଟି ଶାଖା ତେଲ ଓ ଅଙ୍ଗ ଏହି ଜିଲ୍ଲାର ପ୍ରଧାନ ନଦୀ । ଉନ୍ଦର, ଲାନ୍ଥ, ସାଗଦ ଓ ସକ୍ତେଲ୍ ଇତ୍ୟାଦି ଉପନଦୀ ତେଲନଦୀ ସହିତ ମିଶିଛନ୍ତି । ବଲାଙ୍ଗୀର ଜିଲ୍ଲାର ବାର୍ଷିକ ବୃଷ୍ଟିପାତର ପରିମାଣ ହେଉଛି ୧୨୫ ମିଲିଲିଟର ।

ତେଲନଦୀ ଉପତ୍ୟକାରେ ଅନେକ ପ୍ରାକ୍ ଐତିହାସିକ ଧ୍ୱଂସାବଶେଷ ଆବିଷ୍କୃତ ହୋଇଛି । ସୋନପୁରରୁ ମିଳିଥିବା ବିଭିନ୍ନ ମୁଦ୍ରାରୁ ପ୍ରମାଣ ମିଳିଛି ଯେ ୫ମ ଶତାବ୍ଦୀରେ ଏହି ଉପତ୍ୟକାରେ ଏକ ଉନ୍ନତ ସଭ୍ୟତା ବ୍ୟାପ୍ତିଲାଭ କରିଥିଲା । ଏହି ଜିଲ୍ଲାରେ ବିଭିନ୍ନ ପ୍ରାଚୀନ କୀର୍ତ୍ତିରାଜି ରହିଛି । ତନ୍ମଧ୍ୟରେ ରାଣୀପୁର-ଝରିଆଲରେ ଅବସ୍ଥିତ ଚଉଷଠୀ ଯୋଗିନୀ ମନ୍ଦିର ଓ ଇନ୍ଦ୍ରଲାଥ୍ ଇଟା ମନ୍ଦିର ଉଲ୍ଲେଖଯୋଗ୍ୟ । ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଅବସ୍ଥିତ ହରିଶଙ୍କର ଏକ ତୀର୍ଥସ୍ଥାନ ଏବଂ ମନୋରମ ପ୍ରାକୃତିକ ପରିବେଶ ପାଇଁ ପ୍ରସିଦ୍ଧିଲାଭ କରିଛି ।

ଏହି ଜିଲ୍ଲାରେ ପ୍ରାୟ ୩୧ଟି ବିଭିନ୍ନ ତଫସିଲଭୁକ୍ତ ଜାତି ବସବାସ କରନ୍ତି । ସେମାନଙ୍କ ମଧ୍ୟରେ ବିଞ୍ଝାଲ, ଗଣ୍ଡ, କନ୍ଧ ହେଉଛନ୍ତି ପ୍ରଧାନ । ଘୁମୁରା, ଡାଲଖାଇ, ଦଣ୍ଡ ଏବଂ କେଶବାଡ଼ି ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ଲୋକନୃତ୍ୟ । ସୂତା ଓ ଟସର୍‌ରେ ବିଭିନ୍ନ ଆକର୍ଷଣୀୟ ଶୈଳୀର ଲୁଗାବୁଣା ପାଇଁ ବଲାଙ୍ଗୀର ଜିଲ୍ଲା ବିଖ୍ୟାତ ।

ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଲାଗି ବିଗତ ଦୁଇବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତିମୂଳକ କାର୍ଯ୍ୟକଳାପର ଏକ ବିହଙ୍ଗାବଲୋକନ ନିମ୍ନମତେ ପ୍ରଦତ୍ତ କରାଗଲା :—

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟକ୍ରମ :

ଜିଲ୍ଲାର ଦାରିଦ୍ର୍ୟ ଦୂରୀକରଣ ଲାଗି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟ କାର୍ଯ୍ୟକାରୀ କରାଯାଉଛି ।

**ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ**—୧୯୯୦-୯୧ ଓ ୧୯୯୧-୯୨ ବର୍ଷରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ୧୧,୬୭୯ଟି ପରିବାର ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୩,୫୪୦ଟି ହରିଜନ ପରିବାର, ୨,୩୨୮ଟି ଆଦିବାସୀ ପରିବାର ଓ ଅନ୍ୟ ଜାତିର ୫,୮୧୧ଟି ପରିବାର ଉପକୃତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩,୮୨୭ ଜଣ ମହିଳା ଉପକୃତ ହୋଇଛନ୍ତି । ଏଥିନିମନ୍ତେ ୨୯୯.୧୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

**ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ (ଟ୍ରାଇଜମ୍)**—ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ବା ବେକାର ଯୁବକ ଯୁବତୀମାନଙ୍କୁ ବୈଷୟିକ ତାଲିମ୍ ଦେଇ ଆତ୍ମନିଯୁକ୍ତି ଦେବା ଟ୍ରାଇଜମ୍‌ର ଲକ୍ଷ୍ୟ । ୧୯୯୦-୯୧ ଓ ୧୯୯୧-୯୨ ବର୍ଷରେ ୨,୮୬୭ ଜଣ ଗ୍ରାମ୍ୟ

ଯୁବକ ଯୁବତୀମାନଙ୍କୁ ୬୧ଟି ବିଭିନ୍ନ ବୈଷୟିକ ତାଲିମ୍ ଦିଆଯାଇଥିଲା ଓ ୩,୪୧୯ ଜଣ ବ୍ୟକ୍ତିଙ୍କୁ ଥଇଥାନ କରାଯାଇଥିଲା । ଗତ ଦୁଇବର୍ଷରେ ଟ୍ରାଇଜମ୍ ପରିକଳ୍ପନାରେ ୯୮·୮୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

**ଗ୍ରାମ୍ୟ ଶିଶୁ ଓ ମହିଳା ବିକାଶ କାର୍ଯ୍ୟକ୍ରମ**—ମହିଳାମାନଙ୍କୁ ବିଭିନ୍ନ ଆୟକାରୀ ଧନ୍ଦା ଯଥା—ଲୁଗାବୁଣା, ବିଡ଼ି ତିଆରି, ବାଉଁଶ ପାତିଆରେ ବିଭିନ୍ନ ଉପକରଣ ତିଆରି, ପାମ୍ପଡ଼ ତିଆରି, ପତ୍ର ପ୍ଲେଟ୍ ଓ କପ୍ ତିଆରି ଇତ୍ୟାଦି କାର୍ଯ୍ୟରେ ଉପାର୍ଜନକ୍ଷମ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୬୦୦ଟି ଦଳ ଏଥିନିମନ୍ତେ ଗଠନ କରାଯାଇଛି ।

୧୯୯୧-୯୨ ମସିହାରେ ୫୦ଟି ମହିଳା ଡି: ଡବ୍ଲ୍ୟୁ: ସି: ଆର୍: ଏ: (DWCRA) ଦଳ ଗଠିତ ହୋଇଛି । ଜିଲ୍ଲା ସଦର ମହକୁମାରେ ଉକ୍ତ ଦଳମାନଙ୍କ ଜରିଆରେ ଉତ୍ପାଦିତ ହୋଇଥିବା ଦ୍ରବ୍ୟ ବିକ୍ରୟ ନିମନ୍ତେ ଗୋଟିଏ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି ।

## ଜବାହର ରୋଜଗାର ଯୋଜନା ୧୯୯୦-୯୧ ଓ ୧୯୯୧-୯୨ :

୧୯୯୦-୯୧ ଓ ୧୯୯୧-୯୨ ବର୍ଷରେ ଜବାହର ରୋଜଗାର ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମରେ ୧୦୭୫·୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୨୮·୫୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏହି ପରିକଳ୍ପନାରେ ୧୧୪୫ କି: ମି: ଗ୍ରାମ୍ୟ ରାସ୍ତା, ୫୭୬ଟି ବିଦ୍ୟାଳୟ ଗୃହ, ୨୬୮ଟି ପୁଷ୍କରିଣୀ, ୩୭ଟି ସେଚକୂପ, ୨୦୧ଟି ସାଧାରଣ ଗୃହ, ୨୧ଟି ପଞ୍ଚାୟତ ଗୃହ ୫୧୪ଟି ଜେ: ଆର୍: ୱାଇ: ଗୃହ, ୮୫୧ଟି ମିଲିଅନ୍ କୂପ ଓ ୯୫୬ଟି ଅନ୍ୟାନ୍ୟ କାର୍ଯ୍ୟ ସମ୍ପନ୍ନ କରାଯାଇଛି । ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ଗତ ଦୁଇବର୍ଷରେ ୩,୩୩୨ ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଛି ।

**ମରୁଡ଼ି ଅଞ୍ଚଳ କାର୍ଯ୍ୟକ୍ରମ**—ଡି: ପି: ଏ: ପି: (DPAP) କାର୍ଯ୍ୟକ୍ରମ ଜରିଆରେ ମରୁଡ଼ିର ମୁକାବିଲା କରିବା ପାଇଁ ଜିଲ୍ଲାର ମରୁଡ଼ି ସମ୍ଭାବ୍ୟ ଅଞ୍ଚଳଗୁଡ଼ିକରେ ମୃତ୍ତିକା ସଂରକ୍ଷଣ, ଜଳସମ୍ପଦ ବିକାଶ, ବନୀକରଣ ପ୍ରଭୃତି କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଡି: ପି: ଏ: ପି: ଟିଟିଲାଗଡ଼ ସବ୍‌ଡିଭିଜନ୍‌ର ୪ଟି ବ୍ଲକ୍ ଓ ପାଟଣାଗଡ଼ ସବ୍‌ଡିଭିଜନ୍‌ର ୩ଟି ବ୍ଲକ୍‌ରେ କାର୍ଯ୍ୟ କରୁଛି ।

**ମୃତ୍ତିକା ସଂରକ୍ଷଣ ଓ ଜଳଧାରା ଉନ୍ନୟନ କାର୍ଯ୍ୟକ୍ରମ**—୧୯୯୦-୯୧ ବର୍ଷରେ ୩୦ଟି ଜଳ ଅମଳ ପ୍ରକଳ୍ପ ଓ ୯୨ଟି ଜଳଧାରା ୟୁନିଟ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ଏ ବାବଦରେ ୪୧·୦୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ୧୯୯୧-୯୨ ବର୍ଷରେ ୪୬ଟି ଜଳ ଅମଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏଥିନିମନ୍ତେ ୬୮·୯୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

**ଜଙ୍ଗଲ ଓ ଗୋଚର ଉନ୍ନୟନ**—୧୯୯୦-୯୧ ବର୍ଷରେ ୮୦ ହେକ୍ଟର ଜମିରେ ଶିସଲ ଗୁଆ ରୋପଣ ଏବଂ ୩୬୫ ହେକ୍ଟର ଜମିରେ ରୋପିତ ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ ଲାଗି ମୃତ୍ତିକା ସଂରକ୍ଷଣ ବିଭାଗ ୧୧·୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି । ୧୯୯୧-୯୨ ବର୍ଷରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ୨୭୩ ହେକ୍ଟର ଅଞ୍ଚଳରେ ନୂତନ କରି ବିଭିନ୍ନ ବୃକ୍ଷ ରୋପଣ କରାଯିବା ସଙ୍ଗେ ସଙ୍ଗେ ୮୬୧ ହେକ୍ଟର ଅଞ୍ଚଳରେ ରୋପିତ ବୃକ୍ଷର ରକ୍ଷଣାବେକ୍ଷଣ କରାଯାଇଛି ଓ ୮୦ ହେକ୍ଟର ଜମିରେ ସବାଇ ଘାସ ସୃଷ୍ଟି କରାଯାଇଛି । ବନ ବିଭାଗ ତରଫରୁ ୨,୪୨୨ ହେକ୍ଟର ଅଞ୍ଚଳ ପତିତ ଜଙ୍ଗଲର ପୁନରୁଦ୍ଧାର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

**ଉଦ୍ୟାନ ଓ ପଶୁ ପାଳନ କାର୍ଯ୍ୟକ୍ରମ**—୧୯୯୦-୯୧ ବର୍ଷରେ ଉଦ୍ୟାନ ବିଭାଗ ତରଫରୁ ୪ଟି ଟ୍ରାନ୍‌ଜିଟ୍ ନର୍ସରୀ ପ୍ରତିଷ୍ଠା କରାଯିବା ସହିତ ୪୦ ହେକ୍ଟର ଗୋଚର ଜମିର ଉନ୍ନୟନ ଏବଂ ୫୬ ହେକ୍ଟର ଜମିରେ ଗୋ-ଖାଦ୍ୟ ସୃଷ୍ଟି କାର୍ଯ୍ୟରେ ମୋଟ ୫·୮୬ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ୧୯୯୧-୯୨ ମସିହାରେ ଆଉ ୪ଟି ଟ୍ରାନ୍‌ଜିଟ୍ ନର୍ସରୀର ଉନ୍ନତି କରାଯିବା ସହିତ ୧୨୪ ହେକ୍ଟର ଗୋଚର ଜମିର ଉନ୍ନୟନ ଏବଂ ୨ଟି ଗୋ-ଖାଦ୍ୟ ନର୍ସରୀ ପ୍ରତିଷ୍ଠା ନିମନ୍ତେ ୧୨·୫୬୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା ।

**ଗୋଡି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ**—ଗତ ଦୁଇବର୍ଷ ମଧ୍ୟରେ ଜିଲ୍ଲାର ୬୬ ଜଣ ମୁକ୍ତ ଗୋଡି ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

**କ୍ଷୁଦ୍ର ଓ ନାମମାତ୍ର କୃଷୀଙ୍କୁ ସହାୟତା**—୧୯୯୦-୯୧ ବର୍ଷରେ ଏସ୍: ଏଫ୍: ପି: ପି: (SFPP) କାର୍ଯ୍ୟକ୍ରମ କେବଳ ସଇଁତଲା, ବଙ୍ଗମୁଣ୍ଡା, ପାଟଣାଗଡ଼ ଏବଂ ତୁଲୁଣ୍ଡିପାଲି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଇଛି । ୧୯୯୦-୯୧ ବର୍ଷରେ ୪୨ଟି ପମ୍ପସେଟ୍ ସ୍ଥାପନ ସହିତ ୪୬ଟି ସେଚକୂପ, ଗୋଟିଏ ପୁଷ୍କରିଣୀ ଓ ୧୯୮୯-୯୦ ମସିହାର ୨୧୮ଟି ଅସମ୍ପୂର୍ଣ୍ଣ ଥିବା କୂପ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି କାର୍ଯ୍ୟରେ ୧୯·୪୩ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

୧୯୯୧-୯୨ ବର୍ଷରେ ଏସ୍: ଏଫ୍: ପି: ପି: (SFPP) ଜରିଆରେ ୩୦୧ଟି କୂପ ଖନନ ଓ ଏ: ଏସ୍: ଏମ୍: ଏଫ୍: (ASMF) ଜରିଆରେ ୭୪ଟି କୂପ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

**ବିଦ୍ୟୁତ୍‌କରଣ**—ଏହି ଜିଲ୍ଲାର ଟିଟିଲାଗଡ଼ ଇଲେକ୍ଟ୍ରିକାଲ୍ ଡିଭିଜନ୍ ଦ୍ୱାରା ୧୯୯୧-୯୨ ବର୍ଷରେ ହରିଜନ ବସ୍ତି ସମେତ ୨୯ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି । ଏତଦ୍ ବ୍ୟତୀତ ୩୧ଟି ପମ୍ପସେଟ୍‌ରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

## ସମାଜ କଲ୍ୟାଣ :

**ପୁଷ୍ଟିକର ଖାଦ୍ୟ ଯୋଗାଣ**—ଜିଲ୍ଲାରେ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମରେ ୧୯୯୦-୯୧ ବର୍ଷରେ ୧,୭୨,୭୦୦ ଜଣ ଏବଂ ୧୯୯୧-୯୨ ବର୍ଷରେ ୧,୫୩,୭୦୦ ଜଣ ଉପକୃତ ହୋଇଛନ୍ତି । ଏ ବାବଦରେ ୧୯୯୦-୯୧ ବର୍ଷରେ ୫୯,୫୩,୦୧୬ ଟଙ୍କା ଏବଂ ୧୯୯୧-୯୨ ବର୍ଷରେ ୫୨,୧୯,୦୫୫ ଟଙ୍କା ବ୍ୟୟ କରାଯାଇଛି ।

**ବିକଳାଙ୍ଗ ଓ ଶାରୀରିକ ଅକ୍ଷମଙ୍କୁ ସହାୟତା**—ବିକଳାଙ୍ଗ ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ମାଗଣାରେ ତିନିଚକିଆ ସାଇକେଲ ୫୦ ଜଣଙ୍କୁ, ଶ୍ରବଣ ଯନ୍ତ୍ର ୨୩ ଜଣ ବଧିରଙ୍କୁ ଯୋଗାଇ ଦିଆଯିବା ସହିତ ୫୧ ଜଣଙ୍କୁ ଚିହ୍ନଟପତ୍ର (Identity Card) ଯୋଗାଇ ଦିଆଯାଇଛି ।

୧୯୯୦-୯୧ ଏବଂ ୧୯୯୧-୯୨ ବର୍ଷରେ ୩୯୨ ଜଣ ବିକଳାଙ୍ଗ ଏବଂ ଶାରୀରିକ ଅକ୍ଷମ ଛାତ୍ର ଛାତ୍ରୀଙ୍କୁ ୧,୩୩,୭୭୫ ଟଙ୍କା ବୃତ୍ତି ପ୍ରଦାନ କରାଯାଇଛି ।

## ବାର୍ଦ୍ଧକ୍ୟ ଭତ୍ତା ଓ ଅକ୍ଷମ ଭତ୍ତା :

୧୯୯୦-୯୧ ବର୍ଷରେ ଏହି ଜିଲ୍ଲାରେ ୭୧,୮୧୯ ଜଣଙ୍କୁ ଏବଂ ୧୯୯୧-୯୨ ବର୍ଷରେ ୨୨,୧୫୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି । ସେହିପରି ୧୯୯୦-୯୧ ବର୍ଷରେ ୧,୪୫୬ ଜଣଙ୍କୁ ଶାରୀରିକ ଅକ୍ଷମ ଭତ୍ତା ଦିଆଯାଇଥିବା ବେଳେ ୧୯୯୧-୯୨ ବର୍ଷରେ ଆଉ ୨,୦୦୯ ଜଣ ଏହି ଭତ୍ତା ପାଇଛନ୍ତି । ଗତ ଦୁଇବର୍ଷ ମଧ୍ୟରେ ସାମାଜିକ ସୁରକ୍ଷା ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନାରେ ୨୦୮ ଜଣଙ୍କୁ ସହାୟତା ଯୋଗାଇ ଦିଆଯାଇଛି ।

## ଶିକ୍ଷା :

ଏହି ଜିଲ୍ଲାରେ ୧୯୯୦-୯୧ ଏବଂ ୧୯୯୧-୯୨ରେ ୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୩୫ଟି ଉଚ୍ଚ ବିଦ୍ୟାଳୟ, ୧୯ଟି ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପିତ ହୋଇଛି । ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ବର୍ତ୍ତମାନ ଏହି ଜିଲ୍ଲାରେ ମାଧ୍ୟମିକ ବିଦ୍ୟାଳୟ, ୨୩୨ଟି ଉଚ୍ଚ ବିଦ୍ୟାଳୟ, ୪୯୧ଟି ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ୨,୩୦୯ଟି ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

## ସାର୍ବଜନୀନ ଶିକ୍ଷା :

ବଲାଙ୍ଗୀର ଜିଲ୍ଲାର ୯ ବର୍ଷରୁ ୪୫ ବର୍ଷ ବୟସର ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଜିଲ୍ଲା ସାକ୍ଷର ମିଶନ ସଂଶୋଧିତ କାର୍ଯ୍ୟ ବିଠା ପ୍ରସ୍ତୁତି କରି ଜିଲ୍ଲାରେ ସମ୍ପୂର୍ଣ୍ଣ ସାକ୍ଷର ଅଭିଯାନ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂସ୍ଥା ଓ ସରକାରୀ ସଂସ୍ଥା ମିଳିତ ଭାବରେ କାର୍ଯ୍ୟ କରିବେ । ୧୯୯୦-୯୧ ବର୍ଷରେ ୯୧୫ଟି ନିରକ୍ଷରତା ଦୂରୀକରଣ କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏହି କେନ୍ଦ୍ର ମାଧ୍ୟମରେ ୨୭,୪୫୦ ଜଣଙ୍କୁ ସାକ୍ଷର କରାଯାଇଥିଲା । ଏତଦ୍ ବ୍ୟତୀତ ୧୯୯୦-୯୧ ବର୍ଷରେ ୨,୦୦୦ ଜଣ ଏବଂ ୧୯୯୧-୯୨ ବର୍ଷରେ ୨୦,୨୩୦ ଜଣ ନିରକ୍ଷର ଲୋକଙ୍କୁ ଏମ୍: ପି: ଏଫ୍:ଏଲ୍: (MPFL) ଜରିଆରେ ସାକ୍ଷର କରାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୧୪ଟି ଜନଶିକ୍ଷା ନିଳୟ ସ୍ଥାପନ କରାଯାଇ ନିରକ୍ଷର ଓ ବିଦ୍ୟାଳୟ ପଢ଼ା ବନ୍ଦ୍ କରିଦେଇଥିବା ଛାତ୍ର ଛାତ୍ରୀଙ୍କୁ ଶିକ୍ଷାର ସୁବିଧା ଯୋଗାଇ ଦିଆଯାଇଛି ।

## ଶିଳ୍ପ :


ବଲାଙ୍ଗୀର ଜିଲ୍ଲା ଶିଳ୍ପ କେନ୍ଦ୍ର ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଗରିବ ଶ୍ରେଣୀର ଲୋକମାନଙ୍କର କର୍ମ ନିଯୁକ୍ତି ନିମନ୍ତେ ପଦକ୍ଷେପ ନିଆଯାଇଛି । ଗତ ଦୁଇବର୍ଷ ମଧ୍ୟରେ (୧୯୯୦-୯୧ ଏବଂ ୧୯୯୧-୯୨) ୨୧୯ଟି କ୍ଷୁଦ୍ର ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଏହାଦ୍ୱାରା ୨,୦୭୬ ଜଣଙ୍କୁ କର୍ମ ନିଯୁକ୍ତି ଦିଆଯାଇ ପାରିଛି । ୭୬ଟି ପି: ଏମ୍: ଟି: ସାର୍ଟିଫିକେଟ୍ ଓ ୩୭୨ଟି ପି:ଆର୍:ସି: ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ଏସ୍: ଇ: ଇ: ୟୁ: ୱାଇ: (SEEUY) କାର୍ଯ୍ୟକ୍ରମରେ ଗତ ଦୁଇବର୍ଷ ମଧ୍ୟରେ ୧୫୬ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି ସମୟ ଭିତରେ ୯,୮୪୫ ଗୋଟି ଆର୍ଟିସନ୍ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଏଥିରେ ୧୮,୩୩୮ ଜଣ ବ୍ୟକ୍ତି କର୍ମ ନିଯୁକ୍ତି ସୁବିଧା ପାଇଛନ୍ତି ।

## କ୍ରୀଡ଼ା :

ଜିଲ୍ଲାରେ କ୍ରୀଡ଼ାର ଉନ୍ନତି ବିଧାନ ଲାଗି ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଇ ଆସୁଛନ୍ତି । କ୍ରୀଡ଼ାର ବିକାଶ ଉଦ୍ଦେଶ୍ୟରେ ଜିଲ୍ଲାର କେତେକ ମୁଖ୍ୟ କ୍ରୀଡ଼ା ଅନୁଷ୍ଠାନକୁ ବାର୍ଷିକ ଅର୍ଥ ସାହାଯ୍ୟ ଯୋଗାଇ ଦିଆଯାଇଥାଏ । ୧୯୯୧-୯୨ ମଧ୍ୟରେ ୧୦୯ଟି କ୍ରୀଡ଼ା ଅନୁଷ୍ଠାନକୁ ମୋଟ ୧,୦୫,୫୦୦ ଟଙ୍କା ଅର୍ଥ ସାହାଯ୍ୟ ଦିଆଯାଇଛି । ୧୨ଟି ବିଦ୍ୟାଳୟକୁ ଖେଳ ପଡ଼ିଆ ବିକାଶ ଉଦ୍ଦେଶ୍ୟରେ ମୋଟ ୭,୫୦,୦୦୦ ଟଙ୍କା ଯୋଗାଇ ଦିଆଯାଇଛି । ଭାର ଉତ୍ତୋଳନ, ଭଲିବଲ୍ ଏବଂ ଆଥ୍ଲେଟିକ୍ସ ୨୫ ଜଣ ଆବାସିକଙ୍କ ନିମନ୍ତେ ୧୯୯୧-୯୨ ବର୍ଷରୁ ବଲାଙ୍ଗୀରଠାରେ ଏକ କ୍ରୀଡ଼ା ଆବାସ ଖୋଲାଯାଇଛି । ପାଟଣାଗଡ଼, ଟିଟିଲାଗଡ଼ ଓ ସୋନପୁରଠାରେ ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ସ୍ଥାନ ନିରୂପିତ ହୋଇ ସାରିଛି ଏବଂ ଏଥି ନିମନ୍ତେ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଛି ।

## ସରକାରୀ ମୁଦ୍ରଣାଳୟ(ପ୍ରେ: ପ୍ରି: ୟୁନିଟ୍)ରେ

# ପରମାରାଧ୍ୟ **ଶ୍ରୀ ଶ୍ରୀ ବିଶ୍ୱକର୍ମା**ଙ୍କ ପୂଜାର୍ଚ୍ଚନା



ସମୁଦ୍ରରେ ସେତୁ ପ୍ରଭୁ କରିବାର ପାଇଁ,
ଚିନ୍ତିଲେ ବିଶ୍ୱକର୍ମାଙ୍କୁ ପ୍ରଭୁ ରଘୁ ସାଇଁ ।
ପ୍ରବେଶିଲେ ବିଶ୍ୱକର୍ମା ଶ୍ରୀରାମଙ୍କ ପାଶେ,
କିମ୍ପାଇ ଚିନ୍ତିଲେ ପ୍ରଭୁ ଏ ଅଧମ ଦାସେ ।
ବୋଇଲେ ରାଘବ ପ୍ରଭୁ ଶୁଣ ବିଶ୍ୱକର୍ମା,
ଏହା ଶୁଣି ବିଶ୍ୱକର୍ମା ବୋଇଲେ ରାଘବେ,
ଏଥିପାଇଁ କିମ୍ପା ଚିନ୍ତା କରୁଛନ୍ତି ଏବେ ।
ଆପଣଙ୍କ ଥାଟେ ଅଛି ପୁତ୍ର ନଳ ମୋର,
ସେ ଫିଙ୍ଗିଲେ ଭାସିବ ତ ସକଳେ ପଥର ।

# ପ୍ରଗତିର ସୁଅରେ ଓଡ଼ିଶାର ନାରୀ

● ସାବିତ୍ରୀ ପାଢ଼ୀ

ନାରୀ ପ୍ରଗତିର ପଥ ସୁଗମ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ' ତାଙ୍କର ଅଳ୍ପଦିନ ଶାସନକାଳ ମଧ୍ୟରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ବା କରୁଛନ୍ତି ତାହା ଶ୍ଳାଘାଯୋଗ୍ୟ ଓ ଅତ୍ୟନ୍ତ ଅଭିନନ୍ଦନୀୟ । ରାଜ୍ୟ ତଥା ଦେଶକୁ ପ୍ରଗତିପଥରେ ଆଗେଇ ନେବାକୁ ହେଲେ କ'ଣ କରିବା ଆବଶ୍ୟକ ତାହା ଗଭୀରଭାବେ ଚିନ୍ତା କରି ନାରୀ ନିଯୁକ୍ତି ଏକାନ୍ତ ପ୍ରୟୋଜନ ବୋଲି ସେ ହୃଦୟଙ୍ଗମ କରିଛନ୍ତି ଏବଂ ନାରୀମାନଙ୍କର ଦୁର୍ଦ୍ଦଶାମୋଚନ ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବୁଦ୍ଧିଜୀବୀ ଓ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର କଳ୍ପନାକୁ କେବଳ କାଗଜ କଲମରେ ରୂପ ଦେଲେ ଯେ କିଛି ଲାଭ ହେବ ନାହିଁ, ନାରୀ ଜାତିର ଉନ୍ନତି ପାଇଁ ଆବଶ୍ୟକ ସ୍ଥଳେ ସମ୍ବିଧାନର ନିୟମ ଏବଂ ଆଇନକୁ ଯେ ପରିବର୍ତ୍ତନ କରିବାକୁ ପଡ଼ିବ ତାହା ମୁଖ୍ୟମନ୍ତ୍ରୀ ହୃଦୟଙ୍ଗମ କରିଛନ୍ତି । ସମୂହ ନାରୀ ବିକାଶ ଯୋଜନାକୁ ବାସ୍ତବ ରୂପରେଖ ଦେଇ ନାରୀମାନଙ୍କୁ ଦାୟିତ୍ୱଶୀଳା ଓ ନିଯୁକ୍ତି ଦ୍ୱାରା ସେମାନେ ଯେ ଆତ୍ମନିର୍ଭରଶୀଳା ହୋଇ ପାରିବେ— ଏହା ବିଜୁବାବୁ ଦେଖାଇ ଦେବାକୁ ଚାହାନ୍ତି । ଏହାଦ୍ୱାରା ସନ୍ତାନ ସନ୍ତତିମାନଙ୍କୁ ସୁଶିକ୍ଷା ଦେଇ ଭବିଷ୍ୟତ ନାଗରିକଭାବେ ଗଢ଼ିବାରେ ସେମାନେ ସକ୍ଷମ ହୋଇପାରିବେ । ଆଳସ୍ୟ ପରାୟଣ ହୋଇ ଘରେ ବସି ରହିବା ଛାଡ଼ି ଆତ୍ମନିଯୁକ୍ତି ଆଶାରେ ନିଜର ବୁଦ୍ଧି, କର୍ମକ୍ଷମତା ଓ ପ୍ରତିଭାର ବିକାଶ କରି ଦେଶକୁ ଉନ୍ନତିମାର୍ଗରେ ଆଗେଇ ନେବେ ।

ଓଡ଼ିଶା ନାରୀମାନଙ୍କର ସ୍ଥିତି, ଶିକ୍ଷାଗତ ଯୋଗ୍ୟତା, କର୍ମଦକ୍ଷତା ବିଷୟରେ ଅବଗତ ହୋଇ କର୍ମନିଯୁକ୍ତି ଦେଲାବେଳେ ଚତୁରତା ଓ ବୁଦ୍ଧିର ପରିଚୟ ଦେଇ ଯାହା ଲାଗି ଯେଉଁ ପ୍ରକାର ନିଯୁକ୍ତି ଯୁକ୍ତିଯୁକ୍ତ ହେବ ସେହିପରି ସ୍ଥାନ ସଂରକ୍ଷଣ କରୁଛନ୍ତି । ସେ ଶିକ୍ଷିତାନାରୀମାନଙ୍କ ପାଇଁ ଉଚ୍ଚ ସରକାରୀ ଶାସନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରାଯିବା ଆବଶ୍ୟକ ମନେ କରିଛନ୍ତି । ଯେଉଁମାନେ ଅଳ୍ପଶିକ୍ଷିତା ସେମାନଙ୍କର ତାଲିମ କ୍ଷେତ୍ରରେ ଶିକ୍ଷାଲାଭ କରାଇବା ପାଇଁ ସ୍ଥାନ ସଂରକ୍ଷଣ କରାଯାଉଛି ଏବଂ ଯେଉଁମାନେ ନିରକ୍ଷର ସେମାନଙ୍କୁ ସମବାୟ ନିଗମ ଇତ୍ୟାଦି ମାଧ୍ୟମରେ ଆତ୍ମନିଯୁକ୍ତି ପାଇଁ ସୁଯୋଗ ଦିଆହେଉଛି । ଏହାଦ୍ୱାରା ପୁରୁଷ ସମାଜକୁ ଉପେକ୍ଷା କରାଯାଉଛି ତା' ନୁହେଁ । ପୁରୁଷ ସଂଖ୍ୟା ତୁଳନାରେ ଆମ ରାଜ୍ୟର ନାରୀ ସଂଖ୍ୟା କିଛି କମ୍ ନୁହେଁ । ତେଣୁ ଚାକିରି କ୍ଷେତ୍ରରେ ବା ଆତ୍ମନିଯୁକ୍ତି ନାରୀମାନଙ୍କୁ ଯୋଗାଇବା ଦ୍ୱାରା ଦେଶର କ୍ଷତି ହେଉଛି ଏହା ଚିନ୍ତା କରିବା ଉଚିତ ନୁହେଁ ।

ଆମ ରାଜ୍ୟରେ ଅର୍ଥୋପାର୍ଜନ କରିବା ଲୋକସଂଖ୍ୟା ତୁଳନାରେ ସେମାନଙ୍କ ଉପରେ ନିର୍ଭର କରୁଥିବା ଲୋକସଂଖ୍ୟା ଅଧିକ । ତେଣୁ ଦାରିଦ୍ର୍ୟତା ସୀମାରେଖା ଭିତରେ ଅଧିକାଂଶ ପରିବାର ରହୁଛନ୍ତି । ନାରୀ ପ୍ରଗତି ପଥର ପ୍ରଧାନ ଅନ୍ତରାୟ ହେଉଛି ଅର୍ଥନୈତିକ ସମସ୍ୟା । ନାରୀମାନଙ୍କୁ କର୍ମକ୍ଷେତ୍ରରେ ସୁବିଧା ଦେଇ ନିଯୁକ୍ତି କରାଗଲେ ପରିବାରରେ ଦେଖାଯାଉଥିବା କଳହ, ଭୁଲବୁଝାମଣା, ନାରୀ ଭ୍ରୂଣହତ୍ୟା, ନିର୍ଯ୍ୟାତନା ଓ ଅବହେଳା, ଛାଡପତ୍ର, ଯୌତୁକ ଦାବୀ ଆଦି କୁକର୍ମ ଦୂର ହୋଇପାରିବ । ସେମାନଙ୍କୁ ସୁରକ୍ଷିତ ରଖାଗଲେ ନାରୀ କର୍ମକ୍ଷମତା ସମାଜରେ କୌଣସି ଗୁଣରେ ପୁରୁଷଙ୍କଠାରୁ କମ୍ ନୁହେଁ ବୋଲି ପ୍ରତିପାଦନ ହୋଇପାରିବ । ଏହାଛଡ଼ା ରୋଜଗାରକ୍ଷମ ଗୃହକର୍ତ୍ତାଙ୍କ ଉପରେ ଆର୍ଥିକ ଅଭାବର ଚାପ ହ୍ରାସ ପାଇବା ଦ୍ୱାରା ପୁରୁଷ ସମାଜ ଘର ଜଞ୍ଜାଳରୁ ମୁକ୍ତହୋଇ ଅଧିକ ସୁସ୍ଥରୁ ରୂପେ କର୍ମକ୍ଷମ ହୋଇ ଦେଶର ପ୍ରଗତି ପଥେ କର୍ମ କରିପାରିବେ । ଓଡ଼ିଶାର ଜନସଂଖ୍ୟାର ପ୍ରାୟ ଅଧାଭାଗ ନାରୀ ଆତ୍ମନିଯୁକ୍ତି ଓ ଅର୍ଥୋପାର୍ଜନକ୍ଷମ ହୋଇ ନ ପାରିଥିବାରୁ ପରିବାର ଉପରେ ବୋଝ ହେଉଥିଲେ । ତେଣୁ ଯେ କୌଣସି ମାଧ୍ୟମରେ ସେମାନଙ୍କୁ କର୍ମରତା କରାଇ ପାରିଲେ ସେମାନଙ୍କ ଭବିଷ୍ୟତ ପାଇଁ ପରିବାରବର୍ଗଙ୍କୁ ଚିନ୍ତା କରିବାକୁ ହେବନାହିଁ । ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କ ପାଇଁ ଓଡ଼ିଶା ସରକାରଙ୍କର ୩୦ ଶତାଂଶ ଚାକିରି ସ୍ଥାନ ସଂରକ୍ଷଣ ପ୍ରଶଂସନୀୟ । ନାରୀ ସାଧାରଣତଃ କୌଳିକ ପରିବାରରେ ଲଜ୍ଜାଶୀଳ ଓ ସଙ୍କୋଚମନା ହୋଇଥିବାରୁ ପୁରୁଷମାନଙ୍କ ପରି ନିଜେ ନିଜର ଆତ୍ମନିଯୁକ୍ତି କରିପାରେ ନାହିଁ । ବହୁ ବାଧାବିଘ୍ନ ସତ୍ତ୍ୱେ ପରମ୍ପରାକୁ ବଜାୟ ରଖି ନାରୀ ସମାଜକୁ ଦୃଷ୍ଟିଦେଇ, ବିଜୁବାବୁ ନାରୀ ନିରାପତ୍ତା ପାଇଁ ଦୃଢ଼ ପଦକ୍ଷେପ ନେଇ ସେମାନଙ୍କୁ ଅନୁନ୍ନତ ଓ ଅବହେଳିତ ଅବସ୍ଥାରୁ ସାମାଜିକ ସ୍ଥିତି ଦେଇ, ପୁରୁଷ ସହ ସମାନ ହେବା ପାଇଁ ସମସ୍ତ କ୍ଷେତ୍ରରେ ଅଗ୍ରାଧିକାର କରିବା ଲାଗି ସରକାରୀ ଆଇନ ପରିବର୍ତ୍ତନ କରିବା କିଛି କମ୍ ଗୌରବର ବିଷୟ ନୁହେଁ । ଏହି ଅବସରରେ ମିଳୁଥିବା ସୁବିଧା ସୁଯୋଗ ଯଦି ନାରୀ ଆଗଭର ହୋଇ ଗ୍ରହଣ ନ କରେ ତେବେ ପୁରୁଷ ପ୍ରାଧାନ୍ୟ ଦେଶରେ

ପୂର୍ବପରି ବଢ଼ିଚାଲିବ ଓ ନାରୀମାନଙ୍କ ଉପରେ ପୁରୁଷ ଆଧିପତ୍ୟ ରୋକି ହେବନାହିଁ ।

ବିଜୁବାବୁ କେବଳ ଶିକ୍ଷିତା ନାରୀମାନଙ୍କୁ ଆଖି ଆଗରେ ରଖି ନିଯୁକ୍ତି ସ୍ଥାନ ସଂରକ୍ଷଣ କରିଛନ୍ତି ତା ନୁହେଁ । ରାଜନୀତି କ୍ଷେତ୍ରରେ ମଧ୍ୟ ନାରୀମାନଙ୍କ ଆଖି ଖୋଲିବାରେ ଫଳପ୍ରଦ ହୋଇଛନ୍ତି । ଗ୍ରାମାଞ୍ଚଳର ନାରୀମାନେ ଯେ କେବଳ ଘରକରଣା ପାଇଁ ଉଦ୍ଦିଷ୍ଟ ତାହା ସେ କରିବାକୁ ଦେଇନାହାନ୍ତି । ତାଙ୍କ ସରକାର ଅମଳରେ ଓ୍ୱାର୍ଡମେମ୍ବର ଓ ପଞ୍ଚାୟତ ସମିତି ନିର୍ବାଚନରେ ଏକତୃତୀୟାଂଶ ସ୍ଥାନ ନାରୀମାନଙ୍କ ପାଇଁ ସଂରକ୍ଷଣ କରାଯାଇଛି । ନିର୍ବାଚିତ ହୋଇ ଆସିଥିବା ନାରୀମାନଙ୍କ ପାଇଁ ସ୍ୱତନ୍ତ୍ର କ୍ଷମତା ଦେବା ଲାଗି କାର୍ଯ୍ୟାନୁଷ୍ଠାନ କରାହେଉଛି । ନାରୀମାନଙ୍କୁ ସାମାଜିକ ନ୍ୟାୟ ଦେବା ଲାଗି, ଅବହେଳିତ ନାରୀଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯାଉଛି । ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ହୋଇଥିବା ଆଇନ ପ୍ରଣୟନକୁ ବଳବତ୍ତର ରଖି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସେ ହେଉଛନ୍ତି ପ୍ରଥମ । ପରିବାରରୁ ଦୂରରେ ରହୁଥିବା ନାରୀ କର୍ମଜୀବୀମାନଙ୍କର ସୁରକ୍ଷା ପାଇଁ (Working women's hostel) ମହିଳାବାସ କରାଯାଇଛି । ବିଧବା ମହିଳାମାନଙ୍କର ମିଳୁଥିବା ଭତ୍ତାହାର ବୃଦ୍ଧି କରିବା ଦ୍ୱାରା ସେମାନେ ସ୍ୱବଳ ଅବସ୍ଥାକୁ ଆସି ପାରିଛନ୍ତି । ଏତଦ୍‌ବ୍ୟତୀତ ଦୁର୍ଦ୍ଦଶା ପ୍ରପୀଡ଼ିତା ନାରୀ ଏବଂ ସେମାନଙ୍କର ନିର୍ଭରଶୀଳ ପିଲାପାଟିଙ୍କ ଉନ୍ନତି ପାଇଁ Rehabilitation of Women in distress) ରିହାବିଲିଟେସନ୍ ଯୋଜନାରେ କାରିଗରି କୌଶଳ ତାଲିମ ମାଧ୍ୟମରେ କର୍ମନିଯୁକ୍ତି ଯୋଗାଇ ନାରୀମାନଙ୍କୁ ସୁସ୍ଥରେ ବଞ୍ଚିବାର ଅଧିକାର ଦିଆଯାଉଛି । ନିଯୁକ୍ତି ନ ପାଉଥିବା ଗ୍ରାମାଞ୍ଚଳର ୧୮ ବର୍ଷରୁ ଆରମ୍ଭ କରି ୩୫ ବର୍ଷ ବୟସର ନାରୀଙ୍କ ପାଇଁ କର୍ମଯୋଗାଇବା ସୁଯୋଗ ଲାଗି ୪୦ ଶତାଂଶ ଭାଗ ସ୍ଥାନ ସଂରକ୍ଷିତ କରାଇଛନ୍ତି । ଏହା ଦ୍ୱାରା ନାରୀମାନେ ବିଭିନ୍ନ ରକମର କାରିଗରି ତାଲିମ ପାଇଁ IRDPର TRYSEM ଯୋଜନା ଦ୍ୱାରା ନିଜର ଗୁଜୁରାଣ ମେଣ୍ଟାଇ ପାରିବେ ।

ଦେଶରେ ଯୌତୁକ ବିନା ବିବାହ କରିବା ପାଇଁ ସର୍ବସାଧାରଣଙ୍କୁ ସଚେତନ କରାଇ ଦିଆଯାଉଥିଲା କିନ୍ତୁ ଏହାକୁ ବନ୍ଦ କରିବାକୁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇ ନ ଥିଲା । ଏବେ ଯୌତୁକଜନିତ ଅତ୍ୟାଚାରରେ ଚାକିରିଆ ବ୍ୟକ୍ତି ସଂପୃକ୍ତ ହେଲେ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ମହିଳା ବିକାଶ ସମବାୟ ନିଗମ ଗଢ଼ିବା ଦ୍ୱାରା ଆତ୍ମନିଯୁକ୍ତି ଓ ନାରୀ ରୋଜଗାରକ୍ଷମ ହୋଇପାରୁ ଥିବାରୁ ଯୌତୁକ ଦାବୀ କ୍ରମଶଃ ହ୍ରାସ ହୋଇପାରିବ । କାରଣ ନାରୀ ବାଧା ନ ହୋଇ ପାରିଲେ ମଧ୍ୟ ନିଜର ଭରଣପୋଷଣ ହୋଇପାରିବ । ବାଣିଜ୍ୟ ବୃଦ୍ଧି ଉଦ୍ଦେଶ୍ୟ ରଖି ମହିଳା ସମବାୟ ବ୍ୟାଙ୍କ ପ୍ରତି ଜିଲ୍ଲାରେ ଖୋଲାଇ ସେଥିର ପରିଚାଳନା ଦାୟିତ୍ୱରେ ନାରୀ ନିଯୁକ୍ତି କରିବାକୁ ବିଜୁବାବୁ ସ୍ଥିର କରିବା ମଧ୍ୟ ସ୍ୱାଗତ ଯୋଗ୍ୟ । ଏହାଦ୍ୱାରା ସେ ପ୍ରମାଣିତ କରିବାକୁ ଯାଉଛନ୍ତି, ନାରୀ ଜାତିକୁ ଯେ କୌଣସି ସ୍ଥାନରେ ନିଯୁକ୍ତି କରାଗଲେ ସେମାନେ ନିଜର ନିଷ୍ଠା ଓ କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇପାରିବେ । ଭବିଷ୍ୟତରେ ଏପରି ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ [illegible] ତାଙ୍କ ଶାସନକାଳରେ ସମ୍ଭବ ହୋଇପାରିବ ବୋଲି ନାରୀ ସମାଜ ଆଶା କରୁଛନ୍ତି ।

ବହୁଦିନ ହେଲା ଭାରତ ସ୍ୱାଧୀନ ହୋଇଥିଲେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ଆମ ନାରୀମାନେ ବେଶୀ ଭାଗ ଅଶିକ୍ଷିତ, ଅନୁନ୍ନତ ଓ ଦାରିଦ୍ର୍ୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏମାନଙ୍କର ପ୍ରଗତି ଲାଗି ପୂର୍ବତନ ଶାସକ ଗୋଷ୍ଠୀ, ବୁଦ୍ଧିଜୀବୀ, ନେତୃବୃନ୍ଦ ବିବିଧ ପ୍ରକାର ପଦକ୍ଷେପ ଶିକ୍ଷା, ସଭାସମିତି, ପତ୍ରିକା ଆଦି ଓଡ଼ିଶାର ପୁରପଲ୍ଲୀରେ ଗଠନ କରାଇ ଶିକ୍ଷିତା ନାରୀ ନେତ୍ରୀମାନଙ୍କ ପ୍ରଚେଷ୍ଟା ଦ୍ୱାରା କର୍ତ୍ତବ୍ୟବୋଧ ପୂରେଇ ନାରୀ ଜାଗରଣ ଓ ସଚେତନ କରାଉଥିଲେ । ଏହା କିନ୍ତୁ ନାରୀ ପ୍ରଗତି ପାଇଁ ଯଥେଷ୍ଟ ନଥିଲା । ନାରୀ କଲ୍ୟାଣ ଯୋଜନା କେବଳ ପ୍ରତିଶ୍ରୁତି ଦେବାରେ ହିଁ ରହୁଥିଲା । କାରଣ ସଂବିଧାନର ନିୟମ ଓ ଆଇନ ଭଙ୍ଗ କରି ଜନମତ ବିରୁଦ୍ଧରେ ଉଠିବା ଏ ପର୍ଯ୍ୟନ୍ତ କେହି କରି ପାରି ନ ଥିଲେ । ତେଣୁ ବିଜୁବାବୁ କର୍ମବୀର ରୂପେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହୋଇ ପାରୁଥିବା ସମସ୍ୟାକୁ କାର୍ଯ୍ୟରେ ପରିଣତ କରୁଥିବା ଦୃଷ୍ଟିରୁ ନାରୀ ସମାଜ ତାଙ୍କର ପାଖରେ ଚିର ଋଣୀ ହୋଇରହିବ । ସେ ଆମ ଦେଶର ଏକମାତ୍ର ଯୁଗ ପ୍ରବର୍ତ୍ତକ ଯେକି ଦେଶକୁ ଯେକୌଣସି ମତେ ପ୍ରଗତି ପଥରେ ଆଗେଇ ନେବାକୁ ହେବ ଚିନ୍ତାକରି, ଆଇନ ସଂବିଧାନ ନିୟମ ଯୋଜନା ପ୍ରତିଶ୍ରୁତି, ସଭାସମିତି ଦ୍ୱାରା ଜାଗରଣ, ସ୍ଲୋଗାନ ଇତ୍ୟାଦି ଉପରେ ବିଶ୍ୱାସ ନ ରଖି, ଆବଶ୍ୟକ ସ୍ଥଳେ ନିୟମ କାନୁନ୍ ଭଙ୍ଗକରି ମଧ୍ୟ ନାରୀ ସମାଜକୁ ପ୍ରଗତି ପଥରେ ଆଗେଇ ଆସିବାକୁ ବାଧ୍ୟତାମୂଳକ ଏମ ନିଯୁକ୍ତି ଦିଆ ଯାଉଛି । ଏହା ତାଙ୍କର ଆଦର୍ଶ ଓ ମହନୀୟତାର ପରିଚୟ । ସମାଜ ସଂସ୍କାରକ ରାଜା ରାମମୋହନ ରାୟ ଏକଦା ନାରୀ ଉନ୍ନତି ଓ ନିର୍ଯ୍ୟାତନା ଦୂର କରିବାକୁ ଜନମତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ପରି ବର୍ତ୍ତମାନ ବିଜୁବାବୁ ନାରୀ କଲ୍ୟାଣ ପାଇଁ ଯେଉଁସବୁ ସୁବିଧା ସୁଯୋଗ କରାଇ ଯାଉଛନ୍ତି ତାହା ଓଡ଼ିଶା ଇତିହାସରେ ଚିରସ୍ମରଣୀୟ ହୋଇରହିବ ।

---

ଗୌତମ ନଗର, ଭୁବନେଶ୍ୱର-୧୪ ।

# ପ୍ରଗତି ପଥେ କୋରାପୁଟ ଜିଲ୍ଲା

ଆୟତନ ଦୃଷ୍ଟିରୁ କୋରାପୁଟ ଜିଲ୍ଲା ଓଡ଼ିଶାର ବୃହତ୍ତମ ଜିଲ୍ଲା । ଏହି ଜିଲ୍ଲାର ଉତ୍ତର ଭାଗରେ ୨୦·୩' ଓ ୧୯·୫୦' ଅକ୍ଷାଂଶରେ ଓ ପୂର୍ବଭାଗରେ ୮୧·୨୭' ଓ ୮୪·୧' ଦ୍ରାଘିମାରେ ଅବସ୍ଥିତ । ଏହାର ଉତ୍ତର ଭାଗରେ କଳାହାଣ୍ଡି ଜିଲ୍ଲା ଓ ପଶ୍ଚିମ ଭାଗରେ ମଧ୍ୟ ପ୍ରଦେଶର ବସ୍ତର ଜିଲ୍ଲା ଅବସ୍ଥିତ । ଏହାର ଦକ୍ଷିଣ ଭାଗରେ ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଓ ବିଶାଖା ପାଟଣା ତଥା ପୂର୍ବ ଭାଗରେ ଗଞ୍ଜାମ ଜିଲ୍ଲା ଅବସ୍ଥିତ ।

ଏହି ଜିଲ୍ଲାର ଆୟତନ ୨୬,୯୬୧ ବର୍ଗ କିଲୋମିଟର । ଏହାର ଭୂଖଣ୍ଡଗୁଡ଼ିକ ସ୍ଥିତି ଅନୁଯାୟୀ ସମୁଦ୍ର ପତ୍ତନଠାରୁ ୧୫୦୦ ଫୁଟରୁ ୫୦୦୦ ଫୁଟ ଉଚ୍ଚରେ ଅବସ୍ଥିତ । ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନରେ ମୃତ୍ତିକା, ବୃଷ୍ଟିପାତ, ତାପମାତ୍ରା ଓ ଆର୍ଦ୍ରତାରେ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ଉର୍ବର ଉପତ୍ୟକା, ସୁ-ଉଚ୍ଚ ପର୍ବତମାଳାରେ ପରିପୂର୍ଣ୍ଣ କୋରାପୁଟ ଜିଲ୍ଲା ବିଭିନ୍ନତାର ଏକ ବିଚିତ୍ର ସମନ୍ୱୟ । ବଂଶଧାରା, ନାଗାବଳୀ, ଇନ୍ଦ୍ରାବତୀ, କୋଲାବ ପ୍ରଭୃତି ଚିରସ୍ରୋତା ନଦୀଗୁଡ଼ିକ ଏହା ମଧ୍ୟରେ ପ୍ରବାହିତ ହୋଇ ପ୍ରାକୃତିକ ପରିବେଶକୁ ଅଧିକ ଆକର୍ଷଣୀୟ କରିଛି ।

ସମଗ୍ର ରାଜ୍ୟରେ ବାସ କରୁଥିବା ୬୨ ପ୍ରକାର ଆଦିବାସୀ ଗୋଷ୍ଠୀମାନଙ୍କ ମଧ୍ୟରୁ ପ୍ରାୟ ୫୦ଟି ଗୋଷ୍ଠୀକୁ କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଥାଏ । ସେମାନଙ୍କ ମଧ୍ୟରେ ପରଜା, ଧୁରୁଆ, କୋୟା, ଗଣ୍ଡ, ଗଦବା, କନ୍ଧ, ସୌରା, ଲାଞ୍ଜିଆ ସୌରା, ଓରିଆବନ୍ଧ, ଦିଦାୟୀ ଅନ୍ୟତମ । ଏହି ଆଦିବାସୀ ସମ୍ପ୍ରଦାୟମାନଙ୍କର ନିଜସ୍ୱ ଭାଷା, ନୃତ୍ୟ ସଙ୍ଗୀତ ତଥା ଜୀବନ ଧାରଣର ପଦ୍ଧତିରେ ସ୍ୱାତନ୍ତ୍ର୍ୟ ରହିଛି । ଦେଶ ବିଭାଜନ ପରେ ତତ୍କାଳୀନ ପୂର୍ବ ପାକିସ୍ଥାନରୁ ପଳାଇ ଆସିଥିବା ଶରଣାର୍ଥୀମାନଙ୍କୁ ଦଣ୍ଡକାରଣ୍ୟ ଯୋଜନା ମାଧ୍ୟମରେ ଏହି ଜିଲ୍ଲାରେ ଥଇଥାନ କରାଯାଇଛି ।

କୋରାପୁଟ ଜିଲ୍ଲାର ସୁବେଇଠାରେ ଓଡ଼ିଶାର ଅତି ପ୍ରାଚୀନ ଜୈନ ମନ୍ଦିରର ଭଗ୍ନାବଶେଷ ଦେଖିବାକୁ ମିଳେ । ଜୟପୁରଠାରୁ ୫୦ ମାଇଲ୍ ଦୂରରେ ଅବସ୍ଥିତ ଗୁପ୍ତେଶ୍ୱର ମନ୍ଦିର ହେଉଛି ଏକ ବିଖ୍ୟାତ ତୀର୍ଥସ୍ଥଳୀ । କଥିତ ଅଛି ଯେ ରାମଚନ୍ଦ୍ର ଦଣ୍ଡକାରଣ୍ୟ ଦେଇ ପଞ୍ଚବଟୀ ଯିବା ସମୟରେ ଏଠାରେ ଭଗବାନ ଶିବଙ୍କର ଆରାଧନା କରିଥିଲେ । ସ୍ୱାଧୀନତା ସଂଗ୍ରାମରେ କୋରାପୁଟ ଜିଲ୍ଲାର ଅବଦାନ ଅବିସ୍ମରଣୀୟ । ମାଥିଲି ଓ ପାପଡ଼ା ହାଣ୍ଡି ଗୁଳିକାଣ୍ଡ ଓ ଆଦିବାସୀ ନେତା ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ମହାନ୍ ଆତ୍ମବଳି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଗୌରବମୟ ଅଧ୍ୟାୟ ।

## କୃଷି :

ଜିଲ୍ଲାର ସମୁଦାୟ ୯,୯୮,୭୩୦ ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ୭,୬୯,୯୪୪ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ କରାଯାଇଥାଏ । ଏହି ଜିଲ୍ଲାର ସମୁଦାୟ ଜନସଂଖ୍ୟାର ପ୍ରାୟ ୭୦ ଭାଗ ହେଉଛନ୍ତି କୃଷିଜୀବୀ । ଜିଲ୍ଲାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ମଧ୍ୟରୁ ହରିଜନ ଓ ଆଦିବାସୀ କୃଷକଙ୍କ ସଂଖ୍ୟା ଅଧିକ । କୃଷି ଉତ୍ପାଦନ କ୍ଷେତ୍ରରେ ବିଗତ ଦୁଇବର୍ଷ ମଧ୍ୟରେ ଏହି ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ହାସଲ କରିପାରିଛି । ଧାନ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଏକ ସମନ୍ୱିତ କାର୍ଯ୍ୟକ୍ରମ ୧୯୯୦–୯୧ ରେ ଜିଲ୍ଲାର ୭ଟି ବ୍ଲକ୍‌ରେ ଆରମ୍ଭ କରାଯାଇଥିଲା । ୧୯୯୧–୯୨ ରେ ଆଉ ୧୨ଟି ବ୍ଲକ୍ ଅଞ୍ଚଳକୁ ଏହି କାର୍ଯ୍ୟ ସମ୍ପ୍ରସାରିତ କରାଯାଇଛି । କୃଷକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଧାନ ବିହନ କୁଇଣ୍ଟାଲ ପ୍ରତି ୨୦୦ ଟଙ୍କା ଦରରେ ବିକ୍ରୟ କରାଯିବା ସଙ୍ଗେ ସଙ୍ଗେ ରାସାୟନିକ ସାର, କୀଟନାଶକ ଔଷଧ, ଉନ୍ନତ ଚାଷ ଉପକରଣ ଆଦି ରିହାତି ହାରରେ ମଧ୍ୟ ଯୋଗାଇ ଦିଆଯାଉଛି । ନୂତନ କୃଷି ପଦ୍ଧତି ତଥା କୀଟନାଶକ ଔଷଧ ପ୍ରୟୋଗ ଓ ରାସାୟନିକ ସାର ବ୍ୟବହାର ପ୍ରଣାଳୀ ସମ୍ପର୍କରେ କୃଷକମାନଙ୍କୁ ତାଲିମ୍ ଦିଆଯାଉଛି । ୧୯୯୧–୯୨ ବର୍ଷରେ ଜିଲ୍ଲାର ୧୪,୫୨୫ ଜଣ ଚାଷୀଙ୍କୁ ତାଲିମ୍ ଦିଆଯାଇଛି । ମକା ଓ ବାଜରା ଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ୧୯୯୧–୯୨ ବର୍ଷରେ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜିଲ୍ଲାର ୩୪ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଇ ଆଶାନୁରୂପ ସୁଫଳ ମିଳିଛି । ତୈଳବୀଜ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଚାଷୀମାନଙ୍କୁ ଚିନାବାଦାମ ବିହନ ରିହାତି ହାରରେ କୁଇଣ୍ଟାଲ ପ୍ରତି ୩୦୦ ଟଙ୍କା ଦରରେ ଯୋଗାଇ ଦିଆଯାଉଛି । ସମୁଦାୟ ୪୦,୮୦୭ $\frac{4}{5}$ କୁଇଣ୍ଟାଲ ଚିନାବାଦାମ ବିହନ ୬୯୨ ଜଣ ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଏତଦ୍ ବ୍ୟତୀତ ଉନ୍ନତ କିସମର ତୈଳବୀଜ ଯଥା ମିନିକିଟସ୍ ଚାଷ

ଉଦ୍ଦେଶ୍ୟରେ ମାଗଣାରେ କୃଷକମାନଙ୍କୁ ଯୋଗାଇ ଦିଆଯାଉଛି ।

ଗତ ଦୁଇବର୍ଷ ମଧ୍ୟରେ ଜିଲ୍ଲାରେ ୧୮,୫୨୬ କୁଇଣ୍ଟାଲ କପା ଉତ୍ପାଦିତ ହୋଇଛି ।

## ମୃତ୍ତିକା ସଂରକ୍ଷଣ :

କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ମୃତ୍ତିକା ସଂରକ୍ଷଣ ଅପରିହାର୍ଯ୍ୟ । ଏଥି ପାଇଁ ମୃତ୍ତିକା ସଂରକ୍ଷଣ ସଙ୍ଗଠନ ତରଫରୁ ଜିଲ୍ଲାରେ ୧୯୯୧-୯୨ ବର୍ଷରେ ୫୬୩୩.୦୪ ହେକ୍ଟର ଜମିରେ କାଜୁ, ଶିସଲ, କଫି, ବାଉଁଶ ଏବଂ ଅନ୍ୟ ଜାତୀୟ ବୃକ୍ଷଚାରା ରୋପଣ କରାଯାଇଛି । ୩୬୦୦.୭୭ ହେକ୍ଟର ଜମିର ଉନ୍ନୟନ କରାଯିବା ସଙ୍ଗେ ସଙ୍ଗେ ୨୪.୪୩ କି.ମି. ନାଳୀ ନିର୍ମାଣ କରାଯାଇଛି । ୧୯୮ଟି ଜଳ ଅମଳ ପ୍ରକଳ୍ପ ଓ ସେଚକୂପ ଏହି ଦୁଇ ବର୍ଷରେ ନିର୍ମାଣ କରାଯାଇଛି । ୧୯୯୨ ମଇମାସ ମଧ୍ୟରେ ୩୦୯୮.୪ ହେକ୍ଟର ଜମିରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଛି ।

## ଉଦ୍ୟାନ :

ଗତ ଦୁଇବର୍ଷ ମଧ୍ୟରେ ଫଳଚାଷ ଏବଂ ପନିପରିବା ଚାଷ ଉଦ୍ଦେଶ୍ୟରେ ଏହି ଜିଲ୍ଲାରେ ନୂତନ ପଦକ୍ଷେପମାନ ଗ୍ରହଣ କରାଯାଇଛି । ଉଦ୍ୟାନ ବିଭାଗ ତରଫରୁ ଆମ୍ବ, ପିଜୁଳି, ସପେଟା, ଲିଚୁ, ନଡ଼ିଆ ଇତ୍ୟାଦି ଫଳଗଛ ରୋପଣ ଉଦ୍ଦେଶ୍ୟରେ ୩,୭୦,୯୩୨ଟି ଫଳଗଛ ଚାରା ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ୧୦୬୦ଟି ପରିବା ବିହନ ପୁଣ୍ଡ ମିନି ପ୍ୟାକେଟ୍ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଇଛି । ଏହି ସମୟ ମଧ୍ୟରେ ଆଉ ୧,୮୩୩ ହେକ୍ଟର ଜମିରେ ବିଭିନ୍ନ କିସମର ଫଳଗଛ ରୋପଣ କରାଯାଇଛି ।

## ସମବାୟ :

କୃଷି ଗ୍ରାମ୍ୟ ଅର୍ଥନୀତିର ଅଭିବୃଦ୍ଧି କ୍ଷେତ୍ରରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥି ନିମନ୍ତେ ଗତ ଦୁଇବର୍ଷ ମଧ୍ୟରେ ଜିଲ୍ଲାର ସମୁଦାୟ କୃଷିଜୀବୀ ପରିବାର ମଧ୍ୟରୁ ଶତକଡ଼ା ୬୦.୬ ଭାଗ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରାଯାଇଛି । ତତ୍ ସଙ୍ଗେ ସଙ୍ଗେ ଗତ ଦୁଇବର୍ଷ ମଧ୍ୟରେ ଖରିଫ୍ ଓ ରବି ଋତୁରେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଜରିଆରେ ୩୧୯.୪୪ ଲକ୍ଷ ଟଙ୍କା କୃଷି ଋଣ କୃଷକମାନଙ୍କୁ ଦିଆଯାଇଛି । କୃଷିର ଉନ୍ନତି କଳ୍ପେ ସମବାୟ ସଂସ୍ଥା ଜରିଆରେ ଜିଲ୍ଲାର କୃଷକମାନଙ୍କୁ ଖରିଫ ଓ ରବି ଋତୁରେ ୩୦୧୮୯.୯ ମେଟ୍ରିକ୍ ଟନ୍ ରାସାୟନିକ ସାର ଯୋଗାଇ ଦିଆଯାଇଛି । ଗତ ଦୁଇବର୍ଷ ମଧ୍ୟରେ ୧୦୭୮.୩୮ ଲକ୍ଷ ଟଙ୍କାର ସମବାୟ ଋଣ କୃଷକ, କାରିଗର ଓ ସମବାୟ ସଂସ୍ଥା ସଭ୍ୟମାନଙ୍କୁ ଛାଡ଼ କରାଯାଇଛି ।

ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ ନିମନ୍ତେ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମୁଦାୟ ୩୭୫ ଗୋଟି ସମବାୟ ଖାଉଟି କେନ୍ଦ୍ର ଖୋଲା ଯାଇଛି ।

## ହରିଜନ ଓ ଆଦିବାସୀ କଲ୍ୟାଣ :

କୋରାପୁଟ ଜିଲ୍ଲାର ସମୁଦାୟ ଜନସଂଖ୍ୟା ମଧ୍ୟରୁ ହରିଜନ ସଂଖ୍ୟା ୪,୭୩,୧୭୮ ଏବଂ ଆଦିବାସୀଙ୍କ ସଂଖ୍ୟା ୧୬,୪୫,୮୬୮ । ଆଦିବାସୀମାନଙ୍କର ସମସ୍ୟାର ସମାଧାନ ନିମନ୍ତେ ସ୍ୱତନ୍ତ୍ର ଉପଯୋଜନାମାନ କାର୍ଯ୍ୟକାରୀ କରାଯାଇ ଆଦିବାସୀ ଗୋଷ୍ଠୀଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଧ୍ୟାନ ଦିଆଯାଇଅଛି । ହରିଜନ ଓ ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷା ପ୍ରସାର ନିମନ୍ତେ ଜିଲ୍ଲାରେ ୪୪ଟି ଉଚ୍ଚ ବିଦ୍ୟାଳୟ, ୨୪ଟି ଆଶ୍ରମ ସ୍କୁଲ, ୭ଟି କନ୍ୟାଶ୍ରମ, ୨୧ଟି ଆବାସିକ ସେବାଶ୍ରମ ଏବଂ ୩୦୦ଟି ସେବାଶ୍ରମ ପ୍ରତିଷ୍ଠା କରାଯାଇଛି । ୧୯୯୧-୯୨ ବର୍ଷରେ ୧,୧୨,୭୬୦ ଜଣ ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ୩,୭୨,୭୧୦ଟି ପାଠ୍ୟ ପୁସ୍ତକ ମାଗଣାରେ ବଣ୍ଟନ କରାଯାଇଛି । ଗତ ଦୁଇବର୍ଷ ମଧ୍ୟରେ ୪୯,୮୦,୧୩୦ ଟଙ୍କା ବୃତ୍ତି ଆକାରରେ ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରାଯାଉଛି ।

କୃଷି, ଫଳଚାଷ, ପଶୁପାଳନ, ହସ୍ତତନ୍ତ ଓ କ୍ଷୁଦ୍ରଶିଳ୍ପ ପ୍ରଭୃତି କ୍ଷେତ୍ରରେ ନୂତନ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଇ ଆଦିବାସୀ ଓ ହରିଜନ ପରିବାରମାନଙ୍କୁ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ମାନବୃଦ୍ଧି କରାଯାଉଛି ।

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

### (କ) ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ :

୧୯୯୦-୯୧ ଏବଂ ୧୯୯୧-୯୨ ବର୍ଷରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ୪୧୫୩୩ଟି ପରିବାର ଉପକୃତ ହୋଇଛନ୍ତି ।

### (ଖ) ଜବାହର ରୋଜଗାର ଯୋଜନା :

ଜବାହର ରୋଜଗାର ଯୋଜନାରେ ଗତ ଦୁଇବର୍ଷ ମଧ୍ୟରେ ୪୫୭୦.୭୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହା ଫଳରେ ୧୯୩.୫୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇଛି ।

### (ଗ) ଇନ୍ଦିରା ଆବାସ ଯୋଜନା :

ଉକ୍ତ ଯୋଜନା ଅନୁଯାୟୀ ୧୯୯୦-୯୧ ଏବଂ ୧୯୯୧-୯୨ ବର୍ଷରେ ୫୨୨୩ଟି ବାସଗୃହ ନିର୍ମାଣ କରାଯାଇ ହରିଜନ ଓ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ଓ ଗୋଟି ମୁକ୍ତ ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଛି ।

### (ଘ) ନିୟୁତ କୂପ ଖନନ କାର୍ଯ୍ୟକ୍ରମ :

ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ହରିଜନ ଓ ଆଦିବାସୀ ସମ୍ପ୍ରଦାୟର କ୍ଷୁଦ୍ର ତଥା ନାମ ମାତ୍ର ଚାଷୀମାନଙ୍କ ପାଇଁ ୧୯୯୦-୯୧ ବର୍ଷ

ମଧ୍ୟରେ ୧,୬୭୦ଟି ସେଚକୂପ ଏବଂ ୧୯୯୧-୯୨ ବର୍ଷରେ ୩,୩୯୩ଟି ସେଚକୂପ ଖନନ କରାଯାଇଛି ।

## (ଙ) ଗୋଟି ଶ୍ରମିକ ଥଇଥାନ :

ଉକ୍ତ ପରିକଳ୍ପନା ଅନୁଯାୟୀ ୧୯୯୦-୯୧ ଓ ୧୯୯୧-୯୨ ବର୍ଷରେ ଜିଲ୍ଲାର ୧୨୩ ଜଣ ମୁକ୍ତ ଗୋଟି ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

## (ଚ) ବାୟୋଗ୍ୟାସ ପରିକଳ୍ପନା :

ଉକ୍ତ ପରିକଳ୍ପନା ଅନୁଯାୟୀ ୧୯୯୦-୯୧ ଓ ୧୯୯୧-୯୨, ବର୍ଷରେ ୧,୬୯୪ ଗୋଟି ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ କରାଯାଇଛି ।

## (ଛ) ଟ୍ରାଇଜମ୍ ପରିକଳ୍ପନା :

ଏହି ପରିକଳ୍ପନାରେ ଗତ ଦୁଇ ବର୍ଷ ମଧ୍ୟରେ ୬୩୧୯ ଜଣଙ୍କୁ ବୈଷୟିକ ତାଲିମ୍ ଦିଆଯାଉଛି । ଏହି ସମୟ ମଧ୍ୟରେ ସମୁଦାୟ ୭,୪୬୧ ଜଣ ତାଲିମ୍‌ପ୍ରାପ୍ତ ବ୍ୟକ୍ତିଙ୍କର ଅର୍ଥନୈତିକ ଥଇଥାନ କରାଯାଇଛି ।

## (ଜ) ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ :

୧୯୯୦-୯୧ ବର୍ଷ ପରଠାରୁ ଜିଲ୍ଲାର ୨୫ଟି ସମନ୍ୱିତ ଶିଶୁ ବିକାଶ ସଂସ୍ଥା ଥିବା ବ୍ଲକ୍‌ରେ ମହିଳାମାନଙ୍କର କଲ୍ୟାଣ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ୧୫୦ଟି ମହିଳା ସଂଗଠନ ଗଢ଼ା ଯାଇ ଏଥିରେ ୨,୬୧୯ ଜଣ ମହିଳା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ସଭ୍ୟମାନଙ୍କୁ ଟ୍ରାଇଜମ୍ ପରିକଳ୍ପନା ଜରିଆରେ ଖଲିପତ୍ର ତିଆରି, ଝାଡୁ ତିଆରି, ବେତ ଓ ବାଉଁଶ ସାହାଯ୍ୟରେ ବିଭିନ୍ନ ଗୃହୋପଯୋଗୀ ଉପକରଣ ତିଆରି କରିବା ଓ ମାଟି ନିର୍ମିତ ପାତ୍ର ତିଆରି କରିବା ସମ୍ପର୍କରେ ତାଲିମ୍ ଦିଆଯାଇଅଛି । ତାଲିମ୍ ପରେ ମହିଳାମାନଙ୍କୁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଥଇଥାନ କରାଯାଇ ଅଛି ।

## ବାସହୀନଙ୍କୁ ଘରଡିହ ଯୋଗାଣ :

ଗତ ଦୁଇବର୍ଷ ମଧ୍ୟରେ ଜିଲ୍ଲାର ୬,୨୯୧ ଜଣ ହରିଜନ ଓ ଆଦିବାସୀ ଏବଂ ଅନ୍ୟାନ୍ୟ ଗରିବ ବାସହୀନ ଲୋକଙ୍କୁ ଘରଡିହ ଯୋଗାଇ ଦିଆଯାଇଅଛି । ଏମାନଙ୍କ ମଧ୍ୟରେ ୧,୪୮୨ଟି ହରିଜନ ଓ ୩,୧୪୭ଟି ଆଦିବାସୀ ପରିବାର ଅନ୍ତର୍ଭୁକ୍ତ । ଏତଦ୍ ବ୍ୟତୀତ ୧୯୯୨ ମସିହା ମାର୍ଚ୍ଚ ମାସ ମଧ୍ୟରେ ଏହି ଜିଲ୍ଲାର ୩,୬୩୪ ଜଣ ହରିଜନ, ୧,୧୭୬୫ ଜଣ ଆଦିବାସୀ ଓ ୩୦୪୭ ଜଣ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କ ମଧ୍ୟରେ-ଯଥାକ୍ରମେ ୬୩୦୨.୨୭ ଏକର, ୧୭୬୮୦.୪୭୮ ଏକର ୫୦୪୩.୧୭ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଅଛି ।

## ପାନୀୟ ଜଳ ଯୋଗାଣ :

ଜିଲ୍ଲାର ୬,୪୨୪ଟି ଗ୍ରାମ ମଧ୍ୟରୁ ୬,୧୧୭ଟି ଗ୍ରାମକୁ ପାନୀୟ ଜଳକ୍ଲିଷ୍ଟ ଗ୍ରାମ ରୂପେ ଚିହ୍ନଟ କରାଯାଇଥିଲା । ଏଥି ମଧ୍ୟରୁ ୧୯୯୨ ମସିହା ମାର୍ଚ୍ଚ ମାସ ସୁଦ୍ଧା ୫,୬୧୮ ଗ୍ରାମରେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ବାକି ୪୯୯ଟି ଗ୍ରାମରେ ୧୯୯୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସ୍ଥିର କରାଯାଇଛି । ଏଥିମଧ୍ୟରୁ ୩୨୫ଟି ଗ୍ରାମରେ ବର୍ତ୍ତମାନ ସୁଦ୍ଧା ପାନୀୟଜଳ ଯୋଗାଇ ଦେବା ନିମନ୍ତେ, କୂପ ଅଥବା ନଳକୂପ ଖନନ କରାଯାଇ ସାରିଲାଣି ।

## ସମାଜ କଲ୍ୟାଣ :

ସମାଜର ଦୁର୍ବଳ, ଅବହେଳିତ, ନିରାଶ୍ରୟମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି । ଗତ ଦୁଇବର୍ଷ ମଧ୍ୟରେ ୪୯,୭୬୯ ଜଣ ନିଃସହାୟ ବୃଦ୍ଧ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି । ସେହିପରି ଓ.ଡ଼ି.ପି. ପରିକଳ୍ପନା ଅନୁଯାୟୀ ୧୯୯୦-୯୧ ବର୍ଷରେ ୨,୩୫୪ ଜଣ ଓ ୧୯୯୧-୯୨ ବର୍ଷରେ ୧,୧୭୭ ଜଣଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ତାହାଛଡ଼ା ୯୫ ଜଣ ବଧିରଙ୍କୁ ଶ୍ରବଣ ଯନ୍ତ୍ର, ୧୦୦ ଜଣ ଶାରୀରିକ ଅକ୍ଷମ ଲୋକଙ୍କୁ ତିନି ଚକିଆ ସାଇକେଲ୍ ଗତ ଦୁଇ ବର୍ଷରେ ଯୋଗାଇ ଦିଆ ଯାଇଅଛି ।

ଜିଲ୍ଲାର ୪୨ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଗର୍ଭବତୀ ମହିଳା, ପ୍ରସୂତି ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଶିକ୍ଷା ପ୍ରଭୃତିର ସୁରକ୍ଷା ଓ ବିକାଶ ନିମନ୍ତେ ୧,୬୧୩ଟି ଅଙ୍ଗନ ବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି । ଗତ ଦୁଇବର୍ଷ ମଧ୍ୟରେ ୨୫,୪୦୨ ଜଣ ପ୍ରସୂତି ମହିଳାଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆ ଯାଇଛି ।

## ଶିକ୍ଷା :

ଜିଲ୍ଲାରେ ସମୁଦାୟ ୪,୪୬୬ଟି ପ୍ରାଥମିକ ବିଦ୍ୟାଳୟ, ୬୬୩ଟି ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବଂ ୧୩୫ଟି ଉଚ୍ଚ ବିଦ୍ୟାଳୟ ଶିକ୍ଷା ବିଭାଗ ତରଫରୁ ପ୍ରତିଷ୍ଠା କରାଯାଇଛି । କେବଳ ୧୯୯୦-୯୧ ବର୍ଷରେ ୨୨ଟି ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ୩ ଗୋଟି ଉଚ୍ଚ ଇଂରାଜୀ ବିଦ୍ୟାଳୟ, ଏହି ଜିଲ୍ଲାରେ ଖୋଲାଯାଇଛି । କଳାପଟା ଅଭିଯାନ କାର୍ଯ୍ୟକ୍ରମରେ ଜିଲ୍ଲାରେ ୨୭୩ଟି ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି । ଗତ ୨ ବର୍ଷ ଭିତରେ ଜିଲ୍ଲାର ୧୨ଟି ଉଚ୍ଚ ବିଦ୍ୟାଳୟକୁ ବିଜ୍ଞାନ ଶିକ୍ଷାଦାନ ଉଦ୍ଦେଶ୍ୟରେ ଆବଶ୍ୟକୀୟ ଯନ୍ତ୍ରପାତି ଏବଂ ଉପାଦେୟ ବିଜ୍ଞାନ ପୁସ୍ତକ ଯୋଗାଇ ଦିଆଯାଇଛି ।

ଛାତ୍ରଛାତ୍ରୀମାନଙ୍କୁ ପାରିବେଶିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ କରିବା ଲକ୍ଷ୍ୟ ନେଇ ବିଦ୍ୟାଳୟ ଗୁଡ଼ିକରେ ପରିବେଶ ସମ୍ପର୍କରେ ଶିକ୍ଷାଦାନ କରାଯାଉଛି । ଜିଲ୍ଲାର +୨ ଶ୍ରେଣୀଗୁଡ଼ିକରେ ବୃତ୍ତିଗତ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ୧୯୯୦-୯୧ ବର୍ଷରେ ଏହିପରି ୮ଟି ଭୋକେସନାଲ୍ ଶିକ୍ଷାନୁଷ୍ଠାନ ଖୋଲାଯାଇଛି ।

Date - Sat Sep 22



## ସ୍ୱାସ୍ଥ୍ୟସେବା :

ଜିଲ୍ଲାରେ ବିଗତ ଦୁଇବର୍ଷ ମଧ୍ୟରେ ୧୦ଟି ଜନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାହ୍ୟାକୁ ଉନ୍ନିତ କରାଯାଇଛି । ଏତଦ୍ ବ୍ୟତୀତ ୨୧୫ ଗୋଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ମଧ୍ୟ ଖୋଲାଯାଇଛି ।

ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଗତ ୨ ବର୍ଷରେ ୨୯,୫୯୭ ଜଣ ମହିଳାଙ୍କର ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଛି । ୧,୪୬,୧୯୬ ଜଣ ଶିଶୁଙ୍କୁ ଡ଼ି.ପି.ଟି. ଓ ୧,୪୫,୪୨୨ ଜଣ ଶିଶୁଙ୍କୁ ପୋଲିଓ ଟୀକା ଏବଂ ୧,୪୦,୭୮୩ ଜଣଙ୍କୁ ବି.ସି.ଜି. ଟୀକା ଦିଆଯାଇଛି ।

ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମରେ ଗତ ୨ ବର୍ଷ ମଧ୍ୟରେ ୧,୨୮୮ ଜଣଙ୍କର ମୋତିଆବିନ୍ଦୁ ଅପରେସନ୍ କରାଯାଇଛି ଓ ୨୫,୨୩୯ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଚିକିତ୍ସା ନିମନ୍ତେ ପରାମର୍ଶ ଦିଆଯାଇଛି । ସାଧାରଣ ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶ୍ୟରେ ୨୩,୫୭୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ।

## ରାସ୍ତାଘାଟର ଉନ୍ନତି :

ଗ୍ରାମ୍ୟ ରାସ୍ତାଘାଟର ଉନ୍ନତି ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ପଞ୍ଚାୟତ ରାସ୍ତା, ପଞ୍ଚାୟତ ସମିତି ରାସ୍ତା ଏବଂ ଅନ୍ୟ ଗ୍ରାମ୍ୟ ରାସ୍ତାଗୁଡ଼ିକର ମରାମତି, ଉନ୍ନତି ଓ ପୋଲ ନିର୍ମାଣ ନିମନ୍ତେ ଯଥୋଚିତ ପଦକ୍ଷେପ ଗ୍ରହଣ କରିଛି । ବିଭିନ୍ନ କାର୍ଯ୍ୟକ୍ରମରେ ଗତ ଦୁଇ ବର୍ଷରେ କୋରାପୁଟ ପୂର୍ତ୍ତ ଡ଼ିଭିଜନ୍‌ରେ ୨୨୫-୧୯ କି.ମି. ରାସ୍ତାରେ ମାଟି କାମ ୧୪୫-୦୧ କି.ମି. ମାଟି ରାସ୍ତାରେ ମୋରମ ଛାଉଣୀ ୧୩୫-୩୭୫ କି.ମି. ରାସ୍ତା ମେଟାଲିଂ, ୨୦-୬୭୫ କି.ମି. ରାସ୍ତାକୁ ପିଚୁ କରାଯାଇଛି ଏବଂ ଦୁଇଗୋଟି ପୋଲ ନିର୍ମିତ ହୋଇଛି । ନବରଙ୍ଗପୁର ଏବଂ ରାୟଗଡ଼ା ପୂର୍ତ୍ତ ଡ଼ିଭିଜନରେ ଗତ ଦୁଇ ବର୍ଷରେ ୧୧୯ଟି ରାସ୍ତା କାମ ଶେଷ ହୋଇଛି ଏବଂ ୧୦୭ଟି ରାସ୍ତାରେ କାମ ଚାଲିଛି ।

## ସାଧାରଣ ବଣ୍ଟନ ବ୍ୟବସ୍ଥା :

ଅତ୍ୟାବଶ୍ୟକ ଦ୍ରବ୍ୟ ଲୋକମାନଙ୍କ ନିକଟରେ ସୁବିଧାରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜିଲ୍ଲାରେ ବର୍ତ୍ତମାନ ୧,୯୭୮ଟି ସୁଲଭମୂଲ୍ୟ ଦୋକାନ କାର୍ଯ୍ୟ କରୁଛି । ଏତଦ୍ ବ୍ୟତୀତ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଅଧିବାସୀମାନଙ୍କୁ ଏହି ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୮ଟି ଭ୍ୟାନ୍ ଏବଂ ୫ଟି ମିନିଟ୍ରକ୍ ସାହାଯ୍ୟରେ ଭ୍ରାମ୍ୟମାଣ ଦୋକାନ ସାପ୍ତାହିକ ହାଟମାନଙ୍କରେ ଖୋଲି ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଦ୍ରବ୍ୟ ବିକ୍ରୟ କରାଯାଉଛି । ନକ୍ସାଲପନ୍ଥୀ ଉପଦ୍ରୁତ ଅଞ୍ଚଳ ଭାବେ ପରିଚିତ କୁଡୁମୁଲୁଗୁମା ବ୍ଲକ୍‌ର ୫ଟି ଗ୍ରାମ ପଞ୍ଚାୟତର ବାସିନ୍ଦାଙ୍କୁ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇ ଦେବା ନିମନ୍ତେ ୧୧ଟି ସୁଲଭ ମୂଲ୍ୟ ଦୋକାନ ଚଳିତ ବର୍ଷ ଖୋଲାଯାଇଛି ।

## ବିଦ୍ୟୁତ୍‌କରଣ :

୧୯୯୦-୯୧ ଏବଂ ୧୯୯୧-୯୨ ବର୍ଷରେ ଜିଲ୍ଲାର ୨୮୪ ଗୋଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି । ୨୦୫ଟି ହରିଜନ ଓ ଆଦିବାସୀ ବସ୍ତିକୁ ବିଦ୍ୟୁତ୍‌କରଣ କରାଯାଇଛି । ଏତଦ୍ ବ୍ୟ... କୁଟୀର ଜ୍ୟୋତି କାର୍ଯ୍ୟକ୍ରମରେ ୪,୩୧୨ଟି ହରିଜନ ଓ... ଆଦିବାସୀ ଗୃହକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଜିଲ୍ଲା... ୧୬୨ଟି ଉଠା ଜଳସେଚନ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

## ଶିଳ୍ପ ବିକାଶ :

କୋରାପୁଟ ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା । ଏଠାରେ ବହୁ ସଂଖ୍ୟ... ବୃହତ୍ ତଥା ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଜିଲ୍ଲାରେ... ଦ୍ରୁତ ଶିଳ୍ପାୟନ ନିମନ୍ତେ ଜିଲ୍ଲା ଶିଳ୍ପ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଗତ ଦୁଇବର୍ଷରେ ଜୟପୁର ଓ ରାୟଗଡ଼ା ଜିଲ୍ଲା ଶିଳ୍ପକେନ୍ଦ୍ର ଅଞ୍ଚଳରେ ୩୪୮ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଏହା ଦ୍ୱାରା ୧,୯୭୬ ଜଣ ବେକାର ନିଯୁକ୍ତି ପାଇଛନ୍ତି ।

ଏତଦ୍ ବ୍ୟତୀତ ଗତ ଦୁଇ ବର୍ଷରେ ଜିଲ୍ଲାର ୭,୭୬୯ ଜଣ କାରିଗରଙ୍କୁ କୁଟୀର ଶିଳ୍ପ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି । ଶିକ୍ଷିତ ବେକାରମାନଙ୍କୁ ବ୍ୟବସାୟ ତଥା ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ଆତ୍ମ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରାଯାଉଛି ।

## ବନୀକରଣ :

କୋରାପୁଟ ଜିଲ୍ଲାର ୮,୮୫,୬୩୯ ହେକ୍ଟର ଅଞ୍ଚଳ ଜଙ୍ଗଲ ଜମି । କିନ୍ତୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କଲାବେଳେ ଓ... ଲୋକମାନଙ୍କ ଦ୍ୱାରା ଜଙ୍ଗଲ ସମ୍ପଦର ବ୍ୟାପକ କ୍ଷୟ କ୍ଷତି ହେଉଛି । ପରିବେଶର ସୁରକ୍ଷା ପାଇଁ ବୃକ୍ଷରାଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଯୋଗୁଁ ଏହି ଜଙ୍ଗଲ ଜମିରେ ବ୍ୟାପକ ବୃକ୍ଷରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ନୂତନ ଜଙ୍ଗଲ ସୃଷ୍ଟି ଉଦ୍ଦେଶ୍ୟରେ ୧୦,୮୮... ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଛି ।

## ପଶୁପାଳନ :

କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୬୮ଟି ପଶୁ ଚିକିତ୍ସାଳୟ ଓ ୩,୨୬୦ ଗୋଟି ପଶୁ ସହାୟକ କେନ୍ଦ୍ର କାର୍ଯ୍ୟ କରୁଛି । ପଶୁ ପାଳନକୁ ମୁଖ୍ୟ ଜୀବିକା ଭାବରେ ଗ୍ରହଣ କରିବା ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗତ ଦୁଇ ବର୍ଷରେ ଉନ୍ନତ ବାଛୁରୀ ପାଇବା ପାଇଁ ୪୧ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏହି ଜିଲ୍ଲାରେ ପ୍ରତିଷ୍ଠା କରାଯାଇଛି । ଗରିବ ଏବଂ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଘୁଷୁରି ପାଳନ କରିବା ପାଇଁ ଗତ ୨ ବର୍ଷରେ ୨୧୬ଟି ଘୁଷୁରି ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଏହି ଜିଲ୍ଲାରେ ଏକ ଠେକୁଆ ପାଳନ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଠେକୁଆ ପାଳନ ପାଇଁ ଆଦିବାସୀମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି ସମୟ ମଧ୍ୟରେ ୬୮ଟି ଠେକୁଆ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଠେକୁଆ ପାଳନ ସମ୍ପର୍କରେ ... ଜଣ ହରିଜନ/ଆଦିବାସୀ ଶ୍ରେଣୀର ହିତାଧିକାରୀଙ୍କୁ ତାଲିମ ଦିଆଯାଇଛି । ଜିଲ୍ଲାର ଗୋଟିଏ ଦୁଗ୍ଧ ଉତ୍ପାଦନ ସମବାୟ ...

...ଟି ଦୁଗ୍ଧ ଉତ୍ପାଦନ ସମବାୟ ସମିତି କାର୍ଯ୍ୟ କରୁଅଛି । ଗତ ବର୍ଷ ଏହି ଜିଲ୍ଲାରେ ଉତ୍ପାଦିତ ୨,୨୩,୬୩୬ ଲିଟର ଦୁଗ୍ଧ ବଜାରରେ ବିକ୍ରି କରାଯାଇଥିଲା ।

## କ୍ରୀଡ଼ା :

କ୍ରୀଡ଼ା କ୍ଷେତ୍ରରେ କୋରାପୁଟ ଜିଲ୍ଲାର ସୁନାମ ରହିଛି । ୧୯୯୦-୯୧ ବର୍ଷରେ ଏହି ଜିଲ୍ଲାର ୧୦ ଜଣ ଖେଳାଳୀ ଜାତୀୟ ସ୍ତରରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେହିପରି ୧୯୯୧-୯୨ ବର୍ଷରେ ୯ ଜଣ ଖେଳାଳୀ ଜାତୀୟ ସ୍ତରରେ ଅନୁଷ୍ଠିତ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରସାର ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଫୁଟବଲ, ଧନୁର୍ବିଦ୍ୟା ଓ କ୍ରୀଡ଼ା ସମ୍ବନ୍ଧରେ ତାଲିମ୍ ଦେବା ନିମନ୍ତେ କୋରାପୁଟଠାରେ ୧୯୯୧-୯୨ ବର୍ଷରେ ଏକ କ୍ରୀଡ଼ା ଆବାସ ସରକାର ପ୍ରତିଷ୍ଠା କରିଛନ୍ତି ।

## ରେଶମ ଉତ୍ପାଦନ :

ରେଶମ ଉତ୍ପାଦନରେ ଆଶାନୁରୂପ ସଫଳତା ଲାଭ ଉଦ୍ଦେଶ୍ୟରେ ଏଣ୍ଡି ଚାଷ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଉଛି । ଗତବର୍ଷ ସମଗ୍ର ଜିଲ୍ଲାରେ ୮୮୩.୫ ଏକର ଅଞ୍ଚଳରେ ଏଣ୍ଡି ଚାଷ ଉଦ୍ଦେଶ୍ୟରେ ମଲବରୀ ବୃକ୍ଷ ରୋପଣ କରାଯାଇଥିଲା ଏବଂ ଏଣ୍ଡି ଚାଷ ସମ୍ପର୍କରେ ୩୯୨ ଜଣ ହିତାଧିକାରୀଙ୍କୁ ତାଲିମ୍ ଦିଆଯାଇଥିଲା । ୧୯୯୦-୯୧ ଏବଂ ୧୯୯୧-୯୨ ବର୍ଷରେ ଏହି ଜିଲ୍ଲାରେ ୭,୪୪୫ କି.ଗ୍ରା. ଏଣ୍ଡିକୋଷା ଉତ୍ପାଦିତ ହୋଇଛି ।

## ମତ୍ସ୍ୟଚାଷ :

ଏହି ଜିଲ୍ଲାରେ ମଧୁର ଜଳରେ ମତ୍ସ୍ୟଚାଷ ଉପରେ ପ୍ରାଧାନ୍ୟ ଦିଆଯାଉଛି । ଜିଲ୍ଲାର ୩,୧୨୨.୬୦ ହେକ୍ଟର ବିଶିଷ୍ଟ ମଧୁର ଜଳ ଅଞ୍ଚଳରେ ମତ୍ସ୍ୟଚାଷ କରାଯାଉଛି । ୧୯୯୧-୯୨ ବର୍ଷରେ ମତ୍ସ୍ୟ ବିଭାଗ ଦ୍ୱାରା ୨୩.୧୮ ଲକ୍ଷ ମଧ୍ୟ ଯାଆଁଳ ଏବଂ ୫୨.୨୩ ଲକ୍ଷ ଛୋଟ ଯାଆଁଳ ଉତ୍ପାଦିତ ହୋଇଛି । ୪୪.୬୪ ଲକ୍ଷ ଉନ୍ନତ ମାଛ ଯାଆଁଳ ମତ୍ସ୍ୟଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ଗତ ବର୍ଷ ମତ୍ସ୍ୟଚାଷ ବିଷୟରେ ୨୪୧ ଜଣ ବ୍ୟକ୍ତିଙ୍କୁ ତାଲିମ୍ ଦିଆଯାଇଛି । ମତ୍ସ୍ୟଚାଷକୁ ମୁଖ୍ୟ ଧନ୍ଦା ଭାବରେ ଗ୍ରହଣ କରିବା ନିମନ୍ତେ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ପୁଷ୍କରିଣୀ ଖନନ ନିମନ୍ତେ ଆର୍ଥିକ ସହାୟତା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ରିହାତି ଦରରେ ଯୋଗାଇ ଦିଆଯାଉଛି । ଗତବର୍ଷ ଜିଲ୍ଲାରେ ୨,୦୯୫.୫ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହୋଇଥିଲା ।

ଅର୍ଥନୀତି, କୃଷି, ଶିକ୍ଷା ପ୍ରଭୃତି କ୍ଷେତ୍ରରେ କୋରାପୁଟ ଏକ ପଛୁଆ ଜିଲ୍ଲା ହୋଇ ରହି ଆସିଛି । ଏହାର ସରଳ ପ୍ରାଣ ଅଧିବାସୀଙ୍କର ଅର୍ଥନୈତିକ ତଥା ସାମାଜିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ଫଳରେ ଏହି ଜିଲ୍ଲାର ଅବସ୍ଥାର ପରିବର୍ତ୍ତନ ଅବଶ୍ୟମ୍ଭାବୀ । ବର୍ତ୍ତମାନ ମିଳିଥିବା ସାଫଲ୍ୟ ପ୍ରଣିଧାନଯୋଗ୍ୟ ହେଲେ ମଧ୍ୟ ଆମକୁ ସୁଦୂର ପଥ ଅତିକ୍ରମ କରିବାକୁ ହେବ । ଜନସାଧାରଣଙ୍କର ପୂର୍ଣ୍ଣ ସହଯୋଗ ଏବଂ ଅକ୍ଳାନ୍ତ ପରିଶ୍ରମ ଦ୍ୱାରାହିଁ ଏହି ଲକ୍ଷ୍ୟ ସାଧିତ ହୋଇ ପାରିବ ।

---



*କୋରାପୁଟ ଜିଲ୍ଲା ଗୁଡ଼ାରିଠାରେ ଅନୁଷ୍ଠିତ ଉତ୍କଳ ପ୍ରସଙ୍ଗ ପାଠକ ସମାରୋହରେ (ବାମରୁ ଡାହାଣ) ନିର୍ବାହୀ ଅଧିକାରୀ ଶ୍ରୀ କୁମାର ସ୍ୱାମୀ ପାଢ଼ୀ, ରାୟଗଡ଼ା ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରାମକୃଷ୍ଣ ମାଝୀ, ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାତ୍ର ଓ ନଗରପାଳ ଶ୍ରୀ ତ୍ରିପତି ପାଣିଗ୍ରାହୀ......।*

# ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ ଏକ ସମୀକ୍ଷା

● ଶ୍ରୀ ସୁଧାକର କର ଓ ଶ୍ରୀ ଚନ୍ଦ୍ରଶେଖର କର

ପ୍ରକୃତିର ସୃଷ୍ଟିରେ ଉଭୟ ଉଦ୍ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ । ମନୁଷ୍ୟ, ବନ୍ୟଜନ୍ତୁ, ଜଙ୍ଗଲ ସମସ୍ତଙ୍କୁ ନେଇ ଜୀବ ମଣ୍ଡଳର ସୃଷ୍ଟି । ଆଦିମ ଯୁଗରୁ ମାନବ ସମାଜ ଜଙ୍ଗଲ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ମନୁଷ୍ୟ ପାଇଁ ଜଙ୍ଗଲ ଯେପରି ଦରକାର, ସେହିପରି ବନ୍ୟଜନ୍ତୁ, ଉଦ୍ଭିଦ ଜଗତ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ପ୍ରାଣୀଜଗତ ପାଇଁ ଅମ୍ଳଜାନ ତ୍ୟାଗ କରିଥାଏ । ପ୍ରାଣୀ ଜଗତ ସେହି ଅମ୍ଳଜାନ ଗ୍ରହଣ କରି ଉଦ୍ଭିଦ ପାଇଁ ଅଙ୍ଗାରକାମ୍ଳ ଯୋଗାଇଥାଏ । ଏହାଦ୍ୱାରା ପ୍ରକୃତି ବାୟୁମଣ୍ଡଳରେ ଭାରସାମ୍ୟ ରକ୍ଷା କରିଥାଏ ।

ଦିନ ଥିଲା, ଆମ ଦେଶ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଓ ତହିଁରେ ବାସ କରୁଥିଲେ ଅଗଣିତ ପଶୁପକ୍ଷୀ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ପାଇଁ ଅଧିକରୁ ଅଧିକ ଜଙ୍ଗଲ କଟାଯାଇ ଚାଷ ଜମିରେ ପରିଣତ କରାଗଲା । ଜଙ୍ଗଲର ଦ୍ରୁତ କ୍ଷୟ ସହିତ ଏଥିରେ ପ୍ରତିପାଳିତ ହେଉଥିବା ଅସଂଖ୍ୟ ଜୀବଜନ୍ତୁମାନଙ୍କର ସଂଖ୍ୟା କ୍ରମେ ଲୋପ ପାଇବାରେ ଲାଗିଲା । ଶିଳ୍ପର ଅଭିବୃଦ୍ଧି ପାଇଁ ଜଙ୍ଗଲ କଟାଯାଇ କଲକାରଖାନା, ରାସ୍ତାଘାଟ, ବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପଆଦି ନିର୍ମାଣ ପାଇଁ ଆମ ରାଜ୍ୟ ତଥା ଦେଶର ଅନେକ ଜଙ୍ଗଲକ୍ରମେ ଲୋପ ପାଇବାରେ ଲାଗିଛି । ଅବିଚାରିତ ଭାବରେ ଅରଣ୍ୟ ଧ୍ୱଂସ ହେବା ଦ୍ୱାରା ଏଥିରେ ବାସ କରୁଥିବା ଅସଂଖ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ମାରିଦିଆଗଲା । ଆଜି ଅନେକ ପଶୁପକ୍ଷୀ ଲୋପ ପାଇଯାଇଛନ୍ତି ଓ ବହୁ ଜୀବଙ୍କର ସ୍ଥିତି ସଙ୍କଟାପନ୍ନ । ବେଳହୁଁ ସେମାନଙ୍କର ଯଥାବିଧି ସୁରକ୍ଷା କରାନଗଲେ ହୁଏତ ଆମ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ତାହା ସ୍ୱପ୍ନରେ ପରିଣତ ହୋଇଯାଇପାରେ ।

ଓଡ଼ିଶାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କିଲୋମିଟର । ସେଥିମଧ୍ୟରୁ ଜଙ୍ଗଲ ଜମି ୫୯,୬୬୫ ବର୍ଗ କିଲୋମିଟର ହେଉଥିଲେ ମଧ୍ୟ ୧୯୮୯ ମସିହାରେ ସମୀକ୍ଷା ଅନୁଯାୟୀ ୪,୭୧,୩୭ ବର୍ଗ କିଲୋମିଟର ଜଙ୍ଗଲ ଥିବାର ଜଣା ପଡ଼ିଛି । ଓଡ଼ିଶା ନଦନଦୀ ପରିପୂର୍ଣ୍ଣ, ପାହାଡ଼ ପର୍ବତମାଳା ପରିବେଷ୍ଟିତ ଓ ଏଥି ସହିତ ବିଭିନ୍ନ ପ୍ରକାରର ଜଙ୍ଗଲରେ ଜାତି ଜାତିକା ଜୀବଜନ୍ତୁମାନ ଲାଳିତ ପାଳିତ ହେଉଛନ୍ତି । ଏମାନଙ୍କ ମଧ୍ୟରୁ କେତେଗୁଡ଼ିଏ ମୁଖ୍ୟ ଜୀବଜନ୍ତୁଗୁଡ଼ିକ ହେଲେ ବାଘ, ଚିତା ବାଘ, କଳରାପତରିଆ ବାଘ, ବନ୍ଧୁକାସ୍ତା, ହାତୀ, ଭାଲୁ, ଗାଡ଼ଭାଲୁ, ଗୟଳ, ଅରଣା ମଇଁଷି, ବଳିଆ କୁକୁର, ବିଲୁଆ, କୋକିଶିଆଳି, ଚଉଶିଙ୍ଗା, ବାରହିଆ, ଗୁରାଣ୍ଡି ଇତ୍ୟାଦି ପ୍ରଧାନ ।

ଆମ ଓଡ଼ିଶାରେ ସର୍ବମୋଟ ୬୫ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ, ୪୪୬ ଗୋଟି ରଙ୍ଗ ବେରଙ୍ଗ ପକ୍ଷୀ ଏବଂ ୮୪ ଗୋଟି ସରୀସୃପମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇଅଛି । ଏଥି ସହିତ କେତେଗୁଡ଼ିଏ ବେଙ୍ଗ ଜାତୀୟ ଜୀବ, ବିଭିନ୍ନ କିସମର ମାଛ ଓ ଅସଂଖ୍ୟ ଅମେରୁଦଣ୍ଡୀ ପ୍ରାଣୀ ବାସ କରୁଛନ୍ତି । ପକ୍ଷୀମାନଙ୍କ ମଧ୍ୟରେ ମୟୂର, ଶାରୀ, କୋଚିଲାଖାଇ, ଶୁଆ, ବଣକୁକୁଡ଼ା, କେତେ ଜାତିକା ବଗ, ଗେଣ୍ଡାଳିଆ, ଶଙ୍ଖଚିଲ, ଉରୁକଳ, ମାଛରଙ୍କା, ସମୁଦ୍ର କାଉ, ଚିଲ, ପରିବ୍ରାଜକ ପକ୍ଷୀ ଯଥା—ଯୋଡ଼ା ହଂସ, ଚକୋର ଚକୋଇ, ଏରାପକ୍ଷୀ, ସାରଙ୍ଗୀ, ଗରୁଡ଼ ପକ୍ଷୀ, ସୋଲେଇଚ, ଗାଡ଼ଓ୍ୱାଲ, ଗଙ୍ଗେଇ ଡୁବେଇ ଇତ୍ୟାଦି ପ୍ରଧାନ । ଆମ ଓଡ଼ିଶାରେ ଭାରତରେ ମିଳୁଥିବା ୩ ଜାତୀୟ କୁମ୍ଭୀର ଯଥା :–ଘଡ଼ିଆଳ, ବଉଳା ବା ଲୁଣା କୁମ୍ଭୀର, ମଗର ବା ଗୋମୁହାଁ କୁମ୍ଭୀର ଦେଖିବାକୁ ମିଳନ୍ତି । ଏଥି ସହିତ ପ୍ରାୟ ୨୭ ପ୍ରକାରର ମିଠା ଓ ଲୁଣିପାଣି କଇଁଛ ଦେଖାଯାନ୍ତି । କଟକ ଜିଲ୍ଲାର ରାଜନଗର ବ୍ଲକ ଅନ୍ତର୍ଗତ ଗହୀରମଥା ସମୁଦ୍ର କୂଳ ସାମୁଦ୍ରିକ କଇଁଛମାନଙ୍କର ପୃଥିବୀ ପ୍ରସିଦ୍ଧ ସ୍ଥଳୀ ଭାବରେ ପରିଚିତ । ଭାରତର ବୃହତ୍ତମ ସେଥି (ପାଣିଗୋଧି), ଭୟଙ୍କର ବିଷଧର ସାପ (ଅହିରାଜ), ବୃହତ୍ତମ ବିଷହୀନ ସାପ (ଅଜଗର) ବିଭିନ୍ନ ପ୍ରକାର ବିଷଧର ଓ ବିଷହୀନ ଜଳଚର ସାପ ଓଡ଼ିଶାରେ ଦେଖିବାକୁ ମିଳନ୍ତି । ଏହା ବ୍ୟତୀତ ପୃଥିବୀର ସବୁଠାରୁ ବଡ଼ କୁମ୍ଭୀର (୨୩-୨୪ ଫୁଟ) ଭିତର କନିକା ନଦୀରେ ଦେଖିବାକୁ ମିଳେ ।

ବନ୍ୟ ପ୍ରାଣୀ ଓ ସେମାନଙ୍କର ବାସସ୍ଥଳୀର ରକ୍ଷଣାବେକ୍ଷଣ ଅଭିବୃଦ୍ଧି ଓ ସୁପରିଚାଳନା ପାଇଁ ୧୯୭୬ ମସିହାଠାରୁ ସ୍ୱତନ୍ତ୍ର ଭାବେ ଜଣେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ ନିଯୁକ୍ତି ହୋଇଅଛନ୍ତି । ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅଧୀନରେ ଦୁଇଜଣ କନ୍ଜରଭେଟର (ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଏବଂ ନିର୍ଦ୍ଦେଶକ ନନ୍ଦନକାନନ) ଓ ୬ ଜଣ ଡି.ଏଫ୍.ଓ. ବିଭିନ୍ନ ଅଭୟାରଣ୍ୟ ର ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବରେ

ଜାତୀୟ ଉଦ୍ୟାନରେ କାର୍ଯ୍ୟ କରୁଛନ୍ତି । ଏଥି ସହିତ ରାଜ୍ୟର ଅନ୍ୟ ସମସ୍ତ ଟେରିଟୋରିଆଲ ଡି.ଏଫ୍.ଓ.ଙ୍କୁ ନିଜ ନିଜ ବନଖଣ୍ଡର ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବୋଲି ଘୋଷଣା କରାଯାଇଛି । ଏହା ବ୍ୟତୀତ ବନ୍ୟପ୍ରାଣୀ ସଂଶୋଧିତ ନିୟମ ଅନୁଯାୟୀ ସାଧାରଣଙ୍କ ମଧ୍ୟରୁ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତ କରି ବିଭିନ୍ନ ସ୍ଥାନର ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ଯତ୍ନ ନିଆଯାଉଛି ।

ବିଗତ ପ୍ରାୟ ତିନି ଦଶନ୍ଧି ହେବ ବନ୍ୟଜନ୍ତୁମାନଙ୍କର ବଂଶରକ୍ଷା ଓ ବଂଶବୃଦ୍ଧି ଉଭୟ ପ୍ରାକୃତିକ ଓ ଆବଦ୍ଧ ପରିବେଶ ମଧ୍ୟରେ ଖୁବ୍ ସଫଳତାର ସହିତ ଆଗେଇ ଚାଲିଛି । ଆମ ରାଜ୍ୟରେ ତିନି ପ୍ରକାର କୁମ୍ଭୀର–ଘଡ଼ିଆଳ, ବଉଳା ଓ ମଗର ବଂଶରକ୍ଷା ଖୁବ୍ ସଫଳ ହୋଇପାରିଛି । ଓଡ଼ିଶାର ଚାରିଗୋଟି କୁମ୍ଭୀର ସଂରକ୍ଷଣ ଯୋଜନାରେ ଆବଦ୍ଧ ପରିବେଶ ମଧ୍ୟରେ ପ୍ରତିପାଳିତ ହେଉଥିବା ଛୋଟି ଫୁଟରୁ ଉର୍ଦ୍ଧ୍ୱ ୧,୯୫୦ ଗୋଟି ଲୁଣା କୁମ୍ଭୀର, ୬୦୦ଟି ଘଡ଼ିଆଳ କୁମ୍ଭୀର ଓ ୩୦୦ଟି ଗୋମୁହାଁ କୁମ୍ଭୀରଙ୍କୁ ବିଭିନ୍ନ ସଂରକ୍ଷିତ ସ୍ଥାନର ନଦୀ ନାଳମାନଙ୍କରେ ଛଡ଼ାଯାଇ ସେମାନଙ୍କ ଗତିବିଧି ଉପରେ ଗବେଷଣା କରାଯାଉଛି । ପ୍ରଥମଥର ପାଇଁ ନନ୍ଦନକାନନଠାରେ ଆବଦ୍ଧ ପରିବେଶରେ ଘଡ଼ିଆଳ କୁମ୍ଭୀର ପ୍ରଜନନ ସଫଳ ହୋଇ ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ସାଧାରଣ ମହାବଳ ବାଘ ସଙ୍ଗମରୁ ୧୯୮୦ ମସିହା ଜାନୁୟାରୀ ମାସ ୮ ତାରିଖରେ ୩ଟି ଧଳାବାଘ ଜନ୍ମିବା ଏକ ପାଇଁ ଏକ ଗୌରବର ବିଷୟ । ନନ୍ଦନକାନନରେ ୬୭ ପ୍ରକାରର ପଶୁ, ୮୧ ପ୍ରକାରର ପକ୍ଷୀ ଓ ୧୮ ପ୍ରକାରର ସରୀସୃପଙ୍କୁ ନେଇ ୧,୫୫୦ଟି ଜୀବଜନ୍ତୁ ଅଭୟାରଣ୍ୟର ଆବଦ୍ଧ ପରିବେଶ ମଧ୍ୟରେ ଅବସ୍ଥାନ କରୁଛନ୍ତି । ପୃଥିବୀର ସବୁଠାରୁ ବେଶୀ (୨୩ଟି) ଧଳାବାଘ ନନ୍ଦନକାନନରେ ଅଛନ୍ତି । ପରିଦର୍ଶକମାନଙ୍କର ସୁବିଧା ପାଇଁ ଏଠାରେ ବିଶ୍ୱର ଅଦ୍ୱିତୀୟ ଧଳାବାଘ ସଫାରୀ ଓ ସିଂହ ସଫାରୀ ମଧ୍ୟ ରହିଛି । ଭାରତୀୟ ନୌ–ବାହିନୀ ଓ ଭାରତୀୟ ତଟ ରକ୍ଷକ ବାହିନୀଙ୍କ ସହାୟତାରେ ବନ୍ୟଜନ୍ତୁ ସଂସ୍ଥା ତରଫରୁ ପୃଥିବୀ ପ୍ରସିଦ୍ଧ ଗହୀରମଥା ସମୁଦ୍ର କଇଁଛଙ୍କ ଅଣ୍ଡାଦେବା ସ୍ଥଳୀକୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରତିବର୍ଷ ପ୍ରାୟ ୨ ଲକ୍ଷରୁ ୬ ଲକ୍ଷ ଅଲିଭ୍ ସମୁଦ୍ର କଇଁଛ ଗହୀରମଥାର ବାଲୁକା ଶଯ୍ୟାକୁ ଅଣ୍ଡାଦେବା ପାଇଁ ଆସନ୍ତି ଓ ଏହା ସମୁଦ୍ର କଇଁଛଙ୍କ ପୃଥିବୀ ପ୍ରସିଦ୍ଧ ଅଣ୍ଡାଦେବା ସ୍ଥଳୀ ।

ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଓଡ଼ିଶାରେ ବର୍ତ୍ତମାନ ଦୁଇଗୋଟି ପ୍ରସ୍ତାବିତ ଜାତୀୟ ଉଦ୍ୟାନ (ଉତ୍ତର ଶିମିଳିପାଳ ଜାତୀୟ ଉଦ୍ୟାନ, ଆୟତନ ୮୪୫-୭୦ ବର୍ଗ କିଲୋମିଟର ଓ ଭିତରକନିକା, ଆୟତନ ୩୬୭ ବର୍ଗ କିଲୋମିଟର) ଓ ୧୬ ଗୋଟି ଅଭୟାରଣ୍ୟ ଘୋଷଣା କରାହୋଇଅଛି–ଯଥା ଭିତରକନିକା (୬୭୦ ବର୍ଗ କିଲୋମିଟର, କଟକ ଜିଲ୍ଲା) ଶିମିଳିପାଳ (୨,୨୦୦ ବର୍ଗ କିଲୋମିଟର, ମୟୂରଭଞ୍ଜ), ସାତକୋଶିଆ ଗଣ୍ଡ (୭୯୫-୫୨ ବର୍ଗ କିଲୋମିଟର, ଢେଙ୍କାନାଳ), ନନ୍ଦନକାନନ (୧୪-୨ ବର୍ଗ କିଲୋମିଟର, ପୁରୀ) ମହାନଦୀ–ବାଇଶିପାଲି (୧୬୮-୩୫ ବର୍ଗ କିଲୋମିଟର, ପୁରୀ ଓ ଫୁଲବାଣୀ) ଚନ୍ଦକା–ଡମପଡ଼ା (୧୭୫-୭୯ ବର୍ଗ କିଲୋମିଟର, ପୁରୀ ଓ କଟକ) ବାଲୁଖଣ୍ଡ–କୋଣାର୍କ (୭୨-୭୬ ବର୍ଗ କିଲୋମିଟର), ନଳବଣ–ଚିଲିକା (୧୫-୫୩ ବର୍ଗ କିଲୋମିଟର), ଦେବୀଗଡ଼ (୩୪୬-୯୧ ବର୍ଗ କିଲୋମିଟର, ସୁନ୍ଦର), (୧୯୧-୬ ବର୍ଗ କିଲୋମିଟର, ସମ୍ବଲପୁର) ହଦଗଡ (୩୧୯-୫ ବର୍ଗ କିଲୋମିଟର, କେନ୍ଦୁଝର ଓ ମୟୂରଭଞ୍ଜ) କୋଟଗଡ଼ (ବର୍ଗ କିଲୋମିଟର, ଫୁଲବାଣୀ), ଖଲାସୁଣୀ (୧୧୬ ବର୍ଗ କିଲୋମିଟର, ସମ୍ବଲପୁର), କୁଲଡ଼ିହା (୨୭୨-୭୫ ବର୍ଗ କିଲୋମିଟର, ବାଲେଶ୍ୱର), ଲାଖେରିଭାଲି (୧୮୫-୮୭ ବର୍ଗ କିଲୋମିଟର, ଗଞ୍ଜାମ), ସୁନାବେଡ଼ା (୬୦୦-ବର୍ଗ କିଲୋମିଟର, କଳାହାଣ୍ଡି) ଓ ଉଷାକୋଠି (୩୦୪-୦୩ ବର୍ଗ କିଲୋମିଟର, ସମ୍ବଲପୁର) ଅଭୟାରଣ୍ୟ ବର୍ତ୍ତମାନ ଓଡ଼ିଶାର ଆୟତନର ମାତ୍ର ୪ ଭାଗ ହେଉଛି ସଂରକ୍ଷିତ କ୍ଷେତ୍ର ଏବଂ ଏହା ରାଜ୍ୟର ସମୁଦାୟ ଜଙ୍ଗଲର କ୍ଷେତ୍ରର ଶତକଡ଼ା ୧୦-୧୨ ଭାଗ ।

ଏଥି ସହିତ ଆହୁରି ୭ ଗୋଟି ଅଭୟାରଣ୍ୟ ଘୋଷଣା କରିବାର ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି । ଆମ ରାଜ୍ୟର ଗୋଟିଏ ବ୍ୟାଘ୍ର ପ୍ରକଳ୍ପ ଓ ଆଠଗୋଟି ମୃଗ ବିହାର ମଧ୍ୟ ସ୍ଥାପନ କରାଯାଇଅଛି । ଏହା ବ୍ୟତୀତ କେତେଗୁଡ଼ିଏ ବିରଳ ପ୍ରାୟ ବନ୍ୟଜନ୍ତୁଙ୍କର ବଂଶରକ୍ଷା ଓ ବଂଶବୃଦ୍ଧି ପାଇଁ ସ୍ୱତନ୍ତ୍ର ପ୍ରକଳ୍ପଗୁଡ଼ିକ ଭାରତ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଅଛି । ସେଗୁଡ଼ିକ ହେଲା ଶିମିଳିପାଳର ବ୍ୟାଘ୍ର ପ୍ରକଳ୍ପ (୧୯୭୩), ଭିତରକନିକା, ଟିକରପଡ଼ା, ରଣିପୁର (ରାମତୀର୍ଥ) ଓ ନନ୍ଦନକାନନର କୁମ୍ଭୀର ପ୍ରକଳ୍ପ (୧୯୭୫), ଗହୀରମଥା ଉପକୂଳର ସମୁଦ୍ର କଇଁଛ ପ୍ରକଳ୍ପ (୧୯୭୬), ହାତୀ ପ୍ରକଳ୍ପ (୧୯୯୧) ଓ ଚିଲିକାର ପକ୍ଷୀ ଗବେଷଣା ପ୍ରକଳ୍ପ (୧୯୯୭) ।

ଜଙ୍ଗଲ ସୁରକ୍ଷା ପାଇଁ ଜନ ଜାଗରଣ ବୃଦ୍ଧି ପାଇଲେ, ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବନ୍ୟପ୍ରାଣୀମାନଙ୍କର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରିବ । ସେଥି ପାଇଁ ପ୍ରତିବର୍ଷ ଅକ୍ଟୋବର ମାସ ପ୍ରଥମ ସପ୍ତାହଟିକୁ ବନ୍ୟପ୍ରାଣୀ ସପ୍ତାହ ଭାବେ ପାଳନ କରାଯାଉଛି । ରାଜ୍ୟ ସରକାର ତିନୋଟି ଜିଲ୍ଲାର ସମ୍ପୂର୍ଣ୍ଣ ଭାବରେ ଜଙ୍ଗଲ କଟା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଜଙ୍ଗଲ ସୁରକ୍ଷା ପାଇଁ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ ନିମନ୍ତେ ସରକାରଙ୍କ ତରଫରୁ ଅନୁଦାନ ଦିଆଯାଉଛି । ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା କରିବା ପାଇଁ ବନ୍ୟପ୍ରାଣୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଚିତ୍ରାଙ୍କନ ଓ ବକ୍ତୃତା ରଚନା ପ୍ରତିଯୋଗିତାମାନ ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କରେ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଉଅଛି । ବନ୍ୟପ୍ରାଣୀ ଓ ଅରଣ୍ୟ ଆମର ଜାତୀୟ ସମ୍ପତ୍ତି ଏବଂ ପ୍ରକୃତିର ଅପରୂପ ଶୋଭା ସମ୍ଭାର । ଯେ କୌଣସି ଗୋଟିଏ ଲୁପ୍ତ ହେଲେ ଆମେ ଶତ ଚେଷ୍ଟା କଲେ ମଧ୍ୟ ତାକୁ ଫେରି ପାଇବା ନାହିଁ । ବନ ଓ ବନ୍ୟପ୍ରାଣୀର ସୁରକ୍ଷା ଓ ଅଭିବୃଦ୍ଧି ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ।

---

ଗବେଷଣା ଅଧିକାରୀ,
ବନ୍ୟପ୍ରାଣୀ ସଂସ୍ଥା,
ବନ ବିଭାଗ, ଓଡ଼ିଶା ।

# ବସୁମାତାର ଅନୁନୟ

କୋଟିକୋଟି ଜନନୀଙ୍କର ଅବିଗ୍ଭରିତ ସନ୍ତାନ ଜନ୍ମ ବସୁମାତା ପାଇଁ ଅସହ୍ୟ ହୋଇ ପଡ଼ିଛି। ଜନଗହଳିର ଭାର ବୋହିବା ପାଇଁ ତା'ର ଆଉ ଧୈର୍ଯ୍ୟ ନାହିଁ। ଶୋକାକୁଳ କଣ୍ଠରେ ସେ ଏ ଦେଶର କୋଟି କୋଟି ମା'ମାନଙ୍କୁ କହୁଛି...................

"ତୁମେମାନେ ମୋରି କୋଳରେ ବଢ଼ିଛ। ଭାବିଥିଲି ବଡ଼ ହେଲେ ବୁଝି ବିଗ୍ଭରି କାମ କରିବ। କିନ୍ତୁ ମୁଁ ଆଜି ଦେଖୁଛି କ'ଣ; ବର୍ଷକୁ ନିର୍ବିଗ୍ଭରରେ ସନ୍ତାନ ଜନ୍ମ କରିଗ୍ଭଲିଛ। ରାତି ପାହିଲେ ସେମାନେ କ'ଣ ଖାଇବେ, କ'ଣ ପିନ୍ଧିବେ, କୋଉଠି ରହିବେ, କୋଉଠି ପଢ଼ିବେ, ରୋଗ ହେଲେ କିପରି ଔଷଧ ପାଇବେ, କିଭଳି ଚଳିବେ...........ଏସବୁ କଥା ଟିକେ ହେଲେ ମନକୁ ଆଣୁନା। ତୁମେମାନେ ପରା ମା'! ଆଗରୁ କିଛି ବ୍ୟବସ୍ଥା ନକରି ବହୁ ସନ୍ତାନର ଜନନୀ ହେବା କ'ଣ ଠିକ୍ ହେଉଛି ?

ଭାବିଥିଲି, ତୁମେମାନେ ମା' ହୋଇ ମୋର ଦୁଃଖ ଯନ୍ତ୍ରଣା କଥା ବୁଝିବ। ମୋ' ଉପରେ ବୋଝ ଲଦି ଗ୍ଭଲିବ ନାହିଁ। ମୋର ସୀମିତ ସମ୍ବଳ ପ୍ରତି ଧ୍ୟାନ ଦେବ। ନଷ୍ଟ ହୋଇ ଆସୁଥିବା ପରିବେଶର ସୁରକ୍ଷା କରିବ। ନିଜେ ସୁଖ ଶାନ୍ତିରେ ରହିବ। ହେଲେ, ମୁଁ ଆଜି ଏ କ'ଣ ଦେଖୁଛି; ଅବଶ୍ୟ, ଏଥିପାଇଁ କେବଳ ତୁମକୁ ମୁଁ ଦୋଷ ଦେଉନି। ପରିବାର ଗଠନ ଓ ଏହାର ନିୟୋଜନ ହେଉଛି, ଉଭୟ ସ୍ୱାମୀ ସ୍ତ୍ରୀଙ୍କର ଦାୟିତ୍ୱ। କିନ୍ତୁ ସ୍ୱାମୀକୁ ବୁଝେଇବାର ଗୁରୁ ଦାୟିତ୍ୱ ତ ତୁମର।

ମା'ମାନେ ମୋ କଥା ମାନ। ଏବେ ବି ସମୟ ଅଛି। ତୁମେ ଗ୍ଭହିଁଲେ ମୋତେ ଏଥିରୁ ଉଦ୍ଧାର କରି ପାରିବ। ମୁଁ ଯେ ସହି ସହି ଅଣନିଶ୍ୱାସୀ ହୋଇ ଗଲିଣି। ଏବେ ନିଜର ସମସ୍ୟା ବିଷୟରେ ସଚେତନ ହୁଅ...........ସନ୍ତାନ ଜନ୍ମରେ ବ୍ୟବଧାନ ରକ୍ଷା କର। ପୁଅ ହେଉ ବା ଝିଅ ହେଉ, ଦୁଇଟି ପିଲା ପରେ ତୃତୀୟର ଚିନ୍ତା ମନକୁ ଆଣନି। ଯେଉଁମାନେ ସୀମା ଟପି ଯାଇଛନ୍ତି, ସେ ଭୁଲ୍ ଅନ୍ୟମାନେ ଯେପରି ନକରନ୍ତି, ସେଥିପାଇଁ ପରାମର୍ଶ ଦିଅ। ତମମାନଙ୍କୁ ମୋ' ରାଣ ରହିଲା। ଏମିତି ଚଳିଲେ, ତୁମମାନଙ୍କର ଛୋଟିଆ ସଂସାରରେ ସୁଖ ଶାନ୍ତିର ଅମୃତ ଝରି ପଡ଼ିବ।"

**ସୂଚନା, ଶିକ୍ଷା ଓ ସଞ୍ଚାର କେନ୍ଦ୍ର,**
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ।**

# ସାକ୍ଷରତା ପରବର୍ତ୍ତୀ ଶିକ୍ଷା କାର୍ଯ୍ୟକ୍ରମ

● ଶ୍ରୀ ରବୀନ୍ଦ୍ର କୁମାର ଜେନା

ବର୍ତ୍ତମାନ ସମଗ୍ର ଦେଶରେ ଜାତୀୟ ସାକ୍ଷରତା ମିଶନ ସହାୟତାରେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁ ରହିଛି । ଏଥି ପୂର୍ବରୁ ସମସ୍ତ ରାଜ୍ୟରେ କେନ୍ଦ୍ର ଭିତ୍ତିକ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଚାଲୁ ରହି ଥିଲା । ପ୍ରାକ୍ ସ୍ୱାଧୀନତା କାଳରୁ ମଧ୍ୟ ପ୍ରୌଢ଼ଶିକ୍ଷା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପ ନେଇ ଚାଲୁ ରହି ଆସିଛି । ତଥାପି ଆଶାନୁରୂପ ସଫଳତା ହାସଲ କରାଯାଇ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ଯେ କୌଣସି କାର୍ଯ୍ୟ କ୍ରମ ସଫଳତା ହାସଲ କରି ନପାରିବାର ବହୁବିଧ କାରଣମାନ ରହିଛି । ସେଥି ମଧ୍ୟରୁ ଜନ ସାଧାରଣଙ୍କର ସହଯୋଗ ଯେଉଁଳି ଆବଶ୍ୟକ, ସମ୍ପୃକ୍ତ କ୍ଷେତ୍ର କର୍ମଚାରୀମାନଙ୍କର ଆନ୍ତରିକ ନିଷ୍ଠା ଓ ଉଦ୍ୟମ ତତୋଧିକ ହେବା ବାଞ୍ଛନୀୟ । ଏହା ସଙ୍ଗକୁ ସରକାରୀ ସ୍ତରର ତତ୍ପରତା ଓ ସମୟୋପଯୋଗୀ ଅନୁଦାନ ପ୍ରଦାନହିଁ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଅଧିକ ନିର୍ଭର କରିଥାଏ ।

କେନ୍ଦ୍ର ଭିତ୍ତିକ କାର୍ଯ୍ୟ କ୍ରମ ଚାଲୁ ରହିଥିବା ସମୟରେ ଯେତିକି ଅର୍ଥ ବ୍ୟୟ କରାଯାଉଥିଲା ତଦନୁପାତରେ ଗୁଣାତ୍ମକ ଓ ତୁଳନାତ୍ମକ ଫଳ ମିଳି ନାହିଁ ବୋଲି ଏକ ସମୀକ୍ଷା ରିପୋର୍ଟରୁ ଜଣା ଯାଇଛି । ଫଳତଃ କାର୍ଯ୍ୟ କ୍ରମ ବାଧାପ୍ରାପ୍ତ ହୋଇଛି ବୋଲି ବହୁ ସମାଲୋଚକ ମତ ବ୍ୟକ୍ତ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ପୌଢ଼ଶିକ୍ଷା କାର୍ଯ୍ୟକ୍ରମ ନୂଆ ରୂପରେଖ ନେଇ ଜନଶିକ୍ଷା ନାମରେ ନାମିତ ହେଲା । ଏଥି ସହିତ କେନ୍ଦ୍ରରେ ବେ ଜାତୀୟ ସାକ୍ଷରତା ମିଶନ ଗଠିତ ହେଲା । ଏହାର ମୂଳ ଲକ୍ଷ୍ୟ ହେଲା ଯେ ମିଶନାରୀ ଭାବଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା । ଜାତୀୟ ସାକ୍ଷରତା ମିଶନ କେନ୍ଦ୍ରଭିତ୍ତିକ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କରି ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମକୁ ହାତକୁ ନେଲେ । ଏହି ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ସାକ୍ଷର କରିବ ।

ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମରେ ନିୟୋଜିତ ଶିକ୍ଷକଙ୍କୁ ସନ୍ଦୀପକ ଅବା ସ୍ୱେଚ୍ଛାସେବୀ ଭାବେ ପରିଗଣିତ ହେବେ । ସେମାନେ ସ୍ୱେଚ୍ଛାକୃତ ଭାବେ ଅନ୍ୟୂନ ଦଶ ଜଣ ନିରକ୍ଷରଙ୍କୁ ଶିକ୍ଷା ପ୍ରଦାନ କରିବେ । ତଦ୍ୱାରା ଶିକ୍ଷାର୍ଥୀର ଗୁଣାତ୍ମକ ଅଭିବୃଦ୍ଧି ସାଙ୍ଗକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ସାକ୍ଷରତା ହାସଲ କରିବାରେ ସମର୍ଥ ହେବ । ବର୍ତ୍ତମାନର ପ୍ରଚଳିତ ପ୍ରଣାଳୀରେ ସ୍ୱଳ୍ପ ବ୍ୟୟରେ ସୀମିତ ସମୟ ମଧ୍ୟରେ ଆଶାନୁରୂପ ନିରକ୍ଷରଙ୍କୁ ସାକ୍ଷର କରାଯାଇ ପାରିବ ବୋଲି ଜାତୀୟ ସାକ୍ଷରତା ମିଶନ ଆଶା ପୋଷଣ କରିଛନ୍ତି ।

ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ଅଞ୍ଚଳ ଅଥବା ଜିଲ୍ଲାରେ କର୍ଯ୍ୟ କାରୀ କରିବା ପୂର୍ବରୁ କେତେକ ପଦକ୍ଷେପ ନିଆଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ ପ୍ରଥମତଃ ସମାଜର ସବୁ ଶ୍ରେଣୀର ଲୋକଙ୍କ ଭିତରେ ଏକ ଆଲୋଚନା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରାଚୀର ପତ୍ର, ବିଜ୍ଞାପନ, ପଥପ୍ରାନ୍ତ ନାଟକ, ଯାତ୍ରା, ପାଲା,ଆଦି କରାଯାଇ "ସାକ୍ଷରତା" କାହିଁକି ଆବଶ୍ୟକ ତାହା ବୁଝାଇବାକୁ ହେବ । ଏହାପରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଅବା ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ସର୍ବେକ୍ଷଣ କରି ନିରକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ । ସେଥି ସହିତ ସ୍ୱେଚ୍ଛାସେବୀ ସହାୟକ ମଧ୍ୟ ମନୋନୟନ କରାଯିବ । ଉକ୍ତ ସ୍ୱେଚ୍ଛାସେବୀମାନଙ୍କୁ ସ୍ତର ଭେଦରେ ଓ ପର୍ଯ୍ୟାୟ କ୍ରମେ ସ୍ୱଳ୍ପକାଳୀନ ତାଲିମ୍ ଦିଆଯିବ । ସହାୟକମାନେ ତାଲିମ୍ ପାଇବା ପରେ ନିରକ୍ଷର ବ୍ୟକ୍ତିମାନଙ୍କୁ ଶିକ୍ଷା ପ୍ରଦାନରେ ବ୍ରତୀ ହେଉଛନ୍ତି ।

ସହାୟକମାନେ ସ୍ୱଳ୍ପ ସମୟ ମଧ୍ୟରେ ଉତ୍ତମ ଶିକ୍ଷାଦାନ କିପରି ଦେଇପାରିବେ ? ଏଥିନିମିତ୍ତ ତ୍ୱରିତ ଶିକ୍ଷା ପ୍ରଦାନ ସମ୍ପର୍କୀୟ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ପ୍ରଣୟନ କରାଯାଇଛି । ଏହି ପାଠ୍ୟ ପୁସ୍ତକର ପ୍ରୟୋଗ ଓ ଶିକ୍ଷାଦାନ ପଦ୍ଧତି ସମ୍ପର୍କୀୟ ସହାୟକଙ୍କୁ ତାଲିମ୍ ପ୍ରଦାନ ପରେ ସେମାନେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ କରିଥାନ୍ତି ।

ଜାତୀୟ ସାକ୍ଷରତା ମିଶନ ଯଦିଓ ୧୯୮୮ ମସିହା ମେ ମାସରେ ପ୍ରତିଷ୍ଠାଲାଭ କରିଛି ତେବେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ୧୯୯୦ ମସିହାରେ ପ୍ରଥମକରି କେରଳ ରାଜ୍ୟର ଏର୍ଣ୍ଣାକୁଲମ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିଲା । ଏହା ସଫଳତା ଲାଭ କରିବା ପରେ ସମଗ୍ର ଦେଶରେ ପ୍ରଥମ ସାକ୍ଷର ଜିଲ୍ଲାଭାବେ ଘୋଷିତ ହେଲା । ଏହାପରେ ପରେ ଅନ୍ୟାନ୍ୟ ରାଜ୍ୟରେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟ କ୍ରମକୁ ହାତକୁ ନିଆଯାଇ ଗୋଟିକ ପରେ ଗୋଟିଏ ଲେଖାଏ ଜିଲ୍ଲା ସମ୍ପୂର୍ଣ୍ଣ ସାକ୍ଷର ହେବାକୁ ଯାଉଛି ।

ଆମରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାକୁ ପ୍ରଥମ କରି ସମ୍ପୂର୍ଣ୍ଣଭାବେ ସାକ୍ଷର କରିବାର କାର୍ଯ୍ୟକ୍ରମ ୧୯୯୧ ମସିହାରେ ହାତକୁ ନିଆଗଲା । ପରେ ଗଞ୍ଜାମ ଜିଲ୍ଲାକୁ ଏଥିରେ ପର୍ଯ୍ୟାୟ ଭୁକ୍ତ କରାଗଲା । ବର୍ତ୍ତମାନ ଆମରାଜ୍ୟର ଏହି ଦୁଇଟି ଜିଲ୍ଲା ବ୍ୟତୀତ ଆଉ ତିନିଗୋଟି ଜିଲ୍ଲା ଯଥା କେନ୍ଦୁଝର, ଢେଙ୍କାନାଳ ଓ କଳାହାଣ୍ଡିରେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁ ରହିଛି । ଆଗାମୀ ବର୍ଷମାନଙ୍କରେ ବଲାଙ୍ଗୀର, କଟକ, ମୟୁରଭଞ୍ଜ, ଫୁଲବାଣୀ, ବାଲେଶ୍ୱର, କୋରାପୁଟ, ପୁରୀ ଓ ସମ୍ବଲପୁରକୁ ଏହି କାର୍ଯ୍ୟକ୍ରମର ପରିସର ମଧ୍ୟକୁ ଅଣାଯିବାର ପରିକଳ୍ପନା କରାଯାଇ ଆବଶ୍ୟକୀୟ ପଦକ୍ଷେପମାନ ନିଆଯାଉଛି ।

ଅତୀତର ଅଭିଜ୍ଞତାରୁ ଏହା ସ୍ପଷ୍ଟଭାବେ ପ୍ରମାଣିତ ହୋଇଛି ଯେ କାର୍ଯ୍ୟକ୍ରମକୁ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଶୀଳନ କରି ତହିଁର ଅନୁଗାମୀ ବ୍ୟବସ୍ଥା କରା ନଗଲେ ସମସ୍ତ ଉଦ୍ୟମ ବ୍ୟର୍ଥ ହେବ । ଯେଉଁମାନେ ସାକ୍ଷର କେନ୍ଦ୍ରକୁ ଆସି ପାଠ ପଢ଼ି ସାକ୍ଷର ହେଲେ ସେମାନଙ୍କୁ ଆମେ ନବସାକ୍ଷର ବୋଲି କହିଲୁ । ନବସାକ୍ଷରମାନଙ୍କ ନିମିତ୍ତ ପରବର୍ତ୍ତୀ ପର୍ଯ୍ୟାୟର ଶିକ୍ଷା ବ୍ୟବସ୍ଥା ଯଥାସମୟ ଗ୍ରହଣ କରାନଗଲେ ସେମାନେ ପୁନର୍ବାର ପାଠ ପାଶୋରି ଯାଇ ନିରକ୍ଷର ପାଲଟି ଯିବାର ଆଶଙ୍କା ରହିଛି ଓ ଏହାହିଁ କେନ୍ଦ୍ର ଭିତ୍ତିକ କାର୍ଯ୍ୟକ୍ରମ ସମୟରେ ଘଟିଛି । ପରବର୍ତ୍ତୀ ସମୟରେ ଉକ୍ତ ନବସାକ୍ଷରମାନଙ୍କ ନିମିତ୍ତ 'ଜନଶିକ୍ଷା ନିଳୟମ'ର ପ୍ରତିଷ୍ଠା କରାଗଲା ଯାହାଫଳରେ ସେମାନେ ପାଠ ପଢ଼ା ସହିତ ସମ୍ପର୍କ ରଖି ପାରିବେ ଓ ପାଠକୁ ଭୁଲି ଯିବେ ନାହିଁ ।

ବର୍ତ୍ତମାନର ପ୍ରଚଳିତ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମର ଏକ ତ୍ରୁଟି ପରିଲକ୍ଷିତ ହେଲାଣି । କେରଳ ଏର୍ଣ୍ଣାକୁଲମ ଜିଲ୍ଲାଟି ସମ୍ପୂର୍ଣ୍ଣ ସାକ୍ଷର ବୋଲି ଘୋଷିତ ହେବାର ଏକବର୍ଷ ପର୍ଯ୍ୟନ୍ତ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାନଯିବାରୁ ଶତକଡା ୨୦ ଭାଗ ନବସାକ୍ଷର ପୁନଶ୍ଚ ନିରକ୍ଷର ପାଲଟିଲେ । ଏଣୁ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମର ଆବଶ୍ୟକତା ଯଥେଷ୍ଟ ରହିଛି ।

ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମରେ ୯ ବର୍ଷରୁ ୪୫ ବର୍ଷ ବୟସ ସୀମାର ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବାର ବ୍ୟବସ୍ଥା ରହିଛି । ଏହି ବୟସ ସୀମା ମଧ୍ୟରେ ଥିବା ନବସାକ୍ଷରମାନଙ୍କ ମଧ୍ୟରୁ କେତେକ ସାଧାରଣ ଶିକ୍ଷାନୁଷ୍ଠାନରେ ପ୍ରବେଶ କରି ଅଧିକ ପାଠ ପଢ଼ିବାକୁ ଆଗ୍ରହୀ ହେବେ । ଯେଉଁମାନେ ବୟସ ଦୃଷ୍ଟିରୁ ଅଧିକ ପଢ଼ିବାକୁ ଆଗ୍ରହୀ ନହେବେ ସେଭଳି ନବସାକ୍ଷରମାନଙ୍କୁ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମରେ ଅଂଶୀଦାର ହେବାର ସୁଯୋଗ ଦିଆଯିବା ଦରକାର । ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ୱରୂପ ଜନଶିକ୍ଷା ନିଳୟମ ପ୍ରତିଷ୍ଠା କରାଯାଇଛି । କିନ୍ତୁ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟପରେ ପ୍ରତ୍ୟେକ ଗ୍ରାମ ଓ ମହାଲାରେ ଚେତନା ମଣ୍ଡଳ ପ୍ରତିଷ୍ଠା କରାଯାଇ ଖବରକାଗଜ, ପତ୍ରପତ୍ରିକା ଓ ଅନ୍ୟାନ୍ୟ ପୁସ୍ତିକା ଆଦି ଯୋଗାଇ ଦିଆଯିବ, ନବସାକ୍ଷରମାନେ ସେମାନଙ୍କର ଅବକାଶ ସମୟରେ ଏହି ଚେତନା କେନ୍ଦ୍ରକୁ ଆସି ପତ୍ରପତ୍ରିକାମାନ ପଢ଼ିଲେ ପାଠ ପାଶୋରି ଯିବେନାହିଁ ।

ସହକାରୀ ନିର୍ଦ୍ଦେଶକ,
ରାଜ୍ୟ ଜନଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ।



ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ସୁଚରିତାର ପ୍ରତିଷ୍ଠା ଦିବସକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।

# ନିତେଇ ଭାବୁଛି ଆଜି

● ବାବାଜୀ ଚରଣ ସ୍ୱାଇଁ

ଦୁଇଦିନ ହେବ　　ଜଳି ନାହିଁ ଚୁଲି
ନିତେଇ ପଧାନ ଘରେ
ଘରେ ପାଞ୍ଚ ପ୍ରାଣୀ　　ଉପାସ ଅଛନ୍ତି
କାନ୍ଦି କାନ୍ଦି ଦିନ ସରେ ।୧।

ପିଆଦା ଦେଇଛି　　ନୋଟିସ୍ ଧରେଇ
ପଚିଶ ହଜାର ପାଇଁ
ନିତେଇ କହୁଛି　　ଏହି ଟଙ୍କା କଥା
ମୂଳରୁ ସେ ଜାଣି ନାହିଁ ।୨।

ସ୍ତ୍ରୀ-ଝିଅପୁଅ ଛି　　ପଡିଆ ନାଣିଥା
ଏତେ ଗୁଡ଼ା ଟଙ୍କା ଆଣି
ଘରେ କହିଲୁନି　　ଲୁଚେଇ ଲୁଚେଇ
ପିଇଲୁକି ମଦ ପାଣି ।୩।

ଶିବା ଦେଇ ଦେଲୁ　　ରଖୁଥିଲୁ କାହିଁ
ଠାକୁରାଣୀ ମାଇପ ଟାଏ
ଜୁଆ ଖେଳି ଅବା　　ପଚିଶ ହଜାର
ଉଡ଼େଇଲୁ ବାପ୍ୟେ ବାପ୍ୟେ ।୪।

ନିତେଇ କହଇ　　ତୁଛାଟାରେ କିଆଁ
କହୁଛୁ ଏସବୁ କଥା
ସରକାର ଘର　　ବୁଝାମଣା ଦେଖି
ଘୁରୁଛି ମୋହର ମଥା ।୫।

ବେଲପତ୍ର ଧରି　　ଠାକୁର କୁଣ୍ଡେଇ
ହଲପ କରିବି ଯାଇ
ସରକାର ଲୋକ　　ପଇସା ପତର
ମୋତେ କିଛି ଦେଇ ନାହିଁ ।୬।

ସକାଳେ ଆସିଲେ　　ସ୍କୁଲ ମାଷ୍ଟର
କହିଲେ ନିତେଇ ଶୁଣ
ବ୍ୟାଙ୍କ୍ ବାଲାଏ　　ଶୁଣିବେନି ଏହା
ଆଦାୟ କରିବେ ଋଣ ।୭।

ଦଶ ବର୍ଷ ଆଗେ　　ଟିପଚିହ୍ନ ଦେଇ
ଆଣିଛ ସେଠାରୁ ଟଙ୍କା
ଦେଖି ମୁଁ ଆସିଛି　　କାଗଜ ପତର
ଏବେ ଲୁହ କଥା ବଙ୍କା ।୮।

ଦଶ ବର୍ଷ କଥା　　ପକେଇଲା ମନେ
ସରପଞ୍ଚ ସଙ୍ଗେ ଯାଇ
ବ୍ୟାଙ୍କ କାଗଜେ　　ଟିପ ଦେଇଥିଲା
ଟଙ୍କା ସିଏ ଆଣି ନାହିଁ ।୯।

ଝିଅ ବାହା ପାଇଁ　　ଆଣିଥିଲା ଟଙ୍କା
ସରପଞ୍ଚ ରାମ ଦାସ
ସାକ୍ଷୀ ହୋଇଥିଲା　　ସେଇଥି ପାଇଁ କି
ଆଜି ସେ ହେଉଛି ନାଶ ।୧୦।

ମାଷ୍ଟର କହିଲେ　　ଠକିଲା ତୁମକୁ
ସାକ୍ଷୀ କଥା ମିଛ କରି
ଟଙ୍କା ନେଲା ସିଏ　　ତୁମରି ନାମରେ
ଋଣ ବନ୍ଧ ଗଲା ରହି ।୧୧।

ଭାବିଲା ନିତେଇ　　ଅପାଠୁଆ ଯୋଗୁ
ଏହିପରି ଦଣ୍ଡ ମିଳେ
ଅପାଠୁଆ ରୋଗ　　ନାଶ ହୋଇ ଯାଉ
ନରହୁତା ଚିହ୍ନ ଟିଳେ ।୧୨।

ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
ସା/ପୋ: [illegible]
ଜି: ଫୁଲବାଣୀ।

# ସମ୍ବାଦ ପରିକ୍ରମା

## କଳିଙ୍ଗ କୁଟୀର ଯୋଜନାରେ ଗ୍ରାମାଞ୍ଚଳରେ ୬୧ ହଜାର ବାସଗୃହ ନିର୍ମାଣ କରାଯିବ

ରାଜ୍ୟସରକାରଙ୍କର କଳିଙ୍ଗ କୁଟୀର ଯୋଜନା ଅନୁଯାୟୀ ଆଗାମୀ ଦୁଇବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ପ୍ରାୟ ୬୧ ହଜାର ବାସଗୃହ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଥିବା ବିଶ୍ୱସ୍ତ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ।

ଚଳିତ ବର୍ଷ ୧୫ ହଜାର ୯୦୦ ଏବଂ ଆସନ୍ତା ବର୍ଷ ୪୫ ହଜାର ବାସଗୃହ ନିର୍ମାଣ କରାଯାଇ ଗ୍ରାମାଞ୍ଚଳରେ ଆର୍ଥିକ ଦୁର୍ବଳଶ୍ରେଣୀ ଓ ସ୍ୱଳ୍ପ ଆୟକାରୀ ବ୍ୟକ୍ତିମାନଙ୍କୁ ଋଣ ସୂତ୍ରରେ ଯୋଗାଇ ଦେବା ଲାଗି ରାଜ୍ୟ ନଗର ଉନ୍ନୟନ ଓ ଗୃହନିର୍ମାଣ ମନ୍ତ୍ରୀ ନଳିନିକାନ୍ତ ମହାନ୍ତି ନିର୍ଦ୍ଦେଶ ଦେଇଥିବା ପ୍ରକାଶ । ପୂର୍ବରୁ ସହରାଞ୍ଚଳରେ ବାସଗୃହ ନିର୍ମାଣ କରୁଥିବା ରାଜ୍ୟ ଗୃହନିର୍ମାଣ ବୋର୍ଡକୁ ପ୍ରଥମ ଥର ପାଇଁ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ସହିତ ସମ୍ପୃକ୍ତ ଲୋକଙ୍କୁ ନିର୍ମାଣରେ ସାମିଲ କରାଇବା ପାଇଁ ମଧ୍ୟ ଦାୟିତ୍ୱ ଦିଆଯାଇଛି ।

ଏହି କଳିଙ୍ଗ କୁଟୀର ଯୋଜନା କେବଳ ଦିନ ମଜୁରିଆ, ଭୂମିହୀନ କୃଷୀ, ଗ୍ରାମ୍ୟ କାରିଗର ପ୍ରଭୃତି ଆର୍ଥିକ ଦୁର୍ବଳଶ୍ରେଣୀ ତଥା କୃଷବାସ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧,୨୫୦ ଟଙ୍କାରୁ କମ୍ ଆୟକରୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ୧,୨୫୦ରୁ ୨,୬୫୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କୁ ସ୍ୱଳ୍ପ ଆୟକାରୀ ବ୍ୟକ୍ତି ବୋଲି ପରିଗଣିତ କରାଯାଇଛି । ଭୂମିହୀନ ଆର୍ଥିକ ଦୁର୍ବଳ ଶ୍ରେଣୀ ନିମନ୍ତେ ନିର୍ମିତ ହେବାକୁ ଥିବା ଘର ପାଇଁ ୧୭,୭୦୦ ଟଙ୍କାର ଅଟକଳ ମଧ୍ୟରୁ ଋଣର ପରିମାଣ ୧୭,୪୩୦ ଟଙ୍କା ରହିବ, ଭୂମିଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ବ୍ୟକ୍ତିଙ୍କ ପାଇଁ ୨୨ ହଜାର ଟଙ୍କା ଅଟକଳ ମଧ୍ୟରୁ ଋଣର ପରିମାଣ ୧୯,୫୦୦ ହେବ । ଏହାଛଡ଼ା ଏହି ଦୁଇଶ୍ରେଣୀର ଲୋକମାନଙ୍କର ଥିବା ବାସଗୃହକୁ ମରାମତି କିମ୍ବା କିଛିଅଂଶ ବଢ଼ାଇବା ନିମନ୍ତେ ୪ ହଜାର ଟଙ୍କା ଅଟକଳ କରାଯାଇଛି । ସେଥିରୁ ଋଣର ପରିମାଣ ୩ ହଜାର ଟଙ୍କା ହେବ । ଏହି ଋଣ ଉପରେ ଶତକଡ଼ା ୮-୫ ଭାଗ ସୁଧ ଲାଗୁ ହେବ ଓ ୧୫ ବର୍ଷ ମଧ୍ୟରେ ଏହା ପରିଶୋଧ କରାଯିବ । ସେହିପରି ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କ ବାସଗୃହ ନିମନ୍ତେ ୫୦ ହଜାର ଟଙ୍କା ଅଟକଳ କରାଯାଇଛି । ଏଥିମଧ୍ୟରୁ ଋଣର ପରିମାଣ ୪୨ ହଜାର ହେବ । ମରାମତି କିମ୍ବା ଅଂଶ ବୃଦ୍ଧି ନିମନ୍ତେ ୨୫ ହଜାର ଟଙ୍କା ଅଟକଳ ମଧ୍ୟରୁ ୨୧ ହଜାର ଟଙ୍କା ଋଣ ପରିମାଣ ହେବ । ଏହି ଋଣ ୨୨ ବର୍ଷରେ ପରିଶୋଧ କରାଯିବ ଏବଂ ଏହା ଉପରେ ମଧ୍ୟ ଶତକଡ଼ା ୮-୫ ଭାଗ ସୁଧ ଲାଗୁ ହେବ ।

ଚଳିତ ବର୍ଷ ଏହି ଯୋଜନାରେ ଯେଉଁ ୧୫,୯୦୦ ଘର ନିର୍ମାଣ କରାଯିବ, ସେଥି ପାଇଁ ସମସ୍ତ ପ୍ରାଥମିକ କାର୍ଯ୍ୟ ଶେଷ ହୋଇଛି । ବର୍ଷାଋତୁ ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଏହି ସୂତ୍ରରୁ ପ୍ରକାଶ । ୨୯ କୋଟି ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ ପାଇଁ ୨୩ କୋଟି ୩୫ ଲକ୍ଷ ଟଙ୍କାର ଆବଶ୍ୟକୀୟ ଋଣର ପରିମାଣକୁ ହୁଡ୍‌କୋ ସଂସ୍ଥା ରାଜ୍ୟ ଗୃହ ନିର୍ମାଣ ବୋର୍ଡକୁ ଦେଇ ସାରିଲାଣି । ଆସନ୍ତା ବର୍ଷ ହେବାକୁ ଥିବା ୪୫ ହଜାର ବାସଗୃହ ନିମନ୍ତେ ଗୃହ ନିର୍ମାଣ ବୋର୍ଡଙ୍କ ଦ୍ୱାରା ପ୍ରସ୍ତୁତ ନକ୍‌ସା ସରକାରଙ୍କ ଅନୁମୋଦନ ଲାଭ କରିଛି ଓ ହୁଡ୍‌କୋ ସଂସ୍ଥା ଚଳିତ ଆର୍ଥିକ ବର୍ଷରେ ଋଣ ମଞ୍ଜୁର କରିବେ ।

ଏହି କଳିଙ୍ଗ କୁଟୀର ଯୋଜନାରେ ରାଜ୍ୟର ସମସ୍ତ ଗ୍ରାମ ଓ ପଞ୍ଚାୟତ ଅନ୍ତର୍ଭୁକ୍ତ ହୋଇପାରିବେ । ଏହି ଯୋଜନାରେ ସାମିଲ ହେବା ଅର୍ଥାତ୍ ଋଣ ସୂତ୍ରରେ ଘର ପାଇବା ପାଇଁ ଇଚ୍ଛୁକଥିବା ଗ୍ରାମବାସୀମାନଙ୍କୁ ପ୍ରଥମେ ଗୋଟିଏ ଗ୍ରାମ୍ୟପରିଚାଳନା କମିଟି ବା ଗୋଷ୍ଠୀ ଗଠନ କରିବାକୁ ପଡ଼ିବ । ବିଭିନ୍ନ ଗ୍ରାମ୍ୟ କମିଟିକୁ ନେଇ ପଞ୍ଚାୟତ ସ୍ତରରେ ସାମୂହିକ ପରିଚାଳନା କମିଟି ବା କମ୍ୟୁନିଟି ମ୍ୟାନେଜମେଣ୍ଟ ଗ୍ରୁପ ଗଠନ କରାଯିବ ଓ ଏହି କମିଟି ଯୋଗ୍ୟ ଦରଖାସ୍ତଗୁଡ଼ିକୁ ଗୃହ ନିର୍ମାଣ ବୋର୍ଡ ଅଫିସକୁ ପଠାଇବେ ।

ଏହି ନିର୍ମାଣ କାର୍ଯ୍ୟ ତଦାରଖ ଓ ସ୍ଥାନୀୟ ପରିବେଶରୁ ମିଳିଥିବା ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ କରାଯାଇ ପାରିବ ତାହା ଦେଖିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବିଲ୍‌ଡିଂ ସେଣ୍ଟର ବା ନିର୍ମାଣ ନାଭି କେନ୍ଦ୍ର ସ୍ଥାପନ କରାଯିବ । ହୁଡ୍‌କୋ ସଂସ୍ଥା ପ୍ରତ୍ୟେକ ନାଭିକେନ୍ଦ୍ରକୁ ଦୁଇ ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ରାଜ୍ୟ ଗୃହ ନିର୍ମାଣ ନିର୍ଦ୍ଦେଶକ ରମାବଲ୍ଲଭ ମିଶ୍ର ଏଠାରେ ପ୍ରକାଶ କରିଛନ୍ତି ।

# ଅନାଥ ଶିଶୁମାନଙ୍କ ପାଇଁ ସରକାରୀ ସାହାଯ୍ୟ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପଞ୍ଚାୟତିରାଜ ବିଭାଗ ତରଫରୁ ଅନାଥ ଓ ଅବହେଳିତ ଶିଶୁମାନଙ୍କ ପାଇଁ ସମଗ୍ର ଓଡ଼ିଶାରେ ୮୮ଟି ବାଳାଶ୍ରମ ଓ ଭବନ ଗଢ଼ିଛି । ଏଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ବାଳାଶ୍ରମମାନଙ୍କରେ ଥିବା ପିଲାମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ଭରଣ ପୋଷଣ, ସ୍ୱାସ୍ଥ୍ୟରକ୍ଷା ଓ ଶିକ୍ଷା ପାଇଁ ପ୍ରତି ପିଲାଙ୍କ ନିମନ୍ତେ ମାସିକ ୨୩୯ ଟଙ୍କା ହିସାବରେ ଅନୁଦାନ ଦିଆଯାଉଥାଏ ।

ଏହା ବ୍ୟତୀତ କିଶୋର ନ୍ୟାୟ ଅଧିନିୟମ ୧୯୮୬, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ହୋଇଛି, ରାଜ୍ୟ ସରକାରଙ୍କ ଦ୍ୱାରା ଏହି ନିୟମ ୨-୧୦-୧୯୮୭ ତାରିଖଠାରୁ କାର୍ଯ୍ୟକାରୀ ହେଉଛି । ଏହି ଅଧିନିୟମ ଅନୁସାରେ କୌଣସି ପରିସ୍ଥିତିରେ ଅବହେଳିତ ଏବଂ ଅନିଚ୍ଛିତ ବା କାର୍ଯ୍ୟରେ ଲିପ୍ତ ୧୬ ବର୍ଷ ବୟସରୁ କମ୍ କିଶୋର ଓ ୧୮ ବର୍ଷରୁ କମ୍ କିଶୋରୀମାନଙ୍କୁ ବୟସ୍କମାନଙ୍କ ସହ ଜେଲ୍‌ରେ ରଖା ନଯାଇ ପର୍ଯ୍ୟବେକ୍ଷଣ ଗୃହରେ ରଖାଯିବାର ବ୍ୟବସ୍ଥା କରାଯାଇଛି । ସାବାଳକ ଅପରାଧୀମାନଙ୍କ ପରି ସାଧାରଣ କୋର୍ଟରେ ସେମାନଙ୍କର ବିଚାର କରାଯାଏ ନାହିଁ । ସେମାନଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ସେମାନଙ୍କୁ ସୁନାଗରିକ କରିବା ଉଦ୍ଦେଶ୍ୟରେ କିଶୋର କଲ୍ୟାଣ ବୋର୍ଡ଼ ଏବଂ କିଶୋର କୋର୍ଟ ମାଧ୍ୟମରେ ବିଚାର କରାଯାଇ ସେମାନଙ୍କର ପୁନର୍ବିନ୍ୟାସ ପାଇଁ କିଶୋର ଗୃହ କିମ୍ବା ସ୍ୱତନ୍ତ୍ର ଗୃହକୁ ପଠାଇ ଦିଆଯାଏ । ବର୍ତ୍ତମାନ ରାଜ୍ୟରେ ୧୯ଟି ପର୍ଯ୍ୟବେକ୍ଷଣ ଗୃହ, ୨ଟି ସ୍ୱତନ୍ତ୍ର ଗୃହ ଏବଂ ଗୋଟିଏ କିଶୋର ଗୃହ ପ୍ରତିଷ୍ଠା କରାଯିବା ପାଇଁ ସ୍ଥିର କରାଯାଇଛି । ତନ୍ମଧ୍ୟରୁ ୧୨ଟି ପର୍ଯ୍ୟବେକ୍ଷଣ ଗୃହ, ୧୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ହେବା ପାଇଁ ସ୍ଥିର ନିଆଯାଇଛି । ସେଥିରୁ ୭ଟି ପର୍ଯ୍ୟବେକ୍ଷଣ ଗୃହର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ସେଗୁଡ଼ିକ ନାମ ଓ ଅବସ୍ଥିତି ନିମ୍ନରେ ଦିଆଗଲା–

(୧) କଟକ–ଭାରତ ସେବକ ସମାଜ (ସେର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି), ଚୌଦ୍ୱାର ।

(୨) ପୁରୀ–ସତ୍ୟସାଇ ସେବା ସଙ୍ଘ, ତପୋବନ, ପୋଃଅଃ–ଖଣ୍ଡଗିରି, ଭୁବନେଶ୍ୱର ।

(୩) ବାଲେଶ୍ୱର–ଉତ୍କଳ ବାଳାଶ୍ରମ, ବାଲେଶ୍ୱର ଶାଖା ।

(୪) କଳାହାଣ୍ଡି–ପ୍ରାଚୀନ ଭାରତୀୟ ବିଦ୍ୟା ସଭା ଗୁରୁକୁଳ ଆଶ୍ରମ, ଆମସେନା, ପୋଃଅଃ–ଆମସେନା, ଭାୟା – ଖରିଆର ରୋଡ୍ ।

(୫) ମୟୂରଭଞ୍ଜ–ଗୋପବନ୍ଧୁ ବାଳାଶ୍ରମ, ବାରିପଦା, ପୋଃଅଃ– ବାରିପଦା ।

(୬) ଫୁଲବାଣୀ–ଗୋପବନ୍ଧୁ ଚିଲ୍‌ଡ୍ରେନ୍‌ସ ହୋମ୍, ଫୁଲବାଣୀ, ପୋଃଅଃ– ଫୁଲବାଣୀ ।

(୭) ଗଞ୍ଜାମ–ବନଦେବୀ ସେବା ସଦନ, କବିସୂର୍ଯ୍ୟନଗର, ପୋଃଅଃ– କବିସୂର୍ଯ୍ୟନଗର ।

କିଶୋର ଗୃହ ଭୁବନେଶ୍ୱରର ଖଣ୍ଡଗିରି ନିକଟସ୍ଥ ଜାଗମରାଠାରେ ଏସ୍.ଓ.ଏସ୍. ଚିଲ୍‌ଡ୍ରେନ୍‌ସ ଭିଲେଜ୍‌ସ ଅଫ୍ ଇଣ୍ଡିଆ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଛି । ଏହା ବ୍ୟତିତ ଦୁଇଟି ପର୍ଯ୍ୟବେକ୍ଷଣ ଗୃହ ଓ ଦୁଇଟି ସ୍ୱତନ୍ତ୍ର ଗୃହ ରାଜ୍ୟ ସରକାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମପୁର ଓ ରାଉରକେଲାଠାରେ ପରିଚାଳିତ ହେଉଛି । ଏହି ସମସ୍ତ ଗୃହରେ କିଶୋର ଓ କିଶୋରୀମାନଙ୍କୁ ମାଗଣାରେ ସମସ୍ତ ପ୍ରକାର ସୁବିଧା, ଯଥା– ଭରଣ ପୋଷଣ, ସ୍ୱାସ୍ଥ୍ୟରକ୍ଷା, ପାଠପଢ଼ା ଓ ବିଭିନ୍ନ ପ୍ରକାରର ଧନ୍ଦାମୂଳକ ଶିକ୍ଷା ଦିଆଯାଇ ସେମାନଙ୍କୁ ସମାଜରେ ଜଣେ ସୁନାଗରିକ ଭାବରେ ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବହନ କରୁଛନ୍ତି । ଏ ସମ୍ପର୍କରେ ସବିଶେଷ ବିବରଣୀ ଜାଣିବା ପାଇଁ ପ୍ରତି ଜିଲ୍ଲା ସଦର ମହକୁମାରେ ଥିବା ଜିଲ୍ଲା ସମାଜ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ କରିଥାରେ ସରକାରୀ ସାହାଯ୍ୟ

ଏତଦ୍ୱାରା ରାଜ୍ୟର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ର ତଥା ରାଜ୍ୟ ସରକାର କେତେଗୁଡ଼ିଏ ଲୋକହିତକର ପରିକଳ୍ପନା କାର୍ଯ୍ୟ କରିଥାନ୍ତି । ଯଥା :–

(୧) ଜରା ନିବାସ ଓ ବୃଦ୍ଧମାନଙ୍କ ପାଇଁ ଦିବା କଲ୍ୟାଣ କେନ୍ଦ୍ର ।

(୨) ଶାରୀରିକ ଅକ୍ଷମ ମାନଙ୍କ ପାଇଁ ବୈଷୟିକ ତାଲିମ କେନ୍ଦ୍ର ।

(୩) ମାନସିକ ନ୍ୟୁନ ପିଲାଙ୍କ ପାଇଁ କଲ୍ୟାଣ ଯୋଜନା ।

(୪) ଶାରୀରିକ ଅକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ ଯୋଜନା ।

(୫).ଅନାଥ, ଅବହେଳିତ ଶିଶୁ ତଥା ବାଳ ଅପରାଧୀମାନଙ୍କ ପରିପାଳନ ଓ ଥଇଥାନ ପାଇଁ କଲ୍ୟାଣ ଯୋଜନା ।

(୬) ନିଶା ତଥା ମାଦକ ଦ୍ରବ୍ୟ ସେବନ ବନ୍ଦ ପାଇଁ ପ୍ରତିକାର ଯୋଜନା ।

(୭) କୁଷ୍ଠରୋଗରୁ ଆରୋଗ୍ୟ ବ୍ୟକ୍ତିମାନଙ୍କ କଲ୍ୟାଣ ପାଇଁ ଯୋଜନା ।

ଏହି ଯୋଜନାଗୁଡ଼ିକ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଥାଏ ।

ଏଥି ନିମିତ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦରଖାସ୍ତଗୁଡ଼ିକ ନିର୍ଦ୍ଧାରିତ ଫର୍ମରେ ସରକାରଙ୍କ ଦପ୍ତରରେ ଯଥା ସମୟରେ

ପଠାଣ୍ଟୁ ନଥିବାରୁ ପରିକଳ୍ପନା କାର୍ଯ୍ୟକାରିତା କ୍ଷେତ୍ରରେ ଅନେକ ଅନିଶ୍ଚିତତା ଓ ଅସୁବିଧା ହେଉଥିବା ସରକାର ଉପଲବ୍ଧି କରୁଅଛନ୍ତି ଏବଂ ଭାରତ ସରକାରଙ୍କ ବିଚାର ପାଇଁ ଠିକ୍ ସମୟରେ ଉକ୍ତ ପ୍ରସ୍ତାବଗୁଡ଼ିକ ପଠାଇବାରେ ଅସୁବିଧା ଉପୁଜୁଛି । ଏଣୁ ସମସ୍ତ ଉତ୍ସାହୀ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ୧୯୯୩-୯୪ ମସିହା ପାଇଁ ସେମାନଙ୍କର ନିର୍ଦ୍ଧାରିତ ପ୍ରସ୍ତାବଗୁଡ଼ିକ ୩୧ ଅକ୍ଟୋବର ୧୯୯୨ ଶେଷସୁଦ୍ଧା ନିଜ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଜରିଆରେ ନିର୍ଦ୍ଧାରିତ ଫର୍ମରେ ପଠାନ୍ତୁ । ଉକ୍ତ ଦରଖାସ୍ତର ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ସବିଶେଷ ବିବରଣୀ ଏବଂ ବିଭିନ୍ନ କଲ୍ୟାଣ କର ଯୋଜନା କାର୍ଯ୍ୟକାରି କରିବା ବିଷୟରେ, ଅଭିଜ୍ଞତା ବିଷୟରେ ବିଶଦ୍ ବିବରଣୀ ନିତ୍ୟାନ୍ତ ଆବଶ୍ୟକ । ପ୍ରତ୍ୟେକ ଜିଲ୍ଲାରୁ ଅନୁମୋଦନ ସହ ପ୍ରସ୍ତାବଗୁଡ଼ିକ ୩୦ ନଭେମ୍ବର ୧୯୯୨ ମସିହା ସୁଦ୍ଧା ପଞ୍ଚାୟତ ରାଜ ବିଭାଗର ସମାଜକଲ୍ୟାଣ ନିର୍ଦ୍ଦେଶକଙ୍କ ପାଖରେ ପହଞ୍ଚିବାଆବଶ୍ୟକ ।

ଏ ବିଷୟରେ ସବିଶେଷ ତଥ୍ୟ ପାଇଁ ନିଜ ନିଜ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ ଓ ଆବଶ୍ୟକସ୍ଥଳେ ପଞ୍ଚାୟତି ରାଜ ବିଭାଗର ସହକାରୀ ନିର୍ଦ୍ଦେଶକ ତଥା ଅନୁଶାସନ ସଚିବଙ୍କୁ ସାକ୍ଷାତ କରିପାରନ୍ତି ।

ନିର୍ଦ୍ଧାରିତ ତାରିଖ ପରେ ୧୯୯୩-୯୪ ମସିହା ପାଇଁ କୌଣସି ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ ।

## ସଂସ୍କୃତି ବିଭାଗ ପକ୍ଷରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ନିମନ୍ତେ ପଦକ୍ଷେପ

ରାଜ୍ୟ ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କଳା ଓ ସଂସ୍କୃତିର ବ୍ୟାପକ ପ୍ରସାର ନିମନ୍ତେ ପଦକ୍ଷେପ ସ୍ୱରୂପ କେତେକ କାର୍ଯ୍ୟକ୍ରମକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଛନ୍ତି ।

ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବସେବା ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସଚିବାଳୟଠାରେ ଅନୁଷ୍ଠିତ ହୋଇ ସମ୍ବଲପୁର, ବଲାଙ୍ଗୀର, ବ୍ରହ୍ମପୁର ଓ ପୁରୀଠାରେ ଗୋଟିଏ କରି ନୃତ୍ୟ ସଙ୍ଗୀତ ବିଦ୍ୟାଳୟ ସ୍ଥାପନ କରାଯିବା ନିଷ୍ପତ୍ତି ନିଆଯାଇଛି । ଏହି ବିଦ୍ୟାଳୟ ପାଇଁ ଡିପ୍ଲୋମା ପାଠ୍ୟକ୍ରମ ପ୍ରସ୍ତୁତି ଓ ପରୀକ୍ଷା ପ୍ରଣାଳୀ ପ୍ରଭୃତି ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ବିଦ୍ୟାଳୟଗୁଡ଼ିକରୁ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ଏ କ୍ଷେତ୍ରରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ରାଜ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

ରାଜ୍ୟରେ ପ୍ରଚଳିତ ହୋଇ ଆସୁଥିବା ପୁରାତନ ପୁରୀ ଓ ବ୍ରହ୍ମପୁର ଶୈଳୀର ପରମ୍ପରାକୁ ରକ୍ଷା କରି ଓଡ଼ିଶୀ ନୃତ୍ୟ ସଙ୍ଗୀତ କଳାର ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଅବ୍ୟାହତ ରଖାଯିବ ।

ଏତଦ୍‌ବ୍ୟତୀତ ସମ୍ବଲପୁରଠାରେ ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର ସ୍ଥାପନ କରାଯାଇ ସେଠାରେ ରାଜ୍ୟର ତିନି ଏକାଡେମୀର ତତ୍ତ୍ୱାବଧାନରେ ସଂରକ୍ଷଣାଳୟ, ଆର୍ଟ ଗ୍ୟାଲେରୀ, ସଙ୍ଗୀତ ଶିକ୍ଷା କେନ୍ଦ୍ର, ଚିତ୍ରକଳା ଶିକ୍ଷା ବ୍ୟବସ୍ଥା ସହ ବିଭିନ୍ନ ସମୟରେ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ମଧ୍ୟ ଅନୁଷ୍ଠିତ କରାଯିବ । ପୁନଶ୍ଚ ସମ୍ବଲପୁରଠାରେ ଏକ ଆଞ୍ଚଳିକ ଅଭିଲେଖାଗାର ସ୍ଥାପନ ଓ ସୋନପୁର ଏବଂ ମାରାଗୁଡ଼ାଠାରେ ତଥ୍ୟ ସମ୍ବଳିତ ଗୋଟିଏ ଗୋଟିଏ ସଂଗ୍ରହାଳୟ ସ୍ଥାପିତ ହେବା ନିଷ୍ପତ୍ତି ହୋଇଛି । ସମ୍ବଲପୁରଠାରେ ଗୋଟିଏ ଶାରୀରିକ ଶିକ୍ଷା କଲେଜ ଖୋଲିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ କର ସୂଚନା ଦେଇଥିଲେ । ଜିଲ୍ଲାର ସଂସ୍କୃତି ଅଫିସରମାନେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଡ଼ିତ ରହି ସେ ସମ୍ପର୍କରେ ବିବରଣୀ ନିର୍ଦ୍ଦେଶକଙ୍କୁ ଦେବା ପାଇଁ ସ୍ଥିର ହୋଇଛି । ଜିଲ୍ଲା ଲୋକ ସମ୍ପର୍କ ଅଫିସରଙ୍କ ସହ ସହଯୋଗ କରି ପ୍ରତ୍ୟେକ ଜିଲ୍ଲାର ସାଂସ୍କୃତିକ ପରମ୍ପରା, କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ସରକାରଙ୍କୁ ଅବହିତ କରାଇବେ ଏବଂ ପ୍ରସ୍ତାବମାନ ଦେବେ । ଯେଉଁଠାରେ ଜିଲ୍ଲା ସଂସ୍କୃତି ଅଫିସର ନାହାନ୍ତି, ସେଠାରେ ଜିଲ୍ଲା ଲୋକ ସମ୍ପର୍କ ଅଫିସର ଉକ୍ତ କାର୍ଯ୍ୟ ତୁଲାଇବେ ବୋଲି ଏକ ନିର୍ଦ୍ଦେଶନାମା ପଠାଇବାକୁ ମନ୍ତ୍ରୀ ଶ୍ରୀ କର ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଓ ଉପ ଶାସନ ସଚିବ ଡଃ ଜି:କେ: ଶ୍ରୀଚନ୍ଦନ, ରାଜ୍ୟ ସାହିତ୍ୟ ଏକାଡେମୀ ସମ୍ପାଦକ ଶ୍ରୀ ଇନ୍ଦ୍ରଭୂଷଣ କର, ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ଶ୍ରୀ ଶୈଳେଶ୍ୱର ନନ୍ଦ, ଉର୍ଦ୍ଦୁ ଏକାଡେମୀ ସମ୍ପାଦକ ଶ୍ରୀ ଏସ୍:ଏମ୍: ହ୍ୱାସ୍ମୀ, ଲଳିତ କଳା ଏକାଡେମୀ ସମ୍ପାଦକ ଶ୍ରୀ ଜଗଦିଶ ଚନ୍ଦ୍ର କାନୁନ୍‌ଗୋ ଏବଂ ରାଜ୍ୟ ଲାଇବ୍ରେରୀ ନିର୍ଦ୍ଦେଶକ ଡଃ ଅର୍ଜୁନ ଯୋଶୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବନ୍ୟାଞ୍ଚଳରେ ଯୋଗାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁଲଭ ମୂଲ୍ୟ ଦୋକାନ

ବନ୍ୟା ଦୁର୍ଗତ ଅଞ୍ଚଳରେ ଖାଉଟିମାନଙ୍କୁ ସେମାନଙ୍କ ସୁବିଧା ମୁତାବକ ଚାଉଳ ଯୋଗାଇ ଦେବା ପାଇଁ ବନ୍ୟାଞ୍ଚଳରେ ସ୍ୱତନ୍ତ୍ର ଭାବେ ଅଧିକ ସୁଲଭ ମୂଲ୍ୟ ଦୋକାନ ତୁରନ୍ତ ଖୋଲାଯାଉଛି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ସମ୍ପ୍ରତି ଶ୍ରୀ ହରିଚନ୍ଦନ ରାଜ୍ୟର କେତେକ ବନ୍ୟାଗ୍ରସ୍ତ ଅଞ୍ଚଳ ପରିଦର୍ଶନ କାଳରେ ବନ୍ୟାକ୍ଳିଷ୍ଟ ଲୋକମାନେ ସୁବିଧାରେ ଚାଉଳ, ଗହମ ଓ ଅଟା ଇତ୍ୟାଦି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପାଇପାରୁ ନଥିବା ଯୋଗୁଁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟ ଜାଣିବାକୁ ପାଇଥିଲେ । ସୁଲଭ ମୂଲ୍ୟରେ ସରକାର ଚାଉଳ, ଗହମ, ଅଟା ଯୋଗାଇ ଦେବା ପାଇଁ ଲୋକମାନେ ଅନୁରୋଧ

କରିଥିଲେ । ଏ ସମ୍ପର୍କରେ ସବିଶେଷ ଆଲୋଚନା କରି ଆବଶ୍ୟକୀୟ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବନ୍ୟା ଦୁର୍ଗତ ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ଅଧିକ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ସ୍ୱତନ୍ତ୍ର ଭାବେ ତୁରନ୍ତ ଖୋଲାଯିବାକୁ ଓ ଲୋକଙ୍କୁ ଚାଉଳ, ଅଟା ଇତ୍ୟାଦି ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ତଦନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଅବିଳମ୍ବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଫଳପ୍ରଦ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟର ଚାଉଳ ମହଜୁଦ ପରିସ୍ଥିତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା । ମୋଟାମୋଟି ଭାବେ ରାଜ୍ୟର ଚାଉଳ ମହଜୁଦ ପରିମାଣ ସନ୍ତୋଷଜନକ ଥିବା ସମୀକ୍ଷାରୁ ପ୍ରକାଶ । ବିଭିନ୍ନ ଜିଲ୍ଲାକୁ ପୂର୍ବରୁ ପର୍ଯ୍ୟାପ୍ତ ପରିମାଣର ଚାଉଳ ଯୋଗାଇ ଦିଆଯାଇଥିଲା । ତା' ସତ୍ତ୍ୱେ ଆବଶ୍ୟକ କ୍ଷେତ୍ରରେ ବିଶେଷ କରି ବନ୍ୟାଗ୍ରସ୍ତ ଅଞ୍ଚଳମାନଙ୍କୁ ଆଉ ଅଧିକ ଚାଉଳ ଯୋଗାଇ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଛି । ସେଥିପାଇଁ ଜିଲ୍ଲାର ଚାଉଳ ଆବଶ୍ୟକତା ସରକାରଙ୍କୁ ଜଣାଇବା ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ରାଜ୍ୟରେ ଥିବା ଭାରତୀୟ ଖାଦ୍ୟ ନିଗମ ବିଭିନ୍ନ ଗୋଦାମମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ଚାଉଳ ମହଜୁଦ କରି ରଖିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଗୋଦାମକୁ ମାଲ୍‌ବାହୀ ଟ୍ରେନ୍ ଯୋଗେ ଚାଉଳ ଅଗ୍ରାଧିକାର ଭିତ୍ତିରେ ପଠାଯିବା ପାଇଁ ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ବ୍ୟବସ୍ଥା ହୋଇଛି । ଆବଶ୍ୟକ ସ୍ଥଳେ କେତେକ ସ୍ଥାନକୁ ଟ୍ରକ୍ ଯୋଗେ ଚାଉଳ ପଠାଯିବାକୁ ସ୍ଥିର ହୋଇଛି । ଚାଉଳ ଚଲାଣକୁ ତ୍ୱରାନ୍ୱିତ କରିବା ପାଇଁ ରେଳବାଇ ସମନ୍ୱୟ ସ୍ୱତନ୍ତ୍ର ସଚିବଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି । ସମ୍ପୃକ୍ତ ରେଳବାଇ ଓ ଖାଦ୍ୟ ନିଗମ କର୍ତ୍ତୃପକ୍ଷଙ୍କ ସହ ଏହି ବ୍ୟବସ୍ଥାର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରତିଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଣ ବିଭାଗ ଅତିରିକ୍ତ ଶାସନ ସଚିବ ସମନ୍ୱୟ ରକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ କ୍ଷେତ୍ରରେ ଜଗଦଳପୁରଠାରୁ ଚାଉଳ ଅଣାଯାଇ କୋରାପୁଟ ଜିଲ୍ଲାର ଅଭିବା ମେଣ୍ଟାଯିବା ପାଇଁ ସ୍ଥିର ହୋଇଛି ।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଚାଉଳ ମହଜୁଦ ରହିଛି ଏବଂ ଏଥିପାଇଁ ଉଦ୍‌ବିଗ୍ନ ହେବାର କୌଣସି କାରଣ ନାହିଁ । ଚାଉଳ ଯୋଗାଣ କ୍ଷେତ୍ରରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ଏବଂ ସରକାର ବନ୍ୟାଗ୍ରସ୍ତ ଲୋକଙ୍କୁ ସେମାନଙ୍କ ଆବଶ୍ୟକତା ମୁତାବକ ଚାଉଳ ଯୋଗାଇ ଦେବେ ବୋଲି ସେ କହିଛନ୍ତି । ଏହା ବ୍ୟତୀତ ଉକ୍ତ ଅଞ୍ଚଳରେ କିଛି ପରିମାଣର ଅଟା ଚାହିଦା ମଧ୍ୟ ସୁଲଭ ମୂଲ୍ୟରେ ସରକାର ଲୋକଙ୍କୁ ଯୋଗାଇ ଦେବା ପାଇଁ ସମୁଚିତ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ରେଳବାଇ ସମନ୍ୱୟ ସ୍ୱତନ୍ତ୍ର ଶାସନ ସଚିବ, ଭାରତୀୟ ଖାଦ୍ୟ ନିଗମର ପ୍ରତିନିଧି ଏବଂ ଯୋଗାଣ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## କ୍ଷୁଦ୍ର ଓ ଅତି କ୍ଷୁଦ୍ର ଶିଳ୍ପ ପ୍ରତି ଧ୍ୟାନ ଦିଆଯାଉ

**ଶିଳ୍ପ ମନ୍ତ୍ରୀ ଶ୍ରୀ ରାୟ**

କ୍ଷୁଦ୍ର ଓ ଅତି କ୍ଷୁଦ୍ର ଶିଳ୍ପ ପ୍ରତି ବିଶେଷ ଧ୍ୟାନ ଦିଆଯିବାକୁ ଏବଂ ସେ ପ୍ରକାର ଶିଳ୍ପ ପ୍ରତିଷ୍ଠା, ବିକାଶ ଓ ପ୍ରସାର ପାଇଁ ଅଧିକ ପୁଞ୍ଜି ବିନିଯୋଗ କରାଯିବା ଉପରେ ଶିଳ୍ପ ମନ୍ତ୍ରୀ ଶ୍ରୀ ଦିଲିପ ରାୟ ଗୁରୁତ୍ୱ ଆରୋପ କରିଛନ୍ତି ।

ସମ୍ପ୍ରତି ଦିଲ୍ଲୀଠାରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ଷୁଦ୍ର ଶିଳ୍ପ ପରିଷଦର ୫୨ ତମ ଅଧିବେଶନରେ ଯୋଗ ଦେଇ ଶ୍ରୀ ରାୟ କହିଲେ ଯେ ବର୍ତ୍ତମାନ କ୍ଷୁଦ୍ର ଶିଳ୍ପ ସେକ୍ଟରଗୁଡ଼ିକ ଘୋର ଆର୍ଥିକ ଅନାଟନ ଭିତରେ ଗତି କରୁଛି । ଚଳିତ ବର୍ଷ ଶିଳ୍ପ ବିକାଶ ପାଇଁ ମଞ୍ଜୁର ହୋଇଥିବା ମୋଟ୍ ଅର୍ଥରୁ କ୍ଷୁଦ୍ରଶିଳ୍ପ ସେକ୍ଟର ପାଇଁ ମାତ୍ର ଶତକଡ଼ା ୧୩.୯ ଭାଗ ଟଙ୍କା ଦିଆଯାଇଛି । କିନ୍ତୁ ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ରରେ ଶତକଡ଼ା ୩୮ ଭାଗ ଅର୍ଥ ବିନିଯୋଗ କରାଯାଇଛି । ଯଦିଓ ଦେଶର ମୋଟ୍ ଉତ୍ପାଦନର ଶତକଡ଼ା ୩୫ ଭାଗ ଏବଂ ରପ୍ତାନୀର ଶତକଡ଼ା ୪୨ ଭାଗରେ କ୍ଷୁଦ୍ର ଶିଳ୍ପ ସେକ୍ଟରଗୁଡ଼ିକର ଅବଦାନ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ଅନେକ ଘଟଣାରେ ବ୍ୟାଙ୍କ୍ ସହ ପରାମର୍ଶ କରି ମିଳିତ ଭାବରେ ଓଡ଼ିଶା ଅର୍ଥ ନିଗମ କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ ଋଣ ମଞ୍ଜୁର କରିବା ପାଇଁ ବ୍ୟାଙ୍କଗୁଡ଼ିକ ମୂଳଧନ ବାବଦକୁ ଟଙ୍କା ଦେବାରେ ପଛେଇ ଯାଇଥିବା ସେ ଅଭିଯୋଗ କରିଥିଲେ । ସେଥିପାଇଁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କମାନଙ୍କର ଏ ପ୍ରକାର କାର୍ଯ୍ୟକୁ ରୋକିବା ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବୃହତ୍ ଓ ମଧ୍ୟମ ଶିଳ୍ପ ତୁଳନାରେ କ୍ଷୁଦ୍ର ଓ ଅତି କ୍ଷୁଦ୍ରକୁ ଦିଆଯାଉଥିବା ଋଣର ସୁଧ ହାର ଅଧିକ ବୋଲି ସେ ଦର୍ଶାଇ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଏହି ସୁଧ ହାର ଶତକଡ଼ା ୨ ଭାଗ କିମ୍ବା ୩ ଭାଗ ଧାର୍ଯ୍ୟ ହେବା ଉଚିତ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ । ଋଣ ମଞ୍ଜୁରୀ ପାଇଁ ସବୁ ଘଟଣାରେ ବ୍ୟାଙ୍କଗୁଡ଼ିକ ସାମାନ୍ତ୍ରିକ ପ୍ରତିଭୂତ (କୋଲାଟେରାଲ୍ ସିକ୍ୟୁରିଟି) ପାଇଁ ଧରି ବସୁଥିବା ସେ ଦର୍ଶାଇ, ଏହା ରିଜର୍ଭ ବ୍ୟାଙ୍କ୍ ନିୟମ ଉଲ୍ଲଂଘନ କରୁଥିବା ପ୍ରକାଶ କରିଥିଲେ । ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା ପ୍ରଣିତ ନୀତି ନିୟମ ପାଳନ କରାଯିବା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସେ ଦୃଢ଼ ଦାବୀ କରିଥିଲେ । ଅତି କ୍ଷୁଦ୍ର ଶିଳ୍ପ ପ୍ରତି ବ୍ୟାଙ୍କଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅର୍ଥ ଦେବାକୁ ସେ ପ୍ରସ୍ତାବ ଦେଇଥିଲେ । ପୂର୍ବାଞ୍ଚଳ ପାଇଁ ମନୋନୀତ ଆହ୍ଲାବାଦ ବ୍ୟାଙ୍କ୍ ଏ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ ଆରମ୍ଭ କରି ନଥିବା ସେ କହିଥିଲେ । କେନ୍ଦ୍ରର ନୂତନ ଶିଳ୍ପନୀତି ପ୍ରବର୍ତ୍ତନ ପରିପ୍ରେକ୍ଷୀରେ ରାଜ୍ୟମାନଙ୍କରେ ରହିଥିବା କେନ୍ଦ୍ରୀୟ ଅଣ୍ଡରଟେକିଂଗୁଡ଼ିକୁ ସମ୍ପୃକ୍ତ ରାଜ୍ୟର କ୍ଷୁଦ୍ର ଶିଳ୍ପ ବିକାଶ ଦିଗରେ ଶତକଡ଼ା ୨୫ ଭାଗ ଅର୍ଥ ସାଧାରଣ ଅଂଶ ବାବଦକୁ ବିନିଯୋଗ କରାଯିବାକୁ ନିର୍ଦ୍ଦେଶ ଦିଆଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ରୀୟ ପରିଷଦର ବୈଠକ ପ୍ରତିବର୍ଷ ବଜେଟ୍ ପୂର୍ବରୁ କରାଯିବାକୁ ସେ ପରାମର୍ଶ ଦେଇ କହିଲେ ଯେ ଏହା ଫଳରେ ପରିଷଦର ପରାମର୍ଶକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇ ପାରିବ । କ୍ଷୁଦ୍ର ଶିଳ୍ପ ସେକ୍ଟରଗୁଡ଼ିକର ଅଭିଯୋଗ ଶୁଣି ସେମାନଙ୍କର ଅଭାବ ଅସୁବିଧା ଦୂର କରିବା ପାଇଁ ଶିଳ୍ପ ଟ୍ରିବ୍ୟୁନାଲ ଗଠନ କରାଯିବାକୁ ଶ୍ରୀ ରାୟ ପ୍ରସ୍ତାବ ଦେଇଥିଲେ ।

## ଉଚ୍ଚମାନର ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ରାଜ୍ୟ ସରକାର ଉଦାର ନୀତି ଅବଲମ୍ବନ କରିବେ

ଉତ୍କୃଷ୍ଟ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ରାଜ୍ୟ ସରକାର ଉଦାର ନୀତି ଅବଲମ୍ବନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଓଡ଼ିଶା ମୋସନ୍ ପିକ୍‌ଚର୍ସ ଅସୋସିଏସନ୍, ଓଡ଼ିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ, ଚଳଚ୍ଚିତ୍ର-ସାମ୍ବାଦିକ, କଳାକାର ଓ ଚଳଚ୍ଚିତ୍ର ପ୍ରଦର୍ଶକମାନଙ୍କ ପ୍ରତିନିଧିମାନେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ ନିକଟ ଅତୀତରେ ଏ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।

ଅଧିକରୁ ଅଧିକ ସଂଖ୍ୟକ ଭଲ ଓଡ଼ିଆ ଛବି ତିଆରି କରିବାକୁ ଉତ୍ସାହିତ କରିବା ପାଇଁ ସରକାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବେ । ପୂର୍ବରୁ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ପାଇଁ ସାଧାରଣ ପ୍ରଯୋଜକମାନଙ୍କୁ ୫ ଲକ୍ଷ ଟଙ୍କା ଓ ବୈଷୟିକ ଜ୍ଞାନ ସମ୍ପନ୍ନ ପ୍ରଯୋଜକମାନଙ୍କୁ ୭ ଲକ୍ଷ ଟଙ୍କା କୋହଳ ସର୍ତ୍ତରେ ଋଣ ମଞ୍ଜୁର କରାଯାଉଥିବା ବେଳେ ଏବେ ସାଧାରଣ ପ୍ରଯୋଜକମାନଙ୍କ ଋଣ ପରିମାଣକୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ଋଣ ଉପରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶତକଡା ୧୪ ଭାଗ ସୁଧ ଓ ପରବର୍ତ୍ତୀ ୨ ଲକ୍ଷ ଟଙ୍କା ପାଇଁ ଶତକଡା ୧୨ ଭାଗ ସୁଧ ଦେବାକୁ ପଡ଼ିବ । ବୈଷୟିକ ଅଭିଜ୍ଞତା ସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ପ୍ରଚଳିତ ସୁଧର ହାର ଅପରିବର୍ତ୍ତିତ ରହିବ ବୋଲି ସ୍ଥିର କରାଯାଇଛି । ଜାତୀୟ ଓ ରାଜ୍ୟ ସ୍ତରରେ ପୁରସ୍କୃତ ହେଉଥିବା ପ୍ରଯୋଜକମାନେ ସେମାନଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ପାଇଁ ଶତକଡା ୧୪ ହାର ସୁଧରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ ।

ଋଣ ଆଦାୟ କରିବା ପାଇଁ ସମୟ ସୀମା ୨ ବର୍ଷ ରଖାଯାଇଛି । ପ୍ରଥମ ବର୍ଷ ମୂଳଧନ ପରିଶୋଧ କରିବାକୁ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ଋଣ ଆଦାୟ କ୍ଷେତ୍ରରେ ବ୍ୟତିକ୍ରମ ଯୋଗୁଁ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧିକ ଚଳଚ୍ଚିତ୍ର ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାରେ ସକ୍ଷମ ହୋଇପାରୁ ନାହାନ୍ତି ।

ଚଳଚ୍ଚିତ୍ର ପ୍ରସ୍ତୁତ ପାଇଁ ବ୍ୟବହୃତ କଞ୍ଚାମାଲ ଉପରେ ବିକ୍ରୀକର ଶତକଡା ୨ ଭାଗକୁ କମାଇ ଦେବା ପାଇଁ ମଧ୍ୟ ସରକାର ଚିନ୍ତା କରିଛନ୍ତି । ଏଣିକି, ୭୦ ମିନିଟ୍ କିମ୍ବା ତଦୂର୍ଦ୍ଧ୍ୱ ସମୟର ଚଳଚ୍ଚିତ୍ରଗୁଡ଼ିକ ଫିଚର୍ ଫିଲ୍ମ ଭାବରେ ବିବେଚିତ ହେବ ।

ରୁଗ୍‌ଣ ଓ ଅସହାୟ ଚଳଚ୍ଚିତ୍ର କଳାକାରମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ରାଜ୍ୟ ସରକାର ଏକ 'ଚଳଚ୍ଚିତ୍ର କଳାକାର କଲ୍ୟାଣ ପାଣ୍ଠି' ଗଠନ କରିବାକୁ ସ୍ଥିର କରିଛନ୍ତି । ଏହି ପାଣ୍ଠିରୁ ଆବଶ୍ୟକତା ଅନୁଯାୟୀ ଦୁଃସ୍ଥ ଚଳଚ୍ଚିତ୍ର କଳାକାର ଓ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରକୁ ଯୋଗାଇ ଦିଆଯାଇ ପାରିବ ।

ଅନେକ କ୍ଷେତ୍ରରେ କଳାକାରମାନେ ସେମାନଙ୍କର ପ୍ରାପ୍ୟ ପାଉଣା ପ୍ରଯୋଜକମାନଙ୍କଠାରୁ ପାଉ ନଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ପଡ଼ିଲେ, ସବ୍‌ସିଡ଼ି ବାବଦ ପ୍ରାପ୍ୟ ଅର୍ଥରୁ କଳାକାରମାନଙ୍କ ଦେୟ କାଟି ରଖି ସେମାନଙ୍କୁ ଦେବା ପାଇଁ ନିଗମକୁ କ୍ଷମତା ପ୍ରଦାନ କରାଯାଇଛି ।

ଅଧିକ ସଂଖ୍ୟକ ଉନ୍ନତ ମାନର ଚଳଚ୍ଚିତ୍ର ତିଆରି କରିବା ପାଇଁ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତାମାନଙ୍କ ଦ୍ୱାରା ବକ୍ତୃତା ଆୟୋଜନ କରାଯିବା ସାଙ୍ଗକୁ ଉତ୍କୃଷ୍ଟ ବିଦେଶୀ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ନିର୍ମିତ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପାଇଁ ଚଳଚ୍ଚିତ୍ର ଉନ୍ନୟନ ନିଗମ ପଦକ୍ଷେପ ନେବାକୁ କୁହାଯାଇଛି । ଏହାଛଡ଼ା, ଭଲ କାହାଣୀର ଉପଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଚଳଚ୍ଚିତ୍ରମାନଙ୍କରେ ହିଂସା ଓ ଅଶ୍ଳୀଳ କୁରୁଚିପୂର୍ଣ୍ଣ ଦୃଶ୍ୟମାନ ସ୍ଥାନ ନଦେବା ପାଇଁ ପ୍ରଯୋଜକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ।

ଚଳଚ୍ଚିତ୍ର ପ୍ରଦର୍ଶକମାନଙ୍କ ପ୍ରସ୍ତାବ ମୁତାବକ ସିନେମା ଟିକଟରେ ପ୍ରମୋଦ କର ବାବଦ ଟିକଟ ଲଗାଇବାର ପୁରାତନ ପ୍ରଥା ଅନୁସୃତ ହେବା ପାଇଁ ବ୍ୟବସ୍ଥା କରାଯାଉଛି ।

ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମକୁ ଅଧିକ ଦକ୍ଷ ଓ କର୍ମ କୁଶଳ କରିବା ପାଇଁ ଏହାର ନିର୍ଦ୍ଦେଶକ ମଣ୍ଡଳୀକୁ ପୁନର୍ଗଠନ କରାଯାଇଛି । ଶିଳ୍ପ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ନିର୍ଦ୍ଦେଶକ ମଣ୍ଡଳୀରେ ଶିଳ୍ପ ସଚିବ ଉପାଧ୍ୟକ୍ଷ ରହିବେ ଏବଂ ଜଗନ୍ନାଥ ପ୍ରସାଦ ଦାସ, ଶ୍ରୀ ଏ଼ଃ ରମେଶ ପ୍ରସାଦ, ଶ୍ରୀ ବିଜେନ୍ଦ୍ର ମହାନ୍ତି, ଶ୍ରୀ ନୀରଦ ମହାନ୍ତି, ଶ୍ରୀ ମନମୋହନ ମହାପାତ୍ର, ଶ୍ରୀ ବିଜୟ କେତନ ମିଶ୍ର, ଶ୍ରୀ ଲଳିତ ପଟ୍ଟଯୋଶୀ, ଶ୍ରୀ ଯୁଗଳ କିଶୋର ଗୁରୁ, ଶ୍ରୀମତୀ ଅନିତା ଦାସ, ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ପ୍ରତିନିଧିଙ୍କ ସମେତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସଭ୍ୟ ରହିବେ । ପୁନେ ସ୍ଥିତ ଚଳଚ୍ଚିତ୍ର ପ୍ରତିଷ୍ଠାନର ଶ୍ରୀ ସଗୀର ଅହମଦ୍ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ହେବେ ।

## ସମ୍ବଲପୁର ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ସେପ୍ଟେମ୍ବର ୬ ତାରିଖରେ ଏକ ବୈଠକ ଅବକାରୀ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ବିଶେଷ କରି ଜଳସେଚନ, ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ମଞ୍ଜୁରୀ ହୋଇଥିବା ନଳକୂପଗୁଡ଼ିକର ଖନନ କାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ଅଭିଯୋଗ ମିଳିବାର ଅଳ୍ପ ସମୟ ମଧ୍ୟରେ ଅଚଳ ନଳକୂପଗୁଡ଼ିକୁ ମରାମତି କରିବା ପାଇଁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ବିଭାଗୀୟ ଅଫିସରମାନଙ୍କୁ ନିର୍ଦ୍ଦେଶ

ହେଉଥିଲେ । ନଳକୂପ ନଥିବା ଗ୍ରାମଗୁଡ଼ିକରେ ପାନୀୟ ଜଳର ଅଭାବ ଦେଖାଦେଲେ, ସେଠାରେ ବିକଳ୍ପ ବ୍ୟବସ୍ଥା କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ନଳକୂପ ଖନନ ସମୟରେ ସ୍ଥାନ ନିରୂପଣ ଇତ୍ୟାଦି ସମ୍ପର୍କରେ ବ୍ଲକ୍ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାକୁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ପରାମର୍ଶ ଦେଇଛନ୍ତି ।

ଜିଲ୍ଲାର ଗ୍ରାମ୍ୟ ବିଦ୍ୟୁତ୍‌କରଣ ସମ୍ପର୍କରେ ସମୀକ୍ଷା ବେଳେ ବରଗଡ଼, ଅତାବିରା ଓ ଜିଲ୍ଲାର ଅନ୍ୟ କେତେକ ସ୍ଥାନରେ ଟ୍ରାନ୍ସଫର୍ମର ପୋଡ଼ି ଯୋଗୁଁ ଗ୍ରାମରେ ଦେଖା ଦେଉଥିବା ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଯେଉଁ ଜଳସେଚନ ପାଇଁ କୃଷୀ ଋଣ ଆଣି ମୋଟର ପମ୍ପ ନେଇଛନ୍ତି, ସେମାନଙ୍କୁ ଆବଶ୍ୟକ ନୀତି ନିୟମ ଅନୁସାରେ ତୁରନ୍ତ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ବେଆଇନ ବିଦ୍ୟୁତ୍ ସଂଯୋଗକାରୀମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

ଜଳସେଚିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା । କେନାଲ ବନ୍ଦ ସମୟରେ କେନାଲ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସଙ୍ଗେ ସଙ୍ଗେ ଖରିଫ୍ ଓ ରବିଚାଷ ନିମନ୍ତେ କେନାଲରୁ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ସକାଶେ ବିଭିନ୍ନ ପଦକ୍ଷେପ ନେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଆସନ୍ତା ରବିଚାଷ ନିମନ୍ତେ କେତେ ଅଞ୍ଚଳକୁ ଏବଂ କେଉଁ କିସମର ଚାଷ ପାଇଁ ଜଳ ଯୋଗାଇ ଦିଆଯିବ, ତାହା ଚାଷ ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଚାଷୀଙ୍କୁ ବିଭିନ୍ନ ମାଧ୍ୟମ ଜରିଆରେ ଜଣାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ । କେନାଲ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଜଳସେଚନ, ରାଜସ୍ୱ, କୃଷି ଓ ବାତା ବିଭାଗର ଅଧିକାରୀମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ନ୍ୟାସନାଲ୍ ୱାଟର୍ ମ୍ୟାନେଜ୍‌ମେଣ୍ଟ ପ୍ରୋଗ୍ରାମ୍ ଅନ୍ତର୍ଗତ ରେଣମ, ପରମାଣପୁର ଓ ଲେଡ଼େନ୍ କେନାଲ ପାଇଁ ଗ୍ରହଣ କରାଯାଇଥିବା ବିସ୍ତୃତ ମରାମତି ଯୋଜନା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

ବୈଠକରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସମେତ ଜଳସେଚନ, ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗର ଉଚ୍ଚପଦସ୍ଥ ଅଫିସର, ଡି:ଆର୍:ଡି:ଏ:ର: ପ୍ରୋଜେକ୍ଟ ଅଫିସର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଶାସନ କଳରେ ସ୍ୱାୟତ୍ତ ଶାସନ ସଂସ୍ଥା ଏକ ବଳିଷ୍ଠ ସୋପାନ

### ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା

ଗତ ୩୧ ତାରିଖ ଦିନ ଫୁଲବାଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଫିସ୍ ପ୍ରାଙ୍ଗଣରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଲେ ଯେ ସ୍ୱାୟତ୍ତ ଶାସନ ହେଉଛି ଲୋକଙ୍କ ପ୍ରତ୍ୟକ୍ଷ ଶାସନ ଏବଂ ଏହା ହେଉଛି ଶାସନ କଳରେ ଏକ ବଳିଷ୍ଠ ସୋପାନ । ଜନସାଧାରଣଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ହେଉଛି ଲକ୍ଷ୍ୟ । ଫୁଲବାଣୀ ସହର ପ୍ରତି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି କହିଲେ ଯେ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଜନସାଧାରଣ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୂର୍ଣ୍ଣପ୍ରାଣର ସାହାଯ୍ୟ ସହଯୋଗ କରିବା ଉଚିତ ।

ଏହି ଉତ୍ସବରେ ସ୍ଥାନୀୟ ଉପ ଜିଲ୍ଲାପାଳ ସଭାପତିତ୍ୱ କରିଥିଲେ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଫୁଲବାଣୀ ସହରର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଆରୋପ କରି ଶିକ୍ଷା ତଥା ପରିମଳ ବ୍ୟବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ।

## ରାଉରକେଲାଠାରେ ଡାକ୍ତର ବିଶେଷଜ୍ଞ କେନ୍ଦ୍ର ଉଦ୍‌ଘାଟିତ

ଅଗଷ୍ଟ ୨୮ ତାରିଖରେ ରାଜ୍ୟ ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ରାଉରକେଲା ଶିଳ୍ପାଞ୍ଚଳ ମଧ୍ୟରେ ଥିବା ଇ:ଏସ୍:ଆଇ: ଡାକ୍ତରଖାନାଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କରେ କାର୍ଯ୍ୟରତ ରାଜ୍ୟ କର୍ମଚାରୀ ବୀମା ଯୋଜନା ଅନ୍ତର୍ଭୁକ୍ତ କର୍ମଚାରୀମାନଙ୍କ ନିମନ୍ତେ ଏକ ବିଶେଷଜ୍ଞ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରରେ ୮ ଜଣ ବିଭିନ୍ନ ରୋଗ ବିଶେଷଜ୍ଞ ଅବସ୍ଥାପିତ ହେବେ ।

ମନ୍ତ୍ରୀ ଶ୍ରୀ ସାମଲ ତାଙ୍କର ଉଦ୍‌ଘାଟନୀ ଭାଷଣରେ କହିଲେ ଯେ ରାଉରକେଲା ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦୃଷ୍ଟିରୁ ରାଜ୍ୟ କର୍ମଚାରୀ ବୀମା ଯୋଜନା ନିଗମ ଶିଳ୍ପାନୁଷ୍ଠାନମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ପ୍ରତି ମାନବିକତା ଦୃଷ୍ଟିକୋଣରୁ ବିଚାର କରି ଚିକିତ୍ସା ନିମନ୍ତେ ଅଧିକ ଅର୍ଥ ବରାଦ କରିବା ଉଚିତ । ରାଜ୍ୟ ସରକାର ବୀମାଭୁକ୍ତ କର୍ମଚାରିମାନଙ୍କର ଚିକିତ୍ସା ନିମନ୍ତେ ତାଙ୍କର ଦେୟ ଠିକ୍ ଭାବରେ ଦେଉଛନ୍ତି ।କେନ୍ଦ୍ର ସରକାର ଏହି ଯୋଜନା ନିମନ୍ତେ ଅଧିକ ଗୁରୁତ୍ୱ ଦେବା ଉଚିତ । ଆସନ୍ତା ଏକମାସ ମଧ୍ୟରେ ଇ:ଏସ୍:ଆଇ: ପରିଚାଳିତ ଡାକ୍ତରଖାନାମାନଙ୍କରେ ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କର ସ୍ଥାନ ପୂରଣ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ ।

ଏହି ଉତ୍ସବରେ ବିଧାୟକ ଶ୍ରୀ ରବି ଦେହୁରୀ, ଶ୍ରମିକ ନେତା ଶ୍ରୀ ରାଜ କିଶୋର ସାମନ୍ତରାୟ ରାଜ୍ୟ କର୍ମଚାରୀ ବୀମା ନିଗମ ଅର୍ଥ କମିଟିର ସଦସ୍ୟ ଶ୍ରୀ ସରୋଜ ମିତ୍ର ଚିକିତ୍ସା କ୍ଷେତ୍ରରେ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ଶ୍ରମ ବିଭାଗ ଶାସନ ସଚିବ ଶ୍ରୀ ଏମ୍:କେ: ପୁରକାଇତ ଏହି ଅନୁଷ୍ଠାନର ପରିଚାଳନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ରାଉରକେଲା ଇସ୍ପାତ କାରଖାନାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏ:କେ: ଫଡେଦାର ତାଙ୍କ ତରଫରୁ ଇ:ଏସ୍:ଆଇ: ଡାକ୍ତରଖାନାର ଉନ୍ନତି ନିମନ୍ତେ ସମସ୍ତ ସାହାଯ୍ୟ ସହଯୋଗ କରିବେ ବୋଲି କହିଥିଲେ ।

# ନୂଆଖାଇ

**● ଶ୍ରୀ ଅବନୀ ଚନ୍ଦ୍ର ଦାସ**

ଆଦିବାସୀମାନଙ୍କର ଆଦିଭୂମି ଭାରତବର୍ଷ । ତନ୍ମଧ୍ୟରେ ଓଡ଼ିଶା ମଧ୍ୟ ଏକ ଆଦିବାସୀ ଅଧ୍ୟୁଷିତ ପ୍ରାଚୀନ ପ୍ରଦେଶ । ଏଠାରେ ଆଦିମ ସଂସ୍କୃତି ଗର୍ଭିତ ପାରମ୍ପରିକ ପର୍ବପର୍ବାଣୀ ଆଜିର ଉନ୍ନତ ସଭ୍ୟ ସମାଜରେ ଜନଜୀବନକୁ ଆଲୋଡ଼ିତ କରି ଐକ୍ୟ ଓ ମୈତ୍ରୀର ବନ୍ଧନରେ ବାନ୍ଧି ରଖିଛି । ମୂଳତଃ ଏହି ସଂସ୍କୃତି କେଉଁ ଆବହମାନ କାଳରୁ ଚଳନ୍ତି ସମାଜରେ ମାନବୀୟ ଚେତନାର ପୃଷ୍ଠପୋଷକତା କରିଆସିଛି ।

ଓଡ଼ିଶାରେ ପ୍ରାୟ ୬୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟ ବସବାସ କରନ୍ତି । ସେମାନଙ୍କର ଆଚାର, ବିଚାର, ଚଳଣୀ ଓ ପରମ୍ପରା ଆଧୁନିକ ସମାଜକୁ ବହୁଭାବରେ ଉଦ୍‌ବୁଦ୍ଧ କରିଛି ।

ଯାହା ନିତ୍ୟ, ଯାହା ସତ୍ୟ, ଯାହା ଚିରନ୍ତନ; ସେଇ ସତ୍ୟ-ଶିବ-ସୁନ୍ଦର ପ୍ରକୃତିର ନୈଷ୍ଠିକ ପୂଜାରୀ ଆଦିବାସୀ । "ନବାନ୍ନ ପୂଜା" ଆଦିବାସୀ ସଂସ୍କୃତିର ଏକ ମହନୀୟ ପାରମ୍ପରିକ ପ୍ରାଚୀନ ପର୍ବ । କିନ୍ତୁ ଏବେ ଏହା ଆଦିବାସୀ ସଂମ୍ପ୍ରଦାୟରେ ସୀମାବଦ୍ଧ ନରହି ଆଧୁନିକ ସମାଜରେ ମଧ୍ୟ ବହୁଳ ଭାବରେ ପାଳିତ ହେଉଛି । ଓଡ଼ିଶାରେ "ନୂଆଖାଇ" ପର୍ବ ଭାବରେ ଏହା ସର୍ବଜନ ବିଦିତ । "ନବାନ୍ନ" ବା ନବଶସ୍ୟ ଭକ୍ଷଣ ଅବକାଶରେ ଶସ୍ୟ ଦେବତାର ପୂଜାବିଧି ଭିନ୍ନଭିନ୍ନ ହେଲେହେଁ ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳନର ଏକ ବିଶେଷ ମହତ୍ତ୍ୱ ରହିଛି ।

"ଅନ୍ନ"ର ଅନ୍ୟ ନାମ "ବ୍ରହ୍ମ" ବା "ଈଶ୍ୱର" ବୋଲି ଉପନିଷଦରେ ବର୍ଣ୍ଣିତ ହୋଇଛି । ଅନ୍ନହିଁ ଜୀବନର ମାଧ୍ୟମ, ଆନନ୍ଦର ଉତ୍ସ ଓ ଆସାର ସ୍ୱରୂପ । ବହୁ ପ୍ରାଚୀନ କାଳରୁ ମଧ୍ୟ "ଅନ୍ନ"କୁ ଈଶ୍ୱରଙ୍କ ଅନ୍ୟରୂପ ଅଥବା ତାଙ୍କରି ଦାନ ବୋଲି ଗ୍ରହଣ କରାଯାଇଛି । ସେଥିପାଇଁ ପରଂବ୍ରହ୍ମଙ୍କ ଉକ୍ତି ଉପନିଷଦରେ ପ୍ରତିପାଦିତ ହୋଇଛି –

"ଅହମନ୍ନ ମହମନ୍ନ ମହମନ୍ନମ୍...............…"

ବିଶେଷ କରି ପଶ୍ଚିମ ଓଡ଼ିଶାରେ ସାମୂହିକ "ନବାନ୍ନ" ବା "ନୂଆଖାଇ" ପର୍ବର ପ୍ରଚଳନ ବହୁଳ ଭାବେ ଦୃଷ୍ଟିଗୋଚର ହୁଏ । ଭାଦ୍ରବ ମାସରେ ନୂତନ ଶସ୍ୟ ସବୁକୁ ଈଶ୍ୱରଙ୍କୁ ସମର୍ପଣ କରିବାର ବିଧି ଏକ ସ୍ୱତନ୍ତ୍ର ପରମ୍ପରା ବହନ କରିବାର ଅନୁମାନ କରାଯାଏ । ହୋଇପାରେ ଅବା, ବର୍ଷର ପ୍ରଥମ ଶସ୍ୟ ସମ୍ଭାରକୁ ଜୀବଜଗତର ପ୍ରାଣୀ, ପଶୁ, ପକ୍ଷୀ ଆଦିଙ୍କର ଉଚ୍ଛିଷ୍ଟ ହେବା ପୂର୍ବରୁ ଇଷ୍ଟଦେବତାଙ୍କୁ ସମର୍ପଣ କରି ସେହି ପ୍ରସାଦକୁ ସେବନ କରାଯାଏ । ଆଉମଧ୍ୟ କାହାରି କାହାରି ମତରେ ଉର୍ବର ମୃତ୍ତିକା ଓ ଜଳବାୟୁର ପାର୍ଥକ୍ୟଜନିତ କାରଣରୁ ଆଦିମ କାଳରୁ ଏହି ସମୟରେ ଭାଦ୍ରବ ମାସରେ ଶସ୍ୟ ଅମଳ କରାଯାଉଥିବା ଯୋଗୁଁ ପରିଶ୍ରମର ପ୍ରଥମ ଫଳକୁ ଈଶ୍ୱରଙ୍କ ଆଶୀର୍ବାଦର ଦାନ ବୋଲି ଗ୍ରହଣ କରିନେବା ଉଦ୍ଦେଶ୍ୟରେ ଏହି "ନୂଆଖାଇ" ବା "ନବାନ୍ନ" ପର୍ବର ଅନୁଷ୍ଠାନ ହୋଇଛି । ଶରଦବର୍ଷ ପାଳନର ପରମ୍ପରା ବହୁ ପ୍ରାଚୀନ । ବୈଦିକ କାଳରେ ଏହାର ପ୍ରଚଳନ ସମ୍ପର୍କରେ "ଜୀବତୁ ଶରଦଶତମ୍"ରେ ବର୍ଣ୍ଣନା କରାଯାଇଛି । କାଳକ୍ରମେ ଆଡ଼ମ୍ବରପୂର୍ଣ୍ଣ ଏହି ପର୍ବର ପରାକାଷ୍ଠା ସମଗ୍ର ମାନବଜାତି ପାଇଁ ଉଚ୍ଚାଙ୍ଗ ଆଦର୍ଶ ହୋଇ ପାରିଛି ।

କୃଷିଭିତ୍ତିକ ପର୍ବ ନୂଆଖାଇ ଓଡ଼ିଶାରେ ବାସ କରୁଥିବା କିସାନ୍‌ମାନଙ୍କର ମୁଖ୍ୟତଃ ବଡପର୍ବ । କିନ୍ତୁ ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯଥା : ଶବର (ସଉରା), ପରାଭାଇ, କନ୍ଧ, କୋନ୍ଧ, ଜୁଆଙ୍ଗ, କୋୟା, ଖଡ଼ିଆ, ଓରାମ, ଗଦବା, ଭୂୟାଁ, ବିଂଝାଲ, ମୁଣ୍ଡା, ସାନ୍ତାଳମାନେ ନୂଆଖାଇ ପର୍ବକୁ ମହା ସମାରୋହରେ ପାଳନ କରନ୍ତି । ଏହି ପର୍ବ ଦିନ ଆଦିବାସୀ ଭାଇ-ଭଉଣୀ, ବନ୍ଧୁ-ବାନ୍ଧବ, ପୁତ୍ର-କନ୍ୟା, ଆତ୍ମୀୟ-ସ୍ୱଜନ ପରସ୍ପର ମଧ୍ୟରେ ବାଦବିବାଦ ଭୁଲି ନୂତନ ବସ୍ତ୍ର ପରିଧାନ ପୂର୍ବକ ଏକସଙ୍ଗେ ନବ ଅନ୍ନ-ବ୍ୟଞ୍ଜନ ସେବନ କରନ୍ତି । ଏକାନ୍ନବର୍ତ୍ତୀ ସହାବସ୍ଥାନର ନିଦର୍ଶନ ସ୍ୱରୂପ ଏହି ପର୍ବ ପାଳିତ ହୁଏ ।

ଶସ୍ୟ ଦେବତାର ପୂଜା ଅର୍ଥାତ୍ ନୂତନ ଶସ୍ୟକୁ ଈଶ୍ୱରଙ୍କ ପ୍ରତୀକ ରୂପେ ପୂଜା କରାଯାଏ । ପୁଷ୍ପ, ଫଳ, ଶସ୍ୟକୁ ଦେବଦେବୀଙ୍କ ପ୍ରତୀକ ଭାବରେ ପୂଜା କରିବାର ପରମ୍ପରା ଏବେ ବି ଆଧୁନିକ ସମାଜରେ ଅନୁସୃତ । ଯଥା : ଧାନ୍ୟ ଶସ୍ୟରେ ଲକ୍ଷ୍ମୀ, ମାଳଚୂଳରେ ମଙ୍ଗଳା, ଗବାକ୍ଷ ଓ ନାରିକେଳ ଆଦିରେ ଅନ୍ୟ ଦେବଦେବୀଙ୍କୁ ଆରାଧନା କରାଯାଇଥାଏ । ଏହି ପରମ୍ପରା ଅନ୍ୟତମ । ପର୍ବର କ୍ରମରେ "ନୂଆଖାଇ"ର ଶସ୍ୟ ପୂଜା ଅନ୍ୟତମ । ପର୍ବର ପୂର୍ବଦିନରୁ ଆଦିବାସୀ ଗୃହିଣୀ କ୍ଷେତରୁ କିଛି ନୂତନ ଶସ୍ୟ ସଂଗ୍ରହ

ନିଅନ୍ତି ନୂତନ ପାତ୍ରରେ ବ୍ୟଞ୍ଜନ ପ୍ରସ୍ତୁତ କରିଥାଏ । ଆଦିବାସୀ ପରିବାରର ଗୃହକର୍ତ୍ତା ସସ୍ତ୍ରୀକ ଉପବାସ ରହି ଅତି ନିଷ୍ଠା ଓ ବିଶ୍ୱାସ ସହିତ ସ୍ୱ-ଇଷ୍ଟଦେବତାଙ୍କୁ ପୂଜା-ଅର୍ଚ୍ଚନା କରନ୍ତି । ସ୍ଥାନ ଭେଦରେ ଅଥବା ସମ୍ପ୍ରଦାୟ ଭେଦରେ ପୂଜାବିଧିରେ ସାମାନ୍ୟ ତାରତମ୍ୟ ପରିଲକ୍ଷିତ ହେଉଥିଲେ ହେଁ ମୁଖ୍ୟତଃ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଭିନ୍ନ, ଦର୍ଶନ ଓ ଆଭିମୁଖ୍ୟ ଏକମୁଖୀ । (ଏଠାରେ ସମ୍ବଲପୁର, କଳାହାଣ୍ଡି, କୋରାପୁଟ, କେନ୍ଦୁଝର, ସୁନ୍ଦରଗଡ଼ ଆଦି ଅଞ୍ଚଳର କେତେକ ମୁଖ୍ୟ ପାରମ୍ପରିକ ପଦ୍ଧତି ଉପସ୍ଥାପନ କରାଗଲା) ।

ମାଟିରେ ଚିତା ଲେଖି ତିନିଟି ପ୍ରଦୀପ ସଂସ୍ଥାପନା କରାଯାଏ । ଗୃହର ଦ୍ୱାର ଦେଶରେ ଦୁବ, ମୁଗ, କ୍ଷୀର ପ୍ରଭୃତିରେ ପୂରିତ ପୂର୍ଣ୍ଣକୁମ୍ଭ ସ୍ଥାପନା କରାଯାଏ । ତିନିଟି "କୋରି" ପତ୍ରରେ ପ୍ରସାଦ ପରଶା ଯାଇ ଲାଗି କରାଯାଏ । କୌଣସି କୌଣସି ସ୍ଥଳରେ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ମଧ୍ୟ "ନବାନ୍ନ" ଅର୍ପଣ କରାଯାଇଥାଏ । ମାଟିରେ ନୂତନ ଶସ୍ୟ ଉତ୍ପନ୍ନ କରିବାକୁ ପ୍ରେରଣା ଦେଇଥିଲେ ଯେଉଁମାନେ, ସେଇ ପୂର୍ବ ପିତୃପୁରୁଷମାନଙ୍କ ଆଶୀର୍ବାଦରୁ ଲଭିଥିବା ଶସ୍ୟ ଫଳକୁ ତାଙ୍କରି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାରେ ସାର୍ଥକତା ଅଛି ବୋଲି ଆଦିବାସୀ ସମାଜର ପୂର୍ଣ୍ଣ ବିଶ୍ୱାସ ଥିବାର ପ୍ରତୀତ ହୁଏ ।

ନବାନ୍ନ ସେବନ ପାଇଁ ଆଦିବାସୀ ସମାଜରେ ଗ୍ରାମ୍ୟ-ମୁଖ୍ୟ, ଅନ୍ୟାନ୍ୟ ଜ୍ଞାତି ବନ୍ଧୁମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ଉତ୍ସବରେ "ନୂଆଖାଇ ଜୁହାର" ଭଳି ଏକ ସାମାଜିକ ପରମ୍ପରାର ପ୍ରଚଳନ ଏହି ପର୍ବର ଅନ୍ୟ ଏକ ବିଶେଷତ୍ୱ । ଏହିଦିନ ଆଦିବାସୀ ପରିବାରର ସମସ୍ତେ ଘରଘର ବୁଲି ଗୁରୁଜନମାନଙ୍କୁ "ଜୁହାର" ବା ପ୍ରଣିପାତ କରିଥାନ୍ତି । ଏହାହିଁ ବାସ୍ତବରେ ଆଧୁନିକ ଐକ୍ୟ ଓ ସଂହତି ଚେତନାର ଆଦିମ ସ୍ତର । ଏହିପରୁ ଉତ୍ସବ ଅନୁଷ୍ଠାନ ସାଂସ୍କୃତିକ ପରମ୍ପରା କିପରି ସାମ୍ପ୍ରଦାୟିକତା ବିରୋଧୀ ଓ ଭାତୃବିଦ୍ୱେଷର ପରିପନ୍ଥୀ, ତାହା ଗମ୍ଭୀରଭାବରେ ଚିନ୍ତା କରାଯାଇ ପାରେ । ଏସବୁ ଦେଖିଲେ, ପ୍ରାଚୀନକାଳର ଆମ ଆଦିମ ସଂସ୍କୃତି କିପରି ପରିବ୍ୟାପ୍ତ ଐକ୍ୟ ଓ ସଂହତି, ସ୍ନେହ ଓ ମୈତ୍ରୀକୁ ପ୍ରଶ୍ରୟ ଦେଇ ଆସୁଥିଲା, ତାହା ବେଶ୍ ଉପଲବ୍ଧି କରିହେବ । କିନ୍ତୁ ସାମ୍ପ୍ରତିକ କାଳରେ ମଣିଷ ଅଧିକ ଶିକ୍ଷିତ, ବିଶେଷ ଭାବେ ସଭ୍ୟ ଓ ଉନ୍ନତ, ଅତ୍ୟଧିକ ସଚେତନ; ଅଥଚ ସଂସ୍କୃତି ପ୍ରତି ତା'ର ଉପେକ୍ଷା ତଥା ହୀନଦୃଷ୍ଟି । ପ୍ରକାରାନ୍ତରେ ଏ ସମୟର ସଭ୍ୟ ସମାଜ କୃତ୍ରିମ, ସ୍ୱାର୍ଥପର ଐକ୍ୟ, ସଂହତି, ସ୍ନେହ, ପ୍ରୀତି ବା ମୈତ୍ରୀ ପାଇଁ ମୁହଁରେ କାଙ୍ଗାଳ, କିନ୍ତୁ ଅନ୍ତରରେ ପ୍ରତିବାଦୀ ।

କେବଳ ଯେ ଉତ୍ସବ ମୁଖର "ନବାନ୍ନ" ପର୍ବ ଅନ୍ନ ଓ ସମୃଦ୍ଧି ପାଇଁ ଉଦ୍ଦିଷ୍ଟ; ତା'ନୁହେଁ– ବରଂ ପ୍ରଚୁର କୃଷି ଓ ଶସ୍ୟ ଉତ୍ପନ୍ନ ପାଇଁ ଏକ ସାମୂହିକ ସଙ୍କଳ୍ପ । ଆଦିମ ସଂସ୍କୃତିର ଆନନ୍ଦ-ଉଲ୍ଲାସ-ନାଚଗୀତ ଭରା ନୂଆଖାଇ ପର୍ବ ଆମ ଓଡ଼ିଶୀ ଆଧୁନିକ ସଂସ୍କୃତିକୁ ଓ ଦର୍ଶନକୁ ଯେଉଁଳି ମହାନ୍‌ଭାବେ ଉଦ୍‌ବୁଦ୍ଧ କରିଛି; ତାହିଁର ଉପଲବ୍ଧି ଆଜିର ଅନୁଚିନ୍ତା ।

"ନବାନ୍ନ" ବା ନୂଆଖାଇ" ପର୍ବ ସନ୍ଧ୍ୟାରେ କପାଳରେ ଟିକାଲଗାଇ ନୂଆ ପୋଷାକ ପିନ୍ଧି ଆଦିବାସୀ ଯୁବକ-ଯୁବତୀ, ସ୍ତ୍ରୀ-ପୁରୁଷ, ବୁଢ଼ା-ବୁଢ଼ୀ ସମସ୍ତେ ନୃତ୍ୟ ଗୀତରେ ମସ୍‌ଗୁଲ ହୋଇଯାଆନ୍ତି । କର୍ମମୁଖର ଜୀବନ ସେମାନଙ୍କର ସେଇ ସମୟଟକ ରସ ଓ ଛନ୍ଦମୟ ହୋଇଯାଏ । ଆହ୍ୱାନ ଦିଏ – ନୂତନ ସମ୍ଭାବନାର ସଙ୍କଳ୍ପ ନେବା ପାଇଁ; କାମନାକରେ ସୁଖ-ସମୃଦ୍ଧିର ସାମ୍ରାଜ୍ୟ ପ୍ରତିଷ୍ଠା ଲାଗି । ପାରମ୍ପରିକ ରୀତିରେ ଆଦିବାସୀ ବସ୍ତିରୁ ଭାସିଆସେ "ନୂଆଖାଇ" ସଙ୍ଗୀତ ସ୍ୱାଗତିକା ।

ଏହିପରି ଏକ ସାଂସ୍କୃତିକ ସଙ୍କେତ ବହନ କରି "ନବାନ୍ନ" ବା "ନୂଆଖାଇ" ପର୍ବ କେଉଁ ଆଦିମ ଯୁଗରୁ ଚଳିଆସିଛି ମାନବ ଜାତିକୁ ମହାନ୍‌ଭାବେ କର୍ମପ୍ରବଣତାରେ ଅନୁପ୍ରାଣିତ କରି ।

---

ପ୍ଲଟ୍ ନଂ ୪୬୮, ନୂଆସାହି,
ନୟାପଲ୍ଲୀ, ଭୁବନେଶ୍ୱର ।



କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ଶିବ ବଳଦେବ ଜୀଉଙ୍କ ରଥଯାତ୍ରାରେ ଅର୍ଥ ମନ୍ତ୍ରୀ ଶ୍ରୀ ବେଦପ୍ରକାଶ ଅଗ୍ରୱାଲ୍ ଓ ତାଙ୍କ ସହଧର୍ମିଣୀ ।

# ଗାନ୍ଧିଜୀଙ୍କ ଦୃଷ୍ଟିରେ ନୈତିକ ସଭ୍ୟତା

● ଡକ୍ଟର ପି: ଶଙ୍କର ନାରାୟଣ ପାତ୍ର

ମହାତ୍ମା ଗାନ୍ଧୀ ପୃଥିବୀ ଓ ଇତିହାସର ଏକ ଆଧ୍ୟାତ୍ମିକ ବ୍ୟାଖ୍ୟା କରିଥିଲେ । ତେଣୁ ପ୍ରକୃତି ଓ ସଭ୍ୟତାର ବିକାଶ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ଥିଲା ନୈତିକ । ସେ ମତ ଦେଇଥିଲେ ଯେ ସଭ୍ୟତା ମନୁଷ୍ୟର କର୍ତ୍ତବ୍ୟର ଏକ ନିୟାମକ । ସେ ସଭ୍ୟତାର ବିକାଶ ଓ ବିବର୍ତ୍ତନ ସହିତ କର୍ତ୍ତବ୍ୟ ପରାୟଣ ନୈତିକ ମୂଲ୍ୟବୋଧର ସଂଯୋଗ ସ୍ଥାପନ କରିଥିଲେ । ନୈତିକ ବିକାଶ ଆତ୍ମିକା ସଂଯତ ବିନା ଅସମ୍ଭବ । ତେଣୁ ପ୍ରକୃତି ସଭ୍ୟତା ମନୁଷ୍ୟଙ୍କୁ ଆଭ୍ୟନ୍ତରୀଣ ଉନ୍ନତି ଓ ନୈତିକ ସଂସ୍କରଣ ପାଇଁ ମାର୍ଗ ଦର୍ଶାଇବା ଉଚିତ୍ । ନୈତିକତା ବିନା ସଭ୍ୟତା ମୂଲ୍ୟହୀନ ଓ ଧ୍ୱଂସାଭିମୁଖୀ । ଏହି ଆଭିମୁଖ୍ୟ ହେଉଛି ଗାନ୍ଧିଜୀଙ୍କ ବିଶ୍ଳେଷଣର କେନ୍ଦ୍ରୀୟ ଉପାଦାନ ।

କେବଳ ସାମାଜିକ, ସଭ୍ୟ ଓ ସରଳ ଜୀବନ ପାଇଁ ବହିର୍ଗତ ଓ ବୈଷୟିକ ଯୋଜନାରେ ଗାନ୍ଧିଜୀଙ୍କ ସଭ୍ୟତା ସମ୍ପର୍କରେ ଚିନ୍ତାଧାରା ସିମୀତ ନ ଥିଲା । ସ୍ପେଙ୍ଗଲର୍‌ଙ୍କ ଭଳି ସେ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ବିଶ୍ଳେଷଣାତ୍ମକ ତାରତମ୍ୟକୁ ସ୍ୱୀକାର କରିନଥିଲେ ।

ଗାନ୍ଧିଜୀଙ୍କ ଦୃଷ୍ଟିରେ ସଭ୍ୟତାର ଦର୍ଶନ ପରିପ୍ରେକ୍ଷୀରେ ନୈତିକ ଉନ୍ନତିର ଅର୍ଥ ନଥିଲା କେବଳ ଆତ୍ମ ପବିତ୍ରତା କ୍ଷେତ୍ରରେ ବିନ୍ୟସ୍ତ । ଏହା ଥିଲା ମଧ୍ୟ ଦଳିତ, ନିର୍ଯ୍ୟାତିତ ଓ ପତିତମାନଙ୍କ ସେବାରେ ଗତିଶୀଳ ନିୟୋଗ ।

ଗାନ୍ଧିଜୀଙ୍କ ଦୃଢ ମତ ଥିଲା ଯେ ଯେଉଁ ସଭ୍ୟତା ନିମ୍ନତମ ବ୍ୟକ୍ତିକୁ ସୁସ୍ଥ ଜୀବନ ଯାପନ କରିବା ପାଇଁ ଅନ୍ତତଃ ସୁଯୋଗ ଓ ଭିତ୍ତି ନଯୋଗାଇବ ସେହି ସଭ୍ୟତାକୁ ସଭ୍ୟତା କୁହାଯାଇ ନପାରେ । ଏଣୁ ମାନବ ସେବା ପାଇଁ ସେ ଅବିରତ ଭାବେ ଜଡ଼ିତ ଥିଲେ ଏବଂ ନୈତିକ ସଭ୍ୟତାର ଏକ ନିର୍ଭିକ ସମର୍ଥକ ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଥିଲେ । ଭାରତୀୟମାନଙ୍କ ମାଧ୍ୟମରେ ବିଶ୍ୱସେବା କରିବା ପାଇଁ ସେ ବ୍ରତୀ ଥିଲେ ।

ସଭ୍ୟତାର ନୈତିକ ଆଭିମୁଖ୍ୟର ଏକ ଅଗ୍ରଗାମୀ ସମର୍ଥକ ହେବା ଯୋଗୁଁ ଗାନ୍ଧିଜୀଙ୍କୁ ବାସ୍ତବ ସଭ୍ୟତାର ଏକ ପ୍ରବର୍ତ୍ତକ କୁହାଯାଇପାରେ ।

ସଭ୍ୟତା ପାଇଁ ତଥ୍ୟ ସମ୍ବଳିତ ସଂଯୋଜନ ପାଇଁ ଗାନ୍ଧିଜୀ ପ୍ରଚେଷ୍ଟା କରିନଥିଲେ ମଧ୍ୟ ତାଙ୍କର ସଭ୍ୟତା ସମ୍ପର୍କରେ ଚିନ୍ତାଧାରା ତିନୋଟି ମୌଳିକ ନୀତି ଉପରେ ପ୍ରତିଷ୍ଠିତ ।

(କ) ସେ ମନେ କରୁଥିଲେ ଯେ ପୃଥିବୀ ଏକ ମାୟା ବା ମରିଚୀକା । ଭଗବାନଙ୍କ ସମ୍ମୁଖରେ ପୃଥିବୀ ଓ ଏହାର ମୂଲ୍ୟ କେବଳ ଗୌଣ ଲକ୍ଷ୍ୟ । ଏଣୁ ଭଗବତ ବିଶ୍ୱାସୀ ଭାବେ ସେ ପାର୍ଥିବ ଜୀବନ ପ୍ରତି ଆଗ୍ରହାନ୍ୱିତ ନଥିଲେ । ତାଙ୍କର ମତ ଥିଲା ଯେ ମର ଶରୀରର ଲୋଭ ଓ ମୋହ ଲଙ୍ଘନ କରି ସାର୍ବଭୌମ ସତ୍ୟତାର ଆନୁଗତ୍ୟ ହିଁ ପ୍ରକୃତ ସଭ୍ୟତା । ସେ ନିଜେ ଅନୁଭବ କରିଥିଲେ ଯେ ଶାଶ୍ୱତ, ଅସୀମ ଏବଂ ଅମର ଭଗବାନଙ୍କ ଅନୁସନ୍ଧାନ ଅନିର୍ବାର୍ଯ୍ୟ ।

(ଖ) ଗାନ୍ଧିଜୀଙ୍କ ସଭ୍ୟତାର ଦର୍ଶନରେ ସାରଲ୍ୟର ଅନୁଶାସନ ପ୍ରସ୍ଫୁଟିତ । ସଭ୍ୟତାର ମାପକାଠି ହେଉଛି ସରଳ ଜୀବନ । ଏହାର ଅର୍ଥ ହେଉଛି ଭୋଗ ବିଳାସ ଜୀବନ ପ୍ରତି ବୈରାଗ୍ୟ । ସେ ଇଚ୍ଛାଗତ ଦାରିଦ୍ର୍ୟର ପବିତ୍ର ଶକ୍ତିକୁ ଅକୁଣ୍ଠ ଚିତ୍ତରେ ଗ୍ରହଣ କରିଥିଲେ । ସେ କହିଥିଲେ ଯେ ଆଧ୍ୟାତ୍ମିକ ଓ ନୈତିକ ସ୍ୱାଧୀନତା ବିଳାସବ୍ୟସନ ସାମଗ୍ରୀ ସଂଗ୍ରହ ଉପରେ ନିର୍ଭର କରେ ନାହିଁ । ଏହା ନିର୍ଭର କରେ ସରଳ ଜୀବନ ଯାପନର ଅଭ୍ୟାସ ଉପରେ । ଅହଂକାର, ଭୋଗ ବିଳାସ ଓ ସମ୍ପତ୍ତିର ସମର୍ଥନ ନୈତିକତାର ପ୍ରଧାନ ଅନ୍ତରାୟ । ତାଙ୍କ ମତରେ ରୋମର ପତନ ଘଟିଲା, ଯେହେତୁ ସେ ବସ୍ତୁଗତ ପ୍ରାଚୁର୍ଯ୍ୟର ଚରମ ସୀମାରେ ପହଞ୍ଚିଥିଲା ।

ସ୍ୱାଭାବିକ ଭାବେ ସାରଲ୍ୟ ହେଉଅଛି ମନୁଷ୍ୟର ବାସ୍ତବିକତା ସନ୍ଧାନର କର୍ତ୍ତବ୍ୟର ଏକ ପରିପୂରକ । ଯେଉଁ ମନୁଷ୍ୟ ନିଜର ନୈତିକ ଓ ସାମାଜିକ କର୍ତ୍ତବ୍ୟ ନିର୍ବାହ କରୁଅଛି ଏବଂ ଆଧ୍ୟାତ୍ମିକ ମୂଲ୍ୟ ମାଧ୍ୟମରେ ନିଜର ଚରିତ୍ରକୁ ନିୟନ୍ତ୍ରଣ କରୁଅଛି ତାହା ପାଇଁ ସାରଲ୍ୟ ଯନ୍ତ୍ରଣାଦାୟକ ନୁହେଁ । ବରଂ ଏହା ଏକ ଆନନ୍ଦ ଓ ଗୌରବର ବିଷୟ ବସ୍ତୁ ।

କେତେକ ସମାଲୋଚନା କରନ୍ତି ଯେ ଗାନ୍ଧିଜୀଙ୍କ ସାରଲ୍ୟ ପ୍ରତି ଅନୁରାଗ ତାଙ୍କର ଅଜ୍ଞତାରୁ ସୃଷ୍ଟି । ଏହା ଠିକ୍ ନୁହେଁ । ସାରଲ୍ୟ ତାଙ୍କ ଅନାବିଳ ହୃଦୟର ଏକ ପ୍ରକାଶନ । ମନୁଷ୍ୟ ଯେତେବେଳେ

ନୈତିକତାର ସନ୍ଧାନୀ ହୁଏ ସେ ତାହାର ଜୀବନ, ରୁଚି, କାର୍ଯ୍ୟ ଓ ବ୍ୟବହାରରେ ସାରଲ୍ୟକୁ ଦର୍ଶନ ଭାବେ ଗ୍ରହଣ କରେ। ଶୁଦ୍ଧ ସାରଲ୍ୟ ହେଉଛି ଆଧ୍ୟାତ୍ମିକ ବାସନାର ଏକ ମୌଳିକ ନୀତି ଏବଂ ଏହା ମନୁଷ୍ୟକୁ ଅବାଞ୍ଛିତ ପଥରୁ ଦୂରେଇ ରଖେ। ଏହାର ତାତ୍ପର୍ଯ୍ୟ ହେଉଅଛି ମନୁଷ୍ୟକୁ କୁଟିଳତାରୁ ଟାଣି ଆଣିବା। ନହୁବା ସଭ୍ୟତାର ଅବକ୍ଷୟ ଅବଶ୍ୟମ୍ଭାବୀ।

ଯେହେତୁ ଗାନ୍ଧିଜୀ ସରଳ ଜୀବନ ଯାପନରେ ବିଶ୍ୱାସ କରୁଥିଲେ ସେ ଭାରତୀୟମାନଙ୍କର ଜୀବିକାର ମାନଦଣ୍ଡକୁ ଏକ ସୀମିତ ସ୍ତର ପର୍ଯ୍ୟନ୍ତ ବିକଶିତ କରିବା ପାଇଁ ଉତ୍ସୁକ ଥିଲେ। ନୈତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ମନୁଷ୍ୟର ସୁଖ ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ଭୌତିକ ସାମଗ୍ରୀର ବ୍ୟବହାରକୁ ବିରୋଧ କରୁଥିଲେ।

କେବଳ ଧନ ସଂଗ୍ରହ ପାଇଁ ଲାଳସା ସଭ୍ୟତାର ପରିପନ୍ଥୀ ବୋଲି ସେ ମନେ କରୁଥିଲେ। ତାଙ୍କର ଇଚ୍ଛାଗତ ଦାରିଦ୍ର୍ୟ ହେଉଛି ଆପଣାର ଦୀନ ଓ ଦରିଦ୍ର ପ୍ରତି ପ୍ରେମର ଏକ ଜ୍ୱଳନ୍ତ ନମୁନା। ଏହି ଚିନ୍ତାଧାରା ପରୋକ୍ଷ ଭାବେ ପାଶ୍ଚାତ୍ୟ ସଭ୍ୟତାକାଙ୍କ୍ଷୀ ଭାରତୀୟ ମଧ୍ୟବିତ୍ତ ଶ୍ରେଣୀମାନଙ୍କ ମଧ୍ୟରେ ଏକ ବିଦ୍ରୋହକ ଚେତନା ସୃଷ୍ଟି କରିପାରିଥିଲା।

ଆତ୍ମା ଓ ଶରୀରର ସାମାଜିକ ବିକାଶ ପାଇଁ ଗାନ୍ଧିଜୀ ଯୁକ୍ତି ବାଢ଼ିଥିଲେ। ଅବଶ୍ୟ ଶରୀରର ସ୍ୱାର୍ଥକୁ ସେ ପ୍ରତ୍ୟାଖ୍ୟାନ କରିନଥିଲେ। ଖାଦ୍ୟ ଓ ଶାରୀରିକ ବ୍ୟାୟାମ ପାଇଁ ସେ ନିବିଡ଼ ଭାବେ ଜାଗ୍ରତ ରହୁଥିଲେ। ସେ ନିୟମିତ ଭାବେ ପ୍ରାତଃ ଭ୍ରମ କରୁଥିଲେ ଏବଂ ୧୯୦୬ ସାଲର ଜୁଲୁ ବିପ୍ଳବରେ ଆମେ ଦେଖିବ ପାଉ ସେ କିପରି ପଦବ୍ରଜରେ ୨୦ ମାଇଲ୍ ପର୍ଯ୍ୟନ୍ତ ଭ୍ରମ କରିପାରୁଥିଲେ। ପ୍ରାଚୀନ ବ୍ୟାୟାମର ପ୍ରାଣାୟମରେ ବିଶ୍ୱାସ କରୁଥିଲେ। ପ୍ରକୃତି ଉପଶମ ପ୍ରତି ତାଙ୍କର ପ୍ରଗା ଅନୁରାଗ ଥିଲା। ନୈତିକ ଓ ଶାରୀରିକ ଶକ୍ତି ସଂଗ୍ରହ ପାଇଁ ବ୍ରହ୍ମଚର୍ଯ୍ୟ ପ୍ରଚାର କରିଥିଲେ। ସେ ପ୍ରାଧାନ୍ୟ ଦେଉଥି ଶାରୀରିକ ଶରୀର ଉନ୍ନତି ପାଇଁ କିନ୍ତୁ ଏହାର ପ୍ରତ୍ୟାଖ୍ୟାନ ପା ନୁହେଁ। ତାଙ୍କର ମତ ଯେ ମାନବ ଶରୀର ଭଗବାନ ମନ୍ଦିର।

(ଗ) ଗାନ୍ଧିଜୀ ସମ୍ପୂର୍ଣ୍ଣ ମାନବ ହେବା ପାଇଁ ସତତ୍ ଉଦ୍ୟ କରିଥିଲେ ଏବଂ ଆଧ୍ୟାତ୍ମିକ ଓ ଭୌତିକ ଉପାଦାନର ସଂଶ୍ଳେଷ ପାଇଁ ସେ ଯୁକ୍ତି ବାଢ଼ିଥିଲେ। ନିଶ୍ଚିତ ଭାବେ ସେ ଥିଲେ ତ୍ୟାଗ ଏବଂ ପ୍ରଶ୍ରୟକ।

ରାଜନୈତିକ ସ୍ୱାଧୀନତା ଏବଂ ମାନବିକ, ସାମାଜି ଅର୍ଥନୈତିକ ନ୍ୟାୟ ପାଇଁ ଗାନ୍ଧିଜୀଙ୍କ ପ୍ରଗାଢ଼ ଉତ୍ସାହ ଥିଲା ଶେଷ ଜୀବନ ପର୍ଯ୍ୟନ୍ତ ତାଙ୍କର ଉଦ୍ୟମ ଥିଲା ଅବିରତ। ମାନ ସମାଜରୁ ଦୂରରେ ରହି ବିଶ୍ୱ ସେବା କରିବା ତାଙ୍କର ଲକ୍ଷ୍ୟ ନଥିଲା। ସୁତରାଂ ଜାତୀୟ ଅନ୍ୱେଷଣ ଥିଲା ଗାନ୍ଧିଜୀଙ୍କ ଦର୍ଶନ ଏବଂ ସାମାଜିକତା ପରିପୂର୍ଣ୍ଣ ସଭ୍ୟତାର ମୂଳମନ୍ତ୍ର।

---

ଶ୍ରୀଜଗଦୀଶ ମହାବିଦ୍ୟାଳୟ,
ବାଣପୁର।



ଲକ୍ଷ୍ମୀସାଗରଠାରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଡି. ଜି. ଓ. କର୍ମଚାରୀଙ୍କ ବାସଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ମଧୁବାବୁ ଓ ଓଡ଼ିଆର ସ୍ୱାଭିମାନ

● ଅଜିତ୍ କୁମାର ତ୍ରିପାଠୀ

ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ।ପ୍ରଖ୍ୟାତ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ ତାଙ୍କର ଜୀବନୀ ଓଡ଼ିଆ ଜାତିର ଏକ ମହାକାବ୍ୟ, କାରଣ ସେ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା ।

ସ୍ୱାଭିମାନ ପ୍ରତ୍ୟେକ ଜାତିର ଆତ୍ମ ମର୍ଯ୍ୟାଦା ଏବଂ ସ୍ୱାଭିମାନ ବିନା କୌଣସି ଜାତି ବଢ଼ି ପାରେନା । କିନ୍ତୁ ଏ ସ୍ୱାଭିମାନ ପ୍ରତ୍ୟେକ ଜାତିର ନିଜସ୍ୱ, ଶୁଆ ଭଳି ପାଠ ପଢାଇ କେହି କାହାରିକୁ ସ୍ୱାଭିମାନ ଶିକ୍ଷା ଦେଇ ପାରିବ ନାହିଁ । ପ୍ରତ୍ୟେକ ଓଡ଼ିଆ ନିଜକୁ ନିଜେ ଏଥିପାଇଁ ପ୍ରସ୍ତୁତ କରିବା ଆବଶ୍ୟକ ଏବଂ ନିଜର ଚାଲିଚଳନ, ଆଚାର ବ୍ୟବହାର ଓ କର୍ତ୍ତବ୍ୟବୋଧରେ ଏହି ସ୍ୱାଭିମାନ ପ୍ରତିଫଳିତ ହେବା ଆବଶ୍ୟକ। ପ୍ରତ୍ୟେକ ଜାତିର ସ୍ୱାଭିମାନ ହିଁ ତା'ର ମୌଳିକତା । ଆମର ସ୍ୱାଭିମାନ ଆମ ନିଜ ଉପରେ ନିର୍ଭର କରେ । ଜଣେ ଯଦି ନିଜ ଭିତରେ ଥିବା ପ୍ରତିଭା, ମୌଳିକତା ଓ ବ୍ୟକ୍ତିତ୍ୱକୁ ଚିହ୍ନି ନପାରିବ ସିଏ ସ୍ୱାଭିମାନକୁ ମଧ୍ୟ ଚିହ୍ନି ପାରିବ ନାହିଁ । ଆମେ ଓଡ଼ିଆ ବୋଲି ବାହାରେ ଗର୍ବର ସହ ପରିଚୟ ଦେବା ପାଇଁ ଆମ ନିଜର କିଛି ସ୍ୱକୀୟ ଗୁଣର ଆବଶ୍ୟକତା ଅଛି ଏବଂ ଆମ କଳା, ସଂସ୍କୃତି, ଧର୍ମ, ଭାଷା ଇତିହାସ, ସାହିତ୍ୟ ଓ ପରମ୍ପରାର କିଛି ବୈଶିଷ୍ଟ୍ୟ ଆମ ନିଜଠାରେ ପ୍ରତିଫଳିତ ହେବା ଆବଶ୍ୟକ । ଏଥିପାଇଁ ପ୍ରଥମେ ଏ ସବୁ ବିଷୟରେ ସମ୍ୟକ ଜ୍ଞାନର ଆବଶ୍ୟକତା ଅଛି ଏବଂ ତତ୍‌ପରେ ଆବଶ୍ୟକ ପ୍ରସ୍ତୁତି । ଓଡ଼ିଆର ସ୍ୱାଭିମାନ ସମ୍ପର୍କରେ ଜ୍ଞାନ ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କର ଜୀବନୀ ବିଷୟରେ ସମ୍ୟକ୍ ଧାରଣା ପ୍ରତ୍ୟେକ ଓଡ଼ିଶାବାସୀଙ୍କର ରହିବା ଉଚିତ ।

ମଧୁସୂଦନଙ୍କର କଟକ ହାଇସ୍କୁଲରେ ପଢ଼ିବା ସମୟର କଥା । ମୁଷ୍ଟିମେୟ ଓଡ଼ିଆ ଛାତ୍ରଙ୍କ ମଧ୍ୟରୁ ସେ ଜଣେ । ବଙ୍ଗୀୟ ସହପାଠୀମାନେ ଡାକୁଥିଲେ "ମଧୁ ଉଡ଼ିଆ" । ମୁଣ୍ଡରେ ଚୁଟି । ପରିଧାନ ହେଲା, ଖଦୀ, ତନ୍ତୀ ବୁଣା ମିରିଜାଇ, ପାଦରେ ମରହଟୀ ଜୋତା । ସେ ସମସ୍ତ ପରିହାସର ଶରବ୍ୟ ଥିଲେ ଯିଏ ନିଜେ ଏଣ୍ଟ୍ରାନ୍ସ (ମେଟ୍ରିକ୍) ପାଶ୍ କରିଥିଲେ ଏବଂ ଇଂରାଜୀ ସାହିତ୍ୟ ପଢାଉଥିଲେ । ସେ ଗୋଟିଏ ଇଂରାଜୀ ବାକ୍ୟର ଏକ ପ୍ରକାରର ବ୍ୟାଖ୍ୟା କଲେ, ଯାହା ମଧୁସୂଦନଙ୍କ ମନକୁ ପାଇଲା ନାହିଁ । ମଧୁସୂଦନ ପ୍ରଧାନ ଶିକ୍ଷକଙ୍କୁ ନମ୍ରତାର ସହ କହିଲେ ଯେ ସେ ବ୍ୟାଖ୍ୟା ଠିକ୍ ନୁହେଁ । କିନ୍ତୁ ଜଣେ ଓଡ଼ିଆ ବାଳକ ପକ୍ଷେ ଏହା ଘୋର ଅବାଧ୍ୟତା ଓ ଔଦ୍ଧତ୍ୟ ରୂପେ ପରିଗଣିତ ହେଲା । ପ୍ରଧାନ ଶିକ୍ଷକ ସଙ୍ଗେ ସଙ୍ଗେ ଉପସ୍ଥାନ ବହିରୁ ମଧୁସୂଦନଙ୍କ ନାମ କାଟିଦେଲେ ଓ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରିଦେଲେ। ମଧୁସୂଦନ ଜାଣିପାରିଲେ ଯେ, ଏହା ହେଉଛି ତାଙ୍କର ଇଂରାଜୀ ଶିକ୍ଷାର ଅନ୍ତ । ଅନ୍ୟ ଓଡ଼ିଆ ସାଙ୍ଗମାନେ ତାଙ୍କୁ ପ୍ରଧାନ ଶିକ୍ଷକଙ୍କୁ କ୍ଷମା ମାଗିବା ପାଇଁ ପ୍ରସ୍ତାବ ଦେଲେ ଓ ପରାମର୍ଶ ଦେଲେ। କିନ୍ତୁ ମଧୁସୂଦନଙ୍କ ବିବେକ ଓ ସ୍ୱାଭିମାନବୋଧ ଏ ପ୍ରସ୍ତାବକୁ ଗ୍ରହଣ କରି ପାରିଲା ନାହିଁ । ସେ ତା'ପର ଦିନ ସକାଳୁ କଟକ କଲେକ୍ଟର ମିଃ ହେଲି ସାହେବଙ୍କ ବଙ୍ଗଳାରେ ଯାଇ ହାଜର ହେଲେ। ମିଃ ହେଲି ଜଣେ ଆଇ.ସି.ଏସ୍. ଅଫିସର ଥିଲେ। କଟକର ମଫସଲ୍ ଗାଁଆରୁ ଆସିଥିବା ସ୍କୁଲ୍ ଛାତ୍ରଟିଏ ଏକା ଏକା ଇଂରେଜ ରାଜତ୍ୱ ସମୟରେ ଆଇ.ସି.ଏସ୍. ଗୋରା ସାହେବଙ୍କ ବଙ୍ଗଳାକୁ ଯାଇ ଦେଖା କରିବା କେତେ ଦୁଃସାହସର କଥା, ତାହା ଆଜି କଳ୍ପନା କରିହେବ ନାହିଁ। ମଧୁବାବୁ ପାଖ ବହିର ସେଇ ପରିଚ୍ଛେଦଟି ଦେଖାଇଲେ ଏବଂ ସେ ନିଜେ ପାଠଟି ଯେପରି ବୁଝିଛନ୍ତି ସେ କଥା କହିଲେ । ପ୍ରଧାନ ଶିକ୍ଷକ ଶ୍ରେଣୀରେ ଯେଉଁ ବ୍ୟାଖ୍ୟା କରିଛନ୍ତି ସେ କଥା ମଧ୍ୟ କହିଲେ । ହେଲି ସାହେବ ସବୁ ଶୁଣି ସାମାନ୍ୟ ହସିଲେ ଏବଂ ମଧୁସୂଦନଙ୍କୁ ପଚାରିଲେ ଯେ ସେ କ'ଣ ଓଡ଼ିଆ ? ଏବଂ ସେ କେଉଁ ଜାତିର ? ତତ୍‌ପରେ, ସେ ମଧୁସୂଦନଙ୍କୁ ତା'ପର ଦିନ ସକାଳ ଏଗାରଟା ବେଳେ ସ୍କୁଲକୁ ଆସିବା ପାଇଁ କହିଲେ ।

ତା'ପର ଦିନ ଠିକ୍ ଏଗାରଟା ବାଜିବା ପୂର୍ବରୁ ମଧୁସୂଦନ ସ୍କୁଲ ଗେଟ୍ ପାଖେ ଛିଡ଼ା ହୋଇଥିଲେ ଓ ହେଲି ସାହେବଙ୍କ ଘୋଡା ଗାଡ଼ି ଗଲାବେଳେ ତାଙ୍କୁ ପ୍ରଣାମ କଲେ । ପ୍ରଧାନ ଶିକ୍ଷକଙ୍କ ସଙ୍ଗେ ହେଲି ସାହେବ କଥାବାର୍ତ୍ତା ହୋଇ ଚାଲିଗଲା ପରେ ପ୍ରଧାନ ଶିକ୍ଷକ ମଧୁସୂଦନଙ୍କୁ ଡକାଇ ପଠାଇଲେ ଏବଂ କହିଲେ ଯେ ସେ ତାଙ୍କୁ କ୍ଷମା କରିଛନ୍ତି ଏବଂ ତାଙ୍କୁ ପୁନରାୟ ବିଦ୍ୟାଳୟରେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ଘଟଣା ପରେ ମଧୁବାବୁଙ୍କ ବଙ୍ଗୀୟ ସହପାଠୀମାନଙ୍କ ମଧ୍ୟରେ ତାଙ୍କ ପ୍ରତି ବ୍ୟବହାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଲା । ନିଜର ଅପ୍ରକାଶିତ ଅର୍ଦ୍ଧ ସମ୍ପୂର୍ଣ୍ଣ ଆତ୍ମଜୀବନୀରେ ମଧୁବାବୁ ନିଜେ ଏକଥା ଲେଖିଛନ୍ତି ।

"ଗ୍ରାମରେ ପୁରୁଣା ଜମିଦାର ବଂଶର ଦାୟାଦଭାବେ ଆଦର ସମ୍ମାନ ପାଉଥିବା ବାଳକଟିଏ ସହରରେ ଇଂରାଜୀ ହାଇସ୍କୁଲ୍‌ରେ ଅପମାନ, ବ୍ୟଙ୍ଗ, ବିଦ୍ରୁପ ଓ ତାଚ୍ଛଲ୍ୟର ଶିକାର ହୋଇଥିଲା । ତାଙ୍କର ପ୍ରଚଣ୍ଡ ସ୍ୱାଭିମାନବୋଧ ହିଁ ଏ ଦୁର୍ଦ୍ଦିନରେ ତାଙ୍କୁ ସାହାସ ଦେଇଥିଲା । ତାଙ୍କ ନିଜ ଭାଷାରେ" During the years of the Bengali persecution at school, I looked back with a sing, a regret, sometimes with tears to the days I spent in my village, before I was transported to Cuttack for my English Education.

I thought of the days when I was loved, respected and blessed as the scion of an old family of Zamindars. But I was beginning to be reconciled to a life where scorn, contempt and insult would be my share. My re-admission into the school dispelled the dark clouds which had gathered on the horizon; a long vista of future life appeared before me"

ଏ କଥାଟି ହେଲା ମଧୁବାବୁଙ୍କ ବି.ଏ. ପରୀକ୍ଷା ସମୟରେ ସଂସ୍କୃତ ପ୍ରଶ୍ନର ଉତ୍ତର ସେତେବେଳେ ଦେବନାଗରୀ ଲିପି ନୋହିଲେ ନିଜ ମାତୃଭାଷାରେ ଲେଖାଯିବା କଥା । କଲିକତା ବିଶ୍ୱବିଦ୍ୟାଳୟର ତତ୍‌କାଳୀନ ସଂସ୍କୃତ ପରୀକ୍ଷକ କୃଷ୍ଣମୋହନ ବାନାର୍ଜୀ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିଲେ । ତେଣୁ ବଙ୍ଗଳା ବ୍ୟତୀତ ଅନ୍ୟ ଲିପିରେ କୌଣସି ପରୀକ୍ଷାର୍ଥୀ ଉତ୍ତର ଲେଖିବା ପାଇଁ ଅନୁମତି ପାଉନଥିଲେ । ଅର୍ଥାତ୍ ପରୀକ୍ଷାର୍ଥୀଙ୍କ ମାତୃଭାଷା ଯାହା ହେଉ ନା କାହିଁକି ବଙ୍ଗଳା ଲିପିରେ ସଂସ୍କୃତ ଲେଖିବା ବାଧ୍ୟତାମୂଳକ ଥିଲା ।

ବଙ୍ଗଳା ଲିପିରେ ସଂସ୍କୃତ ପରୀକ୍ଷାର ଉତ୍ତର ଦେବା ମଧୁସୂଦନଙ୍କ ପକ୍ଷେ ଆଦୌ କଷ୍ଟସାଧ୍ୟ ନଥିଲା କାରଣ କଲିକତାରେ ରହିବା ଦିନୁ ସେ ବଙ୍ଗଳାରେ କହିବା ଓ ଲେଖିବା ଭଲଭାବେ ଶିଖିଥିଲେ । କିନ୍ତୁ ମଧୁସୂଦନଙ୍କର ପ୍ରଚଣ୍ଡ ସ୍ୱାଭିମାନ ଏ ଦିଗରେ ଅନ୍ତରାୟ ହେଲା । ଦେବନାଗରୀ ଲିପି ବା ମାତୃଭାଷା ଲିପିରେ ହିଁ ସେ ପରୀକ୍ଷାରେ ସଂସ୍କୃତ ଲେଖିବେ । ତାଙ୍କର ଯୁକ୍ତି ହେଲା ବିଶ୍ୱବିଦ୍ୟାଳୟ ଅନୁଶାସନ ଛାତ୍ରକୁ ଯେଉଁ ଅଧିକାର ଦେଇଛି ତାହା କୃଷ୍ଣମୋହନ ବାନାର୍ଜୀଙ୍କର ଦେବନାଗରୀ ଲିପିର ଅଜ୍ଞତା ପାଇଁ କାହିଁକି ଜଣେ ଛାତ୍ର ହରାଇବ ? ମଧୁବାବୁ ସଙ୍କଳ୍ପ ନେଲେ ଯେହେତୁ ବଙ୍ଗଳା ତାଙ୍କର ମାତୃଭାଷା ନୁହେଁ, ତେଣୁ ସେ ଓଡ଼ିଆରେ ହିଁ ସଂସ୍କୃତ ପ୍ରଶ୍ନର ଉତ୍ତର ଲେଖିବେ ।

ବନ୍ଧୁଗଣ ପରାମର୍ଶ ଦେଲେ, ଏ ବିଷୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସଙ୍ଗେ ଝଗଡ଼ା ନକରି କୌଣସି ମତେ ପରୀକ୍ଷା ଦେଇ ପାସ୍ କରିଗଲେ ଭଲ । ଓଡ଼ିଶାର ପ୍ରଥମ ଓଡ଼ିଆ ଛାତ୍ର ବି.ଏ. ପରୀକ୍ଷା ଦେବାକୁ ଯାଉଛି, କିନ୍ତୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଅପେକ୍ଷା ନିଜର ପ୍ରଦେଶର ସ୍ୱାଭିମାନ ଓ ତା'ର ମାତୃଭାଷାର ସମ୍ମାନ ତା' ପାଇଁ ବଡ଼ ପ୍ରଶ୍ନ ହୋଇ ଦେଖା ଦେଇଛି । ତା'ପଛରେ ରାଜନୈତିକ ସମର୍ଥନ ନାହିଁ, ଅର୍ଥ ବଳ ନାହିଁ ।

ଛାତ୍ର ଇଉନିୟନ୍‌ର ଝଣ୍ଡା ନାହିଁ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବା କଲେଜ ଅଧ୍ୟକ୍ଷ କାହାରି ସମର୍ଥନ ବା ଆଶୀର୍ବାଦ ନାହିଁ । କିନ୍ତୁ ଦୃଢ଼ସଙ୍କଳ୍ପ ଓ ମାତୃଭାଷାର ଟେକ ରଖିବା ପାଇଁ ଅଟଳ ପ୍ରତିଜ୍ଞା ଅଛି । ମଧୁସୂଦନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖକୁ ସ୍ମାରକ ପତ୍ର ଲେଖିଲେ ଓଡ଼ିଆ ତାଙ୍କର ମାତୃଭାଷା, ତାଙ୍କୁ ଓଡ଼ିଆ ଲିପିରେ ହିଁ ସଂସ୍କୃତ ପତ୍ରର ଉତ୍ତର ଦେବା ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ– ଯାହା ବିଶ୍ୱବିଦ୍ୟାଳୟର ଅନୁଶାସନରେ ଲେଖାଅଛି । ପ୍ରଥମ ଓଡ଼ିଆ ବି.ଏ. ପରୀକ୍ଷାର୍ଥୀ ଏ ଯେଉଁ ଲିପି ସମସ୍ୟାଟି ଉତ୍‌ଥାପନ କଲା, ତା'ର ଯୁକ୍ତିଯୁକ୍ତ ଉତ୍ତର କଲିକତା ବିଶ୍ୱବିଦ୍ୟାଳୟ ପାଖରେ ନଥିଲା । ରେଜିଷ୍ଟ୍ରାର୍ ଆବେଦନ ଅଗ୍ରାହ୍ୟ କଲେ ।

ପରବର୍ତ୍ତୀ ଆବେଦନ ଗଲା କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ଏଚ୍.ଜେ.ରେ ନଲଡସ୍‌ଙ୍କ ପାଖକୁ । ତା'ର କୌଣସି ଫଳ ହେଲା ନାହିଁ । ମଧୁସୂଦନ ସବୁ ସିନେଟ୍ ଓ ସିଣ୍ଡିକେଟ୍‌ର ସଭ୍ୟମାନଙ୍କ ଘରକୁ ଯାଇ ନିଜର ଦାବୀ ଉପସ୍ଥାପନ କଲେ । ଓଡ଼ିଆ ଗୋଟିଏ ଭାଷା ବୋଲି ସ୍ୱୀକାର କରିବା ଯେଉଁମାନଙ୍କ ପକ୍ଷରେ କଷ୍ଟ ଥିଲା, ସେମାନେ ଓଡ଼ିଆ ଲିପିରେ ବି.ଏ. ପରୀକ୍ଷା ଦେବା ପାଇଁ ଅନୁମତି ଦେବା ସମ୍ଭବ କିପରି ? କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ଓ କୁଳପତିଙ୍କ ନିଷ୍ପତ୍ତି ଜଣେ ସାମାନ୍ୟ ବି.ଏ. ଛାତ୍ର ପାଇଁ ବଦଳି ଯିବ ? କଲେଜ୍ ପ୍ରିନ୍‌ସିପାଲ୍ ବହୁତ ବୁଝାଇଲେ, ମାତ୍ର ମଧୁବାବୁ ନିଜ ନିଷ୍ପତ୍ତିରେ ଅଟଳ । ବଙ୍ଗଳା ମୋ'ର ମାତୃଭାଷା ନୁହେଁ । ତେଣୁ ବଙ୍ଗଳା ଲିପିରେ ସଂସ୍କୃତ ପରୀକ୍ଷା ପତ୍ରର ଉତ୍ତର ଲେଖିବା ପ୍ରଶ୍ନ ଉଠୁ ନାହିଁ । ପରୀକ୍ଷା ନଦେଲେ ପଛେ ଚଳିବ କିନ୍ତୁ ବଙ୍ଗଳା ଲିପିରେ ନୁହେଁ ।

ଶେଷକୁ, ମଧୁସୂଦନ ଏକ ସ୍ମାରକପତ୍ର ପଠାଇଲେ ବଙ୍ଗ, ବିହାର ଓ ଓଡ଼ିଶାର ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ସାର୍ ଉଇଲିୟମ୍ ଗ୍ରେଙ୍କ ପାଖକୁ । ବହୁ ଭାଷାଭାଷୀ ବଙ୍ଗଳା ପ୍ରେସିଡେନ୍‌ସିରେ ବଙ୍ଗଳା ସମସ୍ତଙ୍କର ମାତୃଭାଷା ନୁହେଁ । ଯଦି କୌଣସି ପରୀକ୍ଷକ ବଙ୍ଗଳା ବ୍ୟତୀତ ଅନ୍ୟ ଭାଷା ଜାଣନ୍ତି ନାହିଁ, ତେବେ ଜଣେ ଓଡ଼ିଆ ଭାଷୀ ଛାତ୍ରକୁ ନିଜର ମାତୃଲିପିରେ ସଂସ୍କୃତ ପରୀକ୍ଷା ଦେବାର ଅଧିକାରରୁ ବଞ୍ଚିତ କରାଯିବ କାହିଁକି ? ବିଶ୍ୱବିଦ୍ୟାଳୟ ନିଜର ନିୟମ ଓ ଅନୁଶାସନ ଲଙ୍ଘନ କରି ନିଜ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବ । ପରୀକ୍ଷାର୍ଥୀ ଅକାରଣରେ ହଇରାଣ ହେବ ଏବଂ କେବଳ ପରୀକ୍ଷକ ନିଜ ଅଜ୍ଞତା ପାଇଁ ପୁରସ୍କୃତ ହେବେ । ଏ ଯୁକ୍ତିକୁ କାଟିବା ପାଇଁ ସାର୍ ଉଇଲିୟମ୍ ଗ୍ରେଙ୍କ ପାଖରେ ଉତ୍ତର ନଥିଲା । ଲେଫଟ୍‌ନାଣ୍ଟ ଗଭର୍ଣ୍ଣରଙ୍କ ହସ୍ତକ୍ଷେପ ବଳରେ ଓଡ଼ିଆ ଲିପିରେ ସଂସ୍କୃତ ପରୀକ୍ଷା ଦେବା ପାଇଁ ମଧୁସୂଦନଙ୍କୁ ଅନୁମତି ମିଳିଲା । କଲିକତା ବିଶ୍ୱବିଦ୍ୟାଳୟର ଇତିହାସରେ ପ୍ରଥମଥର ପାଇଁ ଜଣେ ପରୀକ୍ଷାର୍ଥୀ ନିଜର ମାତୃଭାଷା ଓଡ଼ିଆରେ ବି.ଏ. ସଂସ୍କୃତ ପରୀକ୍ଷା ଉତ୍ତର ଦେଲେ ଯେତେବେଳେ ସେହି ଭାଷାଟି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରାଯାଉଥିବା ଭାଷା ମଧ୍ୟରୁ ଗୋଟିଏ ନଥିଲା । ଯେଉଁ ପ୍ରାନ୍ତର ସେ ଭାଷା, ସେ ପ୍ରାନ୍ତରୁ ଜଣେ କେହି ଆଗରୁ ବି.ଏ. ପାସ୍ କରି ନ ଥିଲେ ।

ସେ ଥିଲା ୧୮୭୦ ମସିହା ଆଉ ଏବେ ୨୦୧୨ ମସିହାରେ, ଜୟଦେବ ଓଡ଼ିଆ ବୋଲି କହିବା ବେଳକୁ ଆମ ଭିତ୍ତି ଖସି ଯାଉଛି ଏବଂ "ଏହା ବିବାଦୀୟ ବିଷୟ" ବୋଲି ଆମ ଭିତରୁ ମାରିଯାଉଛି ଏବଂ "ଜାତୀୟ ସ୍ରୋତ" ରେ କେହି କେହି ମତପ୍ରକାଶ କରି ନିଜକୁ ସାମିଲ୍ କରିଛନ୍ତି ବୋଲି ବାହାସ୍ଫୋଟ ମାରୁଛନ୍ତି ।

# ଓଡ଼ିଆ ଗଣସାହିତ୍ୟ ଓ କବି ବୈଷ୍ଣବ ପାଣି

● ଶ୍ରୀମତୀ ପୁଷ୍ପଲତା ଦାସ

ଉତ୍କଳୀୟ ସାହିତ୍ୟଲିପ୍ସୁ ଗଣମାନସରେ ଯେଉଁ ସାହିତ୍ୟ ସେବକଙ୍କର ଅମର ଜ୍ୟୋତି ଦେଦିପ୍ୟମାନ ହୋଇ ରହିଛି : ଯାହାଙ୍କର ସମୃଦ୍ଧ ରଚନା ଗଣ ହୃଦୟରେ ଗଭୀର ରସଚେତନାର ଉଦ୍‌ବେଳନ ସୃଷ୍ଟି କରିଛି ; ନିଜସ୍ୱ କଳା ଓ ପ୍ରତିଭାର ଦିଗନ୍ତ ବିସ୍ତାରୀ ଆଲୋକରେ ଯିଏ ଦୀପ୍ତିମନ୍ତ କରିଯାଇଛନ୍ତି ଅନ୍ଧକାରାଛନ୍ନ ଉତ୍କଳର ଜନ–ଜୀବନକୁ, ସାହିତ୍ୟ–ସଂସ୍କୃତିକୁ ନାଟ୍ୟ–କଳା–ରଙ୍ଗମଞ୍ଚକୁ; ସେଇ ଗଣହୃଦୟର ବିଦଗ୍ଧ ରସିକ ଆଶୁକବି, ସ୍ମରଣ କବି ବୈଷ୍ଣବ ପାଣିଙ୍କୁ ଏ ଜାତି ସ୍ମରଣ କରୁଛି ।

ଗଣକବି ବୈଷ୍ଣବ ପାଣିଙ୍କ ଜୀବନ ଓ ସାହିତ୍ୟକୁ ନେଇ ଅନେକ ଆଲୋଚନା, ବହୁ ସମୀକ୍ଷା ହୋଇଯାଇଛି । ଅନେକ ଆଲୋଚକଙ୍କ ମତରେ 'ସାହିତ୍ୟ ହିଁ ଜୀବନ' । କିନ୍ତୁ ଗଣକବିଙ୍କ ଜୀବନ ଯେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସାହିତ୍ୟ, ତାହା ଅନସ୍ୱୀକାର୍ଯ୍ୟ । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ସାହିତ୍ୟ ସାଧନାରେ ନିଜ ଜୀବନକୁ ତିଳତିଳ ଢାଳି ବୈଷ୍ଣବ ପାଣି ଓଡ଼ିଶାର ଗଣ ଜୀବନକୁ ପ୍ରଭାମୟ ସାହିତ୍ୟାଲୋକରେ ଉଦ୍ଭାସିତ କରିଯାଇଛନ୍ତି ।

୧୮୮୨ ମସିହା, ପବିତ୍ର କୁମାର ପୂର୍ଣ୍ଣିମା ତିଥି–କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ଏକ ଅଖ୍ୟାତ ପଲ୍ଲୀ କୋଠପଦାରେ ଗଣକବିଙ୍କର ଜନ୍ମ । ବାଲ୍ୟକାଳରେ ବ୍ୟାଧିଗ୍ରସ୍ତ ହୋଇ ବଡ଼ଠାକୁରଙ୍କ ବଡ଼ଛତାତଳେ ଶରଣ ନେଇଥିବା ଶିଶୁ ଶତ୍ରୁଘ୍ନ ହେଲେ 'ବୈଷ୍ଣବ' । ପରବର୍ତ୍ତୀ କାଳରେ ଯିଏ ପରିଚିତ ହୋଇଥିଲେ "ଗଣକବି ବୈଷ୍ଣବ ପାଣି" ନାମରେ । ଓଡ଼ିଆ ସାହିତ୍ୟ ଇତିହାସ ତାଙ୍କର ଶାଶ୍ୱତ ସୃଷ୍ଟି ସମୂହକୁ "ଗଣସାହିତ୍ୟ" ବୋଲି ଆଖ୍ୟା ଦେଲା ।

ଜଣେ ପ୍ରସିଦ୍ଧ ଔପନ୍ୟାସିକ କହିଥିଲେ– ''There are indeed great artists who express only themselves. But greatest of all are those whose hearts beat for all men.''

ସମୂହ ଜନମାନସକୁ ଛୁଇଁ ପାରୁଥିବା ସାହିତ୍ୟ ହିଁ ବାସ୍ତବରେ ଗଣସାହିତ୍ୟ । 'ଗଣ' କହିଲେ ନିତିଦିନର ଚିରନ୍ତନ ମଣିଷ, ଯାହା ମୁହଁରେ ଇତିହାସର ସଙ୍କେତ......ଜୀବନର ସୁଖଧରି ବଞ୍ଚିବା ପାଇଁ ଯେ ସଂଗ୍ରାମ ରତ ଅହରହ......ଏପରିକି ବାଳକଠାରୁ ବୃଦ୍ଧ ପର୍ଯ୍ୟନ୍ତ ଗୋରକ୍ଷକ ପିଲାଠାରୁ ଜ୍ଞାନୀ ପଣ୍ଡିତ ପର୍ଯ୍ୟନ୍ତ---। ସେଇ 'ଗଣ'ଙ୍କର ହୃଦ୍ୟ, ବୋଧଗମ୍ୟ ଭାଷା ଓ ଶୈଳୀରେ ଲେଖନୀ ଚାଳନା କରି ଏବଂ ସେଇ 'ଗଣ' ଜୀବନର ଚଳଣି ଓ ସଂସ୍କୃତିକୁ ସାହିତ୍ୟରେ ରୂପାୟିତ କରି ବୈଷ୍ଣବ ପାଣି ତତ୍‌କାଳୀନ ଓଡ଼ିଆ ସାହିତ୍ୟର ଧାରାକୁ ବଦଳାଇ ଦେଲେ ।

ସେଥିପାଇଁ ବୋଧହୁଏ ଡଃ ମାନସିଂହଙ୍କ History of Oriya literatureରେ ଗଣକବି ବୈଷ୍ଣବ ପାଣିଙ୍କ ସମ୍ପର୍କରେ ଲେଖା ଯାଇଛି– ''The gift he has made to the mass culture of Orissa is of inestimable value and is indeed deathless.''

ପରମ୍ପରାଗତମେ ଚାଲିଥିବା ଓଡ଼ିଶୀ ଯାତ୍ରା, ନାଟକ, ସୁଆଙ୍ଗ, ଗୀତିନାଟ୍ୟ ଆଦିର ଆଧୁନିକ ପରିବର୍ତ୍ତନ ଆଣି ସେଥିରେ ତତ୍‌କାଳୀନ ଓଡ଼ିଶାର ଗଣ ଜୀବନର ଚିତ୍ର ପ୍ରତିପାଦନ କରି ବୈଷ୍ଣବ ପାଣି ଗଣାଦୃତ ହୋଇଥିଲେ । ପୌରାଣିକ ଚରିତ୍ରମାନଙ୍କ ମୁହଁରେ ସେ ଯେଉଁ ସଂଳାପର ସ୍ୱର ଫୁଟାଇ ଥିଲେ, ତାହା ଥିଲା ସାଧାରଣ ସ୍ତର ପଲ୍ଲୀର ଜନଭାଷା । କିନ୍ତୁ ସେ ନିଜସ୍ୱ ମାତୃଭାଷା 'ଓଡ଼ିଆ' ପ୍ରତି ସଂପୂର୍ଣ୍ଣ ସଜାଗ ଥିଲେ । ତାଙ୍କ ଭାଷାରେ ଅଥବା ରଚନାରେ ବିଦେଶୀ ଭାଷାର ସ୍ଥାନ ନଥିଲା । ଏହି ପରିପ୍ରେକ୍ଷୀରେ ସେ ନିଜସ୍ୱ ସଂଳାପକୁ ନଟ ମୁଖରେ ନିମ୍ନମତେ ବୟାନ କରିଛନ୍ତି :– 'ବିଦୁଷୀ ପ୍ରବୀଣେ !xxxxxxx ଏ ଲେଖନୀରେ ନିଜର ମାତୃଭାଷା ବ୍ୟତୀତ ବିଦେଶୀ ଭାଷା ଆଦୌ ସ୍ଥାନ ପାଇଁ ନାହିଁ । ଜାତିକି ମ, କେବଳ ଓଡ଼ିଆ ଭାଇଙ୍କ ପାଇଁ ରୁଚି ସମ୍ପନ୍ନ ନାଟକ ପ୍ରଣୟନ ମୋର ଚିର ଲକ୍ଷ୍ୟ ଓ କାମନା ।" (ବୋଣା ପରାଜୟ)

ଭାବକୁ ନେଇ ଭାଷା ପ୍ରୟୋଗ କରିବାରେ ବୈଷ୍ଣବ ପାଣି ଥିଲେ ସିଦ୍ଧହସ୍ତ । 'ରସ' ହେଉଛି 'ଭାବର' ଶେଷ ପରିଣତି । ଏଣୁ ସଂସ୍କୃତ ସାହିତ୍ୟରେ 'ନବରସ'ର ଅବତାରଣା କରାଯାଇଛି । ଅନୁରୂପ ଭାବରେ ମଧ୍ୟ ଗଣକବିଙ୍କ ସୃଷ୍ଟିରେ ହାସ୍ୟ, କରୁଣ, ବୀର, ଶାନ୍ତ ପ୍ରଭୃତି 'ରସ' ଉପରେ ପ୍ରାଧାନ୍ୟ ଦିଆ ଯାଇଥିବାର ଲକ୍ଷ୍ୟ କରାଯାଏ ।

ହାସ୍ୟ ରସ ସହିତ ବ୍ୟଙ୍ଗୋକ୍ତି ଛଳରେ ସାମାଜିକ ସଂସ୍କାର ପାଇଁ ପାଣିଙ୍କ ଶାଣିତ ଲେଖନୀ ଅହରହ ଉଦ୍ୟମରତ ଥିଲା । କାରଣ :– ବ୍ୟଙ୍ଗ ହିଁ ସମାଜର ଗଣ ଜୀବନକୁ ମାର୍ଜିତ କରିପାରେ: ସାମାଜିକ ଶୃଙ୍ଖଳା ଓ ପ୍ରତିବଦ୍ଧତା ଆଣିପାରେ ; ନିଜ ମାତୃଭୂମି ପାଇଁ ମମତା ସୃଷ୍ଟି କରିପାରେ । ସେ ଲେଖିଛନ୍ତି–

"ପୋଡ଼ିଗଲା ଓଡ଼ିଶା ଦେଶ ହୋ;
ଛାଡ଼ି ଯାଉଅଛି ନିଜର ବାସ ହୋ,
ଯେତେ ନୂଆ କଥା ଦେଖୁଛି ଆଖିରେ
ବାକି ନାହିଁ, ସାକ୍ଷୀ ଅଛି ଅଶେଷ ହୋ;
କେହି କାହା କୁଳ – ଧରମ – କରମ
ନରଖିଲେ, ଶୁଣି ମାତୁଛି ହସ ହୋ ।"

କୃଷି ଭିତ୍ତିକ ରାଜ୍ୟ ଓଡ଼ିଶାର ସଂସ୍କୃତି ଓ ଅର୍ଥନୀତିକୁ ପଛରେ ପକାଇ ଖାଲି ଚାକିରିର ପ୍ରଲୋଭନରେ ଓଡ଼ିଆ ଯୁବାଦଳ ଅଗ୍ରସର ହେଉଥିବା ଲକ୍ଷ୍ୟ କରି ଗଣକବି ତାହାର ତୀବ୍ର ସମାଲୋଚନା କରିଛନ୍ତି ତାଙ୍କ ନାଟକରେ ଓ ତାଙ୍କ ସାହିତ୍ୟରେ ଦୃପ୍ତ ଆହ୍ୱାନ ଦେଇଛନ୍ତି ନିଜ ରାଜ୍ୟର ସଂସ୍କୃତିର ସୁରକ୍ଷା ପାଇଁ ।

ସରଳ, ସାବଲୀଳ, ରସାଳ ଶବ୍ଦ ଶୈଳୀର ସଂଯୋଜନା ଗଣକବିଙ୍କ ସାହିତ୍ୟକୁ (ନାଟକ, ଗୀତିନାଟ୍ୟ, ଯାତ୍ରା, ସୁଆଙ୍ଗ ଆଦିକୁ) ଅଧିକ ପ୍ରାଣବନ୍ତ ଓ ସୌଷ୍ଠବାନ୍ୱିତ କରିବା ସହିତ ଏତେ ଜନାଦୃତ କରିପାରିଛି । ଆବାଳ ବୃଦ୍ଧ ବନିତା ସବୁଶ୍ରେଣୀର ଦର୍ଶକ ପାଠକମାନଙ୍କ ହୃଦ୍ୟବୋଧ ତଥା ମନୋରଞ୍ଜନ ପାଇଁ ଗଣକବି ତାଙ୍କ ରଚନାରେ ଭରି ଦେଇଛନ୍ତି ଅସରନ୍ତି ଉପାଦାନ ।

ସେଥିପାଇଁ ବୋଧହୁଏ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ "କୋଣାର୍କ"ର ଗଣକବି ବୈଷ୍ଣବ ପାଣି ବିଶେଷାଙ୍କରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଶରତ କୁମାର କର ଏକ ପ୍ରବନ୍ଧରେ ଲେଖିଛନ୍ତି– "ସଂସ୍କୃତିପ୍ରେମୀ ଓଡ଼ିଆ ଜାତିକୁ ରାତି ଉଜାଗର କରାଇ ପୁରାଣ, ଶାସ୍ତ୍ର, ସାମାଜିକ ରୀତିନୀତି, ସାହିତ୍ୟିକ ରସ, ସଙ୍ଗୀତର ସ୍ୱରଝଙ୍କାର, ନାଟକର ରଙ୍ଗଛଟାରେ ମତୁଆଲ୍ କରି ନିଜ ଲେଖନୀର ଓ ଅଭିନୟର ସ୍ୱତନ୍ତ୍ରତା ଯଦି କିଏ କାଳର କଷଟି ପଥରରେ କଷେଇ ନେଇ ଅସଲି କରି ପାରିଛି– ସେ ହେଉଛନ୍ତି ବୈଷ୍ଣବ ପାଣି ।"

ବାସ୍ତବିକ୍ ବୈଷ୍ଣବ ପାଣିଙ୍କ ସାହିତ୍ୟିକ ପ୍ରତିଭାର ତୁଳନା ନାହିଁ । ସବୁଠାରୁ ଉଲ୍ଲେଖ ଯୋଗ୍ୟ ହେଉଛି ଗଣକବିଙ୍କ ନାଟକ, ଗୀତିନାଟ୍ୟ ସୁଆଙ୍ଗାଦିରେ ମୁଖ୍ୟ ଆକର୍ଷଣୀୟ ଚରିତ୍ର "ଡ଼ଗର" ବା "ଦୁଆରୀ" । ଯେଉଁ ଚରିତ୍ର ମୁଖରେ ସେ ଓଡ଼ିଆ ସମାଜର ତତ୍କାଳୀନ ଜନଜୀବନର ତଥା ଓଡ଼ିଶାର ଗଣମନର ଭାବ ଓ ସାମ୍ପ୍ରତିକ ସମସ୍ୟାବଳିର ଜୀବନ୍ତ ଚିତ୍ର ପ୍ରକ୍ଷ୍ୟାପନ କରୁଥିଲେ ।

ପଲ୍ଲୀବହୁଳ ଓଡ଼ିଶାର ଜନଜୀବନର ଚିତ୍ର ଗଣକବିଙ୍କ ନାଟ୍ୟ ସାହିତ୍ୟରେ ଜୀବନ୍ତ ହୋଇ ଫୁଟିଉଠିଛି । ଏହି ପରିପ୍ରେକ୍ଷୀରେ ଡକ୍ଟର ହରେକୃଷ୍ଣ ମହତାବ୍‌ଙ୍କ ବହୁଜନ ଚର୍ଚ୍ଚିତ "ଗାଁ ମଜ୍‌ଲିସ୍" ପାଣି ସାହିତ୍ୟ ସମୀକ୍ଷା ଓ ଆଲୋଚନାରୁ ସମ୍ଭୂତ ହୋଇଛି ବୋଲି ଡକ୍ଟର ମହତାବ ଏକ ପ୍ରବନ୍ଧରେ ନିଜେ ସ୍ୱୀକାର କରିଛନ୍ତି ।

ଗଣକବି ବୈଷ୍ଣବ ପାଣିଙ୍କ ରଚିତ ପ୍ରହଲ୍ଲାଦ ଚରିତ, ମେଘନାଦ ବଧ, ନଳଦମୟନ୍ତୀ, କର୍ଣ୍ଣବଧ, ଦକ୍ଷଯଜ୍ଞ, ଧ୍ରୁବ ଚରିତ, ଦାନବୀର ହରିଶ୍ଚନ୍ଦ୍ର, ବାଣା ପରାଜୟ, ପାରିଜାତ ହରଣ, ବିଦ୍ୟା ସୁନ୍ଦର ଆଦି ଅନେକ ଲୋକପ୍ରିୟ ଗୀତାଭିନୟ ଖାଲି ଜନପଦରେ ନୁହେଁ ବେତାର ଓ ଦୂରଦର୍ଶନ ଭଳି ଗଣ ମାଧ୍ୟମରେ ବହୁଳ ପ୍ରଚାରିତ ଓ ପ୍ରସାରିତ ହୋଇ ସାରିଛି । ଚଳିତ ବର୍ଷ ମଧ୍ୟ ଗଣକବିଙ୍କ ଜୀବନ ଚରିତ, କୃତୀ ଓ କୀର୍ତ୍ତି ସମ୍ବଳିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଶାର ସୂଚନା ଓ ଲୋକସମ୍ପର୍କ ବିଭାଗ ପୂଜ୍ୟ ପୂଜାସ୍ଥଳୀରେ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଉଲ୍ଲେଖ କରିବାର କାରଣ ଏହି ଯେ, ଯୁଗର ଅଗ୍ରଗତି ତଥା ସାଂସ୍କୃତିକ ବିବର୍ତ୍ତନ ସତ୍ତ୍ୱେ ବି ଗଣକବିଙ୍କର ଅମର ଲେଖନୀ ନିଃସୃତ ଓଡ଼ିଆ ଯାତ୍ରା, ନାଟକ, ସାହିତ୍ୟର ଆବୃତ୍ତି ଓ ଉଦ୍ଧୃତି ଗଣମାନସ ପଟ୍ଟରେ ସେମିତି ଭାସ୍ୱର ହୋଇ ରହିଛି । ସେଇଥିପାଇଁ ହୁଏତ' ବୈଷ୍ଣବ ପାଣି 'ଜଣ'ର ନହୋଇ 'ଗଣ'ର କବି ଭାବେ ଓଡ଼ିଆ ସାହିତ୍ୟରେ ସ୍ୱୀକୃତି ଲାଭ କରିଛନ୍ତି ।

ବିଶିଷ୍ଟ ସାହିତ୍ୟ ସମାଲୋଚକ ବୀର କିଶୋର ଦାସଙ୍କ ମତରେ "ପାଶ୍ଚାତ୍ୟ ଶିକ୍ଷାର ବହୁ ଦୂରରେ ଥାଇ ସ୍ୱକୀୟ ଅତନ୍ଦ୍ର ସାଧନା ବଳରେ ଗଣକବି ଓଡ଼ିଆ ସାହିତ୍ୟକୁ ଯେପରି ସମୃଦ୍ଧ କରିଯାଇଛନ୍ତି ତାହା ଯୁଗେଯୁଗେ ତାଙ୍କୁ କରିବ ଜାତିସ୍ମର ।" କାରଣ : ଜାତିର ମର୍ମ କୋଣରେ ସଂସ୍କୃତିର ମଧୁକ୍ଷରା ରହହିଁ ସ୍ୱୟମ୍ଭୂ–ପବିତ୍ରତା । ସ୍ୱର୍ଗତ ପାଣି ଥିଲେ ତାହାରି ଉଦ୍‌ଗାତା ।

ଓଡ଼ିଆ ଗଣ ସାହିତ୍ୟର ଆଦ୍ୟସ୍ରଷ୍ଟା ଏହି ଗଣକବି ବୈଷ୍ଣବ ପାଣିଙ୍କ ରଚିତ ନଳଦମୟନ୍ତୀ ଗୀତିନାଟ୍ୟ ଦେଖିବାବେଳେ ତତ୍‌କାଳୀନ ବିହାର–ଓଡ଼ିଶା ସରକାରଙ୍କ ଓଡ଼ିଆ ପ୍ରକାଶନମାନଙ୍କର Confidential Reporter ପଲ୍ଲୀକବି ନନ୍ଦକିଶୋର ବଳ ଏହି ଓଡ଼ିଆ ସୃଷ୍ଟିକୁ ସଂସ୍କୃତ ସାହିତ୍ୟର ବିଶ୍ୱବିଶ୍ରୁତ ସ୍ରଷ୍ଟା ବ୍ୟାସ, ବାଲ୍ମୀକିଙ୍କ ରଚନାର ସମକକ୍ଷ ବୋଲି ମତ ଦେଇଥିଲେ ।

ଖାଲି ଗୀତିନାଟ୍ୟ ବା ଯାତ୍ରା ସାହିତ୍ୟରେ ନୁହେଁ, ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜାତୀୟବାଦୀ, ସଂସ୍କାରବାଦୀ ବିପ୍ଳବୀ କବି ଭାବରେ ବୈଷ୍ଣବ ପାଣିଙ୍କର ଭାରତମାତା ଶୋକ, ଉତ୍କଳମାତା ଶୋକ, ଗାନ୍ଧୀଭାଗବତ, ଅନ୍ତିମ ଶଯ୍ୟାରେ ସର୍ଦ୍ଦାର ପଟେଲ, ଶ୍ରୀମନ୍ଦିରେ ହରିଜନ ପ୍ରବେଶ, ମୁଳିଆମୁଖ ପ୍ରଭୃତି ଅନେକ ଦେଶାତ୍ମବୋଧକ, ସଂସ୍କାର ଧର୍ମୀ ସୃଷ୍ଟି ସମୂହରେ ନିଜସ୍ୱ ସାହିତ୍ୟ କୃତୀର ସ୍ୱାକ୍ଷର ଦେଖିବାକୁ ମିଳେ ।

ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଯେତେବେଳେ ଜାତି ଥିଲା ପରାଧୀନ–ଓଡ଼ିଆ ଭାଷା, ସାହିତ୍ୟ, ଜାତୀୟତାର ବିଲୋପ ପାଇଁ ଚାଲିଥିଲା ହୀନ ଚକ୍ରାନ୍ତ; ଉତ୍କଳକୁ 'ସେହି ଘଡ଼ିସନ୍ଧି ଖଣ୍ଡବିଖଣ୍ଡିତ କରି ଦେବାର ପ୍ରବଳ ପ୍ରୟାସ...... ମୁହୂର୍ତ୍ତରେ ବୈଷ୍ଣବ ପାଣିଙ୍କ ଯଶସ୍ୱୀ ଲେଖନୀ ସୃଷ୍ଟି କରିଥିଲା ଅନେକ କ୍ଲାସ୍ତ୍ରାନ୍ତ ସଂସ୍କାର ମୂଳକ ଓଡ଼ିଆ ଗଣ ସାହିତ୍ୟ–ଯେଉଁଥିରେ ଭରି ରହିଥିଲା ସମସ୍ତର ସ୍ପନ୍ଦନ, ଜାତୀୟତାର ଆବେଗ, ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ଓ ଆଗାମୀ ଦିନର ବାର୍ତ୍ତା ।

ତାଙ୍କର ରଚନା ଥିଲା ଏହିପରି–

"ଭାରତ ବୀରେ ବିରତ ନୁହଁ ତୁଟିତେ ଭିଡ଼ ଅଣ୍ଟା,
ଚିରଟ'ନୁହେଁ କାହାର ଏ ଦେହ ବଜାଅ ବିଜୟ ଘଣ୍ଟା ।
ବର୍ଜନ କର ପ୍ରାଣ ମମତା ଅର୍ଜନ କର ଯଶ,
ଅହିଂସା ଭେରୀ ଗର୍ଜନ ଶୁଣ କମ୍ପାଏ ଦଶଦିଶ ।"

ମନୋରଞ୍ଜନଙ୍କୁ ଅବଲମ୍ବନ କରି ବୈଷ୍ଣବ ପାଣି ଜାତୀୟ ସ୍ୱାଭିମାନର ବାର୍ତ୍ତା ପ୍ରଚାର କରିବା ସହିତ ବ୍ରିଟିଶ୍ ଶାସନ ବିରୁଦ୍ଧରେ ସିଧାସଳଖ ତୀବ୍ର ପ୍ରତିବାଦ ସ୍ୱର ଉତ୍ତୋଳନ କରିଥିଲେ ।

ଜନଗଣ ମନକୁ ଜୟକରି ଗଣକବି ବୈଷ୍ଣବ ପାଣି ଖାଲି ଓଡ଼ିଶାର ପୁରପଲ୍ଲୀରେ ନୁହେଁ, ନଗର ସହର, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ବହୁଚର୍ଚ୍ଚିତ ନିଜ ସାହିତ୍ୟକୁ ଏକ ସ୍ୱାତନ୍ତ୍ର୍ୟ ଦେଇଯାଇଛନ୍ତି । ସେଇ ସ୍ୱାତନ୍ତ୍ର୍ୟ ବହନ କରି ସଦା ଓଡ଼ିଆ ସାହିତ୍ୟ "ଗଣୀ"ର ହୋଇ ରହୁ ଏବଂ ଗଣକବି ବୈଷ୍ଣବ ପାଣିଙ୍କ ସ୍ମୃତି ଗଣମନରେ ଚିର ଅମ୍ଳାନ ହେଉ–ଏହାହିଁ ଆଜିର କାମନା ।

(ଗଣକବି ବୈଷ୍ଣବ ପାଣିଙ୍କ ୧୧୦ତମ ଜୟନ୍ତୀ ଉପଲକ୍ଷେ)

---

ମାର୍ଫତ୍– ଶ୍ରୀ କୃଷ୍ଣଚନ୍ଦ୍ର ଦାସ,
ପ୍ରଶାନ୍ତି ସଦନ,
କୁମୁଡ଼ା ଜୟପୁର, ଜି: କଟକ ।



କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିଙ୍କ ଜନ୍ମସ୍ଥାନ ବରପାଲିଠାରେ ତା ୨୩–୮–୧୯୯୭ ରିଖରେ ଆୟୋଜିତ ଉତ୍ସବରେ ରାଜ୍ୟ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭାଷଣ ।

# ସମାଜ ସୁଧାରକ ପଣ୍ଡିତ ଗୋଦାବରୀଶ

● ଡଃ ପ୍ରଫୁଲ୍ଲ ଚନ୍ଦ୍ର ଦାଶ

ସାଧାରଣତଃ ସଂସ୍କୃତ କିମ୍ବା ସାହିତ୍ୟ ଅଧ୍ୟାପନା କରୁଥିବା ଶିକ୍ଷକଙ୍କୁ ପଣ୍ଡିତ ବୋଲି କହିବା ପରମ୍ପରା ରହିଛି । ତାଛଡ଼ା ପଣ୍ଡିତ କହିଲେ ପିଲାମାନଙ୍କର ଧାରଣା ମଧ୍ୟ ଅନ୍ୟ ପ୍ରକାରେ–ତାଙ୍କର ଲମ୍ବିତ ମୁଣ୍ଡ ହୋଇଥିବ, ଚୁଟି ନିଶ୍ଚୟ ଥିବ, ସେ ଟିକିଏ ଟିକିଏ କଥାରେ ରାଗି ପିଲାଙ୍କୁ ନିସ୍ତୁକ ପିଟୁଥିବେ ଇତ୍ୟାଦି । ମାତ୍ର ଓଡ଼ିଶାରେ ଥିବା ଏପରି ଅନେକ ପଣ୍ଡିତ ଆଖ୍ୟାଧାରୀ ବ୍ୟକ୍ତିଙ୍କ ମଧ୍ୟରେ ଏକ ଭିନ୍ନ ସ୍ୱାଦର ସ୍ୱାକ୍ଷର ବହନ କରି ସତ୍ୟବାଦୀର ତିନିପଣ୍ଡିତ–ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଏବଂ ପଣ୍ଡିତ ଗୋଦାବରୀଶ ପ୍ରତିଭାତ ହୋଇଥିଲେ । ସେମାନେ ଶିକ୍ଷକ ଥିଲେ । ସାହିତ୍ୟ ଦର୍ଶନାଦି ପଢ଼ାଉଥିଲେ; ମାତ୍ର ପିଲାମାନଙ୍କର କିମ୍ବା ଆମମାନଙ୍କ ମନରେ ପଣ୍ଡିତ ବୋଲି କହିଲେ ଯେଉଁ ସାଧାରଣ ଧାରଣା ଜନ୍ମେ, ତା'ଠାରୁ ସେମାନେ ସ୍ୱତନ୍ତ୍ର ଥିଲେ । ସେମାନଙ୍କର ପ୍ରଧାନ ସ୍ୱାତନ୍ତ୍ର୍ୟ ହେଲା ସେମାନେ ଉଚ୍ଚକୋଟିର ସମାଜ ସୁଧାରକ । ସମାଜ ସଂସ୍କାରକ ତଥା ସମାଜର ଅଗ୍ରଜ । ଆମ ସମାଜ ପ୍ରତି ସେମାନଙ୍କର କେତେକ ବିଶିଷ୍ଟ ଅବଦାନ ବର୍ଣ୍ଣନା କରିବା ପ୍ରସଙ୍ଗରେ ପଣ୍ଡିତ ଗୋଦାବରୀଶଙ୍କ କେତେ ସମାଜ ସୁଧାରକ ଚେତନା ଉଲ୍ଲେଖ କରିବା ଏହି ନିବନ୍ଧର ମୁଖ୍ୟ ଅଭିମୁଖ୍ୟ ।

ସମାଜରେ ତଳଶ୍ରେଣୀର ଲୋକଙ୍କୁ ଉଠାଇବା ନିମନ୍ତେ ମହାତ୍ମା ଗାନ୍ଧୀ ଅଗ୍ରଜ ଥିଲେ ବୋଲି ଅନେକଙ୍କ ମତ । ମାତ୍ର ବାସ୍ତବରେ ମହାତ୍ମା ଗାନ୍ଧୀ ଭାରତୀୟ ରାଜନୀତିରେ ପ୍ରବେଶ କରିବା ବହୁ ପୂର୍ବରୁ ସତ୍ୟବାଦୀ ବନବିଦ୍ୟାଳୟଠାରେ ସମସ୍ତ ଉଚ୍ଚନୀଚ ଜାତିର ଛାତ୍ର ଏକ ପଂକ୍ତିରେ ବସି ଭୋଜନ କରିବା ଏବଂ ଏକ ପ୍ରକୋଷ୍ଠରେ ବାସକରିବା ଜାତି ଭେଦକୁ ବିଦ୍ରୂପ କରିବା ଏବଂ ସର୍ବୋପରି ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ସେବନ ପଦ୍ଧତି ପରି ମହାନ ଆଦର୍ଶକୁ ମହିମା ମଣ୍ଡିତ କରିବା ଓଡ଼ିଶାର ଏକ ବର୍ଣ୍ଣାଢ୍ୟ ପରମ୍ପରା । ସତ୍ୟବାଦୀର ଏହି ଆଦର୍ଶରେ ଅନୁପ୍ରାଣିତ ମହାତ୍ମା ଗାନ୍ଧୀ ଏହାର ବାର୍ତ୍ତାବହ ଏବଂ ପ୍ରବକ୍ତା ହେଲେ । ପରେ ପରେ ଭାରତୀୟ ସମ୍ବିଧାନରେ ଏହାକୁ ଆଇନ୍‌ଗତ ସ୍ୱୀକୃତି ପ୍ରଦାନ କରାଗଲା । ତା' ନ ହୋଇଥିଲେ ବର୍ତ୍ତମାନ ଆମେ ଜଣେ ହରିଜନଙ୍କୁ ଉପରାଷ୍ଟ୍ରପତି ପଦରେ ପାଇପାରି ନଥାନ୍ତେ । ଏଠାରେ ସ୍ମରଣ ରଖିବା କଥା ଯେ ବ୍ରାହ୍ମଣ ଶାସନ ପରିବେଷ୍ଟିତ ସତ୍ୟବାଦୀ ବନ ବିଦ୍ୟାଳୟ ପରିସରରେ ଦଳିତ ଜାତିକୁ ସମ୍ମାନ ପ୍ରଦାନ କରିବାର ଅଙ୍କୁରୋଦ୍‌ଗମ ହୋଇଥିଲା । ଏଥି ନିମନ୍ତେ ସତ୍ୟବାଦୀର ତିନିପଣ୍ଡିତ ସମେତ ଆଚାର୍ଯ୍ୟ ହରିହର ଏବଂ ଐତିହାସିକ କୃପାସିନ୍ଧୁଙ୍କୁ କିପ୍ରକାର ପ୍ରତିରୋଧର ସାମନା କରିବାକୁ ପଡ଼ି ନଥିବ ତାହା କଳ୍ପନା କରିବାର କଥା ।

ବ୍ରାହ୍ମଣ ପରମ୍ପରାରେ ନିଶ ରଖିବା ଏକ ସଂସ୍କାର ବିରୋଧୀ କାର୍ଯ୍ୟ ବୋଲି ଧରି ନିଆଯାଇଥାଏ । ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଥମେ ପଣ୍ଡିତ ନୀଳକଣ୍ଠ ଏବଂ ତା'ପରେ ପଣ୍ଡିତ ଗୋଦାବରୀଶ ଏହି ପରମ୍ପରାକୁ ଆଘାତ କଲେ । ପଣ୍ଡିତ ନୀଳକଣ୍ଠ "ମୋ ନିଶ" ନାମକ ଏକ ରମ୍ୟରଚନା ପ୍ରକାଶ କରି ନିଶ ରଖିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ । କିନ୍ତୁ ବହୁ ସ୍ତରର ସମ୍ମୁଖୀନ ହୋଇ ପଣ୍ଡିତ ନୀଳକଣ୍ଠ କେବଳ ନିଶ ରଖିନପାରି ଦାଢ଼ୀ ଛାଡ଼ିଦେଲେ । ଆଚାର୍ଯ୍ୟ ହରିହର ଏହାର ଅନୁଗାମୀ ହେଲେ । ମାତ୍ର ପଣ୍ଡିତ ଗୋଦାବରୀଶ ଶେଷ ପର୍ଯ୍ୟନ୍ତ ନିଶହିଁ ରଖିଲେ । ଏପରିକି ବାଣପୁରସ୍ଥ ଭଗବତୀଙ୍କ ପୀଠରେ କୁଳୀନ ବ୍ରାହ୍ମଣମାନଙ୍କ ସଭାରେ ନିଶ ସପକ୍ଷରେ ଏପରି ନିଖୁଣ ଯୁକ୍ତି ଉପସ୍ଥାପନ କଲେ ଯେ ବହୁ ଶାସ୍ତ୍ରଜ୍ଞ ହତବିମ୍ବ ହୋଇ ଯାଇଥିଲେ ।

କାଳି କନିଆ ପ୍ରସଙ୍ଗ ଆମ ସମାଜରେ ଏକ ଦୁର୍ବଳ ବିଭାବ । କାଳି କନିଆକୁ ବର ମିଳେନି ବୋଲି ଲୋକ ଅପବାଦ ରହିଛି । ପଣ୍ଡିତ ଗୋଦାବରୀଶ ଏହି ଅପବାଦକୁ କୁଠାରଘାତ କରିଥିଲେ । ବାଣପୁର ଅଞ୍ଚଳର କୌଣସି ଏକ ପରିବାରର କାଳି କନିଆ ଜାଈ ନିମନ୍ତେ ବର ପ୍ରସଙ୍ଗ ସେ ଅଞ୍ଚଳରେ ମିଳିଲା ନାହିଁ । ସମସ୍ତେ କାଳି କନିଆ ବୋଲି କହି ନାକ ଟେକିଲେ । ତେଣୁ କନ୍ୟା ପିତା ବାଧହୋଇ ତା'ପାଇଁ ଦରିଆପାରି ପାରିକୁଦ ଗଡ଼ରେ ଗୋଟିଏ ବର ପ୍ରସଙ୍ଗ ନିର୍ଦ୍ଧାରଣ କରି କନ୍ୟା ଜାଈକୁ ଚିଲିକା ବାଟଦେଇ ଶ୍ୱଶୁର ଘରକୁ ନେବା ସମୟରେ ଚିଲିକା ମଧ୍ୟରେ ହଠାତ୍ ବତାସ ଆସି ଏମାନଙ୍କର ଡଙ୍ଗାକୁ ବୁଡ଼ାଇ ଦେଲା । ସାମାନ୍ୟ କାଳି କନିଆ ସେହି ଜାଈ "କାଳିଜାଈ" ହୋଇ ଅମର ହୋଇଗଲା । ପଣ୍ଡିତ ଗୋଦାବରୀଶଙ୍କ କାଳଜୟୀ "କାଳିଜାଈ" ଗାଥା କବିତାର ଏହା ହିଁ ମର୍ମନ୍ତୁଦ କାହାଣୀ । ଆଜି ମଧ୍ୟ ଆମ ସମାଜରେ କାଳି କନିଆକୁ ଉଠାଇବା ପାଇଁ ଅଧିକ ପରିମାଣରେ ଯୌତୁକ ଦାବୀ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବରେ ଉଠୁଛି । ଏପରି କ୍ଷେତ୍ରରେ ଦୁଃଖ

କନ୍ୟା ପିତା କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଉଛି । କିନ୍ତୁ ଆମେ ସମସ୍ତେ ବୁଝିବା କଥା ଯେ ଆମର ପରମାରାଧ୍ୟ ଠାକୁର ଜଗନ୍ନାଥ, କୃଷ୍ଣ, ରାମଚନ୍ଦ୍ର ସମସ୍ତେ କଳା, ଆମ ଅର୍ଥନୀତିର ମୂଳପିଣ୍ଡ ସଦୃଶ୍ୟ ଲୁହା ପଥର, କୋଇଲାଦି ଖଣିଜ ପଦାର୍ଥ ମଧ କଳା, ଏପରି ଅବସ୍ଥାରେ କାଳି କନିଆ ପ୍ରତି ଏତେ ହତାଦାର କାହିଁକି ? ବର ଜଦି କଳା ହେଉଛି ତାକୁ କାହିଁକି ଗୁରୁତ୍ୱ ଦିଆଯାଉନି ? ତେଣୁ ଆମର ସମାଜ ପ୍ରତି ବାସ୍ତବିକ ଆକ୍ଷେପ କରି କୁହାଯାଇଛି "ଗୋରୀ କନିଆକୁ ବର କାଳିଆ, କରାଣ୍ଡି ପକାଇ ନେଲା କାଳିଆ" ।

ପଣ୍ଡିତ ଗୋଦାବରୀଶ ତାଙ୍କର ଅନ୍ୟତମ ସାର୍ଥକ ଗାଥାକବିତା "ପଦ୍ମାବତୀ"ରେ ଓଡ଼ିଶାର ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ସହ କାଞ୍ଚିକନ୍ୟା ପଦ୍ମାବତୀଙ୍କ ବିବାହ ପ୍ରସଙ୍ଗରେ ଦଳିତ ଜାତିର ଗୌରବ ବର୍ଣ୍ଣନା କରିଛନ୍ତି । ଗଜପତି ପୁରୁଷୋତ୍ତମ ଦେବ ମହାପ୍ରଭୁ ଜଗନ୍ନାଥଙ୍କ ରଥରେ ପ୍ରଭୁଙ୍କର ବିଶିଷ୍ଟ ସେବକ ଭାବରେ ସୁନା ପହଁରାରେ ଛେରାପହଁରା କରୁଥିବା ବେଳେ କାଞ୍ଚିରାଜା ବିଦ୍ରୁପ ହୋଇ ଚଣ୍ଡାଳ ରାଜାଙ୍କ ହାତରେ ନିଜର କନ୍ୟାକୁ ଦେବେନାହିଁ ବୋଲି କହିଥିଲେ । ତେଣୁ ତା'ର ପ୍ରତିଶୋଧ ନେବା ନିମନ୍ତେ କାଞ୍ଚି ବିଜୟ ପରେ ବିଜିତା କାଞ୍ଚି ରାଜଜେମାଙ୍କୁ ଜଣେ ଚଣ୍ଡାଳ ହାତରେ ଅର୍ପଣ କରିବା ପାଇଁ ରାଜା ନିର୍ଦ୍ଦେଶ ଦେଇଥିଲେ । ମାତ୍ର ତାଙ୍କର ଚତୁର ମନ୍ତ୍ରୀ ରଥଯାତ୍ରା ସମୟରେ ରାଜା ଛେରାପହଁରା କରୁଥିବା ଅବସ୍ଥାରେ ତାଙ୍କୁ ଉପଯୁକ୍ତ ତଥା ବିଶିଷ୍ଟ ଚଣ୍ଡାଳ ବିବେଚନା କରି ପଦ୍ମାବତୀଙ୍କୁ ସମର୍ପଣ କରିଥିଲେ । ଦଳିତ ଜାତି ତଥା ସେମାନଙ୍କର କାର୍ଯ୍ୟକୁ ସମ୍ମାନ ପ୍ରଦର୍ଶନ କରିବା ଗୋଦାବରୀଶଙ୍କ ଯେଉଁ ଦରଦଥିଲା ତାହା ଏହି ଗାଥା କବିତାରେ ସ୍ପଷ୍ଟ ପ୍ରକାଶିତ ହୋଇଛି । କେବଳ ଏହା ଉପରେ ଗାଥା କବିତା ଲେଖି ସେ ସନ୍ତୁଷ୍ଟ ନହୋଇ ତାଙ୍କର ପ୍ରସିଦ୍ଧ ନାଟକ "ପୁରୁଷୋତ୍ତମ"ରେ ଏହାର ବିସ୍ତୃତ ବ୍ୟାଖ୍ୟାନ କରିଅଛନ୍ତି ।

ତତ୍କାଳୀନ ସମାଜରେ ତାଡ଼ନାରେ କାଲାଚାନ୍ଦ ଶେଷରେ କଳା ପାହାଡ଼ ହୋଇ ଏ ଦେଶର ସଂସ୍କୃତିର ମୂର୍ତ୍ତିମନ୍ତ ବିଗ୍ରହଗୁଡ଼ିକୁ ବିଧ୍ୱସ୍ତ କଲା । କବି ଗୋଦାବରୀଶ ଏହାକୁ "କଳାପାହାଡ଼" ଗାଥା କବିତାରେ ପ୍ରାଣସ୍ପର୍ଶୀ ଭାଷାରେ ପ୍ରକାଶ କରିଛନ୍ତି । ଏହା ଜଣେ ସମାଜ ସୁଧାରକ ଅନ୍ତରତମ ବାଣୀ । ଏହାର ଇଙ୍ଗିତକୁ ସମାଜ ସ୍ୱୀକାର କଲେ ହେଲା, ନହେଲେ ଏହା ନିରର୍ଥକ ହେବ ।

ସମାଜ ସୁଧାରକ ପଣ୍ଡିତ ଗୋଦାବରୀଶ କେବଳ କବିତା କିମ୍ବା ନାଟକରେ ନିଜର ସମାଜ ସଂସ୍କାରକ ଚେତନାକୁ ସୀମିତ ନରଖିବା ତାଙ୍କର ଅନବଦ୍ୟ "ଗଳ୍ପମାଳା"ରେ ଏହାର ପରିବ୍ୟାପ୍ତ କରିଛନ୍ତି । "ଗଳ୍ପମାଳା"ରେ ଥିବା ଗଳ୍ପ ଯଥା– ପରଦାସୀନ, ପାଣ୍ଡୁମିଶ୍ରେ, ତୋଳାକନ୍ୟା, ବିଧବା କନ୍ୟା., ବନ୍ଦୀ, ଦସ୍ତିଲା ବନ୍ଧୁ, ସାବତପୁଅ.. ନାରୀର ଗତି, ବରଯାତ୍ରୀ, ବାଇଭାଗ ଓ ବଡ଼ପୁଅ ଗଳ୍ପମାନଙ୍କରେ ସମାଜର ତଥାକଥିତ ବଡ଼ ପଣ୍ଡାଙ୍କ ଅତ୍ୟାଚାର ବର୍ଣ୍ଣନା କରି ସେଗୁଡ଼ିକର ସମାଧାନ ନିମନ୍ତେ ମାର୍ଗ ଅନ୍ୱେଷଣ କରିଛନ୍ତି । ପରଦାସୀନ ଗଳ୍ପରେ "ସରୋଜିନୀ" ଚରିତ୍ର ବର୍ଣ୍ଣନା ପ୍ରସଙ୍ଗରେ ସଂସ୍କାରପ୍ରାଣ ଗୋଦାବରୀଶ ଗ୍ରାମ୍ୟ କୁସଂସ୍କାରକୁ ଖଣ୍ଡନ କରିଛନ୍ତି । "ତୋଳାକନ୍ୟା" ଗଳ୍ପରେ କନ୍ୟାଦାୟରୁ କୁପରିଣାମ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ "ବିଧବା କନ୍ୟା"ରେ ବିଧବା ହୋଇଯାଇଥିବା କନ୍ୟାପ୍ରତି ସାମାଜିକ କର୍ତ୍ତବ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ପଣ୍ଡିତ ଗୋଦାବରୀଶଙ୍କ ଅନ୍ୟତମ ଗଳ୍ପ ସଙ୍କଳନ "ପୁଆଣିଘର"ରେ ସମାଜର ଲାଭଖୋର ମନୋବୃତ୍ତିକୁ ବ୍ୟଙ୍ଗ କରିବାରେ ଗାଳ୍ପିକ ସାର୍ଥକ ହୋଇଛନ୍ତି ।

ପଣ୍ଡିତ ଗୋଦାବରୀଶଙ୍କ ଅନ୍ୟ ଏକ ବିଶିଷ୍ଟ ଗଳ୍ପ ସଙ୍କଳନ ହେଲା "ନଅଟି ଗଳ୍ପ" ତନ୍ମଧ୍ୟରୁ ରିକ୍ସାବାଲା ଗଳ୍ପରେ ଗରିବ ରିକ୍ସାବାଲା ପ୍ରତି ସମାଜରେ ଦାୟିତ୍ୱ ସୂଚିତ କରିବା ସଙ୍ଗେ ସଙ୍ଗେ ସେବତୀର ଶବରେ ସମାଜର ବଡ଼ପଣ୍ଡାଙ୍କ କୁକର୍ମକୁ ସୁଧାରିବା ନିମନ୍ତେ ଗାଳ୍ପିକ ପ୍ରୟାସ କରିଛନ୍ତି । ସେହି ଗଳ୍ପ ସଙ୍କଳନରେ ସନ୍ନିବେଶିତ "ପୋଲଉନ୍ମୋଚନ" ଗଳ୍ପରେ ସରକାରଙ୍କ ପୂର୍ତ୍ତବିଭାଗ ଦ୍ୱାରା ନିର୍ମିତ ତ୍ରୁଟିପୂର୍ଣ୍ଣ ପୋଲ ଉଦ୍‌ଘାଟନ ପ୍ରସଙ୍ଗ ଅବତାରଣା କରି ଗାଳ୍ପିକ ଏକ ମନୋଜ୍ଞ ପରିବେଶ ସୃଷ୍ଟି କରିଛନ୍ତି । ସରକାରୀ ଯୋଜନାରେ ନିର୍ମିତ ପୋଲଟି ବର୍ଷାଘାତରେ ଭୁଶୁଡ଼ି ପଡ଼ିଛି ଥିବ୍ ତା'ର ପରଦିନ ମନ୍ତ୍ରୀ ମହୋଦୟ ସେହି ପୋଲ ଉଦ୍‌ଘାଟନ କରିବାକୁ ଆସି ଉପହାସିତ ହୋଇଛନ୍ତି । ଇଏ ହେଲା ସଂସ୍କାର ଧର୍ମୀ ଗୋଦାବରୀଶଙ୍କ ପ୍ରାଣର ଭାଷା ।

ପଣ୍ଡିତ ଗୋଦବରୀଶଙ୍କ ବହୁବିଧ ସଫଳତା ମଧ୍ୟରେ ତାଙ୍କର ଏହି ସମାଜ ସଚେତନତା ଏବଂ ସଂସ୍କାରଧର୍ମୀ ପ୍ରାଣକୁ ମୂଲ୍ୟାୟନ କରିବା ନିମନ୍ତେ ତାଙ୍କ ଆତ୍ମ ଜୀବନୀରେ ବହୁ ଉଦାହରଣ ରହିଛି ।ସେ ଜଣେ ଗରିବ ପରିବାରରୁ ଆସିଥିବାରୁ ସମାଜର ତଳଶ୍ରେଣୀର ଲୋକଙ୍କ ପାଇଁ ତାଙ୍କର ଦରଦ ଅନନ୍ୟ ଥିଲା । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କୁ ସ୍ମରଣ କରିବା ତାଙ୍କ ପ୍ରତି ସମ୍ମାନ ସୂଚକ ଶ୍ରଦ୍ଧାଞ୍ଜଳି ରୂପେ ବିବେଚିତ ହେବ । ସମାଜର ଦଳିତ ପଙ୍କରୁ ପଙ୍କଜର ବିକାଶ ହେଉ, ତାଙ୍କର ସ୍ୱପ୍ନ ସାକାର ହେଉ, କବିଙ୍କ ଭାଷାରେ–

କଳିରେ ବହୁତ କଳୁଷ
ସମାଜେ ଭରୁଛି କଲ୍ମଷ
ସେ କଳା ଧୋଇବାକୁ ବ୍ରତୀ
ଗୋଦାବରୀଶ କାବ୍ୟ କୃତୀ ।

---

ମୁଖ୍ୟ ପରିସଂଖ୍ୟାନବିତ୍,
ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ,
ଭୁବନେଶ୍ୱର ।




**ଶ୍ରୀ ରଘୁନାଥ ଜେନା,**
**ଶାଖା ପରିଚାଳକ (ପଦ୍ମପୁର), ବାଲେଶ୍ୱର ଗ୍ରାମ୍ୟ ବ୍ୟାଙ୍କ,**
**ଗ୍ରା/ପୋ:–ପଦ୍ମପୁର (ବାଲେଶ୍ୱର) ।**

*ଜୁଲାଇ ମାସର ଉତ୍କଳ ପ୍ରସଙ୍ଗ ଭାରି ଭଲ ଲାଗିଲା । ପାଠକ ସମାବେଶ ଭଲ ଲାଗିଲା । ଆମ ବାଲେଶ୍ୱର ଜିଲ୍ଲାରେ କେବେ ସମାବେଶ ହେବ ?*

** ତା୨୯–୧୧–୧୯୯୧ରିଖରେ ବାଲେଶ୍ୱରରେ ଉତ୍କଳ ପ୍ରସଙ୍ଗ ପାଠକ ସମାବେଶ ଅନୁଷ୍ଠିତ ହୋଇଥିଲା । ପୁଣି ଥରେ ନଭେମ୍ବର ୧୯୯୨ରେ ପାଠକ ସମାବେଶ କରିବା ପାଇଁ ଚେଷ୍ଟା କରୁଛୁ ।

**ଶ୍ରୀ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ,**
**ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ,**
**ଶହୀଦ ନଗର, ଭୁବନେଶ୍ୱର ।**

*ଜୁଲାଇ ୧୯୯୨ ରଥ ସଂଖ୍ୟାଟି ବଡ଼ ମନଲୋଭା, ସାଇତି ରଖିଲା ଭଳି ହୋଇଛି । ଯାହାହେଉ, ଆପଣ ଆସିଲାଠାରୁ ଉତ୍କଳ ପ୍ରସଙ୍ଗର ନିୟମିତତା ବଜାୟ ରହିଛି । ଏହା ଆମମାନଙ୍କ ପାଇଁ ବଡ଼ ଗୌରବର କଥା । ଆପଣଙ୍କର କଲମ ବଳମ ହେଉ । ଆପଣ ଚିରାଚରିତରୁ ଦୂରେଇ ଉତ୍କଳ ପ୍ରସଙ୍ଗ ପୃଷ୍ଠାରେ କେତେକ ନୂଆ ମୁହଁକୁ ଦେଖାଇ ପାରିଛନ୍ତି । ସେଥିପାଇଁ ଶତତ ବଧେଇ ଜଣାଉଛି । ତେବେ ଗୋଟିଏ ଅନୁରୋଧ ଆଗାମୀ ନଭେମ୍ବର ସଂଖ୍ୟାଟିକୁ ଶିଶୁ ସାହିତ୍ୟ ବିଶେଷାଙ୍କ କଲେ କେମିତି ହୁଅନ୍ତା ?*

** ଆପଣଙ୍କ ପ୍ରସ୍ତାବ ମନ୍ଦ ନୁହେଁ । ତେବେ ଓଡ଼ିଶାର ଗୌରବମୟ ବୋଇତ ବାଣିଜ୍ୟ ପରମ୍ପରାକୁ ପୁନର୍ଜୀବିତ କରିବା ପାଇଁ ନଭେମ୍ବର ୧୦ ତାରିଖରେ ଏକ ଜାହାଜ ପାରାଦ୍ୱୀପରୁ ବାଲିଦ୍ୱୀପ ଅଭିମୁଖେ ଯାତ୍ରା କରିବା ପାଇଁ ସରକାର ସ୍ଥିର କରିଛନ୍ତି । ଏହି ଅବସରରେ ଓଡ଼ିଶାର ଗୌରବମୟ ଐତିହ୍ୟ, କଳା, ସଂସ୍କୃତି ପରମ୍ପରା ଇତ୍ୟାଦି ପ୍ରବନ୍ଧ ପୁଷ୍ପ ମଣ୍ଡନ କରି ନଭେମ୍ବର ସଂଖ୍ୟା ଉତ୍କଳ ପ୍ରସଙ୍ଗକୁ ବାଲିଯାତ୍ରା ବିଶେଷାଙ୍କ କରିବା ପାଇଁ ମନସ୍ଥ କରିଛୁ । ଆପଣ ମଧ୍ୟ ଏ ପ୍ରସ୍ତାବରେ ସହମତ ହେବେ ବୋଲି ଆଶା କରୁଛୁ ।

**ଶ୍ରୀ ବିପତି ପ୍ରସାଦ ପଣ୍ଡା,**
**ତିହାର ସାହି, ପାରଳାଖେମୁଣ୍ଡି,**
**ଗଞ୍ଜାମ ।**

*ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସଂଖ୍ୟା ପଢ଼ି ବହୁତ ଖୁସି ହେଲି । ଆକର୍ଷଣୀୟ ଲେଖା ସବୁ ସ୍ଥାନ ପାଇଛି । ସେହିପରି ଓଡ଼ିଶାର ବିଭିନ୍ନ ଅଞ୍ଚଳର ମହାନ୍ ପ୍ରତିଭା ତଥା ମହାପୁରୁଷମାନଙ୍କ ନାମରେ ସ୍ୱତନ୍ତ୍ର ସଂଖ୍ୟା ସବୁ ପ୍ରକାଶ କରାଗଲେ ଅଧିକ ଭଲ ହୁଅନ୍ତା । ବିଶେଷ କରି ଯେଉଁମାନେ ଜାତୀୟ ସ୍ରୋତରେ ଭାଗ ନେଇଛନ୍ତି ଏବଂ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଢ଼ାଇବାରେ ସହାୟକ ହୋଇଛନ୍ତି ।*

** ମାର୍ଚ୍ଚ ୧୯୯୨ରେ ଅଭିବଡ଼ୀ ଜଗନ୍ନାଥ ବିଶେଷାଙ୍କ, ମଇ ୧୯୯୨ରେ ଜୟଦେବ ବିଶେଷାଙ୍କ ପ୍ରକାଶ ପାଇଛି । ଏପ୍ରିଲ୍ ୧୯୯୨ ସଂଖ୍ୟାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ସେପ୍ଟେମ୍ବର ୧୯୯୨ ସଂଖ୍ୟାରେ ଫକୀର ମୋହନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି । ଆଗାମୀ ସଂଖ୍ୟାଗୁଡ଼ିକରେ ମଧ୍ୟ ଏ ଚିନ୍ତାଧାରା ପ୍ରତିଫଳିତ ହେବ ।

**ଶ୍ରୀ ସର୍ବେଶ୍ୱର ଦାସ,**
**୯/୨, ବୈଠକଖାନା, ଫାଷ୍ଟ ଲେନ୍,**
**ଲକ୍ଷ୍ମୀ ଦତ୍ତ ରୋଡ଼, ଶିଆଲଦା, କଲିକତା–୯ ।**

*ଉତ୍କଳ ପ୍ରସଙ୍ଗ ଜୁଲାଇ ରଥଯାତ୍ରା ବିଶେଷାଙ୍କଟି ପଢ଼ିଲି । ଖୁବ୍ ଭଲ ଲାଗିଲା । ପ୍ରତିଷ୍ଠିତ ଲେଖକମାନଙ୍କ ସହିତ ନୂଆ କବି ଲେଖକଙ୍କୁ ସ୍ଥାନ ଦିଆଯାଇଛି । ଏହା ଗୋଟିଏ ଉତ୍ସାହିତ ପଦକ୍ଷେପ । ଉତ୍କଳ ପ୍ରସଙ୍ଗର ପ୍ରତ୍ୟେକ ସଂଖ୍ୟାରେ ଓଡ଼ିଶାର ଅନ୍ତତଃ ଗୋଟିଏ ଜିଲ୍ଲାର ଜନଜୀବନ ଓ ଐତିହ୍ୟ ପରମ୍ପରା ସମ୍ପର୍କରେ ସୂଚନା ଦିଆଗଲେ ଭଲ ହୁଅନ୍ତା । କଲିକତା ମହାନଗରୀରେ ଉତ୍କଳ ପ୍ରସଙ୍ଗ ନିୟମିତ ପହଞ୍ଚିବାର ବ୍ୟବସ୍ଥା କରିବାକୁ ଅନୁରୋଧ ।*

** ଓଡ଼ିଶାର ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ **ଶ୍ରୀ ଶରତ କୁମାର କର** ଏକ ପ୍ରଶଂସନୀୟ ପଦକ୍ଷେପ ନେଇ ଗତ ତା୭–୪–୧୯୯୨ରିଖରେ କଲିକତାସ୍ଥିତ ଉତ୍କଳ ଭବନଠାରେ ଏକ ସୂଚନା କେନ୍ଦ୍ର ଓ ପାଠାଗାର ସ୍ଥାପନ କରିଛନ୍ତି । ଆପଣ ଉତ୍କଳ ପ୍ରସଙ୍ଗ ସେହି ସୂଚନା କେନ୍ଦ୍ରରୁ ପାଇପାରିବେ । କୋରାପୁଟ ଓ ବଲାଙ୍ଗୀର ଜିଲ୍ଲାର ଜନଜୀବନ ସମ୍ପର୍କରେ ଦୁଇଟି ପ୍ରବନ୍ଧ ଏହି ସଂଖ୍ୟାରେ ସ୍ଥାନ ପାଇଛି ।

**ଶ୍ରୀ କୈଳାସ ଚନ୍ଦ୍ର ଜେନା,**
**ଅଧ୍ୟାପକ, ରାଜନୀତି ବିଜ୍ଞାନ,**
**ସର୍ବ ମଙ୍ଗଳା ମହାବିଦ୍ୟାଳୟ,**
**ଗୋଲାମୁଣ୍ଡା, କଳାହାଣ୍ଡି ।**

*ପ୍ରକାଶ ପାଉଥିବା ଶ୍ରୀମନ୍ଦିର ଚିତ୍ରପରି ଓଡ଼ିଶାର ପ୍ରାକୃତିକ ଦୃଶ୍ୟମାନଙ୍କର ଚିତ୍ର ପ୍ରକାଶ କରାଯାଉ । ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଗୋଟିଏ ଗୋଟିଏ ପ୍ରବନ୍ଧ ମଧ୍ୟ ପ୍ରକାଶ କରାଯାଉ ।*

** ଓଡ଼ିଶାର ପ୍ରାକୃତିକ ଦୃଶ୍ୟମାନଙ୍କର ଚିତ୍ର ପ୍ରକାଶ କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଛନ୍ତି ସେଥିପାଇଁ ଆମେ ଉଦ୍ୟମ କରିବୁ । ଓଡ଼ିଶାର ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ସମୟରେ ପ୍ରବନ୍ଧ ସ୍ଥାନ ଦେଉଛୁ । ଏବଂ ଆଗାମୀ ନଭେମ୍ବର ୧୯୯୨ ସଂଖ୍ୟାଟି ପଢ଼ିବା ପରେ ପୁଣି ଥରେ ମତାମତ ଦିଅନ୍ତୁ ।

**ଶ୍ରୀ ସନ୍ତୋଷ କୁମାର ଚୌଧୁରୀ, ଶିକ୍ଷକ,**
**ମାହାଦିଆ ପଲସା ମି: ଇ: ବିଦ୍ୟାଳୟ,**
**ଯଶିପୁର, ମୟୂରଭଞ୍ଜ ।**

*୧୯୯୨ ରଥ ସଂଖ୍ୟା ଖୁବ୍ ଉଚ୍ଚକୋଟୀର । ଯାହାକୁ ଥରେ ପଢ଼ିଲେ ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ । ସର୍ବମଙ୍ଗଳ ଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ସମ୍ପାଦନା ସମସ୍ତ ପାଠକଙ୍କୁ ଆନନ୍ଦ ପ୍ରଦାନ କରୁ ଏବଂ ଶିକ୍ଷା ମଧ୍ୟ ପ୍ରଦାନ କରୁ । ତେବେ ଜଗନ୍ନାଥଙ୍କ ସମ୍ପର୍କରେ ଏବଂ ଉତ୍କଳର ଐତିହ୍ୟ ସମ୍ପର୍କରେ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ ତଥ୍ୟମୂଳକ ଭାବରେ ପ୍ରକାଶିତ ହେଲେ ଖୁବ୍ ଭଲ ହେବ ଯାହାକି ଆମର ଜାତୀୟତା ଏବଂ ଉତ୍କଳୀୟତାକୁ ଉଦବୁଦ୍ଧ କରିବ ।*

** ପ୍ରତି ସଂଖ୍ୟାରେ ନହେଲେ ବି ଅନେକ ସଂଖ୍ୟାରେ ଏପରି ପ୍ରବନ୍ଧ ସ୍ଥାନ ପାଇଛି । ତେବେ ନଭେମ୍ବର ୧୯୯୨ ସଂଖ୍ୟା ପଢ଼ି ଜଣାନ୍ତୁ ।

**ଶ୍ରୀ ଧୀରେନ୍ କୁମାର ପ୍ରଧାନ,**
**ଏଲ୍: ଆର: ଡି:–୧/୧୨,**
**ଚନ୍ଦ୍ରଶେଖରପୁର ବି: ଡି: ଏ: କଲୋନୀ,**
**ଭୁବନେଶ୍ୱର–୧୬ ।**

✱*ନୂଆ ସମାଚାର ଓ ସୁର । ଏଠି ଶିଖିବାର ଶେଷ ନାହିଁ । ତଥାପି ସମାଜପତିମାନେ ବେଳେବେଳେ ପ୍ରତେଶାର ଅନ୍ତ ନାହିଁ । ଆଉ ସେମାନଙ୍କୁ ଗଠିବ ପଥରୁ ଫେରାଇବାର ପଥହରା ହୁଅନ୍ତି । ଯାହାର ଉଚ୍ଚ ସ୍ୱାକ୍ଷର ଆଦିର ଓ ଶର୍ଧା କରେ ଲେଖନୀ । ଥୋପି ଓ ଆରମ୍ଭ ମାନ – ଶେଷ ପରିମାର୍ଜିତ ଉତ୍କଳ ପ୍ରସଙ୍ଗ । ତେଣୁ ଭୁଲିଲୁ ଭାବେ ଏଠିକି କହିବି ଓଡ଼ିଶାର ବୋଲି ଭାବୁଛନ୍ତି । ନାଟ୍ୟକଳା ଆଦି ବିଳମ୍ବ ପଥରେ ଯାଉଥିବା ବେଳେ ଆପଣ କ'ଣ ନିରବ ରହିବେ ?*

✱✱ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଡାଲଖାଇ, ବିଶ୍ୱ ବିଖ୍ୟାତ ଗୋଟିପୁଅ ନୃତ୍ୟ, ଓଡ଼ିଶାର ଗୀତିନାଟ୍ୟ ଓ ଯାତ୍ରା ପରମ୍ପରା, ମୟୂରଭଞ୍ଜ ଛଉ ନୃତ୍ୟ । ଓଡ଼ିଶାର ଲୋକନୃତ୍ୟ ଇତ୍ୟାଦି ପ୍ରବନ୍ଧମାନ ନଭେମ୍ବର ୧୯୯୨ ସଂଖ୍ୟାରେ ରଖିବା ପାଇଁ ଉଦ୍ୟମ କରିଛୁ ।

**ଶ୍ରୀ ରବୀନ୍ଦ୍ର କୁମାର ଦାଶ,**
**ବିଦ୍ୟା ଭବନ, ଭୁବନ,**
**ଢେଙ୍କାନାଳ ।**

✱*ଜୁଲାଇ ୧୯୯୨ ରଥଯାତ୍ରା ବିଶେଷାଙ୍କଟି ପାଠ କରି ବିଶେଷ ପ୍ରୀତ ହେଲି । ପତ୍ରିକାଟିର ପ୍ରଚ୍ଛଦପଟ ଖୁବ୍ ଆକର୍ଷଣୀୟ ଓ ପତ୍ରିକାଟିର ଉପାଦେୟତା ଏଥିରେ ବେଶ୍ ପ୍ରତିଫଳିତ । କବିତା ଅନେକ ଅଛି, ଯାହା ସୁଖପାଠ୍ୟ ଓ ଅନେକ ପ୍ରବନ୍ଧ ଯାହା ଗବେଷଣାଧର୍ମୀ । ଏ ସଂଖ୍ୟାଟିରେ ସାରସ୍ୱତ ପାଣିପାଗରେ ମହକ ସୁରଭିତ । ତେବେ ଦୁଇଟି ଜିନିଷ ଅଭାବ ମନେହୁଏ । ଗୋଟିଏ ହେଲା ଶିଶୁ ସାହିତ୍ୟ ଓ ଅନ୍ୟଟି ହେଲା ସାହିତ୍ୟ ଓ ସାହିତ୍ୟିକର କିଛି ସମାଚାର ।*

✱✱ସାହିତ୍ୟ ଓ ସାହିତ୍ୟିକମାନଙ୍କ ସମ୍ପର୍କରେ ପ୍ରାୟ ପ୍ରତି ସଂଖ୍ୟାରେ କିଛି କିଛି ପ୍ରବନ୍ଧ ସ୍ଥାନ ପାଉଛି । ତେବେ ଶିଶୁ ସାହିତ୍ୟ ପାଇଁ ମଧ୍ୟ ଏଣିକି ଦୃଷ୍ଟି ଦେବୁ ।

**ଶ୍ରୀ କୈଳାସ ଷଡ଼ଙ୍ଗୀ,**
**ସମ୍ପାଦକ, 'ଅରଣ୍ୟ',**
**ଏଫ୍–୨୮, ଦଣ୍ଡକାରଣ୍ୟ କଲୋନୀ,**
**କୋରାପୁଟ ।**

✱*ପତ୍ରିକା ପ୍ରକାଶନ ଓ ପ୍ରସାରରେ ନିୟମିତ ହୋଇପାରୁ ନାହିଁ । ଗଳ୍ପ ଓ ପୁସ୍ତକ ଆଲୋଚନା ବିଭାଗ ଦୁଇଟି ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ । ଗଳ୍ପ ୪/୫ଟି ଲେଖାଏଁ ଦେବା ଦରକାର ବୋଲି ମୁଁ ମନେକରୁଛି ।*

✱✱ପତ୍ରିକା ନିୟମିତ ପ୍ରକାଶ ପାଉଥିଲେ ହେଁ ବିଭିନ୍ନ ଅପ୍ରତ୍ୟାଶିତ ଅସୁବିଧା ବଶତଃ ବେଳେବେଳେ କୌଣସି କୌଣସି ସ୍ଥାନରେ ପହଞ୍ଚିବାରେ ବିଳମ୍ବ ଘଟିଥାଏ । ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ପୁସ୍ତକ ଆଲୋଚନା ବିଭାଗ ସୃଷ୍ଟି କରିବା ପାଇଁ ଆପତ୍ତି ନାହିଁ । କିନ୍ତୁ ଗଳ୍ପ ବିଭାଗ ସୃଷ୍ଟି କରିବାକୁ ହେଲେ ପତ୍ରିକାର କଳେବର ଯଥେଷ୍ଟ ପରିମାଣରେ ବୃଦ୍ଧି କରିବା ଆବଶ୍ୟକ ହୋଇପଡ଼ିବ ।

**ନିରୁପମା ଆଗ୍ନେୟୀ,**
**ଅଧ୍ୟାପିକା, ଓଡ଼ିଆ ବିଭାଗ,**
**ମା' କୁତାମ ଚଣ୍ଡୀ ମହାବିଦ୍ୟାଳୟ,**
**ଦେବୀଦୋଳ, କଟକ ।**

✱*ରଥଯାତ୍ରା ବିଶେଷାଙ୍କ ଉ. କ. ପ୍ରସଙ୍ଗ ପଢ଼ି ବହୁତ ଖୁସି ଲାଗିଲା । ଜଗତର ନାଥ ଜଗନ୍ନାଥଙ୍କ ମହିମା ରଚନାକାରୀ କବି ଜୟଦେବଙ୍କ ପ୍ରସଙ୍ଗଟି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇପାରିଛି । ଦୟାକରି ଉ. କ. ପ୍ରସଙ୍ଗରେ ଏହିପରି ମହାନ୍ କବିଙ୍କର ଜୀବନୀକୁ ନେଇ ପ୍ରସଙ୍ଗ ଉପସ୍ଥାପନ କଲେ ବିଶେଷ ଉପକୃତ ହେବି ।*

✱✱ଆପଣ ଯାହା ଗ୍ରହିଛନ୍ତି, ତାହା ପ୍ରାୟତଃ ପ୍ରକାଶ ପାଉଛି । ନିକଟସ୍ଥ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ପତ୍ରିକାର ବାର୍ଷିକ ଗ୍ରାହକ ଚାନ୍ଦା କୋଡ଼ିଏ ଟଙ୍କା ପୈଠ ଦେଇ ବାର୍ଷିକ ଗ୍ରାହକ ହୋଇଯାଆନ୍ତୁ । ଡାକରେ ନିୟମିତ ଉ. କ. ପ୍ରସଙ୍ଗ ପାଇପାରିବେ ।

## ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

ପ୍ରଶ୍ନ କର୍ତ୍ତାଙ୍କ ଠିକଣା

ନାମ ..........
ଗ୍ରାମ ..........
ପୋଷ୍ଟ ..........
ଜିଲ୍ଲା ..........

କେବଳ ୩୦/୧୧/୧୯୯୨ ପୂର୍ବରୁ ବ୍ୟବହାର ପାଇଁ

ମତାମତ ବା ପ୍ରଶ୍ନ

..........


ସ୍ୱାକ୍ଷର

OGP–MP–PTS (I&PR) 38–10,000–25-9-1992



ଢେଙ୍କାନାଳଠାରେ ସ୍ୱାଧୀନତା-ଦିବସ ଉତ୍ସବରେ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରସନ୍ନ ପାଣିଗ୍ରାହୀଙ୍କ ଉଦ୍‌ବୋଧନ ।

VOL. XLIX No. 3 UTKAL PRASANGA Regd. No. 0-05/92
Licence No. C.R.N.P. 5—Licensed to post without Pre-Payment




କଟକ ଜିଲ୍ଲା ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଶାଖାର ସଭାପତି କଟକ ଜିଲ୍ଲାପାଳ ରଘୁନାଥ ମିଶ୍ର କୁଷ୍ଠ ରୋଗରୁ ମୁକ୍ତିଲାଭ କରିଥିବା ରୋଗୀମାନଙ୍କ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ରାଜଭବନଠାରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ହସ୍ତରେ ୨,୫୧,୦୭୫ ଟଙ୍କାର ଏକ ଚେକ୍ ପ୍ରଦାନ କରୁଛନ୍ତି ।



ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣାଠାରେ ନଗରପାଳିକାର ଏକ ଚିକିତ୍ସାଳୟକୁ ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଉଦ୍‌ଘାଟନ କରୁଛନ୍ତି । ଭୁବନେଶ୍ୱର ନଗରପାଳ ଶ୍ରୀମତୀ କିରଣବାଳା ମଙ୍ଗରାଜ ଉପସ୍ଥିତ ଅଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-753010


ଉତ୍କଳ ପ୍ରସଙ୍ଗ
ବିଶେଷାଙ୍କ